# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୨୮/୨୦୨୩ (୧୮ ପୃଷ୍ଠା) | Bhubaneswar, Tuesday, February 28/2023 | Page 18 | ₹ 7.00

୪୯ଶ ଭାଗ ୯୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 96 | ମୂଲ୍ୟ ₹୭/-




## ଶ୍ରେଷ୍ଠ ଅଭିନେତ୍ରୀ ଆଲିଆ

ଚଳିତବର୍ଷ ଆୟୋଜିତ ଜୀ ସିନେ ଆୱାର୍ଡ-୨୦୨୩ରେ ଆଲିଆ ଭଟ୍ଟ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ପୁରସ୍କୃତ ହୋଇଛନ୍ତି।

୧୪

୧୮

## ଶତକ ସହ ୱିଲିୟମସନ୍‌ଙ୍କ ରେକର୍ଡ

ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଶତକ ହାସଲ ସହ ରେକର୍ଡର ଅଧିକାରୀ ହୋଇଛନ୍ତି ନ୍ୟୁଜିଲାଣ୍ଡର ପୂର୍ବତନ ଅଧିନାୟକ କେନ୍ ୱିଲିୟମସନ।





'ସ୍ପୋର୍ଟ୍ସ ଷ୍ଟାର୍ ଏଏସ୍-୨୦୨୩ ଆୱାର୍ଡ' କାର୍ଯ୍ୟକ୍ରମରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଖ୍ୟାତ କ୍ରିକେଟର ସୁନୀଲ ଗାଭାସ୍କର 'ବେଷ୍ଟ ଷ୍ଟେଟ୍ ଫର୍ ପ୍ରମୋଶନ ଅଫ୍ ସ୍ପୋର୍ଟ୍ସ' ସମ୍ମାନରେ ସମ୍ମାନିତ କରୁଛନ୍ତି। ନିକଟରେ ଅଛନ୍ତି 'ଦି ହିନ୍ଦୁ'ର ସମ୍ପାଦକ ସୁରେଶ ନମ୍ବଥ।

# ଓଡ଼ିଶାର ୩ ଜିଲାରେ ସୁନା ଖଣି

ଭୁବନେଶ୍ୱର,୨୭।୨(ବ୍ୟୁରୋ)



ଓଡ଼ିଶାର ୩ ଜିଲାର ମାଟି ତଳେ ସୁନା ଗଚ୍ଛିତ ରହିଛି। ସୋମବାର ବିଧାନସଭାରେ ବିଜେଡି ସଭ୍ୟ ସୁଧୀର ସାମଲଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ରାଜ୍ୟ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ଏବଂ ଭାରତୀୟ ସର୍ବେକ୍ଷଣ ସଂସ୍ଥା (ଜିଆଇଏସ୍) ମାଧ୍ୟମରେ ପ୍ରାରମ୍ଭିକ ଅନୁସନ୍ଧାନ କରାଯାଇ ୩ ଜିଲା ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜର ମାଟି ତଳେ ସୁନା ପଥର ଗଚ୍ଛିତ ରହିଥିବା ଜଣାପଡ଼ିଛି।

ଦେବଗଡ଼ ଜିଲାର ଅଡ଼ାଶ ଅଞ୍ଚଳରେ ତମ୍ବାପଥର ଜି-୨ ସ୍ତରର ଜିଆଇଏସ୍ ଦ୍ୱାରା ଅଟକଳ କରାଯାଇଛି। ଏଥିସହିତ ସମ୍ପୃକ୍ତ ଅଞ୍ଚଳରେ ୧୬୮୫ କେଜି ସୁନା ଗଚ୍ଛିତ ରହିଛି। ସୁନା ସହିତ ୬.୬୭ ନିୟୁତ ଟନ୍‌ର ତମ୍ବା, ୦.୬୩୮ ନିୟୁତ ଟନ୍‌ର ରୁପା ଓ ୦.୧୦ ନିୟୁତ ଟନ୍‌ର ନିକେଲ ରହିଛି। ସେହିପରି କେନ୍ଦୁଝରର ଗୋପୁର, ଗାଜିପୁର, ଅଡାଳ, ତେଲକୋଇ ନିକଟ ସଲେଇକନା, ଡିମିରିମୁଣ୍ଡା ଓ କରଡଙ୍ଗା କୁଶକଲା ଅଞ୍ଚଳରେ ମଧ୍ୟ ସୁନାପଥର ଥିବା ସନ୍ଧାନ ମିଳିଛି। ୧୯୭୭ରୁ ୧୯୮୩ ଏବଂ ୧୯୮୯-୯୬ ମଧ୍ୟରେ ରାଜ୍ୟ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ତେଲକୋଇ ତହସିଲରେ ସୁନାର ସନ୍ଧାନ କରିଥିଲେ। ସେହି ଅଞ୍ଚଳରେ ୩ଟି ସୁନାବାହୀ କ୍ୱାର୍ଜ ଭେନ୍‌ର ଅବସ୍ଥିତି ଜଣାପଡ଼ିଥିଲା, ଯେଉଁଥିରେ ୧ଟନ୍ ପଥରରେ ୧ ଗ୍ରାମ୍ ସୁନା ଥିବା ବିଶ୍ଳେଷଣରୁ ଜଣାପଡ଼ିଛି। ସେଥିରୁ ଗୋପୁର ନିକଟସ୍ଥ ଦକ୍ଷିଣ ପାର୍ଶ୍ୱରେ ୬୦ ମିଟର ଲମ୍ବ ଓ ୧ ମିଟର ଓସାର ଅଞ୍ଚଳରେ ଥିବା କ୍ୱାର୍ଜଭେନର ୨.୫ରୁ ୧୦ ଗ୍ରାମ୍ ଯାଏ ସୁନା ଥିବା ପ୍ରାରମ୍ଭିକ ଆକଳନ କରାଯାଇଛି। ଏହା ୩୦ ମିଟରରୁ ୬୦ ମିଟର ତଳେ ଥିବାରୁ ସେତେବେଳେ ଅର୍ଥନୈତିକ ଦୃଷ୍ଟିକୋଣରୁ ଆକଳନ ପାଇଁ କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରାଯାଇ ନ ଥିବା ମନ୍ତ୍ରୀ କହିଛନ୍ତି। ସେହିପରି ନିର୍ଦ୍ଦେଶାଳୟ ପକ୍ଷରୁ ୧୯୭୦-୭୧ରେ ତେଲକୋଇ ନିକଟସ୍ଥ ସଲେଇକନା ପରିପାର୍ଶ୍ୱ ନାଳ ଅବବାହିକା ଓ ଶଯ୍ୟା ଅଞ୍ଚଳରେ ୧ ଟନ୍ ମାଟିରେ ୧ ଗ୍ରାମ୍ ସୁନା ଥିବା ଆକଳନ କରାଯାଇଛି। ସେହିପରି ମୟୂରଭଞ୍ଜ ☞ପୃଷ୍ଠା-୪

## ଆଇଟିଆର୍ ତଥ୍ୟ ଲିକ୍: ଅନ୍ତର୍ଜାତୀୟ ଲିଙ୍କ୍ ସନ୍ଦେହ

### ଆନ୍ଧ୍ର ଗୋଇନ୍ଦା ବିଭାଗ, ବାୟୁସେନା ଟିମ୍‌ର ତଦନ୍ତ ଆରମ୍ଭ

**ବାଲେଶ୍ୱର ଅଫିସ, ୨୭।୨:** ବାଲେଶ୍ୱର ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର(ଆଇଟିଆର୍)ରୁ ତଥ୍ୟ ଲିକ୍ ଘଟଣାରେ ଅନ୍ତର୍ଜାତୀୟ ଲିଙ୍କ୍ ନେଇ ସନ୍ଦେହ ପ୍ରକାଶ ପାଇବା ପରେ ପୋଲିସ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛି। ଏଥିରେ ଏବେ ସାମିଲ ହୋଇଛନ୍ତି ଆନ୍ଧ୍ରପ୍ରଦେଶ ଗୋଇନ୍ଦା ବିଭାଗ ଓ ଭାରତୀୟ ବାୟୁସେନାର ଟିମ୍। ଗିରଫ ଅଧିକାରୀ ବାବୁରାମ ଦେଙ୍କ ୪ଦିନିଆ ରିମାଣ୍ଡ ୨୮ ତାରିଖରେ ଶେଷ ହେଉଥିବାରୁ ତଦନ୍ତକାରୀ ଦଳ ଜେରା ମାଧ୍ୟମରେ ଅଧିକ ତଥ୍ୟ ସଂଗ୍ରହ ପାଇଁ ଉଦ୍ୟମ ଜାରି ରଖିଥିବା ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ସୂଚନା ଦେଇଛନ୍ତି। ବାବୁରାମଙ୍କୁ ରିମାଣ୍ଡରେ ଆଣିବା ପରେ ପୋଲିସ ମାରାଥନ ଜେରା କରି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ଅଭିଯୁକ୍ତଙ୍କଠାରୁ ମିଳିଥିବା ତଥ୍ୟକୁ ପୂର୍ବରୁ ଜବତ ହୋଇଥିବା ମୋବାଇଲର ଡାଟା ସହିତ ମେଳ କରାଯାଉଛି। ଏହାସହିତ ଅଭିଯୁକ୍ତଙ୍କ ନିକଟରୁ ଅନ୍ୟ ମୋବାଇଲ ଫୋନ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କାର୍ଯ୍ୟାଳୟରେ ହେଲ୍‌ମେଟ**

# ଓଡ଼ିଶା ଶ୍ରେଷ୍ଠ କ୍ରୀଡ଼ା ପ୍ରୋତ୍ସାହନକାରୀ ରାଜ୍ୟ

### ମୁଖ୍ୟମନ୍ତ୍ରୀ ଗ୍ରହଣ କଲେ ସ୍ପୋର୍ଟ୍ସ ଷ୍ଟାର୍ ଆୱାର୍ଡ

- ୪ର୍ଥ ଥର ଲାଗି ରାଜ୍ୟକୁ ମିଳିଛି ଏହି ପୁରସ୍କାର
- ରାଜ୍ୟବାସୀଙ୍କୁ ପୁରସ୍କାର ଉତ୍ସର୍ଗ କଲେ ନବୀନ

ଭୁବନେଶ୍ୱର, ୨୭।୨(ବ୍ୟୁରୋ)

କ୍ରୀଡ଼ା ପ୍ରୋତ୍ସାହନ କ୍ଷେତ୍ରରେ ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟ ଭାବେ ପୁରସ୍କାର ମିଳିଛି। ପ୍ରସିଦ୍ଧ କ୍ରୀଡ଼ା ପତ୍ରିକା ସ୍ପୋର୍ଟ୍ସ ଷ୍ଟାର୍ ପକ୍ଷରୁ ଏହି ପୁରସ୍କାର ଦିଆଯାଇଛି। ମୁମ୍ବାଇଠାରେ ସୋମବାର ଆୟୋଜିତ 'ସ୍ପୋର୍ଟ୍ସ ଷ୍ଟାର୍ ଏଏସ୍-୨୦୨୩ ଆୱାର୍ଡ' କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ବେଷ୍ଟ ଷ୍ଟେଟ୍ ଫର୍ ପ୍ରମୋଶନ ଅଫ୍ ସ୍ପୋର୍ଟ୍ସ' ପୁରସ୍କାର ଗ୍ରହଣ କରିଛନ୍ତି। ୪ର୍ଥ ଥର ପାଇଁ ଓଡ଼ିଶା ଏହି ମର୍ଯ୍ୟାଦାଜନକ ପୁରସ୍କାର ପାଇଛି। କ୍ରୀଡ଼ା କ୍ଷେତ୍ରରେ ଅନନ୍ୟ କାର୍ଯ୍ୟକ୍ରମ ପାଇଁ ଏହି ପୁରସ୍କାର ମିଳିଛି। ମୁମ୍ବାଇଠାରେ ହିନ୍ଦୁ ଗ୍ରୁପ୍ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ 'ଦି ହିନ୍ଦୁ'ର ସମ୍ପାଦକ ସୁରେଶ ନମ୍ବଥ ଓ ପ୍ରସିଦ୍ଧ କ୍ରିକେଟ ଖେଳାଳି ସୁନୀଲ ଗାଭାସ୍କରଙ୍କଠାରୁ ମୁଖ୍ୟମନ୍ତ୍ରୀ ଏହି ପୁରସ୍କାର ଗ୍ରହଣ କରିଛନ୍ତି।

କ୍ରୀଡ଼ା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ, ପ୍ରତିଯୋଗିତା, କୋଚିଂ, ଭିତ୍ତିଭୂମି ଓ ପ୍ରତିଭାଧର କ୍ରୀଡ଼ାବିତ୍‌ଙ୍କ ପାଇଁ କଲ୍ୟାଣ ଯୋଜନାର ମିଳିତ ଭୂମିକାରେ ପ୍ରତିଷ୍ଠା ପାଇଥିବା ଓଡ଼ିଶାର 'ସ୍ପୋର୍ଟ୍ସ ମଡେଲ' ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ପୁରସ୍କାର ପାଇଁ ବିଚାରକମଣ୍ଡଳୀରେ ପୂର୍ବତନ ଭାରତୀୟ କ୍ରିକେଟ କ୍ୟାପଟେନ ସୁନୀଲ ଗାଭାସ୍କରଙ୍କ ନେତୃତ୍ୱରେ ବିଶିଷ୍ଟ କ୍ରୀଡ଼ାବିତ୍ ଅଭିନବ ବିନ୍ଦ୍ରା, ଅପର୍ଣ୍ଣା ପୋପଟ, ଅଞ୍ଜଳି ଭଗବତ, ବାଇଚୁଙ୍ଗ ଭୂଟିଆ, ଏମ.ଏମ୍. ସୌମ୍ୟା ଓ ବିଶ୍ୱନାଥନ ଆନନ୍ଦ ପ୍ରମୁଖ ସଦସ୍ୟ ରହିଥିଲେ। ମୁଖ୍ୟମନ୍ତ୍ରୀ ଏହି ପୁରସ୍କାରକୁ ଓଡ଼ିଶାର ☞ପୃଷ୍ଠା-୪

# ଗୋପାଳ ଭଲ

### ୯ଥର ପୁରସ୍କାର, ୧୮ଥର ମିଳିଛି ପ୍ରଶଂସାପତ୍ର

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟା ଅଭିଯୁକ୍ତ ପୋଲିସ ଏଏସ୍‌ଆଇ ଗୋପାଳକୃଷ୍ଣ ଦାସ ନିଜର କାର୍ଯ୍ୟଦକ୍ଷତା ଯୋଗୁ ଚାକିରି କାଳ ମଧ୍ୟରେ ବହୁବାର ପୁରସ୍କୃତ ହେବା ସହ ପ୍ରଶଂସାପତ୍ର ପାଇଛନ୍ତି। ୧୯୯୩ରୁ ୨୦୨୦ ମଧ୍ୟରେ ଗୋପାଳ ଜିଏସ୍ ମାର୍କ ୧୮ଥର ପାଇଥିବା ବେଳେ ୯ଥର ଆର୍ଥିକ ପୁରସ୍କାର ଏବଂ ୧୮ ଥର ପ୍ରଶଂସାପତ୍ର ପାଇଛନ୍ତି। ତେବେ ତାଙ୍କ ମାନସିକ ସ୍ଥିତି ଭଲ ନ ଥିବା କୁହାଯାଉଛି। ତେଣୁ ମାନସିକ ସ୍ଥିତି କ'ଣ ରହିଛି ସେନେଇ ରାଜ୍ୟ କ୍ରାଇମବ୍ରାଞ୍ଚ ପକ୍ଷରୁ ଆମେରିକାର ଗୋଇନ୍ଦା ସଂସ୍ଥା ଫେଡେରାଲ୍ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ(ଏଫ୍‌ବିଆଇ)ର ସହାୟତା ଲୋଡ଼ାଯାଇଛି ବୋଲି ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ସୋମବାର ବିଧାନସଭାରେ ଉତ୍ତର ରଖିଛନ୍ତି।

ଭାଜପା ସଭ୍ୟ କୁସୁମ ଟେଟେଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ବେହେରା ଦେଇଥିବା ତଥ୍ୟ ଅନୁସାରେ ନବ ଦାସଙ୍କ ହତ୍ୟା ଅଭିଯୁକ୍ତ ଗୋପାଳକୃଷ୍ଣ ଦାସ ୧୯୯୨ ଜୁଲାଇ ୮ରେ ବ୍ରହ୍ମପୁର ପୋଲିସ ଜିଲାରେ ପ୍ରଥମେ କନଷ୍ଟେବଳ ଭାବେ ନିଯୁକ୍ତି ପାଇଥିଲେ। ୨୦୦୯ରେ ସେ ଏଏସ୍‌ଆଇ ପଦବୀକୁ ପଦୋନ୍ନତି ପାଇ ଝାରସୁଗୁଡ଼ା ଜିଲାକୁ ବଦଳି ହେବା ସହ ଜିଲାର ବିଭିନ୍ନ ଥାନା ଓ ଫାଣ୍ଡିରେ ୧୩ବର୍ଷ ଧରି କାର୍ଯ୍ୟ କରିଛନ୍ତି। ଗୋପାଳ ବଡ଼ମାଳ ଥାନାରେ ୨୦୦୯ରୁ ୨୦୧୩ , କୋଲାବିରା ଥାନାରେ ୨୦୧୩ରୁ ୨୦୧୬, ବନହରପାଲି ଥାନାରେ ୨୦୧୬ରୁ ୨୦୧୮, ବେଲପାହାଡ଼ ଥାନାରେ ୨୦୧୮ରୁ ୨୦୨୦ ଏବଂ ଗାନ୍ଧୀଛକ ଫାଣ୍ଡିରେ ୨୦୨୦ ନଭେମ୍ବର ୨୭ରୁ ୨୦୨୩ ଜାନୁୟାରୀ ୨୯ ପର୍ଯ୍ୟନ୍ତ କାର୍ଯ୍ୟରତ ଥିଲେ। ମନ୍ତ୍ରୀ ବେହେରା ଦେଇଥିବା ତଥ୍ୟ ଅନୁସାରେ ଗୋପାଳ ଭଲ ବୋଲି ଜଣାପଡ଼ିଛି। ନବ ଦାସଙ୍କୁ ହତ୍ୟା କରିବାର କିଛି ସମୟ ପରେ ଗୋପାଳଙ୍କ ପରିବାର ଲୋକେ ପ୍ରଥମେ ତାଙ୍କ ମାନସିକ ଅବସ୍ଥା ଭଲ ନ ଥିବା କହିଥିଲେ। ପରେ ଗୋପାଳଙ୍କ ମାନସିକ ସ୍ଥିତି ଜାଣିବା ପାଇଁ ଏକ ମେଡିକାଲ୍ ଟିମ୍ ଗଠନ ☞ପୃଷ୍ଠା-୪

# ନାଗାଲାଣ୍ଡ-ତ୍ରିପୁରାରେ ଭାଜପା, ମେଘାଳୟରେ ଝୁଲା

### ଏକ୍‌ଜିଟ ପୋଲ୍ ସର୍ଭେ

ନୂଆଦିଲ୍ଲୀ, ୨୭।୨

ତିନି ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ତ୍ରିପୁରା, ମେଘାଳୟ ଓ ନାଗାଲାଣ୍ଡ ବିଧାନସଭା ନିର୍ବାଚନ ଲାଗି ମତଦାନ ଶେଷ ହେବା ସହ ବିଭିନ୍ନ ଗଣମାଧ୍ୟମ ସଂସ୍ଥା ପକ୍ଷରୁ ଏକ୍‌ଜିଟ୍ ପୋଲ୍ (ବୁଥ୍‌ଫେରନ୍ତା ଜନମତ ସର୍ଭେ) ରିପୋର୍ଟ ସୋମବାର ସନ୍ଧ୍ୟାରେ ପ୍ରକାଶ ପାଇଛି। ଏଥିରେ କରାଯାଇଥିବା ଅନୁମାନ ଅନୁଯାୟୀ ତ୍ରିପୁରାରେ ଭାଜପା ସଂଖ୍ୟାଗରିଷ୍ଠତା ହାସଲ କରି ଦ୍ୱିତୀୟ ଥର ସରକାର ଗଢ଼ିବାକୁ ଯାଉଥିବାବେଳେ ନାଗାଲାଣ୍ଡରେ ଏହାର ମେଣ୍ଟ ସରକାର କ୍ଷମତାକୁ ଆସିବ। ତେବେ ମେଘାଳୟ ବିଧାନସଭା ଦଖଲ ପାଇଁ ଲଢ଼େଇ ଜୋର୍‌ଦାର ହୋଇଛି। ଏଠାରେ ଝୁଲା ବିଧାନସଭା ହୋଇପାରେ ବୋଲି ଅନୁମାନ କରାଯାଇଛି। କନ୍‌ରାଡ ସାଙ୍ଗ୍‌ମାଙ୍କ ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି) ଏକକ ସଂଖ୍ୟାଗରିଷ୍ଠ ଦଳ ହେବାକୁ ଥିବାବେଳେ ଭାଜପା ତୃତୀୟ ସ୍ଥାନରେ ରହିପାରେ ବୋଲି ଆକଳନ କରାଯାଇଛି।

ଇଣ୍ଡିଆ ଟୁଡେ-ଆକ୍ସିସ୍ ମାଇଁ ଇଣ୍ଡିଆର ଏକ୍‌ଜିଟ୍ ପୋଲ୍ ସର୍ଭେ ଅନୁଯାୟୀ ୬୦ ଆସନ ବିଶିଷ୍ଟ ତ୍ରିପୁରା ବିଧାନସଭା ନିର୍ବାଚନରେ ଭାଜପା ଏବଂ ଏହାର ସହଯୋଗୀଙ୍କୁ ୩୬ରୁ ୪୫ ଆସନ ମିଳିବାକୁ ଥିବାବେଳେ ବାମ ମେଣ୍ଟକୁ ୬ରୁ ୧୧ ଆସନ ମିଳିପାରେ। ସେହିପରି ଜାନ୍ କୀ ବାତ୍ ପକ୍ଷରୁ କରାଯାଇଥିବା ସର୍ଭେରେ ଭାଜପା ମେଣ୍ଟ ୨୯ରୁ ୪୦ ଆସନ ☞ପୃଷ୍ଠା-୪

# ଦେବ୍ରିଗଡ଼, ଘଟଗାଁରେ ବୁଲୁଛି ମହାବଳ

### ଅଧିକ ସିସି କ୍ୟାମେରା ଲଗାଇବାକୁ ପିସିସିଏଫ୍‌ଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୭।୨(ବ୍ୟୁରୋ)



ଓଡ଼ିଶାର ଦୁଇଟି ସ୍ଥାନରେ ଏବେ ମହାବଳ ବାଘ ବୁଲୁଥିବା ଦେଖାଯାଇଛି। ଛତିଶଗଡ଼ର ଏକ ମହାବଳ ବାଘ ସମ୍ବଲପୁରର ଦେବ୍ରିଗଡ଼କୁ ନିୟମିତ ଆସୁଛି। ବର୍ତ୍ତମାନ ଏହି ବାଘ ଦେବ୍ରିଗଡ଼ ଜଙ୍ଗଲରେ ରହିଛି। ତାହାର ଫଟୋ କ୍ୟାମେରାରେ କଏଦ ହୋଇଛି। ଏଥିସହ ବାଘଟି ବରଗଡ଼ର ୨ଟି ଜଙ୍ଗଲରେ ମଧ୍ୟ ବୁଲାବୁଲି କରୁଛି। ଏନେଇ ପିସିସିଏଫ(ବନ୍ୟପ୍ରାଣୀ) ସୁଶୀଲ କୁମାର ପୋପଲି ସୂଚନା ଦେଇଛନ୍ତି। ସେ କହିଛନ୍ତି, ନିକଟରେ ଦେବ୍ରିଗଡ଼କୁ ବ୍ୟାଘ୍ର ଅଭୟାରଣ୍ୟ ଘୋଷଣା କରିବାକୁ ଏନ୍‌ଟିସିଏ ସୁପାରିଶ କରିଛି। ଏବେ ରାଜ୍ୟ ସରକାରଙ୍କୁ ଏନେଇ ବିଜ୍ଞପ୍ତି ଜାରି କରିବାକୁ ପଡ଼ିବ। ଏହାପରେ ଦେବ୍ରିଗଡ଼ ବ୍ୟାଘ୍ର ଅଭୟାରଣ୍ୟ ହୋଇପାରିବ। ଇତିମଧ୍ୟରେ ଦେବ୍ରିଗଡ଼କୁ ବ୍ୟାଘ୍ର ଅଭୟାରଣ୍ୟ ଘୋଷଣା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି ବନ ବିଭାଗ। ଦେବ୍ରିଗଡ଼ରେ କ୍ୟାମେରା ଟ୍ରାପ୍ ସଂଖ୍ୟା ବଢ଼ାଯାଇଛି। ବାଘ ପରିଚାଳନା ଲାଗି ଏକ ଅତିରିକ୍ତ ସ୍କ୍ୱାଡ୍ ମଧ୍ୟ ମଞ୍ଜୁର କରାଯାଇଛି। ଏପରିକି ସେଠାରେ ବାଘର ପାଦଚିହ୍ନ ଡାଟା ଆନାଲିସିସ୍ ସହାୟତା କରିବାକୁ ଜଣେ ବାୟୋଲଜିଷ୍ଟଙ୍କୁ ପ୍ରତି ମାସରେ ୧୦ ଦିନ ଲାଗି ସେଠାକୁ ପଠାଯାଉଛି। ସେପଟେ କେନ୍ଦୁଝର ଘଟଗାଁରେ ମଧ୍ୟ ଏକ ମହାବଳ ବାଘ ବୁଲାବୁଲି କରୁଥିବା ସୂଚନା ମିଳିଛି। ଏହାର ବୟସ ୩ରୁ ୪ବର୍ଷ ବୋଲି ଅନୁମାନ କରାଯାଉଛି। ତେଣୁ ସେହି ବାଘର ଗତିବିଧି ଉପରେ ନଜର ରଖିବା ପାଇଁ ପିସିସିଏଫ୍ ସେଠାରେ ଅଧିକ ସିସିଟିଭି କ୍ୟାମେରା ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଘଟଗାଁବାସୀ ଭୟଭୀତ ନ ହେବାକୁ ପିସିସିଏଫ୍ କହିଛନ୍ତି।




ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୮ ଫେବୃୟାରୀ, ୨୦୨୩



ଅଭିନେତ୍ରୀରୁ ରାଜନେତା ପାଲଟିଥିବା ଭାଜପାର ଖୁସ୍‌ବୁ ସୁନ୍ଦରଙ୍କୁ ଜାତୀୟ ମହିଳା ଆୟୋଗ (ଏନ୍‌ସିଡବ୍ଲ୍ୟୁ) ସଦସ୍ୟ ମନୋନୀତ କରାଯାଇଛି। ଏଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିବା ନେଇ ସେ କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ ନିଷ୍ଠାପର ଭାବେ ନିଜ କାର୍ଯ୍ୟ ନିର୍ବାହ କରିବେ ବୋଲି ପୋଷ୍ଟରେ କହିଛନ୍ତି।



# ୟୁପି ପୋଲିସ ଏନ୍‌କାଉଣ୍ଟରରେ ଅଭିଯୁକ୍ତ ନିହତ

## ଉମେଶ ପାଲ୍ ହତ୍ୟା ମାମଲା

ପ୍ରୟାଗରାଜ, ୨୭।୨(ପି.ଟି.)

ବିଏସ୍‌ପି ବିଧାୟକ ରାଜୁ ପାଲ୍ ହତ୍ୟା ମାମଲାର ମୁଖ୍ୟ ସାକ୍ଷୀ ଉମେଶ ପାଲ୍‌ଙ୍କୁ ଗତ ୨୪ ତାରିଖରେ ଉତ୍ତରପ୍ରଦେଶର ପ୍ରୟାଗରାଜରେ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡର ଅନ୍ୟତମ ଅଭିଯୁକ୍ତଙ୍କୁ ସୋମବାର ୟୁପି ପୋଲିସ ଏନ୍‌କାଉଣ୍ଟର କରିଛି। ସାକ୍ଷୀ ଉମେଶ ପାଲ୍ ହତ୍ୟାକାଣ୍ଡରେ ବ୍ୟବହୃତ ଏସ୍‌ୟୁଭିକୁ ଅର୍ବାଜ ଚଳାଉଥିଲେ। ଗୋଇନ୍ଦା ସୂଚନା ପାଇ ପୋଲିସ ଟିମ୍ ତାଙ୍କୁ ଧରିବା ପାଇଁ ପହଞ୍ଚିଥିଲା। ଅପରାହ୍ନ ୩ଟାରେ ଧୁମାନଗଞ୍ଜ ଥାନା ଅନ୍ତର୍ଗତ ନେହେରୁ ପାର୍କ ନିକଟରେ ପୋଲିସ ଟିମ୍‌କୁ ଦେଖି



ପୋଲିସ ଏନ୍‌କାଉଣ୍ଟର ପରେ ଆହତ ଅଭିଯୁକ୍ତ ଅର୍ବାଜଙ୍କୁ ହସ୍ପିଟାଲ ନିଆଯାଉଛି।

ସେ ଗୁଳି ଚଳାଇଥିଲା। ଫଳରେ ପୋଲିସ ଏହାର ଏନ୍‌କାଉଣ୍ଟର କରିଥିଲା। ପୋଲିସ ଗୁଳିରେ ଗୁରୁତର ଅର୍ବାଜଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅର୍ବାଜଙ୍କ ସହ ଥିବା ଅନ୍ୟ ୨/୩ ଜଣ ଘଟଣାସ୍ଥଳରୁ ଖସି ପଳାଇଥିଲେ ବୋଲି ଡିସିପି ନବେନ୍ଦୁ କୁମାର କହିଛନ୍ତି।

ସୂଚନାଯୋଗ୍ୟ, ଗତ ଶୁକ୍ରବାର ଉମେଶ ଓ ତାଙ୍କ ପୋଲିସ ସୁରକ୍ଷା ଗାର୍ଡ ସନ୍ଦୀପ ନିଶାଦଙ୍କୁ ପ୍ରୟାଗରାଜର ଧୁମାନଗଞ୍ଜ ଘର ନିକଟରେ ହତ୍ୟା କରାଯାଇଥିଲା। ଅନ୍ୟତମ ସୁରକ୍ଷା ଗାର୍ଡ ରାଘବେନ୍ଦ୍ର ସିଂ ଗୁଳିମାଡ଼ରେ ଆହତ ହୋଇଥିଲେ। ତାଙ୍କୁ ଲକ୍ଷ୍ନୌ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଉମେଶଙ୍କ ସ୍ତ୍ରୀ ଜୟା ପାଲ୍‌ଙ୍କ ଅଭିଯୋଗକ୍ରମେ ଧୁମାନଗଞ୍ଜ ଥାନା ପକ୍ଷରୁ ଗ୍ୟାଙ୍ଗଷ୍ଟରରୁ ରାଜନେତା ହୋଇଥିବା ଅତିକ ଅହମଦ, ତାଙ୍କ ଭାଇ ଅଶ୍ରଫ, ସ୍ତ୍ରୀ ଶାଇସ୍ତା ପର୍‌ବିନ ଓ ସହଯୋଗୀ ଗୁଡ୍ଡୁ ମୁସଲିମ ଏବଂ ଗୁଲାମ ଓ ଅନ୍ୟ ୯ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଏହି ହତ୍ୟାକାଣ୍ଡକୁ ନେଇ ରାଜ୍ୟର ଆଇନ ଶୃଙ୍ଖଳା ଉପରେ ସମାଜବାଦୀ ପାର୍ଟି ପ୍ରଶ୍ନ ଉଠାଇବାରୁ ମାଫିଆମାନଙ୍କୁ ଧ୍ୱଂସ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଥିଲେ।

# ଏନ୍‌ଇଇଟି-ପିଜି ସ୍ଥଗିତ ହେବନି

ନୂଆଦିଲ୍ଲୀ, ୨୭।୨(ପି.ଟି.)

ଆସନ୍ତା ମାସ ୫ରେ ହେବାକୁ ଥିବା ଜାତୀୟ ଯୋଗ୍ୟତା ତଥା ପ୍ରବେଶିକ ପରୀକ୍ଷା(ଏନ୍‌ଇଇଟି)-ପିଜି ୨୦୨୩ ସ୍ଥଗିତ ରହିବ ନାହିଁ। ସ୍ଥଗିତାଦେଶ ଲାଗି ହୋଇଥିବା ଆବେଦନ ଉପରେ ହସ୍ତକ୍ଷେପ ନ କରିବାକୁ ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ଉକ୍ତ ପ୍ରବେଶିକା ପରୀକ୍ଷା ପାଇଁ ସୋମବାର ଆଡମିଟ୍ କାର୍ଡ ଇସ୍ୟୁ ହୋଇସାରିଛି ଏବଂ ଧାର୍ଯ୍ୟ କାର୍ଯ୍ୟସୂଚୀ ଅନୁଯାୟୀ ଜୁଲାଇ ୧୫ରୁ କାଉନ୍‌ସେଲିଂ ଆରମ୍ଭ ହୋଇପାରେ ବୋଲି ଜାତୀୟ ପରୀକ୍ଷା ବୋର୍ଡ (ଏନ୍‌ବିଇ) ତରଫରୁ ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟି କୋର୍ଟଙ୍କୁ କହିଥିଲେ। ଜଷ୍ଟିସ୍ ଏସ୍.ଆର୍. ଭଟ୍ଟ ଏବଂ ଦୀପଙ୍କର ଦତ୍ତଙ୍କ ଖଣ୍ଡପୀଠଙ୍କୁ ଐଶ୍ୱର୍ଯ୍ୟା କହିଥିଲେ, ପରୀକ୍ଷା ପରିଚାଳନା ଲାଗି ଆମ ବୈଷୟିକ ସହଯୋଗୀଙ୍କୁ ନିକଟ ଭବିଷ୍ୟତରେ ସମୟ ମିଳିବ



## ହସ୍ତକ୍ଷେପ କରିବାକୁ ମନା କଲେ ସୁପ୍ରିମକୋର୍ଟ

ନାହିଁ। ଅନ୍ୟ ପକ୍ଷରେ ଇଣ୍ଟର୍ନଶିପ୍ ପାଇଁ କଟ୍-ଅଫ୍ ତାରିଖକୁ ଅଗଷ୍ଟ ୧୧ ଯାଏ ବଢ଼ାଯାଇଥିବାରୁ ପରୀକ୍ଷା ସ୍ଥଗିତ ରଖିବା ସହ ଉକ୍ତ ତାରିଖ ପରେ କାଉନସେଲିଂ କରାଇବାକୁ ପିଟିଶନର ଖଣ୍ଡପୀଠଙ୍କୁ ନିବେଦନ କରିଥିଲେ। ପ୍ରାୟ ୨.୦୯ ଲକ୍ଷ ପିଲା ପରୀକ୍ଷା ପାଇଁ ପଞ୍ଜୀକୃତ ହୋଇଥିବାରୁ ଏହାକୁ ସ୍ଥଗିତ ରଖାଗଲେ ନିକଟ ଭବିଷ୍ୟତରେ ବିକଳ୍ପ ତାରିଖ ଧାର୍ଯ୍ୟ ହୋଇପାରିବ ନାହିଁ ବୋଲି ଗତ ୨୪ ତାରିଖରେ ଏନ୍‌ବିଇ କୋର୍ଟଙ୍କୁ ଜଣାଇଥିଲେ। ଉଭୟ ପକ୍ଷଙ୍କୁ ଶୁଣିବା ପରେ ଖଣ୍ଡପୀଠ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି।

## ସଂକ୍ଷେପରେ

### ଓଆର୍‌ଓପିକୁ ନେଇ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ତାଗିଦା

### ବିଜ୍ଞପ୍ତି ପ୍ରତ୍ୟାହାର ନ କଲେ ଅବମାନନା ନୋଟିସ ପଠାଯିବ

**ନୂଆଦିଲ୍ଲୀ, ୨୭।୨:** ଗୋଟିଏ ପାହ୍ୟା, ଗୋଟିଏ ପେନ୍‌ସନ (ଓଆର୍‌ଓପି)ରେ ସେନାବାହିନୀର ଯୋଗ୍ୟ ପେନସନ୍‌ଭୋଗୀଙ୍କୁ ୪ କିସ୍ତିରେ ବକେୟା ପୈଠ କରିବା ପାଇଁ ଏକ ବିଜ୍ଞପ୍ତି ଉପରେ ସୁପ୍ରିମକୋର୍ଟ ସୋମବାର ପ୍ରତିରକ୍ଷା ମନ୍ତ୍ରଣାଳୟକୁ ଭର୍ତ୍ସନା କରିଛନ୍ତି। ବିଭାଗକୁ ସଜାଡ଼ିବା ସହ ଯଦି ବିଜ୍ଞପ୍ତି ପ୍ରତ୍ୟାହାର କରା ନ ଯାଏ, ତେବେ ଅଦାଲତ ଅବମାନନା ନୋଟିସ ପଠାଯିବ ବୋଲି ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ମନ୍ତ୍ରଣାଳୟକୁ ଚେତାବନୀ ଦେଇଛନ୍ତି। ଓଆର୍‌ଓପିକୁ ନେଇ ସର୍ବୋଚ୍ଚ ଅଦାଲତ ଦେଇଥିବା ରାୟକୁ କାର୍ଯ୍ୟକାରୀ କରାଯିବା ଆବଶ୍ୟକ। କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ କିସ୍ତିରେ ବକେୟା ପୈଠ କରିବାକୁ ନିଷ୍ପତ୍ତି ନିଆଗଲା କାହିଁକି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ୪ଟି ବଦଳରେ ଗୋଟିଏ କିସ୍ତିରେ ବକେୟା ପେନ୍‌ସନ ପୈଠ କରିବାକୁ ନିର୍ଦ୍ଦେଶ ଦେବା ନିମନ୍ତେ ପୂର୍ବତନ ସେନା କର୍ମଚାରୀମାନଙ୍କ ଏକ ସଂଗଠନ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ମାର୍ଚ୍ଚ ୧୫ ସୁଦ୍ଧା ସମସ୍ତ ବକେୟା ପେନ୍‌ସନ ପୈଠ କରିବାକୁ ଗତ ଜାନୁୟାରୀ ୯ରେ ସୁପ୍ରିମକୋର୍ଟ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଥିଲେ। ଏହି ବକେୟାକୁ ୪ଟି କିସ୍ତିରେ ଦେବା ଲାଗି ଜାନୁୟାରୀ ୨୦ରେ ପ୍ରତିରକ୍ଷା ସଚିବାଳୟ ବିଜ୍ଞପ୍ତି ଜାରି କରିଥିଲା।

### ଇରାନ୍‌ରେ ସ୍କୁଲ ନ ଯିବା ପାଇଁ ଝିଅଙ୍କୁ ଅସୁସ୍ଥ କରାଯାଉଛି

**ତେହରାନ୍, ୨୭।୨:** ଝିଅମାନଙ୍କୁ ପାଠ ପଢ଼ିବାକୁ ନ ଦେବା ଲାଗି ସେମାନଙ୍କୁ ସ୍ଲୋ ପଏଜନ ଦେଇ ଅସୁସ୍ଥ କରାଯାଉଥିବା ରବିବାର ଇରାନ୍‌ର ଡେପୁଟି ମନ୍ତ୍ରୀ ସୂଚନା ଦେଇଛନ୍ତି। କ୍ୟୁଓମ ସହରରେ ଏଭଳି ଘଟଣା ଅଧିକମାତ୍ରାରେ ଘଟୁଛି। କ୍ୟୁଓମର କିଛି ସ୍କୁଲ ଛାତ୍ରୀଙ୍କୁ ବିଷ ଦିଆଯିବା ପରେ ସ୍ଥାନୀୟ ଲୋକେ ବାଳିକା ସ୍କୁଲ ବନ୍ଦ କରିବା ନେଇ ଦାବି କରିଥିବା ଇରାନ୍ ଉପସ୍ୱାସ୍ଥ୍ୟମନ୍ତ୍ରୀ ୟୋନେସ ପାନାହି କହିଛନ୍ତି । ଏ ନେଇ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଯାଞ୍ଚ ଆରମ୍ଭ ହୋଇଛି।

### ଡ୍ୟୁଟିରେ ଥିବା ୨ ଯବାନଙ୍କୁ ମାଡ଼

**ନୂଆଦିଲ୍ଲୀ, ୨୭।୨:** ଦୁଇ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଯବାନଙ୍କୁ ଡ୍ୟୁଟି ସମୟରେ ବାଂଲାଦେଶୀ ଗ୍ରାମବାସୀ ଓ କେତେଜଣ ଅପରାଧ ପ୍ରବୃତ୍ତିର ଲୋକେ ମାଡ଼ ମାରିବା ଘଟଣା ସାମ୍ନାକୁ ଆସିଛି। ଏ ନେଇ ବର୍ଡର ଗାର୍ଡସ୍ ବାଂଲାଦେଶ (ବିଜିବି) ଏବଂ ବିଏସ୍‌ଏଫ୍ ମଧ୍ୟରେ ଫ୍ଲାଗ୍ ମିଟିଂ ବସିଥିଲା। ଭାରତୀୟ କୃଷକଙ୍କ ଅଭିଯୋଗ କ୍ରମେ, ବାଂଲାଦେଶର କେତେଜଣ କୃଷକ ସୀମା ପାର୍ କରି ସେମାନଙ୍କ ଜମିରେ ଗାଈ ଚରାଇବା ସହ ଫସଲ ନଷ୍ଟ ଅଭିଯୋଗ କରିଥିଲା। ଏ ନେଇ ବିଏସ୍‌ଏଫ୍ ପକ୍ଷରୁ ସୀମା ନିକଟରେ ଏକ ଅସ୍ଥାୟୀ ପୋଷ୍ଟ ନିର୍ମାଣ କରାଯାଇଥିଲା। ରବିବାର ଡ୍ୟୁଟିରେ ଥିବା ଯବାନ ବାଂଲାଦେଶ କୃଷକଙ୍କୁ ସୀମା ପାର୍ କରାଇ ନ ଦେବାରୁ ଶତାଧିକ ଲୋକ ଏକାଠି ହୋଇ ଯବାନଙ୍କୁ ମାଡ ମାରି ସେମାନଙ୍କଠାରୁ ଅସ୍ତ୍ରଶସ୍ତ୍ର ଛଡ଼ାଇ ନେଇଥିଲେ।

# ୫ ଦିନ ସିବିଆଇ ହାଜତକୁ ଗଲେ ସିସୋଡିଆ



ମନୀଷ ସିସୋଡିଆ

ନୂଆଦିଲ୍ଲୀ, ୨୭।୨

ଅବକାରୀ ନୀତି ଅନିୟମିତତା ମାମଲାରେ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ରବିବାର ଗିରଫ ହୋଇଥିବାବେଳେ ସ୍ଥାନୀୟ ଅଦାଲତ ସୋମବାର ତାଙ୍କୁ ୫ ଦିନ ପାଇଁ ସିବିଆଇ ହାଜତକୁ ପଠାଇଦେଇଛନ୍ତି। ଯୋଜନାବଦ୍ଧ ଏବଂ ଗୋପନ ଢଙ୍ଗରେ ଷଡ଼ଯନ୍ତ୍ର ହୋଇଥିବାରୁ ଅଧିକ ଜେରା ଲାଗି ସିସୋଡିଆଙ୍କୁ ୫ ଦିନ ରିମାଣ୍ଡରେ ନେବା ଲାଗି ସିବିଆଇ ଅଦାଲତଙ୍କୁ ଅନୁରୋଧ କରିଥିଲା। ଅନ୍ୟ ପକ୍ଷରେ ଯଦି ଜଣେ କିଛି କହିବାକୁ ନ ଚାହୁଁଛି, ଏହି କାରଣ ପାଇଁ ତାଙ୍କୁ ଗିରଫ କରାଯାଇପାରିବ ନାହିଁ କହି ସିସୋଡିଆଙ୍କ ଓକିଲ ରିମାଣ୍ଡ ଆବେଦନକୁ ବିରୋଧ କରିଥିଲେ।

ଓକିଲ କହିଥିଲେ, ମନ୍ତ୍ରୀ ପୁରୁଣା ଫୋନ୍ ବଦଳାଇ କ'ଣ କରିବେ। ସେ ଏହାକୁ ସେକେଣ୍ଡ ହ୍ୟାଣ୍ଡ ଦୋକାନକୁ ପଠାଇପାରିବେ ନାହିଁ। ଏଥିରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଥିଲା। ଏହାକୁ ନେଇ ସିବିଆଇ ପ୍ରଶ୍ନ କରିଥିଲେ ମଧ୍ୟ ସିସୋଡିଆ ସ୍ୱୀକାର କରି ନ ଥିଲେ ବୋଲି ତାଙ୍କ ଓକିଲ କହିଛନ୍ତି। ୨୦୨୧-



ମନୀଷ ସିସୋଡିଆଙ୍କ ଗିରଫଦାରି ପ୍ରତିବାଦରେ ଜୟପୁରରେ ଏଏପି କର୍ମୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## କଳା ଦିବସ ପାଳିଲା ଏଏପି
## ବିଭିନ୍ନ ରାଜ୍ୟରେ ବିକ୍ଷୋଭ

୨୨ ଦିଲ୍ଲୀ ଅବକାରୀ ନୀତି ଅନିୟମିତତା ଅଭିଯୋଗରେ ସିସୋଡିଆଙ୍କୁ ସିବିଆଇ ରବିବାର ୮ ଘଣ୍ଟା ଜେରା କରିବା ପରେ ଗିରଫ କରିଥିଲା। ଏହାକୁ ବିରୋଧ କରି ଆମ୍ ଆଦ୍‌ମୀ ପାର୍ଟି (ଏଏପି) କର୍ମୀମାନେ ରାସ୍ତାକୁ ଓହ୍ଲାଇଥିଲେ। ସୋମବାର ଦଳ କଳା ଦିବସ ପାଳନ କରିଛି। ବିଭିନ୍ନ ରାଜ୍ୟରେ ଏଏପି କର୍ମୀମାନେ ସିସୋଡିଅଙ୍କ ଗିରଫଦାରି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଚଣ୍ଡିଗଡ଼, ଦିଲ୍ଲୀ, ଭୋପାଳ ଓ ଅନ୍ୟ ସହରରେ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସୋମବାର ଦିଲ୍ଲୀରେ ଏଏପିର ବଡ଼ ବିକ୍ଷୋଭ ଆହ୍ୱାନ ପରେ ଭାଜପା ମୁଖ୍ୟାଳୟ ଚାରିପଟେ ସୁରକ୍ଷା ବଢ଼ାଇଦିଆଯାଇଥିଲା। ଭାଜପା ଏବଂ ଏଏପି କାର୍ଯ୍ୟାଳୟ ଥିବା ଡିଡିୟୁ ମାର୍ଗକୁ ଯାଇଥିବା ବିଭିନ୍ନ ରାସ୍ତାରେ ପୋଲିସ ବ୍ୟାରିକେଡ୍ ଲଗାଇଥିଲା। ଆଇନଶୃଙ୍ଖଳା ରକ୍ଷା ଲାଗି ଅର୍ଦ୍ଧସାମରିକ ବଳକୁ ନିୟୋଜିତ କରାଯାଇଥିଲା। ଦଳର ୮୦ ପ୍ରତିଶତ ନେତାଙ୍କୁ ପୋଲିସ ଗିରଫ କରିଥିବା ଏଏପି ଅଭିଯୋଗ କରିଛି। ଅନ୍ୟପକ୍ଷରେ ରବିବାର ପୋଲିସ ଅଟକ ରଖିଥିବା ନେତାମାନଙ୍କୁ ସୋମବାର ଛାଡ଼ିଦେଇଥିବା କହିଛି।

ରବିବାର ଏଏପି ଏମ୍‌ପି ସଞ୍ଜୟ ସିଂ, ମନ୍ତ୍ରୀ ଗୋପାଳ ରାୟଙ୍କ ନେତୃତ୍ୱରେ ଏଏପି ନେତାମାନେ ସିବିଆଇ କାର୍ଯ୍ୟାଳୟ ବାହାରେ ବିକ୍ଷୋଭ କରୁଥିବାବେଳେ ପୋଲିସ ୫୦ ଜଣଙ୍କୁ ଅଟକ ରଖିଥିଲା। ସେହିପରି ତ୍ରିଲୋକପୁରୀ ବିଧାୟକ ରୋହିତ କୁମାର ମେହରୋଲିଆ ଏବଂ ସଙ୍ଗମବିହାର ବିଧାୟକ ଦିନେଶ ମୋହନିୟାଙ୍କୁ ମଧ୍ୟ ଅଟକ ରଖାଯାଇଥିଲା। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସୋମବାର କହିଛନ୍ତି, ସିସୋଡିଆଙ୍କ ଗିରଫଦାରିକୁ ଅଧିକାଂଶ ସିବିଆଇ ଅଫିସର ବିରୋଧ କରିଥିଲେ। ତେବେ ରାଜନୈତିକ ଚାପ ଯୋଗୁ ତାଙ୍କୁ ଗିରଫ କରାଯାଇଛି। ଅଫିସରମାନଙ୍କର ସିସୋଡିଆଙ୍କ ପ୍ରତି ସମ୍ମାନ ରହିଛି। ତାଙ୍କ ବିରୋଧରେ କୌଣସି ତଥ୍ୟପ୍ରମାଣ ନ ଥିଲା ବୋଲି କେଜ୍‌ରିୱାଲ କହିଛନ୍ତି। ଅନ୍ୟପକ୍ଷରେ ସିସୋଡିଆଙ୍କ ଗିରଫଦାରି ପଛର ତଥ୍ୟ ଲୁଚାଇବା ଲାଗି ମୁଖ୍ୟମନ୍ତ୍ରୀ ମିଛ ତଥା ମନଗଢ଼ା କଥା କହୁଥିବା ଭାଜପା ଏମ୍‌ପି ମନୋଜ ତିୱାରୀ ଅଭିଯୋଗ କରିଛନ୍ତି।

## 'କେସିଆର୍‌ଙ୍କ ଝିଅ ଗିରଫ ହେବେ'



କେ. କବିତା

**ତିରୁପତି, ୨୭।୨:** ଦିଲ୍ଲୀ ଅବକାରୀ ନୀତି ଅନିୟମିତତା ମାମଲାରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ଝିଅ କେ. କବିତା ଖୁବ୍‌ଶୀଘ୍ର ସିବିଆଇ ଦ୍ୱାରା ଗିରଫ ହେବେ ବୋଲି ଜଣେ ଭାଜପା ନେତା ସୋମବାର କହିଛନ୍ତି। ଏହି ମାମଲାରେ ସିବିଆଇ ରବିବାର ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ଗିରଫ କରିଥିବାବେଳେ ଏଥିରେ ସମ୍ପୃକ୍ତ ଅନ୍ୟ କେତେଜଣଙ୍କୁ ଗିରଫ କରାଯିବା ସମ୍ଭାବନା ରହିଥିବା ତେଲଙ୍ଗାନା ଭାଜପା ନେତା ବିବେକ କହିଛନ୍ତି। ପଞ୍ଜାବ ଓ ଗୁଜରାଟ ବିଧାନସଭା ନିର୍ବାଚନ ବେଳେ ବିଆର୍‌ଏସ୍ ନେତ୍ରୀ କବିତା ଆମ୍ ଆଦ୍‌ମୀ ପାର୍ଟିକୁ ୧୫୦ କୋଟି ଟଙ୍କା ଦେଇଥିବା ଅଭିଯୋଗ ହୋଇଥିଲା। ପୂର୍ବରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅବକାରୀ ଦୁର୍ନୀତି ମାମଲାରେ ଦାଖଲ କରିଥିବା ଚାର୍ଜଶିଟ୍‌ରେ କବିତାଙ୍କ ନାଁ ରହିଛି। ଏକ ମଦ କମ୍ପାନୀରେ ବିଆର୍‌ଏସ୍ ନେତ୍ରୀଙ୍କର ୬୫ ପ୍ରତିଶତ ଅଂଶଧନ ରହିଥିବା ଅଭିଯୋଗ ହୋଇଛି।

## ପାଖ ଲୋକ ପୁଟିନ୍‌ଙ୍କୁ ହତ୍ୟା କରିବେ: ଜେଲେନ୍‌ସ୍କି

କିଭ୍, ୨୭।୨

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ତାଙ୍କ ପାଖ ଲୋକଙ୍କ ଦ୍ୱାରା ହତ୍ୟାର ଶିକାର ହେବେ ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଦାବି କରିଛନ୍ତି। ରୁଷିଆ ଆକ୍ରମଣକୁ ବର୍ଷେ ପୂରିବା ନେଇ ୟୁକ୍ରେନ୍ ପକ୍ଷରୁ ଏକ ବୃତ୍ତଚିତ୍ର ନିର୍ମାଣ କରାଯାଇଛି, ଯେଉଁଥିରେ ଜେଲେନ୍‌ସ୍କି ଏପରି କହିଥିବା ଜଣାପଡ଼ିଛି। ତେବେ ଏହି ବୃତ୍ତଚିତ୍ରର ନାଁ 'ଇୟର୍' ରହିଛି। ଆସନ୍ତା ଶୁକ୍ରବାର ଏହି ଡକ୍ୟୁମେଣ୍ଟାରି ରିଲିଜ୍ କରାଯିବାର ଯୋଜନା ରହିଛି। ପୁଟିନ୍‌ଙ୍କ କାର୍ଯ୍ୟପ୍ରଣାଳୀରେ ଅତିଷ୍ଠ ହୋଇ ଅତି ନିକଟ ସହଯୋଗୀ ତାଙ୍କ ବିରୋଧରେ ଯିବେ। ଏହାପରେ ସେମାନଙ୍କୁ ପୁଟିନ୍‌ଙ୍କ ଭଳି ଜଣେ ହତ୍ୟାକାରୀଙ୍କୁ ଜୀବନରୁ ମାରିବା ପାଇଁ କାରଣ ମିଳିଯିବ। ଏହା ସୁନିଶ୍ଚିତ ହେବ। କିନ୍ତୁ କେବେ ହେବ ତାହା କହିପାରିବି ନାହିଁ ବୋଲି ଜେଲେନ୍‌ସ୍କି କହିଛନ୍ତି। ଯୁଦ୍ଧକ୍ଷେତ୍ରରେ ରୁଷୀୟ ସୈନ୍ୟ ଅଭିଯୋଗ କରୁଥିବା ଏବଂ କାନ୍ଦୁ ଥିବାର ଭିଡିଓ ବହୁଳ ପ୍ରସାର ହେବାରେ ଲାଗିଛି। ଏହାକୁ ନେଇ 'ଦ ୱାଶିଂଟନ୍ ପୋଷ୍ଟ' ପକ୍ଷରୁ କୁହାଯାଇଥିଲା ଯେ, ପୁଟିନ୍‌ଙ୍କ କେତେଜଣ ଖାସ୍ ସହଯୋଗୀ ତାଙ୍କ ଉପରେ ନିରାଶ ହୋଇଛନ୍ତି। ଶେଷରେ ୟୁକ୍ରେନ୍‌ର ବିଜୟ ହେବ ଏବଂ ଜାତୀୟ ପତାକା ଦେଶର ପ୍ରତି କୋଣଅନୁକୋଣରେ ଉଡ଼ିବ ବୋଲି ଜେଲେନ୍‌ସ୍କି କହିଛନ୍ତି।

## ପିଏମ୍-କିଷାନ ଯୋଜନା

### ୮ କୋଟି ଚାଷୀଙ୍କ ଆକାଉଣ୍ଟକୁ ପଠାଗଲା ୧୬ ହଜାର କୋଟି

ବେଲାଗାଭି, ୨୭।୨

ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ) ଯୋଜନାର ତ୍ରୟୋଦଶ କିସ୍ତି ସ୍ୱରୂପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ୧୬,୦୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହିତାଧିକାରୀ ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଇଛନ୍ତି। ଏହାଦ୍ୱାରା ୮ କୋଟିରୁ ଉର୍ଦ୍ଧ୍ୱ ହିତାଧିକାରୀ ଉପକୃତ ହେବେ। ଏହି ଯୋଜନାରେ ଯୋଗ୍ୟ ହିତାଧିକାରୀମାନଙ୍କୁ ୨,୦୦୦ ଟଙ୍କା ଲେଖାଏ ୩ଟି କିସ୍ତିରେ ବର୍ଷକୁ ୬,୦୦୦ ଟଙ୍କା ଯୋଗାଇ ଦିଆଯାଉଛି। ପ୍ରଧାନମନ୍ତ୍ରୀ କର୍ଣ୍ଣାଟକର ବେଲାଗାଭିରେ ଥାଇ ଉକ୍ତ କିସ୍ତି ଅର୍ଥ ଛାଡ଼ିବା ସହ ବେଲାଗାଭି ରେଳଷ୍ଟେଶନ ବିଲ୍ଡିଂକୁ ରାଷ୍ଟ୍ରକୁ ଉତ୍ସର୍ଗ କରିଥିଲେ।

# ତୁର୍କୀରେ ୫.୬ ତୀବ୍ରତାର ଭୂକମ୍ପ



ଇସ୍ତାନବୁଲ, ୨୭।୨

ସୋମବାର ତୁର୍କୀର ପୂର୍ବାଞ୍ଚଳରେ ୫.୬ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଛି । ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୬୯ ଜଣ ଆହତ ହୋଇଛନ୍ତି। ମାଲାତ୍ୟାର ୟେସିଲ୍ୟୁର୍ଟ ଜିଲାରେ ଭୂକମ୍ପର ଅଧିକ ପ୍ରଭାବ ଦେଖିବାକୁ ମିଳିଛି। ଗତ ୬ ତାରିଖରେ ଭୟାବହ ଭୂକମ୍ପରେ ଭାଙ୍ଗିଯାଇଥିବା ବିଲ୍ଡିଂର ଆଉକିଛି ଅଂଶ ସଦ୍ୟ ଭୂକମ୍ପ ପ୍ରଭାବରେ ଭୁଶୁଡ଼ିପଡ଼ିଛି। କିଛି ଅଞ୍ଚଳରେ ରେସ୍କ୍ୟୁ ଅପରେଶନ୍ ଚାଲିଥିବାବେଳେ ଭୂକମ୍ପ ଅନୁଭୂତ ହେବାପରେ ଉଦ୍ଧାରକାରୀ ଦଳ ସ୍ଥାନ ଛାଡ଼ି ସୁରକ୍ଷିତ ଜାଗାକୁ ଚାଲିଯାଇଥିଲେ। ସୋମବାର ରାଷ୍ଟ୍ରପତି ଇର୍ଦୋଗାନ ତୁର୍କୀ ଦକ୍ଷିଣ-ପୂର୍ବାଞ୍ଚଳରେ

## ଉଦ୍ଧାର କାର୍ଯ୍ୟ ବିଳମ୍ବ ନେଇ କ୍ଷମା ମାଗିଲେ ରାଷ୍ଟ୍ରପତି

ଥିବା ଅଦିୟମାନ ପରିଦର୍ଶନ କରିଥିଲେ। ଖରାପ ପାଗ ପାଇଁ ସେଠାରେ ରେସ୍କ୍ୟୁ କାର୍ଯ୍ୟ ବିଳମ୍ବ ହେଉଥିବା ଯୋଗୁ ସ୍ଥାନୀୟ ଲୋକଙ୍କୁ ସେ କ୍ଷମା ମାଗିଥିଲେ। ଅନ୍ୟପକ୍ଷେ ତୁର୍କୀରେ ଭୂକମ୍ପଜନିତ କ୍ଷତି ୩୪.୨ ବିଲିୟନ୍ ଡଲାର ହୋଇଥିବା ୱାର୍ଲ୍ଡ ବ୍ୟାଙ୍କ ପକ୍ଷରୁ ଆକଳନ କରାଯାଇଛି। ଭୂକମ୍ପରେ ୧୭୩, ୦୦୦ ବିଲ୍ଡିଂର କ୍ଷତି ହୋଇଥିବା ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ପୂର୍ବରୁ ହୋଇଥିବା ପ୍ରାଣଘାତୀ ଭୂକମ୍ପରେ ତୁର୍କୀ ଓ ସିରିଆରେ ୫୦,୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି।

# ଅଗ୍ନିପଥ ଯୋଜନା ବିରୋଧରେ ପିଟିଶନ ଖାରଜ

**ନୂଆଦିଲ୍ଲୀ, ୨୭।୨:** ସଶସ୍ତ୍ର ବଳରେ ନିଯୁକ୍ତି ଲାଗି କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାକୁ ଚ୍ୟାଲେଞ୍ଜ କରି ଦାଏର ଏକାଧିକ ପିଟିଶନକୁ ଦିଲ୍ଲୀ ହାଇକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ଏହି ଯୋଜନାରେ ହସ୍ତକ୍ଷେପ କରିବାର କୌଣସି କାରଣ ନାହିଁ ବୋଲି ମୁଖ୍ୟ ବିଚାରପତି ସତୀଶ ଚନ୍ଦ୍ର ଶର୍ମା ଏବଂ ଜଷ୍ଟିସ ସୁବ୍ରମଣ୍ୟମ ପ୍ରସାଦଙ୍କ ଖଣ୍ଡପୀଠ କହିଛନ୍ତି। ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଏବଂ ସଶସ୍ତ୍ର ବଳକୁ ଅଧିକ ସୁଦୃଢ଼ କରିବା ପାଇଁ ଅଗ୍ନିପଥ ଯୋଜନା କାର୍ଯ୍ୟକାରୀ କରାଯାଇଥିବା ଖଣ୍ଡପୀଠ ଦର୍ଶାଇଛନ୍ତି। ଗତବର୍ଷ ଡିସେମ୍ବର ୧୫ରେ ହାଇକୋର୍ଟ ପିଟିଶନଗୁଡ଼ିକର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ଦିଲ୍ଲୀ ସମେତ କେରଳ, ପଞ୍ଜାବ ଓ ହରିୟାଣା, ପାଟନା, ଉତ୍ତରାଖଣ୍ଡ ହାଇକୋର୍ଟରେ ଅଗ୍ନିପଥ ଯୋଜନା ବିରୋଧରେ ପିଟିଶନ ଦାଏର ହୋଇଥିଲା। ସେଗୁଡିକୁ ଦିଲ୍ଲୀ ହାଇକୋର୍ଟକୁ ସ୍ଥାନାନ୍ତର କରିବା କିମ୍ବା ରାୟ ପ୍ରକାଶ ପର୍ଯ୍ୟନ୍ତ ଶୁଣାଣି ସ୍ଥଗିତ ରଖିବାକୁ ସୁପ୍ରିମକୋର୍ଟ ଗତ ଜୁଲାଇରେ ଅନ୍ୟ ହାଇକୋର୍ଟଗୁଡ଼ିକୁ କହିଥିଲେ।

# ପ୍ରଚଣ୍ଡ ସରକାରରୁ ସମର୍ଥନ ପ୍ରତ୍ୟାହାର କଲା ଓଲିଙ୍କ ଦଳ

କାଠମାଣ୍ଡୁ, ୨୭।୨

ନେପାଳର ଦ୍ୱିତୀୟ ବୃହତ୍ ରାଜନୈତିକ ଦଳ ପୂର୍ବତନ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କ ସିପିଏନ୍-ୟୁଏମ୍‌ଏଲ୍ ପୁଷ୍ପ କୁମାର ଦହଲ 'ପ୍ରଚଣ୍ଡ'ଙ୍କ ନେତୃତ୍ୱାଧୀନ ସରକାରରୁ ସମର୍ଥନ ପ୍ରତ୍ୟାହାର କରିନେଇଛି। ଫଳରେ ମେଣ୍ଟ ସରକାର ସଙ୍କଟରେ ପଡ଼ିଯାଇଛି। ରାଷ୍ଟ୍ରପତି ନିର୍ବାଚନ ବେଳେ ରାଜନୈତିକ ସମୀକରଣରେ ପରିବର୍ତ୍ତନକୁ ନେଇ ଓଲିଙ୍କ ଦଳ ଏଭଳି ନିଷ୍ପତ୍ତି ନେଇଛି। ମେଣ୍ଟ ସରକାର ପାଇଁ ହୋଇଥିବା ଚୁକ୍ତିନାମାକୁ ପ୍ରଧାନମନ୍ତ୍ରୀ ପ୍ରଚଣ୍ଡ



ପୁଷ୍ପ କୁମାର ଦହଲ 'ପ୍ରଚଣ୍ଡ'

ଉଲ୍ଲଂଘନ କରିଥିବା ସିପିଏନ୍-ୟୁଏମ୍‌ଏଲ୍ ଅଭିଯୋଗ କରିଛି। ସୋମବାର ଓଲିଙ୍କ ଅଧ୍ୟକ୍ଷତାରେ ସିପିଏନ୍-ୟୁଏମ୍‌ଏଲ୍‌ର ଉଚ୍ଚସ୍ତରୀୟ ବୈଠକ ବସି ସରକାରରୁ ଓହରିଯିବା ସହ ସମର୍ଥନ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନିଆଯାଇଥିଲା ବୋଲି ଦଳର ଉପମୁଖ୍ୟ ବିଷ୍ଣୁ ରାଜାଲ କହିଛନ୍ତି। ପ୍ରଚଣ୍ଡ ଏବଂ ଓଲିଙ୍କ ଦଳ ମଧ୍ୟରେ ମେଣ୍ଟ ଭାଙ୍ଗିବାର ମୁଖ୍ୟ କାରଣ ହେଲା ମାଓବାଦୀ ନେତା ରାଷ୍ଟ୍ରପତି ପଦ ନିମନ୍ତେ ନେପାଳୀ କଂଗ୍ରେସ(ଏନ୍‌ସି)ର ବରିଷ୍ଠ ନେତା ରାମଚନ୍ଦ୍ର ପୌଡେଲଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ଜଣାଇବା। ମାର୍ଚ୍ଚ ୯ରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନ ଲାଗି ପୌଡେଲ ବିରୋଧୀ ଦଳ ଏନ୍‌ସି ପ୍ରାର୍ଥୀ ହୋଇଥିବା ବେଳେ ତାଙ୍କୁ ପ୍ରଧାନମନ୍ତ୍ରୀ ସମର୍ଥନ ଜଣାଇ ଡିସେମ୍ବର ୨୫ ଚୁକ୍ତିନାମାର ଉଲ୍ଲଂଘନ କରିବା ସହ ସିପିଏନ୍-ୟୁଏମ୍‌ଏଲ୍‌କୁ ପ୍ରତାରିତ କରିଛନ୍ତି। ସେଥିପାଇଁ ସରକାରରୁ ଓହରିଯିବାକୁ ବାଧ୍ୟ ହେଲୁ ବୋଲି ସିପିଏନ୍-ୟୁଏମ୍‌ଏଲ୍ ଉପମୁଖ୍ୟ କହିଛନ୍ତି। ପ୍ରଚଣ୍ଡ ସରକାରରେ ସିପିଏନ୍-ୟୁଏମ୍‌ଏଲ୍‌ରୁ ଉପପ୍ରଧାନମନ୍ତ୍ରୀଙ୍କ ସମେତ ୮ ମନ୍ତ୍ରୀ ରହିଥିଲେ। ସେମାନେ ସମୂହ ଇସ୍ତଫା ଦେବେ। ସିପିଏନ୍-ୟୁଏମ୍‌ଏଲ୍ ଓହରିଗଲେ ମଧ୍ୟ ପ୍ରଚଣ୍ଡ ସରକାର ଉପରେ ତୁରନ୍ତ ଏହାର ପ୍ରଭାବ ପଡ଼ି ନ ପାରେ। କାରଣ ନେପାଳୀ କଂଗ୍ରେସ ସରକାରଙ୍କୁ ବାହାରୁ ସମର୍ଥନ କରୁଛି। ସରକାରରେ ସମସ୍ୟା ସୃଷ୍ଟି ହୋଇଥିବାରୁ ପ୍ରଧାନମନ୍ତ୍ରୀ ପ୍ରଚଣ୍ଡ କାତାରକୁ ତାଙ୍କର ପ୍ରଥମ ବିଦେଶ ଗସ୍ତ ବାତିଲ କରିଛନ୍ତି।



ଦୁଇଦିନିଆ ମୁମ୍ବାଇଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ମୁଖ୍ୟ ମୁକେଶ ଅମ୍ବାନୀଙ୍କୁ ସାକ୍ଷାତ୍ କରିଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ। ଏହି ଅବସରରେ ଓଡ଼ିଶାରେ ରିଲାଏନ୍ସ ଗ୍ରୁପ୍‌ର ପୁଞ୍ଜିନିବେଶ ସମ୍ପର୍କିତ ଯୋଜନା ନେଇ ଆଲୋଚନା କରାଯାଇଥିବା ଜଣାପଡ଼ିଛି।

# ମୁମ୍ବାଇରେ ଶିଳ୍ପପତିଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

## ପୁଞ୍ଜିନିବେଶ ଲାଗି ୧୦ରୁ ଊର୍ଦ୍ଧ୍ୱ ଶିଳ୍ପସଂସ୍ଥା ଆଗ୍ରହୀ

**ଭୁବନେଶ୍ୱର, ୨୭।୨(ବ୍ୟୁରୋ)**

ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ସୋମବାର ମୁମ୍ବାଇ ଗସ୍ତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜଣକ ପରେ ଜଣେ ବିଶିଷ୍ଟ ଶିଳ୍ପପତିଙ୍କ ସହ ଆଲୋଚନା କରିଛନ୍ତି। ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ୧୦ରୁ ଊର୍ଦ୍ଧ୍ୱ ଶିଳ୍ପ ସଂସ୍ଥା ଆଗ୍ରହ ପ୍ରକାଶ କରିଥିବା ଜଣାପଡ଼ିଛି।

ଓଡ଼ିଶାରେ ବ୍ୟବସାୟିକ ସୁଯୋଗର ସମ୍ଭାବନା ନେଇ ଶିଳ୍ପପତିମାନଙ୍କ ସହ ଆଲୋଚନା କରାଯାଇଛି। ଶିଳ୍ପ ପ୍ରତିନିଧିମାନେ ଓଡ଼ିଶାରେ ସେମାନଙ୍କ ଆଗାମୀ ନିବେଶ ଏବଂ ସମ୍ପ୍ରସାରଣ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭର ସଫଳତା ପରେ ନୂତନ ପୁଞ୍ଜିନିବେଶ ପାଇଁ ଆକୃଷ୍ଟ କରିବାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହାସହ ରାଜ୍ୟକୁ ଆସୁଥିବା ନିବେଶଗୁଡ଼ିକୁ ଆବଶ୍ୟକ ସୁବିଧା ଏବଂ ସହାୟତା ସୁନିଶ୍ଚିତ କରାଯାଉଛି। ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିବା ସହ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ୨୦୨୨ରେ ଯୋଗଦେଇଥିବା ଶିଳ୍ପପତିମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର ରୂପାନ୍ତରଣ ଯାତ୍ରାରେ ଭାରତର ଆର୍ଥିକ ହବ୍ ବମ୍ବେରୁ ଶିଳ୍ପପତିଙ୍କ ନିରନ୍ତର ଆଗ୍ରହ ପାଇଁ ଆମେ ଅପେକ୍ଷା ରଖୁଛୁ। ଦେଶର ଏକ ପ୍ରମୁଖ ଶିଳ୍ପ ହବ୍ ହେବା ପାଇଁ ଓଡ଼ିଶା ଏବେ ପ୍ରସ୍ତୁତ। ଆସନ୍ତୁ ଏଥିରେ ସାମିଲ ହେବା ବୋଲି ନିବେଶକଙ୍କୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଚେୟାରମ୍ୟାନ ତଥା ଏମ୍‌ଡି ମୁକେଶ ଅମ୍ବାନୀ, ପ୍ରକ୍ଟର ଏଣ୍ଡ ଗାମ୍ବଲ ହାଇଜିନ ଏଣ୍ଡ ହେଲଥ୍ କେୟାର ଏମ୍‌ଡି (ଭାରତ ଏବଂ ଦକ୍ଷିଣ ଏସିଆ) ଏଲ୍.ଭି. ବୈଦ୍ୟନାଥନ, ଇଅନ୍ ଏକ୍ସଚେଞ୍ଜ ସିଏମ୍‌ଡି ରାଜେଶ ଶର୍ମା, କେମକୋ ଗ୍ରୁପ୍ ସିଏମ୍‌ଡି ରାମାୱତାର ସାରାଓଗୀ, କଲ୍ୟାଣୀ ଷ୍ଟିଲ୍ସ ଏମ୍‌ଡି ଆର.କେ. ଗୋଏଲ, ଆଇଜି ପେଟ୍ରୋକେମିକାଲ୍ସ ଏମ୍‌ଡି ଏବଂ ସିଇଓ ନିକୁଞ୍ଜ ଧାନୁକା, ଇଣ୍ଡୋ ରାମା ସିନ୍ଥେଟିକ୍ସ ଇଣ୍ଡିଆ ଏମ୍‌ଡି ଏବଂ ସିଇଓ ଏମ୍‌ଏନ୍‌ଏସ୍ ରାଓ, ଗୋଦରେଜ୍ ଗ୍ରୁପ୍ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ପୀରୋଜଶା ଗୋଦରେଜ୍, ଏନସିଙ୍ଗର ଇଣ୍ଡିଆ ଇଞ୍ଜିନିୟରିଂ ପ୍ଲାଷ୍ଟିକ୍ ମୁଖ୍ୟ ନିଖିଲ ତିୱାରୀ ଏବଂ ଆଇଏସ୍‌ସିଏମ୍‌ଏ ସଭାପତି ବିନୟ ପାଟିଲଙ୍କ ବୈଠକ ଅନୁଷ୍ଠିତ ହୋଇଛି। ସେହିପରି ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ସହ ୧୧ କମ୍ପାନୀର ପ୍ରତିନିଧି ଆଲୋଚନା କରିଛନ୍ତି। ଡାଲମିଆ ପଲିପ୍ରୋ ଇଣ୍ଡଷ୍ଟ୍ରିଜର ସିଏମ୍‌ଡି ଆଦିତ୍ୟ ଡାଲମିଆ ଏବଂ ପ୍ରତୀକ ଡାଲମିଆ, ହିଣ୍ଡାଲକୋର ଏମ୍‌ଡି ଏବଂ ସିଇଓ ସତୀଶ୍ ପାଇ, ଗୋପାଳପୁର ପୋର୍ଟର ହୋଲ-ଟିମ୍ ନିର୍ଦ୍ଦେଶକ ଏବଂ ସିଇଓ କ୍ୟାପଟେନ୍ ସନ୍ଦୀପ ଅଗ୍ରୱାଲ, ଓରିକନର ଇଡି ବି.କେ. ତୋସନୱାଲ, ଶେଙ୍ଗଲଙ୍ଗ ବାୟୋଟେକ୍ ଭିପି ଅମୀୟ ନାଥ, ଆର୍‌ଏସ୍‌ବି ଗ୍ଲୋବାଲର ନିଶିତ୍ ବେହେରା, ସିମିଟୋମୋ କେମିକାଲ୍ସର ଏସ୍‌ଭିପି କୁନାଲ ମିତ୍ତଲ, ମିଡିଆ ଗୁରୁର ବିଜ୍‌ନେସ୍ ଡାଇରେକ୍ଟର ଶୁଭାଶିଷ ମଜୁମଦାର, ସେଞ୍ଚୁରି ଟେକ୍ସଟାଇଲ୍ ଆଣ୍ଡ୍ ଇଣ୍ଡଷ୍ଟ୍ରିଜ ଏମ୍‌ଡି ଏବଂ ସିଇଓ ଆର.କେ. ଡାଲମିଆ, ବିର୍ଲା ସେଲୁଲୋସ୍ ଯୁଗ୍ମ ସଭାପତି ଶ୍ୟାମଲାଲ ପଟ୍ଟନାୟକ, ସିଏଟ୍ ଲିମିଟେଡ୍ ଏମ୍‌ଡି ଅନନ୍ତ ଗୋଏଙ୍କା ଆଲୋଚନା କରିଛନ୍ତି।

# ୧କୁ ଘୁଞ୍ଚିଲା ଗୋପାଳଙ୍କ ମାନସିକ ସ୍ଥିତି ଯାଞ୍ଚ ଶୁଣାଣି

**ବ୍ରଜରାଜନଗର,୨୭।୨(ଡି.ଏନ.ଏ.)**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋପାଳ କୃଷ୍ଣ ଦାସଙ୍କ ମାନସିକ ସ୍ଥିତି ଯାଞ୍ଚ ନେଇ ଝାରସୁଗୁଡା ଜିଲା କୋର୍ଟରେ ହୋଇଥିବା ଆବେଦନର ଶୁଣାଣି ମାର୍ଚ୍ଚ ୧ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ସୂଚନାଯୋଗ୍ୟ ଜାନୁୟାରୀ ୨୯ତାରିଖରେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଦାସଙ୍କୁ ହତ୍ୟା କରାଯାଇଥିବା ବେଳେ ସେହିଦିନ ହିଁ ଏହାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। ଏହା ପରେ କ୍ରାଇମବ୍ରାଞ୍ଚ ତିନିଥର ୧୩ଦିନ ଧରି ଅଭିଯୁକ୍ତ ଗୋପାଳଙ୍କୁ ରିମାଣ୍ଡରେ ନେଇ ଜେରା କରିଥିଲା। ହେଲେ ବର୍ତ୍ତମାନ ସୁଦ୍ଧା ଗୋପାଳ କାହିଁକି ହତ୍ୟା କରିଥିଲେ ତାହା ସ୍ପଷ୍ଟ ହୋଇପାରି ନାହିଁ। ଅଭିଯୁକ୍ତଙ୍କ ମାନସିକ ସ୍ଥିତି ବେଙ୍ଗାଲୁରୁର ରାଷ୍ଟ୍ରୀୟ ମାନସିକ ସ୍ୱାସ୍ଥ୍ୟ ଓ ସ୍ନାୟୁ ବିଜ୍ଞାନ ସଂସ୍ଥାନ (ନିମହାନ୍ସ)ରେ ଯାଞ୍ଚ ସକାଶେ କ୍ରାଇମବ୍ରାଞ୍ଚ ପକ୍ଷରୁ ହୋଇଥିବା ଆବେଦନକୁ ଝାରସୁଗୁଡ଼ା ଜେଏମ୍‌ଏଫ୍‌ସି କୋର୍ଟ ଗତ ୨୦ତାରିଖରେ ଖାରଜ କରିଦେଇଥିଲେ। ଏହାପରେ ଗତ ୨୧ ତାରିଖରେ କ୍ରାଇମ୍‌ବ୍ରାଞ୍ଚ ଜିଲା ଅଦାଲତରେ ଆବେଦନ କରିଥିଲା। ଆସନ୍ତା ୧ତାରିଖରେ ଅଦାଲତ କ'ଣ ନିର୍ଦ୍ଦେଶ ଦେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ଗୋପାଳଙ୍କ ପରିବାରକୁ ସୁରକ୍ଷା ଦେବା ମାମଲା ଖାରଜ

## ପରିବାର ଲୋକ ସିଧା ଆବେଦନ କରିପାରିବେ

**କଟକ ଅଫିସ,୨୭।୨:** ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟା ମାମଲାର ଅଭିଯୁକ୍ତ ଗୋପାଳ ଦାସ ଓ ତାଙ୍କ ପରିବାରକୁ ସୁରକ୍ଷା ଯୋଗାଇଦେବା ନେଇ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ସୋମବାର ହୋଇଥିଲା। ଗୋପାଳଙ୍କ ପରିବାର ସଦସ୍ୟ ସୁରକ୍ଷା ଆବଶ୍ୟକ କଲେ ସିଧାସଳଖ ଆବେଦନ କରିପାରିବେ। ତତ୍‌ପରେ ସୁରକ୍ଷା ମିଳିବା ଆବଶ୍ୟକ କି ନାହିଁ ବିଚାର କରାଯିବ ବୋଲି ଅଦାଲତ କହିବା ସହ ମାମଲାର ଶୁଣାଣିକୁ ସ୍ଥଗିତ ରଖିଛନ୍ତି।

ଆବେଦନକାରୀ ଆଇନଜୀବୀ ସୁମନ୍ତ କୁମାର ସ୍ୱାଇଁଙ୍କ ପକ୍ଷରୁ ରୁଜୁ ଏହି ମାମଲାର ବିବରଣୀ ଅନୁଯାୟୀ, ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟା ମାମଲାରେ ଚୌଦ୍ୱାର ଜେଲରେ ଥିବା ଗୋପାଳ ଦାସଙ୍କୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ୨୪ ଘଣ୍ଟିଆ ସିସିଟିଭି କ୍ୟାମେରା ନଜରରେ ରଖାଯାଇଛି। ଜେଲ ପକ୍ଷରୁ ତାଙ୍କର ଗତିବିଧି, କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖାଯାଇଛି। ଏପରିସ୍ଥଳେ ତାଙ୍କ ପରିବାରକୁ ଉପଯୁକ୍ତ ସୁରକ୍ଷା ପ୍ରଦାନ କରିବାର ଆବଶ୍ୟକତା ଥିବା ଦର୍ଶାଇ ଗତ ୨୦ ତାରିଖରେ ହାଇକୋର୍ଟରେ ମାମଲା ରୁଜୁ କରାଯାଇଛି। ଏଥିରେ ପୋଲିସ ଡିଜି, ଚୌଦ୍ୱାର ଜେଲ ଅଧୀକ୍ଷକ, ଜେଲ ବିଭାଗ ଆଇଜି ଏବଂ ଆଇଟି ସେଲ୍ ଡିଜିଙ୍କୁ ପକ୍ଷଭୁକ୍ତ କରାଯାଇଛି।




# ସରକାରୀ ନିୟମ ଉଲ୍ଲଂଘନ କରି ଆପାର୍ଟମେଣ୍ଟ ନିର୍ମାଣ

**କଟକ ଅଫିସ,୨୭।୨**

ଦୈତ ନଗରୀ କଟକ- ଭୁବନେଶ୍ୱର ମଧ୍ୟବର୍ତ୍ତୀ ଅଞ୍ଚଳରେ ନିର୍ମାଣାଧୀନ ନିର୍ଦ୍ଦିଷ୍ଟ ଆପାର୍ଟମେଣ୍ଟ ଏକାଧିକ ନିୟମକୁ ଅଣଦେଖା କରି ଲୋକଙ୍କୁ ଘର ବିକିବା ଆରମ୍ଭ କରିଛନ୍ତି। ଏଥିରେ ଫାୟାର ସେଫ୍‌ଟି, ରେରା, ସିଡିଏ ଏବଂ ମହାନଗର ନିଗମ ଅନୁମତି ଆଦିକୁ ଅଣଦେଖା କରାଯାଇଛି। ହାଇକୋର୍ଟର ଆଇନଜୀବୀ ସିଦ୍ଧାର୍ଥ ଦାଶ ଏନେଇ ରାଜ୍ୟ ଗୃହ ନିର୍ମାଣ ବିଭାଗ, କଟକ ମହାନଗର ନିଗମ, ସିଡିଏ ଏବଂ ରାଜ୍ୟ ଅଗ୍ନିଶମ ବିଭାଗକୁ ଚିଠି ଲେଖି ଜଣାଇଛନ୍ତି। ଏ ସଂକ୍ରାନ୍ତରେ କୌଣସି ପଦକ୍ଷେପ ନିଆ ନ ଗଲେ ସେ ପରବର୍ତ୍ତୀ ସମୟରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

# କନଷ୍ଟେବଲଙ୍କୁ ମାଡ଼ ମାରି ହତ୍ୟା ଧମକ: ଡ୍ରାଇଭର ଗିରଫ

**ପୁରୀ ଅଫିସ, ୨୭।୨:** ଟ୍ରାଫିକ ଡ୍ୟୁଟିରେ ଥିବା ଜଣେ ପୋଲିସ କନଷ୍ଟେବଲ୍‌ଙ୍କୁ ମାଡ଼ ମାରିବା ସହ ହତ୍ୟା ଧମକ ଦେବା ଅଭିଯୋଗରେ ବାସେଳିସାହି ଥାନା ପୋଲିସ ସୋମବାର ଜଣେ ଡ୍ରାଇଭରଙ୍କୁ ଗିରଫ କରିଛି। ସେ ହେଲେ ସମୁଦ୍ରକୂଳ ଥାନା ଶ୍ରୀକ୍ଷେତ୍ର କଲୋନୀର ଶୁଭେନ୍ଦୁ ପରିଡ଼ା। ତାଙ୍କ ନିକଟରୁ ଏକ ଟାଭେରା ଜବତ ହୋଇଛି। ଏ ନେଇ ପୋଲିସ ଏକ କେସ୍ (ନଂ-୫୫/୨୩) ରୁଜୁ କରିଛି। ସୂଚନାଯୋଗ୍ୟ, ରବିବାର ସକାଳ ୯ଟା ୫୦ରେ କନଷ୍ଟେବଲ୍ ନୃସିଂହ ପ୍ରସାଦ ମହାପାତ୍ର ମଙ୍ଗଳାଘାଟ ଛକରେ ଟ୍ରାଫିକ ଡ୍ୟୁଟି କରୁଥିଲେ ଓ ପିସିଆର୍ ଭ୍ୟାନ ସେଠାରେ ଥିଲା। ଏତିକି ବେଳେ ଅଭିଯୁକ୍ତ ଶୁଭେନ୍ଦୁ ଟାଭେରାରେ ଆସି ଏକ ସ୍କୁଟିକୁ ଧକ୍କା ଦେଇ ଚମ୍ପଟ ମାରିଥିଲେ। ପରେ ପିସିଆର୍ ଭ୍ୟାନ ତାଙ୍କୁ କାବୁ କରିଥିଲା। ଏହି ସମୟରେ ଟାଭେରା ଡ୍ରାଇଭର ଶୁଭେନ୍ଦୁ ପୋଲିସ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିବା ସହ ଗାଳିଗୁଲଜ କରିଥିଲେ। ଶୁଭେନ୍ଦୁ କନଷ୍ଟେବଲ୍ ନୃସିଂହଙ୍କୁ ଚାପୁଡ଼ା ମାରିବା ସହ ହତ୍ୟା ଧମକ ଦେଇଥିଲେ। ଏନେଇ ନୃସିଂହ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ଚାକୁଣ୍ଡାରେ ଝାଡ଼ାବାନ୍ତି, ୪୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

**ଗୁଡାରୀ/ପଦ୍ମପୁର(ରାୟଗଡ଼ା), ୨୭।୨(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଡ଼ାରୀ ବ୍ଲକ କଦମା ପଞ୍ଚାୟତ ଚାକୁଣ୍ଡା ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିଛି। ଏଥିରେ ୪୦ରୁ ଊର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇଛନ୍ତି। ୧୦ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଗାଁକୁ ମେଡିକାଲ ଟିମ୍ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି।



ମେଡିକାଲରେ ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଛି।

ଚାକୁଣ୍ଡା ଗ୍ରାମରେ ରବିବାର ଏକ ଭୋଜି ଆୟୋଜନ କରାଯାଇଥିଲା। ଭୋଜିଖାଇ ସାରିବା ପରେ ଗାଁର ୪୦ରୁ ଊର୍ଦ୍ଧ୍ୱ ଅସୁସ୍ଥ ହୋଇପଡିଥିଲେ। ଗୁଡ଼ାରି ମେଡ଼ିକାଲର ଏକ ଟିମ୍ ଡାକ୍ତର ସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ଦୁଇଦିନ ହେଲା ଗାଁକୁ ଯାଇ ସ୍ଥିତି ଉପରେ ନଜର ରଖିଛନ୍ତି। ଗ୍ରାମର ଫୋଲକାଇ ଜାଗରଙ୍ଗା, ସବିତା ଜାଗରଙ୍ଗା, କ୍ରାସକାଇ ଜାଗାରଙ୍ଗା, ପ୍ରମୋଦ ଜଗାରଙ୍ଗା, ନନ୍ଦ ଜାଗାରଙ୍ଗା, ଖିଲାପାଇ ଜାଗରଙ୍ଗା, ପବତୀ ଜଗାରଙ୍ଗା, ଜାଗର ତାଇ, ସୁନୀ ଜାଗାରଙ୍ଗା, କୁମାରୀ ଜାଗାରଙ୍ଗାଙ୍କ ଅଧିକ ଚିକିତ୍ସା ଲାଗି ପଦ୍ମପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ଡାକ୍ତର ଅମରେଶ ଜେନା ସେମାନଙ୍କ ଚିକିତ୍ସା କରୁଛନ୍ତି। ଆକ୍ରାନ୍ତମାନଙ୍କ ମଳ ପରୀକ୍ଷା କରାଯିବ ବୋଲି ପଦ୍ମପୁର ମେଡିକାଲ ଇନଚାର୍ଜ ସୌମ୍ୟରଞ୍ଜନ ତ୍ରିପାଠୀ ସୂଚନା ଦେଇଛନ୍ତି। ମେଡିକାଲ ଟିମ ସହ ଆଶା ଓ ସ୍ୱାସ୍ଥ୍ୟକର୍ମୀମାନେ ଗ୍ରାମବାସୀଙ୍କୁ ସଚେତନ କରୁଛନ୍ତି। ଗାଁରେ ସ୍ଥିତି ନିୟନ୍ତ୍ରଣାଧୀନ ରହିଥିବା ଗୁଡ଼ାରି ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଅରୁପା ବେହେରା କହିଛନ୍ତି।

# ଖେଳୁଥିବା ବେଳେ ଧସିଲା ବାଲିକୁଦ

## ପୋତିହୋଇଗଲେ ୩ ଶିଶୁ, ଜଣେ ମୃତ

**ପାରଳାଖେମୁଣ୍ଡି/ଆର୍.ଉଦୟଗିରି, ୨୭।୨(ଡି.ଏନ୍.ଏ.)**

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ ଛେଳିଗଡ଼ ଗ୍ରାମପଞ୍ଚାୟତର ପାଟପାଣୀ ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ନଦୀ ବାଲିରେ ଖେଳୁଥିବା ସମୟରେ ପାଖରେ ଥିବା ବାଲିକୁଦ ଧସିପଡ଼ିବାରୁ ୩ଜଣ ଶିଶୁ ପୋତିହୋଇଯାଇଛନ୍ତି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଆହତ ଅଛନ୍ତି। ମୃତକ ହେଲେ ରାମ ରଇତଙ୍କ ପୁଅ କିଶୋର (୮)। ଆହତମାନେ ହେଲେ ଭୀମ ଶବର, ଗୌତମ ରଇତ।

ପ୍ରକାଶ ଯେ, ପାଟପାଣୀର ୭ ଜଣ ଶିଶୁ ଗାଁ ନିକଟ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ୩ ଜଣ ଗାଧୋଇବା ପରେ ଘରକୁ ଫେରିଆସିଥିବା ବେଳେ ଅନ୍ୟମାନେ ନଦୀରେ ଗଦା ହୋଇଥିବା ଏକ ବାଲିକୁଦ ତଳେ ଗାତ କରି ଖେଳୁଥିଲେ। ଏହି ସମୟରେ ହଠାତ୍ ସେମାନଙ୍କ ଉପରେ ବାଲିକୁଦ ଧସି ପଡ଼ିଥିଲା। ଫଳରେ କିଶୋର, ଭୀମ, ଗୌତମ ବାଲିରେ ପୋତି ହୋଇଯାଇଥିଲେ। ଏହା ଦେଖି ନିକଟରେ ଥିବା ଆଉ ଜଣେ ଶିଶୁ ଗ୍ରାମବାସୀଙ୍କୁ ଜଣାଇଥିଲେ। ସେମାନେ ଆସି ବାଲିକୁଦକୁ ଖୋଳି ଶିଶୁମାନଙ୍କୁ ଉଦ୍ଧାର କରିଥିବା ବେଳେ ଘଟଣାସ୍ଥଳରେ କିଶୋରଙ୍କ ମୃତ୍ୟୁ ଘଟିଥିଲା। ଆହତ ଭୀମ ଓ ଗୌତମଙ୍କୁ ଚନ୍ଦ୍ରଗିରି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ତାଙ୍କ ସମ୍ପର୍କୀୟମାନେ କହିଛନ୍ତି। ଏ ନେଇ ଆର.ଉଦୟଗିରି ଥାନାରେ ନଂ. ୩/୨୩ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ମହାପ୍ରଭୁଙ୍କୁ ଦର୍ଶନ କଲେ ଦିବ୍ୟଶଙ୍କର, ପ୍ରିୟଙ୍କା

**ପୁରୀ ଅଫିସ, ୨୭।୨**

ଦ୍ୱିତୀୟ ବିବାହ କରିବା ପରେ କଳାହାଣ୍ଡି ଜିଲାର ଜୁନାଗଡ଼ ବିଧାୟକ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ତାଙ୍କର ନୂତନ ସହଧର୍ମିଣୀ ପ୍ରିୟଙ୍କା ଅଗସ୍ତିଙ୍କ ସହ ସୋମବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ନୂତନ ବୈବାହିକ ଜୀବନ ସୁଖମୟ ହେବା ପାଇଁ ଉଭୟେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରି ଆଶିଷ ଭିକ୍ଷା କରିଛନ୍ତି। ପୂର୍ବାହ୍ନ ପ୍ରାୟ ୧୧ଟାରେ ଏହି ଦମ୍ପତି ନିଜର କେତେଜଣ ସମ୍ପର୍କୀୟଙ୍କ ସହ ଆସି ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ କେତେଜଣ ଦଳୀୟ ନେତା ପାଛୋଟି ନେଇଥିଲେ। ସେମାନେ ବାଇଶିପାହାଚ ଦେଇ ଶ୍ରୀମନ୍ଦିରକୁ ଯାଇ ଭିତରକାଠ ନିକଟରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ପରେ ଭିତରବେଢ଼ା ପରିସର ବୁଲି ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରିଥିଲେ। ଏହାପରେ ଆନନ୍ଦ ବଜାରକୁ ଯାଇ ମହାପ୍ରସାଦ ସେବନ କରି ଫେରିଥିଲେ। ଦଳୀୟ କର୍ମୀ ଓ ନେତାଙ୍କ ପକ୍ଷରୁ ତାଙ୍କୁ ମହାପ୍ରଭୁଙ୍କ ପତିତପାବନ ବାନା ପ୍ରଦାନ କରାଯାଇଥିଲା। ବିବାହ ପରେ ମହାପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ନେବାକୁ ଆସିଥିବା ବିଧାୟକ ମିଶ୍ର କହିଥିଲେ। ସୂଚନାଯୋଗ୍ୟ, ବିଧାୟକ ମିଶ୍ର ନିଜ ନିର୍ବାଚନମଣ୍ଡଳୀର ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଦେକୋଟ ଗ୍ରାମର ଭବାନୀ ଅଗସ୍ତିଙ୍କ ଝିଅ ପ୍ରିୟଙ୍କାଙ୍କୁ ରବିବାର ବୈଦିକ ରୀତିରେ ବିବାହ କରିଥିଲେ। ପୁରୀ ଜିଲା ପିପିଲି ନିକଟସ୍ଥ 'ଦି ଆଡଭେଞ୍ଚର କନଭେନସନ ରିସର୍ଟ'ରେ ଏହି ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଭୟ ପରିବାରର ସଦସ୍ୟ ଓ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ।



ମହାପ୍ରଭୁଙ୍କ ଦର୍ଶନ ସାରି ବିଧାୟକ ଦିବ୍ୟଶଙ୍କର ମିଶ୍ର ଓ ସହଧର୍ମିଣୀ ପ୍ରିୟଙ୍କା ଅଗସ୍ତି ଫେରୁଛନ୍ତି।



**ଆଜିର ମନ୍ତବ୍ୟ**

"ପୂର୍ବରୁ ଅନେକ ସିସୋଡିଆ ଗିରଫ ହୋଇଛନ୍ତି। ଦେଶରେ ସିବିଆଇ, ଇଡି, ଆୟକର ବିଭାଗର ଆତଙ୍କ ସୃଷ୍ଟି ହୋଇଥିବାବେଳେ ନ୍ୟାୟ ବ୍ୟବସ୍ଥା ଏବଂ ନିର୍ବାଚନ ଆୟୋଗ ଚାପରେ ଅଛନ୍ତି।

– ଅଶୋକ ଗେହଲଟ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଲେଇ ନାନୀ;**
**ମୂଷା କାଟିନେଲା ପଣତ କାନି।**

କିଛି ବ୍ୟକ୍ତି ନିହାତି ଓଲୁ ପ୍ରକୃତିର ହୋଇଥାନ୍ତି। ତାଙ୍କ ଆଗରେ ଘଟୁଥିବା ଘଟଣା ବିଷୟରେ କିଛି ବି ସୁରାକ ବା ଟେର୍ ପାଇ ପାରି ନଥାନ୍ତି। ଅତି ଓଲି, ଏପରି ଓଲି ଯେ ନିଜ ପିନ୍ଧା ଲୁଗାର ପଣତକାନି କିଏ କାଟି ନେଲା ତାହା ସେ ନ ଜାଣି ପାରିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଓଷ୍ଠ ପତର ଫର୍ ଫର୍**
**ଟିକିଏ କଥାରେ ଗର୍ ଗର୍।**

କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ଟିକେଟିକେ କଥାରେ ରାଗିକି ଥରି ଯାଉଥିବାର ଦେଖିବାକୁ ମିଳିଥାଏ। ଏପରିକି କାହାର ଟିକିଏ ଭୁଲ ହେବାର ଦେଖିଲେ ତାକୁ ସହ୍ୟ କରି ନ ପାରି ମନକୁ ଯାହା ଆସେ ତାହା କହି ଦେଇଥାନ୍ତି। ଏପରି ବ୍ୟକ୍ତିଙ୍କ ଠାରେ ଧୈର୍ଯ୍ୟ ଶକ୍ତି ଖୁବ୍ କମ୍ ରହୁଥିବାର ଜଣାଯାଇଥାଏ। କ୍ରୋଧୀ ସ୍ୱଭାବ ବ୍ୟକ୍ତିଙ୍କର ଏପରି ଚରିତ୍ର ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# କୁଳଡ଼ିହାରେ ପୁଣି ଏକ ମାଈ ହାତୀ ମୃତ

## ଘଟଣା ଚପାଇବାକୁ ବନ ବିଭାଗର ଉଦ୍ୟମ ଅଭିଯୋଗ

**ନୀଳଗିରି, ୨୭।୨(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ କୁଳଡ଼ିହା ଅଭୟାରଣ୍ୟର ପଞ୍ଚଲିଙ୍ଗେଶ୍ୱର ବିଟ୍ ନିକଟ ବଡ଼ମ୍ବା ଠାକୁରାଣୀ ନିକଟ ଜଙ୍ଗଲ ଭିତରେ ପୁଣି ମାଈ ହାତୀର ମୃତଦେହ ଠାବ ହୋଇଛି। ଏହାର ବୟସ ୪ବର୍ଷ ହେବ। ହାତୀ ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ତେବେ ଗତ ୧୪ ମାସ ମଧ୍ୟରେ ୬ ହାତୀର ମୃତ୍ୟୁ ହେବା ଘଟଣା ବନବିଭାଗର ନିଦ ହଜାଇ ଦେଇଛି।

ସୋମବାର ବାଲେଶ୍ୱର ଭାରପ୍ରାପ୍ତ ଡିଏଫ୍‌ଓ ସୁମିତ କର, କୁଳଡ଼ିହା ରେଞ୍ଜର ଅନନ୍ତ କୁମାର ଜେନା, ପ୍ରାଣୀ ଚିକିତ୍ସକ ମୁକ୍ତିକାନ୍ତ ସେଠୀ ଓ ସ୍ଥାନୀୟ ଫରେଷ୍ଟର ଘଟଣାସ୍ଥଳରେ ପହଞ୍ଚି ହାତୀ ମୃତ୍ୟୁର ପ୍ରାଥମିକ ତଦନ୍ତ କରିଥିଲେ। ଏହାପରେ ବ୍ୟବଚ୍ଛେଦ କରି ପୋଡ଼ି ଦେଇଥିବା ଜଣାପଡ଼ିଛି। ପ୍ରାଥମିକ ତଦନ୍ତରୁ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ପେଟରେ କୃମିଜନିତ ରୋଗ ବୋଲି ଡିଏଫ୍‌ଓ କହିଛନ୍ତି। ଘଟଣା ଚପାଇବାକୁ ବନ ବିଭାଗ ଉଦ୍ୟମ କରୁଥିବା ଅଭିଯୋଗ ହେଉଛି। ଜଙ୍ଗଲ ମଧ୍ୟକୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରବେଶ କରାଇ ଦିଆଯାଉ ନ ଥିବା ବେଳେ ବନବିଭାଗ ତରବରିଆ ଭାବେ ମୃତ ହାତୀକୁ ପୋଡ଼ିଦେଇଥିବା ଅଭିଯୋଗ ହୋଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବନ ବିଭାଗ ସୂଚନା ଦେଇଛି।

# ଦନ୍ତା ଆକ୍ରମଣରେ ସ୍ୱାମୀଙ୍କ ମୃତ୍ୟୁ, ସ୍ତ୍ରୀ ଓ ଝିଅ ଗୁରୁତର

**ବଡ଼ବିଲ, ୨୭।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲ ବନାଞ୍ଚଳ ରୋଇଡ଼ାରେ ଦନ୍ତାହାତୀ ଆକ୍ରମଣରେ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ତ୍ରୀ ଓ ଝିଅ ଗୁରୁତର ହୋଇଛନ୍ତି। ମୃତକ ହେଲେ ରୋଇଡ଼ା ପଣସଗୁଡ଼ା ଅଞ୍ଚଳର ସମରା ମୁଣ୍ଡା। ଗୁରୁତରଙ୍କୁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନ ୧୧ ସମୟରେ ସମରା ତାଙ୍କ ସ୍ତ୍ରୀ ସରସ୍ୱତୀ ଓ ଝିଅ ପୁତୁଲିଙ୍କ ସହିତ ଜାଳେଣି କାଠ ସଂଗ୍ରହ ନିମନ୍ତେ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ଜଙ୍ଗଲରେ ସେମାନେ ଦନ୍ତାହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ସମରାଙ୍କୁ ଟେକି କଚାଡ଼ିଦେବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ସରସ୍ୱତୀ ଓ ପୁତୁଲି ପ୍ରାଣ ବିକଳରେ ଦୌଡ଼ି ପଳାଇ ଆସୁଥିବା ବେଳେ ପଡ଼ି ଗୁରୁତର ହୋଇଥିଲେ। ବନ ବିଭାଗ ଓ ରୁଗୁଡି ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ କରୁଛି।

ପ୍ରଥମ ପୃଷ୍ଠାରୁ...

## ଓଡ଼ିଶାର ୩ ଜିଲାରେ...

ଜିଲାର ଯଶୀପୁର, ସୁରିଆଗୁଡ଼ା, ରୁଆଁସି, ଇଡ଼େଲକୁଚା, ମାରେଡ଼ିହି ଓ ସୁଲେଇପାଟ (ଧୁସୁରା ପାହାଡ଼) ଏବଂ ବାଦାମ ପାହାଡ଼ ଅଞ୍ଚଳରେ ସୁନାପଥରର ସନ୍ଧାନ ମିଳିଥିବା ମନ୍ତ୍ରୀ କହିଛନ୍ତି। ରାଜ୍ୟ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ଏବଂ ଭାରତୀୟ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ପ୍ରାରମ୍ଭିକ ଅନୁସନ୍ଧାନ କରାଯାଇ ଇଡ଼େଲକୁଚା, ମାରେଡ଼ିହି ଏବଂ ବାଦାମ ପାହାଡ଼ ଅଞ୍ଚଳରେ ଥିବା ୧ ଟନ୍ ପଥରରେ ୦.୧ରୁ ୨.୬ ଗ୍ରାମ୍ ଯାଏ ସୁନା ଥିବା ଆକଳନ କରାଯାଇଛି। ସେହିପରି ସୁଲେଇପାଟ ଅଞ୍ଚଳରେ ୧୯୭୦ରୁ ୭୧ ମଧ୍ୟରେ ନିର୍ଦ୍ଦେଶାଳୟ ତରଫରୁ ଅନୁସନ୍ଧାନ କରାଯାଇ ଧୁସୁରା ପାହାଡ଼ର ୨.୩କିମି ବ୍ୟାପୀ ଅଞ୍ଚଳରେ ପ୍ରତିଟନ୍ ପଥରରେ ୦.୧ରୁ ୦.୮ ଗ୍ରାମ୍ ଯାଏ ସୁନା ଥିବା ଆକଳନ କରାଯାଇଛି।

## ଆଇଟିଆର୍ ତଥ୍ୟ...

ଓ ଲାପଟପ୍ ଭଳି ୬ଟି ଇଲେକ୍ଟ୍ରୋନିକ୍ ଉପକରଣ ଜବତ କରାଯାଇଛି। ଏସବୁ ଉପକରଣର ଡାଟା ଆନାଲିସିସ୍ ତଥା ଫୋରେନସିକ୍ ଯାଞ୍ଚ ପାଇଁ ନୂଆଦିଲ୍ଲୀ ଓ କୋଲକାତାର ଲାବ୍‌କୁ ପଠାଯାଇଥିବା ସେ ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କ ଆର୍ଥିକ କାରବାର ସମ୍ପର୍କରେ ଯାଞ୍ଚ ଆରମ୍ଭ ହୋଇଥିବା ବେଳେ ଏନେଇ ବିଭିନ୍ନ ବ୍ୟାଙ୍କ ସହ ଯୋଗାଯୋଗ କରାଯାଇଛି। ଏହାବ୍ୟତୀତ ଅନ୍ୟ ବୈଷୟିକ ତଥ୍ୟ ବାବଦରେ ରିମାଣ୍ଡ ଅବଧି ଶେଷ ହେବା ପୂର୍ବରୁ ଖୋଳତାଡ଼ କରାଯିବ। ଏହାସତ୍ତ୍ୱେ ଆବଶ୍ୟକ ପଡ଼ିଲେ ଅଭିଯୁକ୍ତଙ୍କ ରିମାଣ୍ଡ ବଢାଇବାକୁ କୋର୍ଟଙ୍କ ନିକଟରେ ଆବେଦନ କରାଯିବ। ହନିଟ୍ରାପ୍ ମାଧ୍ୟମରେ ପାକିସ୍ତାନୀ ଏଜେଣ୍ଟଙ୍କୁ ପ୍ରତିରକ୍ଷା ବିଭାଗର ଗୁପ୍ତତଥ୍ୟ ଲିକ୍ ଘଟଣାରେ ଅଭିଯୁକ୍ତଙ୍କ ସହ ଅନ୍ୟ କେଉଁମାନେ ଯୋଗାଯୋଗରେ ଥିଲେ ସେ ସମ୍ପର୍କରେ ତଥ୍ୟ ସଂଗ୍ରହ ପାଇଁ ଆନ୍ଧ୍ରର ଗୋଇନ୍ଦା ଟିମ୍ ବାଲେଶ୍ୱରରେ ପହଞ୍ଚିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ମିଳିଥିବା ତଥ୍ୟ ଅନୁଯାୟୀ ଏହି ଘଟଣାର ଚେର କେତେ ଯାଏ ଲମ୍ବିଛି, କେଉଁ ଅଞ୍ଚଳରୁ ବ୍ୟକ୍ତିମାନେ ଏହି ଘଟଣାରେ ସମ୍ପୃକ୍ତ ଅଛନ୍ତି, ଦେଶ ମଧ୍ୟରେ ଏହାର ଲିଙ୍କ୍ କେଉଁଠି ରହିଛି ଅଥବା ବିଦେଶୀ ଲିଙ୍କ୍‌ରେ କିଏ କିଏ ରହିଛନ୍ତି, ସମସ୍ତ ତଥ୍ୟକୁ ଆଧାରଭୁକ୍ତ କରିବା ପାଇଁ ତଦନ୍ତକାରୀ ଦଳ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଆବଶ୍ୟକ ଅନୁଯାୟୀ ରାଜ୍ୟ ପୋଲିସର କ୍ରାଇମବ୍ରାଞ୍ଚ ଅଥବା ଏନ୍‌ଆଇଏ ଭଳି କେନ୍ଦ୍ରୀୟ ଅନୁସନ୍ଧାନ ବିଭାଗକୁ ମଧ୍ୟ ଏଥିରେ ସାମିଲ ହେବା ପାଇଁ ଚିଠି ଲେଖାଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ବାବୁରାମ କେବଳ ଅଶ୍ଳୀଳ ଫଟୋ ଓ ଭିଡିଓ ପାଇଁ ପ୍ରତିରକ୍ଷା ବିଭାଗର ଗୁପ୍ତ ତଥ୍ୟ ପାକିସ୍ତାନୀ ଯୁବତୀଙ୍କୁ ହସ୍ତାନ୍ତର କରିଛନ୍ତି ନା ଏ ବାବଦରେ ଅନ୍ୟ କିଛି ଉଦ୍ଦେଶ୍ୟ ଥିଲା ସେନେଇ ପୋଲିସ ଓ ଅନ୍ୟାନ୍ୟ ଗୋଇନ୍ଦା ସଂସ୍ଥା ତଥ୍ୟ ସଂଗ୍ରହ ପାଇଁ ଉଦ୍ୟମ ଜାରି ରଖିଛନ୍ତି।

## ଓଡ଼ିଶା ଶ୍ରେଷ୍ଠ କ୍ରୀଡ଼ା...

ଜନସାଧାରଣଙ୍କୁ ଉତ୍ସର୍ଗ କରିବା ସହ ହିନ୍ଦୁ ଗ୍ରୁପ୍ ତଥା ସ୍ପୋର୍ଟସ୍ ଷ୍ଟାର୍‌କୁ ଧନ୍ୟବାଦ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଶ୍ୱ କ୍ରୀଡ଼ା କ୍ଷେତ୍ରରେ କ୍ରୀଡ଼ାବିତ୍‌ମାନଙ୍କ ଅବଦାନକୁ ମର୍ଯ୍ୟାଦା ପ୍ରଦାନ କରିବା କ୍ଷେତ୍ରରେ ଏହି କାର୍ଯ୍ୟକ୍ରମ ଏକ ସୁନ୍ଦର ପ୍ଲାଟଫର୍ମ। ଏହା ଆମର ଆଗାମୀ ଦିନର ପ୍ରତିଭାବାନ କ୍ରୀଡ଼ାବିତ୍‌ଙ୍କୁ ମଧ୍ୟ ପ୍ରୋତ୍ସାହିତ କରିବ। କ୍ରୀଡ଼ା କ୍ଷେତ୍ରରେ ଆମେ ବିପୁଳ ସମ୍ବଳ ବିନିଯୋଗ କରୁଛୁ। କାରଣ ଯୁବସମାଜ ପାଇଁ ସମ୍ବଳ ବିନିଯୋଗ କରିବା ଅର୍ଥ ହେଉଛି, ଆମ ଭବିଷ୍ୟତ ପାଇଁ ସମ୍ବଳର ବିନିଯୋଗ। ଗତ ୫ ବର୍ଷ ମଧ୍ୟରେ ଆମ କ୍ରୀଡ଼ା ବଜେଟ ୧୦ ଗୁଣ ବଢ଼ିଛି। ଆସନ୍ତା ଆର୍ଥିକ ବର୍ଷରେ ଏହା ୧୨୦୦ କୋଟିରୁ ଅଧିକ ରହିଛି। ହକି ବିଶ୍ୱକପ୍ ସହିତ ଆମେ ଅନେକ ଆନ୍ତର୍ଜାତିକ ଟୁର୍ନାମେଣ୍ଟକୁ ସଫଳତାର ସହ ଆୟୋଜନ କରିଛୁ। ଖେଳାଳିମାନଙ୍କ ପାଇଁ ଆମେ ବିଶ୍ୱସ୍ତରୀୟ ଭିତ୍ତିଭୂମି ସୁବିଧା ନିର୍ମାଣ କରିବା ସହିତ ବିଭିନ୍ନ ହାଇ ପରଫରମାନ୍ସ ସେଣ୍ଟର ଓ ପ୍ରତିଯୋଗିତା ଜରିଆରେ ଖେଳାଳିଙ୍କ ପ୍ରତିଭାକୁ ବିକଶିତ କରିବା ପାଇଁ ଉଦ୍ୟମ କରୁଛୁ। କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶାର ଜୟଯାତ୍ରାରେ ସାମିଲ ହେବାକୁ ସେ ସମସ୍ତଙ୍କୁ ନିବେଦନ କରିଛନ୍ତି। ଅଲିମ୍ପିକ୍ସରେ ଦେଶର ପତାକାକୁ ଉଚ୍ଚ ରଖିବା ହେଉଛି ସବୁ ଭାରତୀୟଙ୍କ ସାମୂହିକ ସ୍ୱପ୍ନ। ଏଥିପାଇଁ ଆମେ ସମସ୍ତେ ମିଶି ଉଦ୍ୟମ କରି ଏହାକୁ ବାସ୍ତବତାରେ ପରିଣତ କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୨୦୨୨ରେ ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ମେଡାଲ ଜିତି ଗୌରବ ଆଣିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଭୁବନେଶ୍ୱର ଓ ରାଉରକେଲାରେ ଏଫ୍‌ଆଇଏଚ୍ ପୁରୁଷ ବିଶ୍ୱକପ୍ ହକି-୨୦୨୩ର ସଫଳ ଆୟୋଜନ ଯୋଗୁ କ୍ରୀଡ଼ା ଦୁନିଆରେ ଓଡ଼ିଶା ସମସ୍ତଙ୍କର ଆକର୍ଷଣର କେନ୍ଦ୍ର ହେବା ସହିତ ସମ୍ମାନର ପାତ୍ର ହୋଇପାରିଛି। ୨୦୨୨ରେ ଓଡ଼ିଶା ଅନେକ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।




# ଏମ୍‌ବିବିଏସ୍ ପିଜି ସିଟ୍ ୨୫୦କୁ ବୃଦ୍ଧି

**ବ୍ରହ୍ମପୁର ଅଫିସ, ୨୭।୨**

## ଏମ୍‌କେସିଜିରେ ଏନ୍‌ଏମ୍‌ସି ଟିମ୍

ନ୍ୟାଶନାଲ୍ ମେଡିକାଲ୍ କମିଶନ(ଏନ୍‌ଏମ୍‌ସି)ର ଏକ ୭ ଜଣିଆ ଟିମ୍ ସୋମବାର ବ୍ରହ୍ମପୁର ବଡ଼ ମେଡିକାଲ କଲେଜ ଓ ହସ୍ପିଟାଲ ପରିଦର୍ଶନରେ ଆସି ଏମ୍‌ବିବିଏସ୍ ପିଜି ସିଟ୍ ୨୫୦କୁ ବୃଦ୍ଧି ପାଇଁ ଚୂଡ଼ାନ୍ତ ପର୍ଯ୍ୟାୟ ସମୀକ୍ଷା କରିଛନ୍ତି। ଏହି ଟିମ୍‌ରେ ତେଲଙ୍ଗାନା ସରକାରୀ ମେଡିକାଲ କଲେଜ ଆନାଟୋମି ବିଭାଗ ପ୍ରଫେସର ଡା. ଅନିଲ ଶିବ ଶଙ୍କର ରାହୁଲ, ହାଇଦ୍ରାବାଦ ଏଆଇଆଇଏମ୍‌ସି ଫିଜିଓଲୋଜି ବିଭାଗ ପ୍ରଫେସର ଡା. ନୀତୀନ ଜୋନ୍, ସିକନ୍ଦରାବାଦ ଗାନ୍ଧୀ ମେଡିକାଲ କଲେଜ ପାଥୋଲୋଜି ବିଭାଗ ପ୍ରଫେସର ଡା. ଦେବୋଜୀ ଏବଂ ହାଇଦ୍ରାବାଦ ନିଜାମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ନେଫ୍ରୋଲୋଜି ବିଭାଗ ପ୍ରଫେସର ଡା. ଡି. ଶ୍ରୀଭୂଷଣ ରାଜୁ ରହିଛନ୍ତି। ଉକ୍ତ ଟିମ୍ ସହ ଏମ୍‌କେସିଜି ମେଡିକାଲ କଲେଜ ଅଧୀକ୍ଷକ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର, ଅଧ୍ୟକ୍ଷ ଅବନୀ କାନ୍ତ ମିଶ୍ର ଓ ବିଭାଗୀୟ ଅଧିକାରୀମାନେ ସାମିଲ ଥିଲେ।

ସେହିପରି ନୂତନ ଭାବେ ୟୁରୋଲୋଜି ବିଭାଗରେ ପିଜି ଖୋଲିବା ନେଇ ବିଭାଗୀୟ ପ୍ରଫେସରଙ୍କ ସହିତ ଆଲୋଚନା କରିଛନ୍ତି। ଏହି ବିଭାଗରେ ୩ ସିଟରେ ପିଜି ନାମଲେଖା ଆରମ୍ଭ କରିବା ପାଇଁ ଏମ୍‌କେସିଜି କର୍ତ୍ତୃପକ୍ଷ ଏନ୍‌ଏମ୍‌ସିକୁ ପ୍ରସ୍ତାବ ଦେଇଥିଲେ। ସେହି ପ୍ରସ୍ତାବ ଅନୁସାରେ ଟିମ୍ ବିଭିନ୍ନ ଦିଗ ଉପରେ ଅନୁଧ୍ୟାନ କରିଛନ୍ତି। ସେହିଭଳି ଆନାଟୋମି ଏବଂ ମାନସିକ ରୋଗ ବିଭାଗରେ ଆରମ୍ଭ ହୋଇଥିବା ପିଜି ନାମଲେଖାକୁ ଚଳିତ ଶିକ୍ଷାବର୍ଷରେ ପୁନଃ ଅନୁମତି ପ୍ରଦାନ ଦିଗରେ ମଧ୍ୟ ଟିମ୍ ଆଲୋଚନା କରିଛନ୍ତି।




ଏମ୍‌କେସିଜି ଗସ୍ତରେ ଏନ୍‌ଏମ୍‌ସି ଟିମ୍।

### ୟୁରୋଲୋଜି ବିଭାଗରେ ପିଜି ଖୋଲିବା ନେଇ ଆଲୋଚନା

ସେହିପରି ୟୁରୋଲୋଜି ବିଭାଗ ପିଜି ନାମଲେଖା ପାଇଁ ଥିବା ଭିତ୍ତିଭୂମି ମଧ୍ୟ ଯାଞ୍ଚ କରାଯାଇଛି। ଏନ୍‌ଏମ୍‌ସିର ଏହି ଟିମ୍‌ରେ ବେଙ୍ଗାଲୁରୁର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନେଫ୍ରୋ-ୟୁରୋଲୋଜି ବିଭାଗ ପ୍ରଫେସର ଡା. ଶିବାଲିଙ୍ଗ ଏମ୍., ଅହମ୍ମଦାବାଦ ମ୍ୟୁନିସିପାଲ୍ କର୍ପୋରେଶନ ମେଡିକାଲ ଏଜୁକେଶନ୍ ଟ୍ରଷ୍ଟ ଓ କଲେଜ ଆନାଟୋମି ବିଭାଗ ପ୍ରଫେସର ଡା. ଦୀପା ଗୁପ୍ତା ଏବଂ ତିରୁପତିସ୍ଥିତ ଶ୍ରୀ ଭେଙ୍କଟେଶ୍ୱର ମେଡିକାଲ କଲେଜ ମାନସିକ ରୋଗ ବିଭାଗ ପ୍ରଫେସର ଡା. ଏନ୍. ନାଗେଶ୍ୱର ରାଓ ଭିତ୍ତିଭୂମି ଯାଞ୍ଚ କରିଥିଲେ।

# ପୁଅ ଗୁଳିମାଡ଼ରେ ବାପା ମୃତ

**ଗୁଣପୁର, ୨୭।୨(ଡି.ଏନ୍.ଏ.)**

## ପାରିବାରିକ କଳହର କୁପରିଣତି

ରାୟଗଡା ଜିଲା ଗୁଣପୁର ବ୍ଲକ କୁଲୁସିଂ ପଞ୍ଚାୟତ ଗୁଡି ଗ୍ରାମରେ ରବିବାର ପାରିବାରିକ କଳହର ଏକ କୁପରିଣତି ଦେଖିବାକୁ ମିଳିଛି। ପୁଅ ଗୁଳିମାଡ଼ରେ ବାପାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କାନ୍ତିନ ଦଳବେହେରା (୬୦)। ଅଭିଯୁକ୍ତ ପୁଅ ମେଜନ ଦଳବେହେରା(୩୨)ଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ଦେଶୀ ବନ୍ଧୁକକୁ ଜବତ କରାଯାଇଛି।

ପ୍ରକାଶ ଯେ, କୌଣସି ଏକ କଥାକୁ ନେଇ ରବିବାର ବାପ-ପୁଅଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ପୁଅ ମେଜନ ଉତ୍ତ୍ୟକ୍ତ ହୋଇ ଘରୁ ଦେଶୀ ବନ୍ଧୁକ ଆଣି ବାପାଙ୍କ ଉପରକୁ ଗୁଳି ଚଳାଇଥିଲେ। ଫଳରେ ଘଟଣାସ୍ଥଳରେ କାନ୍ତିନଙ୍କ ମୃତ୍ୟୁ ଘଟିଥିଲା। ହତ୍ୟାକାଣ୍ଡ ସମ୍ପର୍କରେ ପୁଟାସିଂ ପୋଲିସ ଖବରପାଇ ସେଠାରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପୋଲିସ ଏ ନେଇ ଥାନାରେ ନଂ.୩/୨୦୨୩ରେ ଦଫା ୩୦୨,୨୫/୨୭ ଆର୍ମସ ଆକ୍ଟରେ ମାମଲା ରୁଜୁ କରିଥିଲା। ମେଜନଙ୍କୁ ଥାନାକୁ ଆଣି ପଚରାଉଚରା ଚାଲିଥିବା ବିଷମକଟକ ଏସ୍‌ଡିପିଓ ତଥା ଗୁଣପୁର ଭାରପ୍ରାପ୍ତ ଏସ୍‌ଡିପିଓ ଆକାଶ ସାହୁ ସୂଚନା ଦେଇଛନ୍ତି। ଡିଏସ୍‌ପି ଅସିତ ମହାନ୍ତି ଘଟଣାର ତଦନ୍ତ ଭାର ନେଇଛନ୍ତି। ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

# ପୂର୍ବତନ ପିଇଓ, ସରପଞ୍ଚଙ୍କୁ ଜେଲ

## ସରକାରୀ ଅର୍ଥ ଆତ୍ମସାତ୍ ମାମଲା

**ଫୁଲବାଣୀ ଅଫିସ, ୨୭।୨**

ଏକ ସରକାରୀ ଅର୍ଥ ଆତ୍ମସାତ ମାମଲାର ବିଚାର କରି ସୋମବାର କନ୍ଧମାଳ ଜିଲା ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଘଟଣାରେ ସମ୍ପୃକ୍ତ ଥିବା ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ଙ୍କୁ ୪ ବର୍ଷ ଏବଂ ସରପଞ୍ଚଙ୍କୁ ୨ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତଦ୍ୱୟ ହେଲେ ବୌଦ୍ଧ ଜିଲା ଖୁଣ୍ଟବନ୍ଧ ପଞ୍ଚାୟତର ପୂର୍ବତନ ନିର୍ବାହୀ ଅଧିକାରୀ ଗୌରହରି ସାହୁ ଓ ସରପଞ୍ଚ ସୌମିତ୍ରୀ ମିଶ୍ର। ଉଭୟଙ୍କୁ ୧୦ ହଜାର ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ରହିଛି। ପ୍ରକାଶ ଯେ, ବୌଦ୍ଧ ଜିଲା ଗୁରୁସିଂହା ଗ୍ରାମର ଗୌରହରି ଖୁଣ୍ଟବନ୍ଧ ପଞ୍ଚାୟତରେ ପିଇଓ ଭାବେ କାର୍ଯ୍ୟରତ ଥିଲେ। ୨୦୦୬-୦୭ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ରାସ୍ତା ଏବଂ ବନ୍ଧ ନିର୍ମାଣ ପାଇଁ ଆସିଥିବା ୪,୦୪,୨୨୩ ଟଙ୍କା ଆସିଥିଲା। ହେଲେ କୌଣସି କାମ ନ ହୋଇ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଥିଲା।

## ଗୋପାଳ ଭଲ...

କରାଯାଇ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଯାଞ୍ଚ କରାଯାଇଥିଲା। ମେଡିକାଲ ବିଶେଷଜ୍ଞ ଟିମ୍‌ର ରିପୋର୍ଟ ଅନୁସାରେ ଗୋପାଳଙ୍କ ଦୀର୍ଘ ଦିନ ଧରି ମାନସିକ ଅବସ୍ଥା ଭଲ ନ ଥିବା ଜଣାପଡ଼ିଛି। ଯଦି ଜଣେ ଲୋକ ଦୀର୍ଘଦିନ ଧରି ମାନସିକ ରୋଗରେ ପୀଡ଼ିତ, ତାହେଲେ ତାଙ୍କୁ କିପରି କାର୍ଯ୍ୟ ଦକ୍ଷତା ପାଇଁ ଏକାଧିକବାର ପୁରସ୍କୃତ କରାଗଲା, ସେନେଇ ଭାଜପା ଏବେ ପ୍ରଶ୍ନ କରିଛି। ସରକାର ପ୍ରଥମେ ଗୋପାଳ ମାନସିକ ରୋଗୀ କିମ୍ବା ଭଲ ତାହା ଏବେ ପ୍ରମାଣ କରନ୍ତୁ ବୋଲି ଭାଜପା କହିଛି।

## ନାଗାଲାଣ୍ଡ-ତ୍ରିପୁରାରେ...

ପାଇବାକୁ ଥିବାବେଳେ ବାମଦଳକୁ ୯ରୁ ୧୬ ଆସନରେ ସୀମିତ ରହିବାକୁ ପଡ଼ିବ। ଟାଇମ୍ସ ନାଓ-ଇଟିଜି ରିସର୍ଚ୍ଚ ଅନୁଯାୟୀ, ଭାଜପା ୨୧ରୁ ୨୭ ଆସନ ପାଇବାକୁ ଥିବାବେଳେ ବାମଦଳ ୧୮ରୁ ୨୪ ଆସନ ପାଇବ। ଜି ନ୍ୟୁଜ-ମାଟ୍ରିକ୍ସ ସର୍ଭେ ଅନୁଯାୟୀ, ଭାଜପା ୨୯ରୁ ୩୬, ବାମଦଳ ୧୩ରୁ ୨୧ ଆସନ ପାଇବ। କଂଗ୍ରେସ ଗୋଟିଏ ହେଲେ ଆସନ ଜିତିବ ନାହିଁ ବୋଲି ସମସ୍ତ ସଂସ୍ଥା ଆକଳନ କରିଛନ୍ତି। ମୋଟାମୋଟି ଭାବେ ଏହି ବିଧାନସଭାରେ ଭାଜପା ୩୨ ଏବଂ ବାମଦଳ ମେଣ୍ଟକୁ ୧୫ ଆସନ ମିଳିବ ବୋଲି ପୋଲ୍ ଅଫ୍ ଏକ୍‌ଜିଟ୍ ପୋଲ୍‌ସରେ କୁହାଯାଇଛି।

୬୦ ଆସନ ବିଶିଷ୍ଟ ନାଗାଲାଣ୍ଡ ବିଧାନସଭାରେ ଭାଜପା-ଏନ୍‌ଡିପିପି (ନ୍ୟାଶନାଲିଷ୍ଟ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ପାର୍ଟି) ମେଣ୍ଟକୁ ୩୮ରୁ ୪୮ ଆସନ ମିଳିବ ବୋଲି ଇଣ୍ଡିଆ ଟୁଡେ-ଆକ୍ସିସ୍ ମାଇଁ ଇଣ୍ଡିଆ କହିଥିବାବେଳେ ଏହି ମେଣ୍ଟକୁ ୩୫ରୁ ୪୫ ସିଟ୍ ମିଳିବ ବୋଲି ଜାନ୍ କୀ ବାତ୍ ଆକଳନ କରିଛି। ସେହିପରି ଟାଇମ୍ସ ନାଓ ୩୯ରୁ ୪୯ ଆସନ ଆକଳନ କରିଥିବାବେଳେ ୩୫ରୁ ୪୩ ଆସନ ମିଳିବ ବୋଲି ଜି ନ୍ୟୁଜ୍-ମାଟ୍ରିକ୍ସ ପୂର୍ବାନୁମାନ କରିଛି। ଅନ୍ୟପକ୍ଷରେ ଏନ୍‌ପିଏଫ୍ (ନାଗା ପିପୁଲ୍ସ ଫ୍ରଣ୍ଟ) ଏହି ରାଜ୍ୟରେ ୨ରୁ ୧୦ ଆସନ ମଧ୍ୟରେ ସୀମିତ ରହିବାକୁ ଥିବାବେଳେ କଂଗ୍ରେସକୁ ୧ରୁ ୩ ଆସନ ମିଳିପାରେ। ପୋଲ୍ ଅଫ୍ ଏକ୍‌ଜିଟ୍ ପୋଲ୍‌ସ ଅନୁଯାୟୀ, ଭାଜପା ମେଣ୍ଟକୁ ନାଗାଲାଣ୍ଡ ବିଧାନସଭାରେ ୪୨ ଆସନ ମିଳିବାକୁ ଥିବାବେଳେ କଂଗ୍ରେସକୁ ୧ ଏବଂ ଏନ୍‌ପିଏଫ୍‌କୁ ୬ ଆସନ ମିଳିବ।

ଅନ୍ୟପକ୍ଷରେ ମେଘାଳୟରେ କଡ଼ା ଟକ୍କର ହୋଇଥିବା ବୁଥ୍‌ଫେରନ୍ତା ଜନମତ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ସେଠାରେ ୬୦ ଆସନରୁ ୫୯ଟିରେ ଭୋଟଗ୍ରହଣ କରାଯାଇଥିଲା। ଇଣ୍ଡିଆ ଟୁଡେ-ଆକ୍ସିସ୍ ମାଇଁ ଇଣ୍ଡିଆ ରିପୋର୍ଟରେ ଭାଜପାକୁ ୪ରୁ ୮ ଆସନ ମିଳିବାକୁ ଥିବାବେଳ କଂଗ୍ରେସକୁ ୬ରୁ ୧୨ ଏବଂ ଏନ୍‌ପିପିକୁ ୧୮ରୁ ୨୪ ଆସନ ମିଳିବ ବୋଲି କୁହାଯାଇଛି। ଜାନ୍ କୀ ବାତ୍‌ରେ ଭାଜପା ୩-୭, କଂଗ୍ରେସ ୬ରୁ ୧୧ ଏବଂ ଏନ୍‌ପିପି ୧୧ରୁ ୧୬ ଆସନ ପାଇବ ବୋଲି ଆକଳନ କରାଯାଇଛି। ଟାଇମ୍ସ ନାଓ ପୂର୍ବାନୁମାନ ଅନୁଯାୟୀ ଭାଜପାକୁ ୩ରୁ ୬ ଆସନ ମିଳିବାକୁ ଥିବାବେଳେ କଂଗ୍ରେସକୁ ୨ରୁ ୫ ଏବଂ ଏନ୍‌ପିପିକୁ ୧୮ରୁ ୨୬ ଆସନ ମିଳିବ। ସେହିପରି ଜି ନ୍ୟୁଜ୍-ମାଟ୍ରିକ୍ସ ଅନୁଯାୟୀ ଭାଜପାକୁ ୬ରୁ ୧୧, କଂଗ୍ରେସକୁ ୩ରୁ ୬ ଏବଂ ଏନ୍‌ପିପିକୁ ୨୧ରୁ ୨୬ ଆସନ ମିଳିବ ବୋଲି କୁହାଯାଇଛି। ପୋଲ୍ ଅଫ୍ ଏକ୍‌ଜିଟ୍ ପୋଲ୍‌ସ ଅନୁଯାୟୀ ଭାଜପା ଏବଂ କଂଗ୍ରେସ ୬ଟି ଲେଖାଏ ଆସନ ପାଇବାକୁ ଥିବାବେଳେ ଏନ୍‌ପିପିକୁ ୨୦ ଆସନ ମିଳିବ। ତେବେ ତ୍ରିପୁରାରେ ରାଜ ପରିବାରର ପ୍ରଦ୍ୟୋତ କିଶୋର ଦେବବର୍ମା ଗ୍ରେଟର ଟିପ୍ରାଲାଣ୍ଡ ଦାବି ନେଇ ଗଠନ କରିଥିବା ଟିପ୍ରା ମୋଥା ଦଳ ୧୨ଟି ଆସନ ପାଇପାରେ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ଗତ ୧୬ ତାରିଖରେ ତ୍ରିପୁରା ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ସୋମବାର ମେଘାଳୟ ଓ ନାଗାଲାଣ୍ଡ ବିଧାନସଭା ଲାଗି ମତଦାନ ହୋଇଥିଲା। ମାର୍ଚ୍ଚ ୨ରେ ଭୋଟଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କଠୋର ଶ୍ରମଜନିତ କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତହେବା ସମ୍ଭାବନା ରହିଛି। ଅଶ୍ୱିନୀ ନକ୍ଷତ୍ର ସକାଶେ ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇ ପାରିବାରିକ ଶାନ୍ତି ନଷ୍ଟ ହୋଇପାରେ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିବ। ବ୍ୟବସାୟିକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲରେ ବିତିବ।

**ବୃଷ** – ସମସ୍ୟା ମଧ୍ୟରେ ଗତିକରି ମାନସିକ ସ୍ଥିତି ବିଶେଷ ଭଲ ରହିବ ନାହିଁ। ଆବଶ୍ୟକତା ପୂରଣ ସକାଶେ ଅର୍ଥ ସଂଗ୍ରହ କରିବାକୁ ପ୍ରଚେଷ୍ଟା ଫଳବତୀ ହେବ। ଅଫିସ୍‌ରେ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ମିଥୁନ** – ସହକର୍ମୀ ବିବାଦଗ୍ରସ୍ତ କରି କାର୍ଯ୍ୟକୁ ସାମୟିକ ଅଟକାଇ ଦେଇପାରନ୍ତି। ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବାରୁ ବ୍ୟସ୍ତତା ବୃଦ୍ଧି ପାଇବ। ଅନ୍ୟମାନଙ୍କ ସହ ତୁଳନାତ୍ମକ ବିଚାର ଦ୍ୱାରା ନିଜକୁ ହେୟ ମନେକରିପାରନ୍ତି। ମୃଗଶିରା ନକ୍ଷତ୍ର ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡ଼ିବ।

**କର୍କଟ** – ସାମୟିକ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯାଇପାରେ। ଆର୍ଥିକ ଅନଟନ ରହିଥିଲେ ମଧ୍ୟ ପରିସ୍ଥିତିକୁ ସମ୍ଭାଳି ନେବେ। ପୂର୍ବ ନିର୍ଦ୍ଧାରିତ ଯାତ୍ରା ଓ ମାଙ୍ଗଳିକ କାମରୁ ଖୁସି ରହିବେ। ଆଜିର ପରିଶ୍ରମ ତୁଳନାରେ ପାରିଶ୍ରମିକ କମ୍ ହେବ।

**ସିଂହ** – ଉପରିସ୍ଥ କର୍ମଚାରୀଙ୍କ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେନାହିଁ। ବ୍ୟବସାୟ କ୍ଷେତ୍ରରୁ ଅଂଶଧନ ହିସାବରେ ଅଧିକ ଧନ ପାଇ ଖୁସି ହେବେ। ତଥାପି ପାରିବାରିକ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବ। ଆକସ୍ମିକ ଭାବରେ ଦୂରଯାତ୍ରା କରିବାକୁ ପଡ଼ିପାରେ।

**କନ୍ୟା** – କହିଥିବା ପ୍ରକାରେ ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡ଼ିବେ। ଦୀର୍ଘଦିନର ଆଶା ପୂରଣ ହେବା ସାଙ୍ଗକୁ ସମ୍ପର୍କୀୟଙ୍କ ଶୁଭ ସୂଚନାରୁ ଖୁସି ହେବେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ନୂତନ କର୍ମସଂସ୍ଥାନ ପାଇଁ ମନ ବଳାଇପାରନ୍ତି।

**ତୁଳା** – ଆଜି ଅର୍ଥ ଓ ସମ୍ମାନ ପାଇବା ସାଙ୍ଗକୁ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ସାମାଜିକ ସ୍ତରରେ ନିଜ ପରିସରରେ ପ୍ରତିଷ୍ଠିତ ହେବେ। ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। ସ୍ୱାତୀ ନକ୍ଷତ୍ର ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ବିଛା** – ପ୍ରତିବନ୍ଧକ କାରଣରୁ ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ। ପରିବାରରେ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ଆଶା ପୂରଣ ହୋଇଯିବାରୁ ଅନୁରାଧା ନକ୍ଷତ୍ରର ମାନସିକ ଅବସାଦ ଦୂରହେବ।

**ଧନୁ** – ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଅବଶ୍ୟ ଉପକାର ମିଳିବ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି, ଏଣୁ ସାବଧାନ ରହିବା ଭଲ। ନୀଚ ସଂସର୍ଗରୁ ଦୂରେଇ ନ ରହିଲେ ପରୋକ୍ଷ ସମାଲୋଚନାରୁ ବାଦ୍ ପଡ଼ିବେ ନାହିଁ। ନିର୍ମାଣାଧୀନ କାମ, ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ।

**ମକର** – ଆଜିର ସକାଳ ଯାତ୍ରା ବେଶ୍ ପ୍ରତିପ୍ରଦ ରହିବ। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ। ଅଫିସ୍‌ରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। କିଛି କହି ନ ପାରିଲେ ମଧ୍ୟ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ।

**କୁମ୍ଭ** – ଆଶା କରିଥିବା ଖବରଟି ପଡ଼ୋଶୀଙ୍କଠାରୁ ପାଇ ଖୁସି ହେବେ। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। ସହକର୍ମୀମାନଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମୀନ** – ବିଭିନ୍ନ ପ୍ରକାର ଅତୀତ ଦୁଶ୍ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଧାତୁ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଅନ୍ୟର ଉପକାର ଚିନ୍ତାକରି ସମସ୍ୟା ଜାଲରେ ପଡ଼ିବେ। କୌଣସି କାମରେ ଅଧୈର୍ଯ୍ୟ ନ ହୋଇ ସମୟକୁ ଅପେକ୍ଷା କରନ୍ତୁ ବିଳମ୍ବ ହେଲେ ମଧ୍ୟ କାର୍ଯ୍ୟ ସାଧିତ ହେବ।

ଆଜି ଫାଲ୍‌ଗୁନ ଶୁକ୍ଳ ନବମୀ ମଙ୍ଗଳବାର, ଫେବୃୟାରୀ ୨୮ ତାରିଖ, ରାଷ୍ଟ୍ରୀୟ ବିଜ୍ଞାନ ଦିବସ, ଡ. ରାଜେନ୍ଦ୍ର ପ୍ରସାଦ, ବୀର ସୁରେନ୍ଦ୍ର ସାଏଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର- ମୃଗଶିରା/ବୃଷ, ନବମୀର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୯।୦୫ ଗତେ, ଘ.୧୦।୪୯ ମଧ୍ୟେ, ଘ.୦୧।୦୯ ଗତେ, ଘ.୦୧।୨୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୫୩ ଗତେ, ଘ. ୦୪।୨୦ ମଧ୍ୟେ ରାହୁକାଳ।

# ଗ୍ରାହକସେବାକୁ ଗୁରୁତ୍ୱ

**ଗାଡ଼ି ସର୍ଭିସ୍ ସେଣ୍ଟରରୁ ଶୋ ରୁମ୍ ମାଲିକ ପର୍ଯ୍ୟନ୍ତ ଯାତ୍ରା ଯେତିକି କଷ୍ଟ ଥିଲା, ତାହା ବର୍ଣ୍ଣନା କରିବା ସହଜ ନୁହେଁ। ହେଲେ ବହୁ ଘାତପ୍ରତିଘାତ ପରେ ଅନେକ ସଫଳତା ମଧ୍ୟ ମିଳିଛି। ବିଶେଷ କରି ଗାଡି ସର୍ଭିସ ସେଣ୍ଟର ପରେ ୩ଚକିଆ ଯାନର ଡିଲରଶିପ୍ ମିଳିଲା। ଏହାପରେ ୨ଚକିଆ ଓ ୪ଚକିଆ ଯାନର ଡିଲରଶିପ୍‌ରେ ପାଦ ଥାପିଛୁ। ଏପରିକି ଗ୍ରାହକ ସେବାକୁ ସର୍ବଦା ଗୁରୁତ୍ୱ ଦେଇ ଲକ୍ଷ୍ୟ ପଥରେ ଅଗ୍ରସର ହେଉଥିବା ସଫଳ ଯୁବଦ୍ୟୋଗୀ ତଥା ସିଦ୍ଧିଲକ୍ଷ୍ମୀ ମହିନ୍ଦ୍ରାର ଡାଇରେକ୍ଟର ରାଜ୍ କୁମାର ଅଗ୍ରୱାଲଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତକାର...**


ରାଜ୍ କୁମାର ଅଗ୍ରୱାଲ

**୧-ପ୍ର: କୋଭିଡ ପରବର୍ତ୍ତୀ ମାନ୍ଦାବସ୍ଥାକୁ କିଭଳି ଭାବେ ସାମ୍ନା କରୁଛନ୍ତି?**
ଉ- କୋଭିଡ୍ ସମୟ ବେଶ୍ କଷ୍ଟସାଧ୍ୟ ଥିଲା। ମହାମାରୀ ସମୟରେ ପ୍ରଥମେ ନିଜକୁ ରକ୍ଷା କରି ଏତେବଡ଼ ପରିବାର(କର୍ମଚାରୀ)ଙ୍କ କଥା ଚିନ୍ତା କରିବା କଷ୍ଟକର ଥିଲା। ବିଶେଷ କରି ସେମାନଙ୍କ ସୁବିଧା ଅସୁବିଧା ବୁଝିବା ସହ କିଭଳି ଭାବେ ସେମାନେ ସ୍ୱାଭାବିକ୍ ଜୀବନ ବଞ୍ଚିବେ ସେନେଇ ମଧ୍ୟ ଭାବିବାକୁ ପଡୁଥିଲା। ଆଉ ଏହାପରେ ବ୍ୟବସାୟ ଦୟନୀୟ ଅବସ୍ଥାରେ ଚାଲିଛି। ଏଭଳି କି ଗାଡ଼ି ଶୋ ରୁମ୍‌ରେ ମହଜୁଦ୍ ରହୁଥିଲା କିନ୍ତୁ ବ୍ୟାଙ୍କ ଋଣ ଛାଡୁ ନ ଥିଲା। ଏହାପରେ କମ୍ପାନୀର ସମ୍ପୂର୍ଣ୍ଣ ସହଯୋଗ ମିଳିଲା। ଏଥିସହ ଗାଡ଼ିର ବିଭିନ୍ନ ଉପକରଣ ଉପରେ ମଧ୍ୟ କମ୍ପାନୀର ସହାୟତା ରହିଲା।

**୨-ପ୍ର: ଅଟୋମୋବାଇଲ ଇଣ୍ଡଷ୍ଟ୍ରିର କେଉଁ ସବୁ ପ୍ରମୁଖ ସମସ୍ୟା ରହିଛି?**
ଉ- ଦେଶରେ ପ୍ରଥମେ ଗାଡ଼ିର ମୁଖ୍ୟ ସାମଗ୍ରୀ କୁହାଯାଉଥିବା ଚିପ୍ ଓ କଣ୍ଡକ୍ଟର ବିଦେଶରୁ ଆସୁଥିଲା। ବର୍ତ୍ତମାନ ଏହା ମେକ୍ ଇନ୍ ଇଣ୍ଡିଆ ଜରିଆରେ ଭାରତରେ ନିର୍ମାଣ କରାଯାଉଛି ଆଉ ସମ୍ପୂର୍ଣ୍ଣ ଭାବେ ଏହାର ନିର୍ମାଣ ହେଉନଥିଲେ ମଧ୍ୟ ଧୀରେ ଧୀରେ ବ୍ୟବସ୍ଥା କରାଯାଉଛି ଆଗାମୀ ଦିନରେ ଆଉ ବିଦେଶ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ଯାହା ଅଟୋମୋବାଇଲ ଇଣ୍ଡଷ୍ଟ୍ରି ପାଇଁ ଏକ ଶୁଭ ସଙ୍କେତ ବୋଲି କୁହାଯାଉଛି।

**୩-ପ୍ର: ଅଟୋ ଇଣ୍ଡଷ୍ଟ୍ରିରେ ବିକ୍ରି କିମ୍ବା ସେବାରେ କେମିତି ଉନ୍ନତି କରିପାରିବା?**
ଉ- ଗ୍ରାହକଙ୍କୁ ପ୍ରଥମେ ଉତ୍ତମ ସେବା ଯୋଗାଇ ଦେବାକୁ ପ୍ରାଧାନ୍ୟ ଦେବା, ଏଭଳି କି ଲୋକଙ୍କୁ ସଚେତନ କରିବା ହେଉଛି ପ୍ରଥମ ଦାୟିତ୍ୱ। କିଭଳି ସେମାନଙ୍କୁ ସେବା ଯୋଗାଇ ହେବ। ଗାଡ଼ି ଯେଉଁଭଳି ବାଟରେ ଅଟକିବ ନାହିଁ। ଆଉ ଯଦି ଗାଡ଼ି ରାସ୍ତାରେ ଛିଡ଼ା ହେଲା, ତେବେ ତାଙ୍କୁ କିଭଳି ତୁରନ୍ତ ସୁବିଧା ଯୋଗାଇ ହେବ ଏଥିପ୍ରତି ଧ୍ୟାନ ଦେବା ହିଁ ପ୍ରଥମ ଦାୟିତ୍ୱ। ଏଥି ସହ ଏବେ ଡିଜିଟାଲ ସମୟ ଆସିଲାଣି ସେଥିରେ ମଧ୍ୟ ଲୋକଙ୍କୁ ସଚେତନ କରିବା ସହ କିଭଳି ସୁବିଧା ଓ ସେବା ଯୋଗାଇ ହେବ ସେ ସମ୍ପର୍କରେ ଗ୍ରାହକଙ୍କୁ ଅବଗତ କରିବା। ଏହା ହେଲେ ବିକ୍ରି ଓ ସେବା ସମ୍ପର୍କରେ ସେମାନେ ତଥ୍ୟ ଘରେ ବସି ପାଇପାରିବେ। ଏହା ହେଲେ ହିଁ ବିକ୍ରି ଓ ସେବାରେ ଉନ୍ନତି ଆସିବ।

**୪-ପ୍ର: ବର୍ତ୍ତମାନ ସୁଦ୍ଧା ସିଦ୍ଧିଲକ୍ଷ୍ମୀ ମହିନ୍ଦ୍ରାର ଯାତ୍ରା କିଭଳି ରହିଛି?**
ଉ- ମା ବାପାଙ୍କ ଆଶୀର୍ବାଦ ସହ ସମସ୍ତ ଭାଇଙ୍କ ସହଯୋଗ ଓ ଗ୍ରାହକମାନଙ୍କ ଭଲ ପାଇବା ସଫଳତା ଦେଇଛି। ପରିବାରର ମିଳିତ ଉଦ୍ୟମରେ ସଫଳତା ଆସୁଛି। ମାନସିକ ସ୍ତରରେ ସମସ୍ତଙ୍କର ସହଯୋଗ ମଧ୍ୟ ରହିଛି, ଯେଉଁ ସମୟରେ ଆମେ ଅଟୋମୋବାଇଲ ଇଣ୍ଡଷ୍ଟ୍ରିରେ ପାଦ ଥାପିଥିଲୁ, ସେତେବେଳେ ୩ଚକିଆ ଯାନ ବିକ୍ରି କରିଥିଲୁ। ପରେ ଦୁଇ ଚକିଆ ଯାନର ଡିଲରଶିପ୍ ମିଳିଲା, ହେଲେ ତାହା ମଧ୍ୟ ସେ ସମୟରେ ଏତେ ପରିମାଣରେ ବଜାରରେ ଚାଲିନଥିଲା। ପରେ ୨୦୧୫ରେ ମହିନ୍ଦ୍ରାର ଡିଲରସିପ୍ ନେଇଥିଲୁ ପରେ ଧୀରେ ଧୀରେ ବିଭିନ୍ନ ପ୍ରଡ଼କ୍ଟ ବଜାରକୁ ଆସିଥିଲା ଆଉ ମାର୍କେଟ୍‌ରେ ଏବେ ବୋଲେରୋ ନିଓ, ଏକ୍ସୟୁଭି ୩୦୦-୭୦୦, ସ୍କର୍ପିଓ ଏବଂ ଥାର୍ ଭଳି ପ୍ରଡ଼କ୍ଟ ଗ୍ରାହକଙ୍କୁ ଆକୃଷ୍ଟ କରୁଛି।

**୫-ପ୍ର: ଇଭି ମାର୍କେଟ ଉପରେ ଆପଣଙ୍କ ମତ କଣ?**
ଉ- ସରକାର ଯେଉଁ ଯୋଜନା କରିଛନ୍ତି ତାହା ସ୍ୱାଗତଯୋଗ୍ୟ। ଡିଜେଲ ଓ ପେଟ୍ରୋଲ ଗାଡ଼ିରେ ପ୍ରଦୂଷଣ ବଢୁଛି ଏଭଳି କି ବାୟୁମଣ୍ଡଳ ମଧ୍ୟ ଦୂଷିତ ହେଉଛି, ବୈଦ୍ୟୁତିକ ଯାନ ଆସିଲେ ଏଥିରେ ହ୍ରାସ ପାଇବ। ଏଭଳି କି ତୈଳ ପାଇଁ ବିଦେଶ ଉପରେ ମଧ୍ୟ ନିର୍ଭର କରିବାକୁ ପଡ଼ିବ ନାହିଁ। ଏ ନେଇ ପ୍ରତ୍ୟେକ ଲୋକ ସଚେତନ ହେବା କଥା। ସରକାରଙ୍କ ପକ୍ଷରୁ ମଧ୍ୟ ବିଭିନ୍ନ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି।

**୬-ପ୍ର: ପରିବାର ଓ ବ୍ୟବସାୟକୁ କିଭଳି ଭାବେ ପରିଚାଳନା କରିଥାନ୍ତି?**
ଉ- ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ସମୟ ଏକ ବଡ଼ ସମସ୍ୟା ଥିଲାବେଳେ ଉଭୟ ପରିବାର ଓ ବ୍ୟବସାୟକୁ ସମୟ ଦେବା କଷ୍ଟକର। ହେଲେ ଉଭୟ ପରିବାର ଓ ବ୍ୟବସାୟରେ ସହଯୋଗ ଓ ସହକର୍ମୀଙ୍କର ସଦିଚ୍ଛା ଯୋଗୁ ସବୁ କିଛି ଠିକ୍‌ଠାକ୍‌ରେ ପରିଚାଳିତ ହୋଇଯାଇଥାଏ। ପ୍ରତିଯୋଗିତାମୂଳକ ବ୍ୟବସାୟରେ ସମୟ ମିଳିଲେ ପରିବାର ଓ ପରଜନଙ୍କ ସହ ସମୟ ଅତିବାହିତ କରିବାକୁ ଭଲଲାଗେ।

# 'କ୍ରୀଡ଼ା କ୍ଷେତ୍ରରେ ରାଜ୍ୟର ଦକ୍ଷତା ବିକାଶ ହୋଇପାରିବ'

## ରାଜ୍ୟସ୍ତରୀୟ ଆଇଟିଆଇ ଓ ପଲିଫେଷ୍ଟ ଉଦ୍‌ଘାଟିତ

**ଭୁବନେଶ୍ୱର, ୨୭।୨(ବ୍ୟୁରୋ)**




ସ୍ୱାସ୍ଥ୍ୟ ହିଁ ସମ୍ପଦ। ଆଜି ଓଡ଼ିଶା ସମଗ୍ର ପୃଥିବୀରେ ସ୍ପୋର୍ଟ୍ସ ହବ୍ ଭାବେ ସୁପରିଚିତ। ରାଜ୍ୟ ସରକାର କ୍ରୀଡ଼ାକୁ ପ୍ରୋତ୍ସାହନ ଦେଉଛନ୍ତି। କ୍ରୀଡ଼ା କ୍ଷେତ୍ରରେ ରାଜ୍ୟର ଦକ୍ଷତା ବିକାଶ ହୋଇପାରିବ ବୋଲି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ କହିଛନ୍ତି। କଳିଙ୍ଗ ଷ୍ଟାଡିୟମ୍‌ଠାରେ ତୃତୀୟ ରାଜ୍ୟସ୍ତରୀୟ ସରକାରୀ ଆଇଟିଆଇ ଓ ପଲି ଫେଷ୍ଟକୁ ସୋମବାର ମନ୍ତ୍ରୀ ଉଦ୍‌ଘାଟନ କରି ଏହା କହିଛନ୍ତି। ଓଡ଼ିଶା ମାଟିର ଖଣିଜ ସମ୍ପଦକୁ ନେଇ ରାଜ୍ୟର ଅର୍ଥନୈତିକ ଓ କର୍ମନିଯୁକ୍ତି ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ବିକାଶଧାରାକୁ ଆଗେଇ ନେବା ପାଇଁ ରାଜ୍ୟର ସମସ୍ତ ପଲିଟେକ୍‌ନିକ୍ (ଆଇଟିଆଇ) ଇଞ୍ଜିନିୟରିଂ କଲେଜ ଛାତ୍ରୀଛାତ୍ରଙ୍କୁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଲେ, ଦେଶରେ କ୍ରୀଡ଼ା ନାମ ଉଠିଲେ କେବେ ପଞ୍ଜାବ, ହରିୟାଣା ରାଜ୍ୟର ନାମ ରହୁଥିଲା। କିନ୍ତୁ ଏବେ କ୍ରୀଡ଼ା କଥା ପଡ଼ିଲେ ଓଡ଼ିଶାର ନାମ ଆସୁଛି। ଛାତ୍ରୀଛାତ୍ରଙ୍କର ସ୍ପୋର୍ଟ୍ସରେ ଉତ୍ସାହ ରହିଲେ ସେମାନଙ୍କର ପ୍ରତ୍ୟେକ କ୍ଷେତ୍ରରେ ଆଗ୍ରହ ସୃଷ୍ଟି ହୋଇଥାଏ। କୌଣସି କୁଶଳୀ କାରିଗର ହେବାକୁ ହେଲେ ପ୍ରଥମେ ସୁନ୍ଦର ସ୍ୱାସ୍ଥ୍ୟର ଆବଶ୍ୟକତା ରହିଛି ବୋଲି ଉଷା ପାଢ଼ୀ ମତବ୍ୟକ୍ତ କରିଛନ୍ତି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ନିର୍ଦ୍ଦେଶକ ରେଘୁ ଜୀଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ମଣ୍ଡଳସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଡିପ୍ଲୋମା ଇଞ୍ଜିନିୟରିଂ ଏବଂ ଆଇଟିଆଇ ଛାତ୍ରୀଛାତ୍ରଙ୍କୁ ନେଇ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଚାରିଦିନ ବ୍ୟାପୀ ମାର୍ଚ୍ଚ ୨ ପର୍ଯ୍ୟନ୍ତ ଏହା ଚାଲିବ।

# କଟକରେ ପୁଣି ନକଲି ଔଷଧ କାରବାର

## ୨ ଲକ୍ଷ ଟଙ୍କାର ନକଲି ମେଡିସିନ ଜବତ, ଡିଷ୍ଟ୍ରିବ୍ୟୁଟର ଅଟକ

**କଟକ ଅଫିସ,୨୭।୨**

କଟକ ସହରରେ ନକଲି ଔଷଧ କାରବାର ଚାଲିଥିବା ପୁଣି ଠାବ ହୋଇଛି। କିଛିଦିନର ବ୍ୟବଧାନ ପରେ ସୋମବାର ପ୍ରାୟ ୨ ଲକ୍ଷ ଟଙ୍କା ମୂଲ୍ୟର ନକଲି ଓ-୨ ମେଡିସିନ୍ ଜବତ କରାଯାଇଛି। ଏହି କାରବାରରେ ସମ୍ପୃକ୍ତ ଡିଷ୍ଟ୍ରିବ୍ୟୁଟର ବିଜୟ ଅଗ୍ରୱାଲଙ୍କୁ ପୁରୀଘାଟ ଥାନା ପୋଲିସ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁସାରେ, ଝାଡ଼ାରୋଗର ଆରୋଗ୍ୟ ପାଇଁ ବ୍ୟବହାର ହେଉଥିବା ଓ-୨ ମେଡିସିନ୍‌ର ନକଲି ବ୍ରାଣ୍ଡ ବଜାରରେ ବିକ୍ରି ହେଉଥିବା ସମ୍ପର୍କରେ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗକୁ ସୂଚନା ମିଳିଥିଲା। ପୁରୀଘାଟ ଥାନା ପୋଲିସ ସହାୟତାରେ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ପକ୍ଷରୁ ସୋମବାର ଟାଉନହଲ୍ ରୋଡ୍‌ସ୍ଥିତ ଏକ ମେଡିସିନ୍ ଡିଷ୍ଟ୍ରିବ୍ୟୁଟର ଗୋଦାମରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ବହୁ ପରିମାଣର ନକଲି ଓ-୨ ମେଡିସିନ ମିଳିଥିଲା। ଏହି ନକଲି ମେଡିସିନ କେଉଁଠୁ ଆସିଲା, କେବେଠାରୁ କାରବାର ହେଉଛି, କେଉଁକେଉଁ ଅଞ୍ଚଳକୁ ଏହାକୁ ଯୋଗାଣ କରାଯାଉଛି ଆଦି ବିଭିନ୍ନ ଦିଗକୁ ନେଇ ତର୍ଜମା କରାଯାଉଛି। ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ପକ୍ଷରୁ ପୁରୀଘାଟ ଥାନାରେ ନକଲି ମେଡିସିନ୍ କାରବାର ନେଇ ଅଭିଯୋଗ କରାଯାଇଛି। ପୋଲିସ ଘଟଣା ସମ୍ପର୍କରେ ଅନୁଧ୍ୟାନ କରୁଥିବାବେଳେ ଖବର ଲେଖା ହେବା ଯାଏ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାଯାଇଛି। ଉଲ୍ଲେଖଯୋଗ୍ୟ, ରକ୍ତଚାପ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ଔଷଧର ନକଲି ଟେଲମା-ଏମ୍ ଓ ଟେଲମା-୪୦ ମେଡିସିନ୍ କାରବାର ନେଇ ସାରା ଓଡ଼ିଶାରେ ଚହଳ ପଡ଼ିଥିଲା। ଉକ୍ତ ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। ସେ କଥା ଲୋକଙ୍କ ମନରୁ ନ ଲିଭୁଣୁ ପୁଣି ନକଲି ମେଡିସିନ୍ କାରବାର ଧରାପଡ଼ିବାକୁ ନେଇ ସାଧାରଣରେ ଆତଙ୍କ ସୃଷ୍ଟି ହୋଇଛି। ତେବେ ତଦନ୍ତ ଚାଲିଛି, ମଙ୍ଗଳବାର ଘଟଣା ସମ୍ପର୍କରେ ବିସ୍ତୃତ ଭାବେ ଜଣାପଡ଼ିବ ବୋଲି ଆଶା ରହିଥିବା ପୋଲିସ କହିଛି।




# ରାଜ୍ୟ ସୂଚନା ଆୟୁକ୍ତ ଭାବେ ସୁଶାନ୍ତ କୁମାର ମହାନ୍ତିଙ୍କ ଶପଥଗ୍ରହଣ




**ଭୁବନେଶ୍ୱର, ୨୭।୨(ବ୍ୟୁରୋ)**

ରାଜ୍ୟର ନୂତନ ସୂଚନା ଆୟୁକ୍ତ ଭାବେ ସୁଶାନ୍ତ କୁମାର ମହାନ୍ତି ସୋମବାର ଶପଥ ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ରାଜଭବନର ଅଭିଷେକ ହଲ୍‌ରେ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ନବନିଯୁକ୍ତ ସୂଚନା ଆୟୁକ୍ତ ମହାନ୍ତିଙ୍କୁ ଶପଥ ପାଠ କରାଇଥିଲେ। ପ୍ରାରମ୍ଭରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ରାଜ୍ୟପାଳଙ୍କ ଅନୁମତିକ୍ରମେ ରାଜ୍ୟ ସୂଚନା ଆୟୁକ୍ତ ଭାବେ ସୁଶାନ୍ତ ମହାନ୍ତିଙ୍କ ନିଯୁକ୍ତିପତ୍ର ପାଠ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗର ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଆରକ୍ଷୀ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ, ରାଜ୍ୟ ସୂଚନା ଆୟୁକ୍ତ ଦିଲୀପ କୁମାର ବିଶୋୟୀ, ସଞ୍ଜୟ କୁମାର ସ୍ୱାଇଁ, ବାଳକୃଷ୍ଣ ମହାପାତ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଉତ୍କଳ ପ୍ରସଙ୍ଗର ସମ୍ପାଦିକା କସ୍ତୁରୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଅଗ୍ନିକାଣ୍ଡ ଘଟି ୨ ଶ୍ରମିକଙ୍କ ମୃତ୍ୟୁ

**ସୁନ୍ଦରଗଡ଼,୨୭।୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଟାଉନ ଥାନା ଅନ୍ତର୍ଗତ ଲୁହୁରାଡ଼ିପାରେ ଠିକାଦାରଙ୍କ ଗୋଦାମ ଘରେ ରବିବାର ରାତିରେ ଅଗ୍ନିକାଣ୍ଡ ଘଟି ୨ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ସୁନ୍ଦରଗଡ଼ ସଦର ବ୍ଲକ ବାଉରୀମୁଣ୍ଡାର ମିଠୁ ଓରାମ (୩୬) ଓ ଦିଲୀପ ସାଏ (୩୨)। ସୋମବାର ସକାଳ ପ୍ରାୟ ୯ଟାବେଳେ ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୋଲିସ ସେଠାରେ ପହଞ୍ଚିଥିଲା। ପୋଲିସ ପ୍ରାଥମିକ ତଦନ୍ତ ଅନୁସାରେ ସେଠାରେ ଆଜବେଷ୍ଟସ ଛାଉଣୀ ଥିବା ଆବଦ୍ଧ ଘରେ ଶ୍ରମିକ ୨ଜଣ ରାତିରେ ଶୋଇଥିଲେ। ନିଆଁ ଯୋଗୁ ଶ୍ୱାସରୁଦ୍ଧ ହୋଇ ଏହି ଦୁଇ ଶ୍ରମିକଙ୍କ ମୃତ୍ୟ ଘଟିଥିବା ଜଣାପଡିଛି। ମଶାଧୂପରୁ ପାଖରେ ଥିବା ପ୍ଲାଷ୍ଟିକ୍ ସାମଗ୍ରୀରେ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ତେବେ ଏଭଳି ଘଟଣାର ପୋଲିସ ଅଧିକ ତଦନ୍ତ ଚଳାଇଛି। ଘଟଣା ସ୍ଥଳରେ ଟାଉନ ଥାନା ପୋଲିସ ଓ ସଦର ଏସ୍‌ଡିପିଓ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି।

# ଅଷ୍ଟମ ଶ୍ରେଣୀ ଛାତ୍ରୀ ଗର୍ଭବତୀ, ଜଣେ ଅଟକ

**ବଲାଙ୍ଗୀର ଅଫିସ, ୨୭।୨**

ବଲାଙ୍ଗୀର ଜିଲା ଅନୁସୂଚିତ ବିଭାଗ ଅଧିନ ଏକ ସ୍କୁଲ ହଷ୍ଟେଲରେ ରହୁଥିବା ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ଥିବା ଜଣାପଡିଛି। ସୋମବାର ଏହି ଘଟଣା ଜଣାପଡିବା ପରେ ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ନିଆଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଛାତ୍ରୀ ଜଣକ ୩ ମାସର ଗର୍ଭବତୀ ଥିବା ସୂଚନା ମିଳିଛି। ଏହି ଘଟଣା ସଂକ୍ରାନ୍ତରେ ବିଭାଗୀୟ କୌଣସି ଅଧିକାରୀ ମୁହଁ ଖୋଲୁ ନ ଥିବାବେଳେ ସଦର ଥାନାରେ କିନ୍ତୁ ଏନେଇ ରିପୋର୍ଟ ହୋଇଛି। ଅଭିଯୋଗ ପରେ ପୋଲିସ ପୀଡିତା ଛାତ୍ରୀଙ୍କ ଗାଁର ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଜିଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ତାଙ୍କ ପାଖରେ କୌଣସି ସୂଚନା ନାହିଁ ବୋଲି କହିଛନ୍ତି। କିଭଳି ପରିସ୍ଥିତିରେ ଛାତ୍ରୀ ଜଣକ ଗର୍ଭବତୀ ହେଲେ ତାହା ସ୍ପଷ୍ଟ ହୋଇନାହିଁ। ତେବେ ମିଳିଥିବା ସୂଚନା ମୁତାବକ କିଛି ମାସ ତଳେ ଛାତ୍ରୀ ଜଣକ ଛୁଟିରେ ତାଙ୍କ ଘରକୁ ଯାଇଥିଲେ। ସେଠାରେ ଏଭଳି ଘଟଣା ଘଟିଥିବା ଚର୍ଚ୍ଚାର ବିଷୟ ହୋଇଛି।

# ପ୍ରଚଣ୍ଡ ଶବ୍ଦ,ଲୋକେ ଆତଙ୍କିତ

**ବାରିପଦା ଅଫିସ/ବାଲେଶ୍ୱର ଅଫିସ/ ପାଟଣା, ୨୭।୨(ସ୍ୱ.ପ୍ର.)**

ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାରେ ସୋମବାର ପୂର୍ବାହ୍ନ ୧୧ଟା ୧୦ମିନିଟ ସମୟରେ ଆକାଶରେ ପ୍ରଚଣ୍ଡ ଶବ୍ଦକୁ ନେଇ ଆତଙ୍କ ଖେଳିଯାଇଥିଲା। ପ୍ରଚଣ୍ଡ ଶବ୍ଦରେ ଘରଦ୍ୱାର ଥରିବା ସହ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଶବ୍ଦ ଶୁଣି ଲୋକେ ଘର ବାହାରକୁ ପଳାଇ ଆସିଥିଲେ। ଲୋକେ ଏହାକୁ ଭୂକମ୍ପ କହୁଥିବା ବେଳେ ଆଉ କେତେଜଣ ପଥର ବ୍ଲାଷ୍ଟିଂ ବୋଲି କହୁଛନ୍ତି। ଅନ୍ୟକେହି ଏହା କ୍ଷେପଣାସ୍ତ୍ର ପରୀକ୍ଷଣ ସମୟର ଶବ୍ଦ ବୋଲି ଆଲୋଚନା କରୁଛନ୍ତି। ତେବେ ଶବ୍ଦର କାରଣ ସନ୍ଧ୍ୟା ପର୍ଯ୍ୟନ୍ତ ସ୍ପଷ୍ଟ ଭାବେ ଜଣାପଡ଼ି ନ ଥିବାରୁ ଲୋକେ ଦ୍ୱନ୍ଦ୍ୱ ରହିଛନ୍ତି। ଏ ସମ୍ପର୍କରେ ମୟୂରଭଞ୍ଜ ଜିଲା ଜରୁରୀକାଳୀନ ଅଧିକାରୀ ସୁଜୟ ପତିଙ୍କୁ ପଚାରିବାରୁ ଏହି ଶବ୍ଦ ପଛରେ କୌଣସି ବୈଜ୍ଞାନିକ କାରଣ ହସ୍ତଗତ ହୋଇନାହିଁ ବୋଲି କହିଛନ୍ତି। ସେହିପରି କେନ୍ଦୁଝର ଜିଲା ପାଟଣା ଓ ସାହାରପଡ଼ା ବ୍ଲକ୍ ଅଞ୍ଚଳରେ ୨ ଥର ପ୍ରଚଣ୍ଡ ଶବ୍ଦ ହୋଇଥିଲା। ଘର କାନ୍ଥ, ଝରକା, କବାଟ ଥରିଥିବା ବେଳେ ଲୋକେ ଭୟଭୀତ ହୋଇଯାଇଥିଲେ। ଏହା ଭୂକମ୍ପର ଝଟକା ହୋଇଥିବା ଲୋକେ କହୁଥିବା ବେଳେ ପ୍ରକୃତ ଘଟଣା ସ୍ପଷ୍ଟ ହୋଇନାହିଁ। ଏନେଇ କେନ୍ଦୁଝର ଜିଲାପାଳ ଆଶିଷ ଠାକରେ କହିଛନ୍ତି, ଘଟଣା ସମ୍ପର୍କରେ ଶୁଣାଯାଇଛି। କିନ୍ତୁ କେଉଁ କାରଣରୁ ହୋଇଛି ଠିକ୍ ଖବର ମିଳିନାହିଁ। ଅଧିକାରୀମାନେ ତଦନ୍ତ କରୁଛନ୍ତି।



ନିଶ୍ଚିତ ଥାଅ- ଦିବ୍ୟଜନନୀ ତୁମ ସହିତ ସର୍ବଦା ରହିଛନ୍ତି। ସେ ତୁମକୁ ଜୀବନ-ଯାତ୍ରାରେ ପଥ ଦେଖାଇ ନେଇଯିବେ। ବହୁ ବାଧାବିଘ୍ନ ଆସିବ ଓ ଯିବ। କିନ୍ତୁ ଯେହେତୁ ସେ ତୁମ ପାଖେ ପାଖେ ଅଛନ୍ତି- ବିଜୟ ସୁନିଶ୍ଚିତ। **-ଶ୍ରୀଅରବିନ୍ଦ**



# କାର୍ଯ୍ୟାଳୟରେ ହେଲ୍‌ମେଟ

ଉତ୍ତରପ୍ରଦେଶର ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି। ଡିସେମ୍ବର ୨୦୨୩ ସୁଦ୍ଧା ଏହା ଶେଷ ହୋଇ ଶ୍ରଦ୍ଧାଳୁଙ୍କ ସକାଶେ ଖୋଲାଯିବ ବୋଲି ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର ସମୟ ଦେଇସାରିଲେଣି। ଅନ୍ୟପକ୍ଷରେ ସେହି ରାଜ୍ୟର ବାଘପତ୍ ଜିଲାର ବାରାଉତ ସହରରେ ଥିବା ବ୍ରିଟିଶ ଅମଳରେ ନିର୍ମିତ ଉତ୍ତରପ୍ରଦେଶ ପାୱାର କର୍ପୋରେଶନ ଲିମିଟେଡ୍ (ୟୁପିସିଏଲ୍)ର ଏକ କୋଠା ଭିତରେ ଇଞ୍ଜିନିୟର, କିରାଣି ଓ ସାମୟିକ କର୍ମଚାରୀଙ୍କୁ ମିଶାଇ ୪୦ ଜଣରୁ ଅଧିକ ବ୍ୟକ୍ତି ମୁଣ୍ଡରେ ହେଲ୍‌ମେଟ ଦେଇ କାମ କରୁଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେଉଥିବା ଦେଖିବାକୁ ମିଳିଛି। କାର୍ଯ୍ୟାଳୟ କୋଠାର ଭଗ୍ନାବସ୍ଥା ଯୋଗୁ ଛାତ ଉପରୁ ନିୟମିତ ବ୍ୟବଧାନରେ ପ୍ଲାଷ୍ଟର ଖସୁଛି। କର୍ମଚାରୀମାନେ ଜୀବନ ପ୍ରତି ବିପଦ ଥିବାରୁ ଏଭଳି ପଦକ୍ଷେପ ନେଇଥିବା ଦେଖାଯାଇଛି। ଜଣେ କର୍ମଚାରୀ କହିଛନ୍ତି, ସେ ୭ ବର୍ଷ ତଳେ କାର୍ଯ୍ୟରେ ଯୋଗ ଦେଇଥିଲେ। ସେବେଠାରୁ କୋଠାର ଅବସ୍ଥା ଏଭଳି ଥିବାରୁ ବାରମ୍ବାର ଉପରିସ୍ଥ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଥିଲେ

**ସଡ଼କରେ ଅନେକ ସମୟରେ ଦେଖାଯାଇଥାଏ ଅମାନିଆ ଲୋକ ଦୁଇଚକିଆ ଯାନ ଚଳାଉଥିବା ବେଳେ ହେଲ୍‌ମେଟ ବା ଶିରସ୍ତ୍ରାଣ ପିନ୍ଧି ନ ଥାଆନ୍ତି। ହେଲେ ଉତ୍ତରପ୍ରଦେଶର ସମ୍ପୃକ୍ତ କାର୍ଯ୍ୟାଳୟ ଭିତରେ କର୍ମଚାରୀମାନେ ହେଲ୍‌ମେଟ ପିନ୍ଧି କାମ କରୁଥିବାର ଦୃଶ୍ୟ କେତେକଙ୍କୁ ଦେଖିବାରେ କୌତୂହଳ ଲାଗିପାରେ। କିନ୍ତୁ ସ୍ଥିତିର ଗମ୍ଭୀରତାକୁ ଦେଖିଲେ ଚାକିରି କରିଥିବା ବ୍ୟକ୍ତିମାନେ ଯେ କେତେ ଅସହାୟ ତାହା ବୁଝାପଡ଼ିଯାଉଛି।**



ମଧ୍ୟ କୌଣସି ସୁଫଳ ମିଳିପାରୁ ନାହିଁ। ଥରେ କେବଳ ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରାଯାଇଥିଲା। ହେଲେ ମରାମତି ହୋଇପାରି ନାହିଁ। ନିକଟ ଅତୀତରେ କେତେ ଜଣ କର୍ମଚାରୀଙ୍କ ଉପରେ ପ୍ଲାଷ୍ଟର ଖସି ପଡ଼ିବାରୁ ସେମାନେ ଆହତ ହୋଇଥିଲେ। ତେଣୁ ଅଘଟଣ ଦ୍ୱାରା ହେବାକୁ ଥିବା କ୍ଷତିକୁ ରୋକିବା ସକାଶେ କାର୍ଯ୍ୟାଳୟ ଭିତରେ ହେଲ୍‌ମେଟ ପିନ୍ଧି କାର୍ଯ୍ୟ କରିବାକୁ ପଡୁଛି ବୋଲି କର୍ମଚାରୀମାନେ କହିଛନ୍ତି। ଏ ସଂକ୍ରାନ୍ତ ଭିଡିଓ ଦେଖି ବାଘପତ୍ ଜିଲାପାଳ ରାଜକମଲ ଯାଦବ ସମ୍ପୃକ୍ତ ବିଭାଗକୁ ଚିଠି ଲେଖାଯାଇଛି ବୋଲି ଗଣମାଧ୍ୟମକୁ କହିଛନ୍ତି।

ସଡ଼କରେ ଅନେକ ସମୟରେ ଦେଖାଯାଇଥାଏ ଅମାନିଆ ଲୋକ ଦୁଇଚକିଆ ଯାନ ଚଳାଉଥିବା ବେଳେ ହେଲ୍‌ମେଟ ବା ଶିରସ୍ତ୍ରାଣ ପିନ୍ଧି ନ ଥାଆନ୍ତି। ହେଲେ ଉତ୍ତରପ୍ରଦେଶର ସମ୍ପୃକ୍ତ କାର୍ଯ୍ୟାଳୟ ଭିତରେ କର୍ମଚାରୀମାନେ ହେଲ୍‌ମେଟ ପିନ୍ଧି କାମ କରୁଥିବାର ଦୃଶ୍ୟ କେତେକଙ୍କୁ ଦେଖିବାରେ କୌତୂହଳ ଲାଗିପାରେ। କିନ୍ତୁ ସ୍ଥିତିର ଗମ୍ଭୀରତାକୁ ଦେଖିଲେ ଚାକିରି କରିଥିବା ବ୍ୟକ୍ତିମାନେ ଯେ କେତେ ଅସହାୟ ତାହା ବୁଝାପଡ଼ିଯାଉଛି। ୪୦ ଜଣ କର୍ମଚାରୀ କାମ କରୁଥିବା ଏକ କୋଠାକୁ ମରାମତି କରିବା ପାଇଁ ହୁଏତ ଅଧିକ ଅର୍ଥ ଖର୍ଚ୍ଚ ହୋଇପାରେ। କାରଣ ଦୀର୍ଘ ସମୟ ଧରି ଅବହେଳା କରାଯାଇଆସିଥିବା କୋଠାକୁ ଯଦି ତତ୍‌କ୍ଷଣାତ୍ ମରାମତି କରାଯାଇଥାଆନ୍ତା, ତେବେ କରଦାତାଙ୍କ ଅର୍ଥ ରକ୍ଷା କରାଯିବା ସହିତ ସରକାରୀ କର୍ମଚାରୀଙ୍କ ଜୀବନ ମଧ୍ୟ ସୁରକ୍ଷିତ ରହିଥାଆନ୍ତା। ଅନ୍ୟପଟେ ଉତ୍ତରପ୍ରଦେଶରେ ମାଫିଆ ଉପଦ୍ରବ ବୃଦ୍ଧି ପାଇଥିବା ଭଳି ମନେହେଉଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହୁଛନ୍ତି ଯେ, ବିରୋଧୀ ସମାଜବାଦୀ ପାର୍ଟିର ବାହୁଚ୍ଛାୟା ତଳେ ଏହି ମାଫିଆ ଏବଂ ଦୁର୍ଦ୍ଦାନ୍ତ ଅପରାଧୀମାନେ ପୃଷ୍ଠପୋଷକତା ପାଇଆସୁଛନ୍ତି। ଅବଶ୍ୟ ପାଲଟା ପ୍ରଶ୍ନ ଉଠିପାରେ ଯେ, ଦୀର୍ଘ ଦୁଇ ପାଳିର ଭାଜପା ସରକାରର ମୁଖ୍ୟ ଭାବରେ ଯୋଗୀ ଆଦିତ୍ୟନାଥ ରହିଥିବା ସତ୍ତ୍ୱେ ସମାଜବାଦୀ ପାର୍ଟିର ପ୍ରଭାବକୁ ସରକାରୀ କଳ ବ୍ୟବହାର କରି ନିଶ୍ଚିତ ଭାବେ ଦମନ କରିପାରିଥାଆନ୍ତା। ତାହା ନ ହୋଇଲା କାହିଁକି ବୋଲି ସେ ବିଷୟରେ ଜନସାଧାରଣଙ୍କୁ ବୁଝାଇବା ଆବଶ୍ୟକ ହୋଇପଡ଼ିଲାଣି।

ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଥିବା ବେଳେ ସରକାରୀ କର୍ମଚାରୀ ହେଲ୍‌ମେଟ ପିନ୍ଧି କାର୍ଯ୍ୟାଳୟରେ କାମ କରୁଥିବା ଚିତ୍ର ଉଭୟ ଦର୍ଶାଉଛି ଯେ ଉତ୍ତରପ୍ରଦେଶ ପ୍ରଶାସନ, ଭାରତର ଅନ୍ୟସବୁ ରାଜ୍ୟ ଭଳି, ଅତ୍ୟନ୍ତ ଦୁର୍ବଳ ଏବଂ ଦୁର୍ନୀତିଗ୍ରସ୍ତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 8 | | | | | |
| | | | | 5 | | 4 | | |
| | | | | 3 | | | 2 | 6 |
| 4 | | 5 | | | | 8 | 9 | |
| 9 | | | | | 2 | 5 | 1 | |
| | | 1 | | | | | 7 | |
| | | 8 | | 7 | | | 6 | |
| | | | 6 | | 1 | 9 | | |
| 7 | | | | | | 3 | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 9 | 7 | 3 | 4 | 5 | 2 | 8 |
| 8 | 4 | 3 | 5 | 2 | 6 | 9 | 1 | 7 |
| 5 | 7 | 2 | 8 | 1 | 9 | 3 | 6 | 4 |
| 9 | 6 | 5 | 4 | 8 | 7 | 2 | 3 | 1 |
| 2 | 8 | 1 | 9 | 6 | 3 | 4 | 7 | 5 |
| 4 | 3 | 7 | 1 | 5 | 2 | 8 | 9 | 6 |
| 7 | 2 | 8 | 6 | 9 | 5 | 1 | 4 | 3 |
| 3 | 5 | 6 | 2 | 4 | 1 | 7 | 8 | 9 |
| 1 | 9 | 4 | 3 | 7 | 8 | 6 | 5 | 2 |

ଗତକାଲିର ଉତ୍ତର

# କାଳର କଷଟିରେ ଆଗୁସାର ରମଣ



ଡ. ଗୌରୀଶଙ୍କର ସାହୁ

୧୯୮୬ ମସିହାରେ ଜାତୀୟ ବିଜ୍ଞାନ ଓ ପ୍ରାଦ୍ୟୋଗିକ ସମ୍ପ୍ରେଷଣ ପରିଷଦ (ଏନ୍‌ସିଏସ୍‌ଟିଏସ୍)ର ପ୍ରସ୍ତାବ ମୁତାବକ ତତ୍କାଳୀନ ରାଜୀବ ଗାନ୍ଧୀ ସରକାର ୨୮ଫେବୃୟାରୀକୁ ଜାତୀୟ ବିଜ୍ଞାନ ଦିବସ ରୂପେ ପାଳନ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ। ଭାରତୀୟ ପଦାର୍ଥ ବିଜ୍ଞାନୀ ଭାରତରତ୍ନ ଚନ୍ଦ୍ରଶେଖର ଭେଙ୍କଟରମଣଙ୍କ ଦ୍ୱାରା 'ରମଣ ପ୍ରଭାବ' ଆବିଷ୍କାର ସ୍ମୃତିର ସ୍ୱାକ୍ଷର ବହନକରେ ଏହିଦିନ।

ରମଣଙ୍କ ଦ୍ୱାରା ଆବିଷ୍କୃତ 'ରମଣ ପ୍ରଭାବ' ଆଲୋକ ବିଜ୍ଞାନରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି। ଏହି କାଳଜୟୀ ଆବିଷ୍କାର ପାଇଁ ଏସିଆ ମହାଦେଶର ପ୍ରଥମ ବୈଜ୍ଞାନିକ ଭାବେ ବିଜ୍ଞାନର ଏକ ବିଭାଗରେ ନୋବେଲ ସମ୍ମାନରେ ସମ୍ମାନିତ ହୋଇଛନ୍ତି ରମଣ ୧୦ ଡିସେମ୍ବର ୧୯୩୦ରେ। ଏହା ସତ୍ୟ ଯେ ନୋବେଲ୍ ସମିତିର ବୈଠକଗୁଡ଼ିକ ବଡ଼ ଗୋପନୀୟ ହୋଇଥାଏ ଓ ପୁରସ୍କାର ଘୋଷଣାର ଗୋଟିଏ ସେକେଣ୍ଡ ପୂର୍ବରୁ ମଧ୍ୟ ଖବରଟି ଜଣାପଡ଼ି ନ ଥାଏ। ପ୍ରତିବର୍ଷ ୧୦ ଡିସେମ୍ବରରେ ପୁରସ୍କାର ଦିଆଯାଏ ସ୍ୱିଡେନ୍‌ରେ ଓ ମାତ୍ର ମାସେ ଆଗରୁ ବିଜେତାଙ୍କ ନାମ ଘୋଷଣା କରେ ଚୟନ ସମିତି। ମାସେ ଭିତରେ ଟିକେଟକରି କଲିକତାରୁ ସୁଇଡେନ୍ ଜଳପଥରେ ପହଞ୍ଚିବା ସମ୍ପୂର୍ଣ୍ଣ ଅସମ୍ଭବ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ପୁରସ୍କାର ଘୋଷଣାର ଯଥେଷ୍ଟ ପୂର୍ବରୁ ୧୯୩୦ରେ ଚନ୍ଦ୍ରଶେଖର ଭେଙ୍କଟରମଣ ସୁଇଡେନ୍‌କୁ ଦୁଇଟି ଟିକେଟ ଷ୍ଟିମରରେ ବୁକ୍ କରିଥିଲେ। ଗୋଟିଏ ନିଜ ପାଇଁ ଆରଟି ଧର୍ମପତ୍ନୀ ଲୋକ ସୁନ୍ଦରୀଙ୍କ ପାଇଁ। ସଶରୀରେ ସପତ୍ନୀକ ନୋବେଲ ପୁରସ୍କାର ଗ୍ରହଣ କଲେ ସୁଇଡେନ୍ ମାଟିରେ। ନିଜ ବକ୍ତୃତା ରଖିଲେ ସମବେତ ସୁଧିଜନଙ୍କ ସମ୍ମୁଖରେ। ତା'ହେଲେ ସେ କ'ଣ କାଳକୁ କରାୟତ୍ତ କରି ରଖିଥିଲେ?

ମୂଳରୁ ସମୟ ତାଙ୍କୁ ବାଟ ଛାଡ଼ିଦେଉଥିଲା ସବୁବେଳେ। ୭ ନଭେମ୍ବର ୧୮୮୮ରେ ବିଶାଖାପାଟଣାର ମିସେସ୍ ଏ.ଭି.ଏନ୍. କଲେଜର ଅଧ୍ୟାପକ ଚନ୍ଦ୍ରଶେଖର ଆୟାର ଓ ପାର୍ବତୀ ଆମ୍ମାଲଙ୍କ ଔରସରୁ ଜନ୍ମ ଗ୍ରହଣ କରିଥିଲେ। ଚନ୍ଦ୍ରଶେଖର ଭେଙ୍କଟରମଣ ମାତ୍ର ୧୩ ବର୍ଷ ବୟସରେ ୱାଲ୍‌ଟିଅର ସହରର ହିନ୍ଦୁ କଲେଜରୁ ଇଣ୍ଟରମିଡିଏଟ ପାସ୍ କରିଥିଲେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇଥିଲେ। ୧୬ ବର୍ଷ ବୟସରେ ପଦାର୍ଥ ବିଜ୍ଞାନରେ ସ୍ୱର୍ଣ୍ଣପଦକ ସହିତ ସ୍ନାତକ ଡିଗ୍ରୀ କଲେ। ମାତ୍ର ୧୯ ବର୍ଷ ବୟସରେ ପ୍ରେସିଡେନ୍ସି କଲେଜରୁ ରେକର୍ଡ ନମ୍ବର ରଖି ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ସ୍ନାତକୋତ୍ତର ଡିଗ୍ରୀ ହାସଲ କଲେ। ଏ ତ ଗଲା ଶିକ୍ଷା କଥା। ସ୍ନାତକୋତ୍ତର ଶିକ୍ଷା ବେଳେ ଥରେ ଦଳେ ପିଲାଙ୍କର ପଦାର୍ଥ ବିଜ୍ଞାନର ଏକ ବିଷୟ ଉପରେ ସନ୍ଦେହ ଉପୁଜିବାରୁ ସେମାନେ ଅଧ୍ୟାପକଙ୍କ ପାଖକୁ ଗଲେ। ସେ ବହୁ ଚେଷ୍ଟାକରି ଏହାର ଉତ୍ତର ଖୋଜି ପାଇଲେ ନାହିଁ। ରମଣ ସମସ୍ୟାଟିକୁ ଦେଖିଲେ, ସମ୍ୟକ୍ ଉତ୍ତର ଦେଇଦେଲେ।



ହେଲେ ଉତ୍ତରଟି ଠିକ୍ କି ଭୁଲ୍ ଜାଣିବା ପାଇଁ ବିଲାତରେ ଜଣେ ପଦାର୍ଥ ବିଜ୍ଞାନ ଅଧ୍ୟାପକଙ୍କୁ ପତ୍ର ଲେଖିଲେ। ଅଧ୍ୟାପକ ପତ୍ର ପଢ଼ି ଏହାକୁ ବୈଜ୍ଞାନିକ ଜର୍ନାଲରେ ପ୍ରକାଶ କରିବା ପାଇଁ କହିଲେ। ରମଣ ସନ୍ଦର୍ଭଟି ନିଜେ ଲେଖି ଇଂଲଣ୍ଡରୁ ପ୍ରକାଶିତ ପ୍ରତିଷ୍ଠିତ ଫିଲୋସୋଫିକାଲ୍ ମାଗାଜିନକୁ ପଠାଇଲେ ଓ ମାତ୍ର ଅଳ୍ପଦିନ ମଧ୍ୟରେ ୧୯୦୬ ରେ ଆୟତାକାର କଣାଦେଇ ଅସାମ୍ୟ ପ୍ରକୀର୍ଣ୍ଣନ ପଟ୍ଟି ବିଷୟକ ଏହି ସନ୍ଦର୍ଭଟି ଫିଲୋସୋଫିକାଲ୍ ମାଗାଜିନରେ ପ୍ରକାଶିତ ହେଲା ଓ ରମଣ ଥିଲେ ଏହାର ଏକମାତ୍ର ଲେଖକ(ସିଙ୍ଗଲ ଅଥର)। ପରବର୍ଷ ତାଙ୍କ ଦ୍ୱାରା ଲିଖିତ ଅନ୍ୟ ଏକ ଗବେଷଣାତ୍ମକ ନିବନ୍ଧ ସର୍ବଶ୍ରେଷ୍ଠ ଜର୍ନାଲ 'ନେଚର'ରେ ପ୍ରକାଶିତ ହେଲା। ନିଜ ସମୟଠାରୁ ଢେର ଆଗରେ ଥିଲେ ସେ।

ସ୍ନାତକୋତ୍ତର ପଢ଼ା ସରୁ ସରୁ ଭାରତୀୟ ବିତ୍ତସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୧୯୦୭ରେ କଲିକତାରେ ଆସିଷ୍ଟାଣ୍ଟ ଆକାଉଣ୍ଟାଣ୍ଟ ଜେନେରାଲ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ ରମଣ। ମନ କିନ୍ତୁ ଗବେଷଣାରେ। ମହେନ୍ଦ୍ର ଲାଲ୍ ସରକାରଙ୍କ ଦ୍ୱାରା ୧୮୭୬ରେ ପ୍ରତିଷ୍ଠିତ ଇଣ୍ଡିଆନ୍ ଆସୋସିଏସନ ଅଫ୍ କଲ୍‌ଟିଭେସନ୍ ଅଫ୍ ସାଇନ୍ସର କୋଠା ତାଙ୍କ କାର୍ଯ୍ୟାଳୟ ଯିବା ବାଟରେ ପ୍ରତିଦିନ ତାଙ୍କୁ ଅନ୍ୟ ମନସ୍କ, ଆନ୍ଦୋଳିତ କରୁଥାଏ। ସେ ଟାଣି ହୋଇଗଲେ ଏହି କୋଠାର ଗବେଷଣା କୋଠରିକୁ। କାର୍ଯ୍ୟ ସମୟ ଉପରାନ୍ତେ ସେଠାରେ ଗବେଷଣାରେ ନିମଗ୍ନ ରହିଲେ। ରାଶି ରାଶି ସୂତ୍ର ଓ ତତ୍ତ୍ୱ ସନ୍ଦର୍ଭ, ନିବନ୍ଧ ରୂପେ ବିଶ୍ୱର ପ୍ରତିଷ୍ଠିତ ପତ୍ରିକା, ଜର୍ନାଲରେ ପ୍ରକାଶିତ ହେଲା। ଯୁଗ ପୁରୁଷ ଆଶୁତୋଷ ମୁଖାର୍ଜୀଙ୍କ ଧ୍ୟାନ ଆକର୍ଷଣ କଲେ ଏ ସବୁ ଚିତ୍ର ଓ ଏହି ବିସ୍ମୟ ଚରିତ୍ର।

ଦ୍ୱିଧା ଓ ଦ୍ୱନ୍ଦ୍ୱ ମଧ୍ୟରେ ୧୯୧୭ରେ ଆଶୁତୋଷ ତାଙ୍କୁ କଲିକତା ବିଶ୍ୱବିଦ୍ୟାଳୟରେ ପାଳିତ ଚେୟାର ପ୍ରଫେସର ଅଫ୍ ଫିଜିକ୍ସ ଭାବେ ଯୋଗଦେବା ପାଇଁ ଅନୁରୋଧ କରିବା ମାତ୍ରେ ସେ ରାଜିହୋଇ ପ୍ରଶାସନିକ ପଦବୀ ପରିତ୍ୟାଗ କରି, ଶ୍ରେଣୀକୋଠରିକୁ ପ୍ରବେଶ କରିଗଲେ। ଆଶୁତୋଷ, କୁଳପତି, କଲିକତା ବିଶ୍ୱବିଦ୍ୟାଳୟଙ୍କ ଭାଷାରେ, "ଏହି ଗୋଟିଏ ଘଟଣା ମୋତେ ଆଶା ଓ ଆଶ୍ୱାସନା ଦେଲା ଯେ ସତ୍ୟର ସନ୍ଧାନୀଙ୍କର ଅଭାବ ନାହିଁ ଏ ମାଟିରେ। ତେଣୁ ଆମ ସ୍ୱପ୍ନର 'ଶିକ୍ଷାମନ୍ଦିର' ଠିଆ କରିବା ଅସମ୍ଭବ ନୁହେଁ।" ଲୋଭନୀୟ ଥାଟବାଟ, ମୋଟା ଦରମାକୁ ତୁଚ୍ଛକରି ମନର ମହକ ସହ ବଞ୍ଚିହେବ, ଏକଥା ରମଣ ତାଙ୍କ ନିଷ୍ପତ୍ତି ଦ୍ୱାରା ଦେଖେଇଦେଲେ। ଏହାର ମାତ୍ର ୧୩ ବର୍ଷ ମଧ୍ୟରେ ତାଙ୍କୁ ଓ ତାଙ୍କ ଦେଶବାସୀଙ୍କୁ ସ୍ୱିଡେନ୍ ମାଟିରୁ ଭେଟି ମିଳିଲା ବିଶ୍ୱର ସର୍ବଶ୍ରେଷ୍ଠ ସମ୍ମାନ 'ନୋବେଲ୍' ରୂପରେ।

ଯେଉଁ ରମଣ ରଶ୍ମି ଆବିଷ୍କାର ପାଇଁ ସେ ଏହି ସର୍ବୋଚ୍ଚ ସମ୍ମାନ ପାଇଲେ ସେହି ଏକା ସମୟରେ ରୁଷିଆର ବୈଜ୍ଞାନିକ ମେଣ୍ଡେଲ ବର୍ଗ ଓ ମେଣ୍ଡଲଷ୍ଟାମ୍ ସ୍ଫଟିକ ଦଣ୍ଡ ଉପରେ ଆଲୋକ ରଶ୍ମି ପକାଇ ଏହି ନୂତନ ରଶ୍ମିର ସନ୍ଧାନ ପାଇଥିଲେ। ମାତ୍ର ପ୍ରଥମେ ପ୍ରକାଶିତ ହେଲା ରମଣଙ୍କ ସନ୍ଦର୍ଭ 'ଏ ନ୍ୟୁ ରେଡିଏସନ' ଭାରତରୁ ପ୍ରକାଶିତ ବୈଜ୍ଞାନିକ ଜର୍ନାଲ ଇଣ୍ଡିଆନ ଜର୍ନାଲ ଅଫ୍ ଫିଜିକ୍ସର ସଂଖ୍ୟା ୨(୩୮୭)ରେ ୧୯୨୮ରେ ଓ ସୁଯୋଗ, ଐଶ୍ୱର୍ଯ୍ୟର ଅଧିକାରୀ ହୋଇଥିଲେ ରମଣ। ଆମେ ବିଦେଶୀ ଯନ୍ତ୍ରାଂଶରେ ଗବେଷଣା କରିବା, ବିଦେଶୀ ଜର୍ନାଲରେ ପ୍ରକାଶିତ କରିବା ପାଇଁ ଶତତ ଚେଷ୍ଟିତ। ମାତ୍ର ୨୦୦ ଟଙ୍କାରେ ସ୍ୱଦେଶରେ ନିର୍ମିତ ବୈଜ୍ଞାନିକ ଉପକରଣରେ ସେ ସମ୍ପାଦିତ କରିଥିଲେ ଏହି କାଳଜୟୀ ପରୀକ୍ଷଣ ଓ ଫଳାଫଳ ଥିଲା ଅବିସ୍ମରଣୀୟ। ଏ ବର୍ଷ ଜାତୀୟ ବିଜ୍ଞାନ ଦିବସରେ ଧ୍ୟେୟ ବାକ୍ୟ ରହିଛି, 'ବିଶ୍ୱହିତରେ ବୈଶ୍ୱିକ ବିଜ୍ଞାନ'। ରମଣ ସ୍କାନର ଆଜି ଲକ୍ଷାଧିକ କୋଟି ଟଙ୍କାର ବେପାରର ସୁଯୋଗ ସୃଷ୍ଟିକରି ଅସଂଖ୍ୟ ନିଯୁକ୍ତି ପ୍ରଦାନ କରୁଛି। ଭାରତ ମୂଳରୁ ସଙ୍ଗୀତ ଓ ବାଦ୍ୟଯନ୍ତ୍ରର ଦେଶ। ସେ ବାଦ୍ୟଯନ୍ତ୍ରରୁ ନିର୍ଗତ ଶବ୍ଦର ଗହନତତ୍ତ୍ୱ ଖୋଜିଥିଲେ ଓ ତାଙ୍କ ଦ୍ୱାରା ପ୍ରକାଶିତ ବୈଜ୍ଞାନିକ ନିବନ୍ଧଗୁଡ଼ିକ ମଧ୍ୟରୁ ଅର୍ଦ୍ଧାଧିକ ମୃଦଙ୍ଗ, ତବଲା ପ୍ରଭୃତି ବାଦ୍ୟଯନ୍ତ୍ର ବିଷୟରେ। ଉତ୍ତର ଜୀବନରେ ସେ ରହୁଥିବା ଦାକ୍ଷିଣାତ୍ୟ ଭୂଖଣ୍ଡର କୃଷ୍ଣା ଉପତ୍ୟକାର ପ୍ରାୟ ୬୦,୦୦୦ ପରିବାର ହୀରାଖଣିରୁ ଜୀବିକା ନିର୍ବାହ କରିଥାନ୍ତି ଦେଖି 'ହୀରା' ଉପରେ ଗବେଷଣା କରିଥିଲେ ଓ ରଞ୍ଜନ ରଶ୍ମି ହୀରାର ପୃଷ୍ଠତଳ ଉପରେ ପଡ଼ି ପ୍ରତିଫଳିତ ହେବାବେଳେ ଯେଉଁ ବିଶେଷ ପ୍ରକାର ବର୍ଣ୍ଣାଳୀ ଦିଶେ ତାକୁ ଗାଣିତିକ ତତ୍ତ୍ୱ ମାଧ୍ୟମରେ ପ୍ରକାଶିତ କରି ଏହି ଶିଳ୍ପକୁ ଶକ୍ତି ଓ ସାମର୍ଥ୍ୟ ଦେଇଥିଲେ। ଲୋକଙ୍କ ସହିତ ସମାଜ ସହ ଥିଲା ତାଙ୍କ ସମସ୍ତ ଗବେଷଣା।

**ପ୍ରାଧ୍ୟାପକ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ହିମାଚଳପ୍ରଦେଶ**
**ମୋ: ୭୯୭୮୪୨୧୮୩୫**

# ଭଲ ମଣିଷ ହେବା ଦରକାର



ଡ. ମନୋରଞ୍ଜନ ପ୍ରଧାନ

କଲେଜରୁ ଘରେ ପହଞ୍ଚି ଦେଖିଲି ପୁଅ ମନ ଦୁଃଖ କରିଛି। କାରଣ ଜାଣିବାକୁ ପାଇଲି, ପରୀକ୍ଷାରେ ତା'ର ସ୍ଥାନରେ ଅବନତି ଘଟିଛି, ତେଣୁ ମାଆ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗତ ପରୀକ୍ଷାରେ ସେ ଶ୍ରେଣୀରେ ପ୍ରଥମ ହେଇଥିଲା, ଏଥର କିନ୍ତୁ ଦ୍ୱିତୀୟ ସ୍ଥାନକୁ ଖସି ଆସିଛି। ମୁଁ ମନ ଦୁଃଖର କାରଣ ପଚାରିଲି। ପୁଅ କହିଲା- କୁହ ବାବା, ଚୋରି କରିଥା'ନ୍ତି କି? ପଚାରିଲି- ମାନେ? ପୁଅ କହିଲା- ମୁଁ ପାଞ୍ଚ ଛଅ ନମ୍ବର ପାଇଁ ଦ୍ୱିତୀୟ ସ୍ଥାନରେ ରହିଲି। କିନ୍ତୁ ଯେଉଁ ଦୁଇଜଣ ସହପାଠୀ ଯୁଗ୍ମ ପ୍ରଥମ ହୋଇଛନ୍ତି, ସେମାନଙ୍କୁ ମିସ୍ ପରୀକ୍ଷାରେ କହିଦେଲେ; କାରଣ ସେମାନେ ତାଙ୍କ ଟ୍ୟୁଶନ ପିଲା। ସାଙ୍ଗମାନେ ମୋତେ ଦେଖି ଲେଖିବାକୁ କହିଲେ, ହେଲେ ମୁଁ ଲେଖିଲି ନାହିଁ। ଖୁସି ବ୍ୟକ୍ତକଲି କି ପୁଅ ମୋର ନମ୍ବରରେ ଯେତେ ତଳକୁ ରହୁ ପଛେ ସେ ମଣିଷ ଭଳି ମଣିଷଟିଏ ହେଉ। ତେବେ ଏଠାରେ ଶିକ୍ଷା, ଶିକ୍ଷକ, ଶିକ୍ଷାଦାନ ଓ ଶିକ୍ଷାୟତନକୁ ନେଇ କେତୋଟି ବିନ୍ଦୁ ଆଲୋଚନା କରିବା, ଯାହା ଆଜିର ସାମାଜିକ ସ୍ଥିତି ଓ ପରିସ୍ଥିତି ପାଇଁ ପ୍ରାସଙ୍ଗିକ ମନେହୁଏ।

ପ୍ରଥମତଃ, ଶିଶୁ ନିର୍ବୋଧ ନୁହେଁ; ସେ ଜଣେ ଶ୍ରେଷ୍ଠ ବିଚାରକ। ସେ ପରିବାର, ବିଦ୍ୟାଳୟ ଓ ସମାଜର ପ୍ରତିଟି ସଦସ୍ୟଙ୍କ ଆଚରଣ, କାର୍ଯ୍ୟକଳାପକୁ ପର୍ଯ୍ୟବେକ୍ଷଣ ଓ ମୂଲ୍ୟାୟନ କରିପାରେ। ହଁ ସାମାଜିକ କଟକଣା, ବଡ଼ମାନଙ୍କ ନାଲିଆଖି କିମ୍ବା ସ୍ୱତନ୍ତ୍ରତାର ଅଭାବରୁ ସେ ଘଟୁଥିବା ଭୁଲଗୁଡ଼ିକ ବିରୋଧରେ ସ୍ୱର ଉତ୍ତୋଳନ କରିପାରେ ନାହିଁ। ତେଣୁ ସେ ନୀରବ ରହେ। କିନ୍ତୁ ମନ ଓ ହୃଦୟରେ ଅସାମାଜିକ ତଥା ବେଆଇନ କାର୍ଯ୍ୟରେ ଲିପ୍ତ ବ୍ୟକ୍ତିଙ୍କୁ ଘୃଣା କରେ। ତେଣୁ ମାତାପିତା, ଶିକ୍ଷକ ଶିକ୍ଷୟିତ୍ରୀ ତଥା ଶିଶୁର ତତ୍ତ୍ୱାବଧାନରେ ଥିବା ବ୍ୟକ୍ତିବିଶେଷଙ୍କ ଆଚରଣ ଉଚ୍ଚାରଣ ମାର୍ଜିତ ଓ ଶିକ୍ଷଣୀୟ ହେବା ଉଚିତ। ନଚେତ୍ ପିଲାଟି ଆଖିରେ ଛୋଟ ହେବାକୁ ପଡ଼ିବ, ଅଥବା କୋମଳ ହୃଦୟ ଶିଶୁଟିକୁ ସେମାନଙ୍କ ଭଳି ମନ୍ଦ ବୁଦ୍ଧିଆ ହୋଇ ନିଜର ଓ ସମାଜର କ୍ଷତି କରିବା ପାଇଁ ପଥ ପରିଷ୍କାର ହୋଇଯିବ।

ଦ୍ୱିତୀୟରେ, କୋମଳମତି ବାଳିକା ବାଳକଙ୍କ ମନରେ ମୂଲ୍ୟବୋଧ ରୂପକ ଚାରାଟିଏ ବାଲ୍ୟକାଳରୁ ରୋପଣ କରିଦେଲେ, ତାହା ପରବର୍ତ୍ତୀ ଜୀବନରେ ମାର୍ଜିତ ସଂସ୍କାର ଓ ଆଚରଣରେ ପରିଣତ ହୋଇପାରେ। ଆମେ ଶିଶୁମାନଙ୍କୁ ଅମୃତ ସନ୍ତାନ ବୋଲି କହିଥାଉ। ସେମାନେ କିପରି ଗଢିହେବେ ତାହା ଏ ସମାଜ ଉପରେ ନିର୍ଭରଶୀଳ। ଆମ ସଂସ୍କାର, ବିଚାର ଓ ମାର୍ଗଦର୍ଶନ ସେମାନଙ୍କ ଭାଗ୍ୟ ଓ ଭବିଷ୍ୟତ ନିର୍ମାଣ କରିବ। ବିଶିଷ୍ଟ ଶିକ୍ଷାବିତ୍ ରୁଷୋ କହନ୍ତି- ଜନ୍ମ ସମୟରେ ଶିଶୁଟି ପବିତ୍ର ହୋଇଥାଏ। କିନ୍ତୁ ଏ କଳୁଷିତ ସମାଜ ସମ୍ପର୍କରେ ଯେତେବେଳେ ସେ ଆସେ କଳୁଷିତ ହୋଇଯାଏ। ତେଣୁ ଶିଶୁମାନଙ୍କ ପାଇଁ ସେ ବିଯୁକ୍ତାତ୍ମକ ଶିକ୍ଷା



ବ୍ୟବସ୍ଥା ସମ୍ପର୍କରେ ଯୁକ୍ତି ବାଢ଼ିଥିଲେ। ଅର୍ଥାତ୍ ଶିଶୁଟିକୁ ମହାମାନବ ବା ଦାନବରେ ପରିଣତ କରିବାରେ ପରିବାର ଓ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପିଲାଟି ବେଳରୁ ସେମାନଙ୍କ ମନରେ ସକାରାତ୍ମକ ଚିନ୍ତାଧାରା, ଆଧ୍ୟାତ୍ମିକ ଚିନ୍ତନ, ରାଷ୍ଟ୍ର ଭକ୍ତି ରୂପକ ଚାରାମାନ ରୋପଣ କରିପାରିଲେ; ସେମାନେ ଭବିଷ୍ୟତରେ ଶ୍ରେଷ୍ଠ ନାଗରିକ ଭାବରେ ଏ ଦେଶର ମଙ୍ଗ ଧରିପାରିବେ। ନଚେତ୍ ନମ୍ବର ଖେଳରେ ପ୍ରତିଯୋଗିତା କରି କରି ସଫଳ ଜୀବନ ଯୁଦ୍ଧରେ ବିଫଳ ହୋଇଯିବେ। ତେଣୁ ବିଶେଷକରି ମାତାପିତା ଓ ଶିକ୍ଷାଦାତାଙ୍କ ଆଚରଣ ଓ ଉଚ୍ଚାରଣ ପ୍ରେରଣାଦାୟୀ ତଥା ଶିକ୍ଷଣୀୟ ହେବା ଜରୁରୀ।

ତୃତୀୟରେ, ଶିଶୁ ଅନୁକରଣପ୍ରିୟ। ସେ ଅନ୍ୟକୁ ଶୁଣେ, ପଢ଼େ ଏବଂ ଅର୍ଜିତ ଜ୍ଞାନ ଓ ତଥ୍ୟ ଉପଯୁକ୍ତ ସମୟରେ ଉପଯୋଗ କରିପାରେ। ପିଲାଟି ବେଳରୁ ମାଆବାପା ବା ଜେଜେଜେଜୀଙ୍କ କୋଳରେ ବସି ଶୁଣିଥିବା ଛୋଟ ଛୋଟ କାହାଣୀ, ପୌରାଣିକ କଥା ଶିଶୁଟିକୁ ମହାମାନବ କରିଦିଏ। ହରିଶ୍ଚନ୍ଦ୍ର ନାଟକ ବାଳକ ମୋହନ ଦାସଙ୍କୁ ସତ୍ୟର ପୂଜାରୀ ମହାତ୍ମା ଗାନ୍ଧୀ କରିଦେଲା। ଜିଜାବାଈଙ୍କ ପ୍ରେରଣାଦାୟୀ କଥୋପଦେଶ ଏ ଦେଶକୁ ଶ୍ରେଷ୍ଠ ସମ୍ରାଟ୍ ଛତ୍ରପତି ଶିବାଜୀ ରୂପେ ସମର୍ପିତ କରିପାରିଲା। ତେଣୁ ପିଲାଙ୍କୁ ଜାଣିବା, ବୁଝିବା ଓ ସୁଯୋଗ ସୁବିଧା ଅନୁସାରେ ସେମାନଙ୍କ ମନରେ ଭଲ ମଣିଷଟିଏ ହେବା ପାଇଁ ପ୍ରେରଣା ଯୋଗାଇଦେବା ଆମର କାମ।

ଚତୁର୍ଥରେ, ଶିକ୍ଷକ ନିଜ ଆଚରଣରେ ସାମାନ୍ୟ ବ୍ୟତିକ୍ରମ ବା ତ୍ରୁଟି ପ୍ରଦର୍ଶନ କଲେ ଶିଷ୍ୟ ଆଖିରେ ଛୋଟ ହୋଇଯାଏ। ସେ ମୁହଁ ଖୋଲି ବ୍ୟକ୍ତ ନ କରିପାରିଲେ ମଧ୍ୟ ହୃଦୟ କନ୍ଦରରେ ସେଭଳି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନାପସନ୍ଦ କରେ। ତେଣୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଶିଶୁମାନଙ୍କ ଆଖିରେ ଦେବଦେବୀଙ୍କ ଭଳି କାର୍ଯ୍ୟ କରିବା ଉଚିତ। ପଞ୍ଚମରେ, କପି ବା ନକଲ କରିବା ଭଳି ଘୃଣ୍ୟ କାର୍ଯ୍ୟ ସବୁ ସ୍ତରରେ ନିରୁତ୍ସାହିତ ହେବା ଉଚିତ। ଟ୍ୟୁଶନ ଶିକ୍ଷକ ଭାବରେ ନିଜ ପିଲାମାନଙ୍କର ନମ୍ବର ବଢ଼େଇବାର ନିଶା ହୁଏତ ସାମୟିକ ଭାବରେ ଲାଭଦାୟକ, କିନ୍ତୁ ପରବର୍ତ୍ତୀ ସମୟରେ ଅନ୍ୟ ପିଲାଙ୍କ ସହ ସାହାଯ୍ୟ ପାଇଥିବା ପିଲାଟି ଆଖିରେ ଶିକ୍ଷକ ଘୃଣାର ପାତ୍ର ହୋଇଯିବ; କାରଣ ସମୟ ଆସିବ ପିଲାଟି ବୁଝିପାରିବ କପି ପାଇ ବଡ଼ ବୁଦ୍ଧିଆ ହେବାର ପରିଣାମ। ଅନ୍ତତଃ ସେ ଯେତେବେଳେ ମା'ବାପା ଭୂମିକାରେ ନିଜ ପିଲାର ପାଠପଢ଼ା କଥା ଚିନ୍ତା କରିବ ସେ ସେଦିନ ନିଶ୍ଚୟ ବୁଝିପାରିବ ତାଙ୍କ ଶିକ୍ଷକଙ୍କ ତ୍ରୁଟିପୂର୍ଣ୍ଣ ଅନୁକମ୍ପାର କୁପ୍ରଭାବ।

ଶେଷରେ, ଶିଶୁକୁ ଧୈର୍ଯ୍ୟର ସହିତ ଶୁଣିବା ଓ ଜାଣିବା ଉଚିତ୍। ତା'ପରେ ତା' ସମ୍ପର୍କରେ ମନ୍ତବ୍ୟ ଦେବା ଉଚିତ। ବିଶେଷକରି ମାତାପିତାମାନେ ପିଲାଙ୍କୁ ମାର୍କ ଯନ୍ତ୍ର ବା ଟଙ୍କା ରୋଜଗାର ଶ୍ରମଜୀବୀଟିଏ କରିବାକୁ ନ ପ୍ରବର୍ତ୍ତାଇ, ମଣିଷ ଭଳି ମଣିଷଟିଏ ହେବାକୁ ପ୍ରେରଣା ଦିଅନ୍ତୁ।

**ସରକାରୀ ମହିଳା ମହାବିଦ୍ୟାଳୟ, ଜୟପୁର, କୋରାପୁଟ**
**ମୋ: ୯୪୩୭୯୧୪୮୧୮**

## ଏଇ ଭାରତରେ

ରାସ୍ତାକଡ଼ ଢାବାରେ ବସି ପସନ୍ଦର ଖାଦ୍ୟ ଖାଇବା ମଜା ନିଆରା। କିନ୍ତୁ କୁକୁରଙ୍କ ପାଇଁ ଏମିତିକା ଢାବା କେବେ ଦେଖିଛନ୍ତି କି? ଯଦି ନା, ତେବେ ଇନ୍ଦୋର ଯାଆନ୍ତୁ; ସେଠାରେ ବଲରାଜ ଝଲା ଓ ତାଙ୍କ ସ୍ତ୍ରୀ ମିଶି ଖୋଲିଥିବା 'ଡଗି ଢାବା' ଦେଖନ୍ତୁ। ସେଠାରେ କୁକୁରଙ୍କୁ ସେମାନଙ୍କ ପସନ୍ଦର ଖାଦ୍ୟ ପରଷାଯାଉଛି। କେବଳ ସେତିକି ନୁହେଁ, କୁକୁରମାନଙ୍କ ପାଇଁ ସେଠାରେ ରହିବା ବ୍ୟବସ୍ଥା ଅଛି। ରହିବା ସମୟରେ ସେମାନେ କିଭଳି ଖେଳିବେ ଓ ଲୋକଙ୍କ ସହ ମିଶିବେ ତାହାର ମଧ୍ୟ ବନ୍ଦୋବସ୍ତ କରାଯାଇଛି। ଡଗି ଢାବାରେ ଉଭୟ ଶାକାହାର ଓ ଆମିଷ ଖାଦ୍ୟ ତିଆରି ହେଉଛି। ଗୋଟିଏ ମିଲ୍‌ର ଦାମ୍ ୭ ଟଙ୍କାରୁ ଆରମ୍ଭକରି ୫୦୦ ଟଙ୍କା ଯାଏ ରଖାଯାଇଛି। କୁକୁରଙ୍କ ପାଇଁ ଖାଦ୍ୟ ପାର୍ସଲ ମଧ୍ୟ ଦିଆଯାଉଛି। ବଲରାଜ ଅନ୍‌ଲାଇନ ବିଜ୍‌ନେସ୍ ଆରମ୍ଭ କରି ଡେଲିଭରି ବୟଙ୍କ ଦ୍ୱାରା ଘରେ ଖାଦ୍ୟ ପହଞ୍ଚାଉଛନ୍ତି। ଆଶ୍ଚର୍ଯ୍ୟର କଥା, ସେଠାରେ କୁକୁରଙ୍କ ଜନ୍ମଦିନ ବି ପାଳନ କରାଯାଉଛି। ଏଭଳି ଢାବା ଖୋଲିବା ପୂର୍ବରୁ ବଲରାଜ ଲକ୍‌ଡାଉନ ବେଳେ କୁକୁରମାନଙ୍କୁ ଖାଇବାକୁ ଦେଉଥିଲେ। ପରେ ସେ ଏକ ହୋଟେଲରେ କାମ କରୁଥିଲେ ଓ ଘରକୁ ଫେରିବାବେଳେ ରାତିରେ କୁକୁରଙ୍କୁ ଖାଇବାକୁ ଦେଉଥିଲେ। କୁକୁରମାନେ କିଭଳି ଭଲ ଖାଦ୍ୟ ପାଇବେ ସେ ବିଷୟରେ ଚିନ୍ତାକରି ଏହି ଢାବା ଖୋଲିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଫେବୃୟାରୀ ୧୯୯୮

- ପଦ୍ମଭୂଷଣ ଡଃ (ସ୍ୱର୍ଗତ) କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ପତ୍ନୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ମାତା ରତ୍ନମଣି ଦେବୀଙ୍କ ୮୭ ବର୍ଷ ବୟସରେ ଦେହାନ୍ତ।
- ମନ୍ତ୍ରୀ ପରିଷଦରେ ବିଦ୍ରୋହ ସୃଷ୍ଟି କରିଥିବା ଅଭିଯୋଗରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂ କ୍ୟାବିନେଟରୁ ଜଗଦମ୍ବିକା ପାଲଙ୍କ ସମେତ ୩ ମନ୍ତ୍ରୀ ବହିଷ୍କୃତ।

## ପାଠକ ଶ୍ରେଷ୍ଠ ବିଚାରକ

### ଚାଷୀ ଭଣ୍ଡାମି କାହିଁକି

ମହାଶୟ,

ବର୍ତ୍ତମାନ ମଣ୍ଡିରେ ଚାଲିଥିବା 'ଚାଷୀମାରଣ, ବେପାରୀ ପୋଷଣ' ନୀତି ବିଷୟରେ କାହାକୁ ଅଛପା ନାହିଁ। କେଉଁଠି ମଣ୍ଡି ଆରମ୍ଭର ଅଳ୍ପଦିନ ପାଇଁ ଚାଷୀଙ୍କଠୁ ଟ୍ରକ୍ ବାବଦକୁ କିଛି ନିଆଯାଇ ନ ଥିଲେ ବି ପରେ ମିଲର ଟ୍ରକ୍ ହେଉ କି ପ୍ରାଇଭେଟ୍ ଗାଡ଼ି ସେ ବାବଦକୁ କୁଇଣ୍ଟାଲ ପିଛା ୧୦ ଟଙ୍କା ସହ ମୋଟିଆଙ୍କ ବାବଦକୁ ୭ରୁ ୧୦ ଟଙ୍କା ଏପରି ୧୨ରୁ ୨୦ ଟଙ୍କା ନିଆଯିବା ଶୁଣାଯାଉଛି। ତଥାପି କେଉଁଠି ଚାଷୀମାନେ ମାସେ ଅବଧିର ଶେଷ ଦିନ ପର୍ଯ୍ୟନ୍ତ ବି ଧାନ ବିକ୍ରୟ କରିପାରୁ ନ ଥିବା ଜଣାଯାଉଛି। ପୁନଶ୍ଚ ମଣ୍ଡି ଆରମ୍ଭରୁ କିଛିଦିନ ପର୍ଯ୍ୟନ୍ତ ଚାଷୀମାନେ ଟୋକନ ଅନୁସାରେ ଧାନ ବିକ୍ରି କରିପାରିଥିବା ସ୍ଥଳେ ନୂଆ ଟାର୍ଗେଟ କମ୍ ଆସିଛି ବୋଲି ସଫେଇ ଦିଆଯାଇ ଚାଷୀଙ୍କ ଟୋକନରୁ କିଛି କୁଇଣ୍ଟାଲ ଧାନ କାଟି ବିକ୍ରୟ କରିବାକୁ ବାଧ କରାଯାଉଛି। ଫଳତଃ ଚାଷୀମାନେ ଟୋକନ ଅନୁସାରେ ଧାନ ବିକ୍ରିକରି ନ ପାରି ଧାନ ଫେରାଇ ଆଣିବାରେ ବୃଥା ଖର୍ଚ୍ଚାନ୍ତ ହେଉଛନ୍ତି। ସୂଚନାଯୋଗ୍ୟ, ପ୍ରତିବର୍ଷ ଅନେକ ଚାଷୀ ମେସେଜ୍ ପାଇ ମଧ୍ୟ ଧାନ ବିକ୍ରି କରିପାରୁ ନାହାନ୍ତି। ଏଠରେ ପ୍ରଶ୍ନ ଉଠେ ଟାର୍ଗେଟ ଅନୁସାରେ କ'ଣ ଟୋକନ ଆସୁନାହିଁ। ଯଦି ଆସୁଥାଏ ତେବେ ଟାର୍ଗେଟ ଯାଉଛି କୁଆଡ଼େ? ଯଦି ଆସୁ ନ ଥାଏ ତେବେ ଚାଷୀଙ୍କୁ ଭଣ୍ଡାଯାଉଛି କାହିଁକି?

**-ରାଜ କୁମାର ସାମଲ, ଅରେଇ, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଛୁଇଁନି ବ୍ରୀଡ଼ା ଚଞ୍ଚଳତା
ଛୁଇଁନି ଧରା ପାପ
ପଡ଼ିନି ପୂତ ତନୁର ପରେ
ପଥର ଅଭିଶାପ।
-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧୋତ୍ସବ, ବୀରସୁରେନ୍ଦ୍ର ସାଏ ନଗରସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୮ଟା ୩୦।
- ଉତ୍କଳ ସମ୍ମିଳନୀ ଓ ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦ ପକ୍ଷରୁ ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ, ବୀର ସୁରେନ୍ଦ୍ର ସାଏ ନଗର, ସକାଳ ୯ଟା।
- ରାଜ୍ୟସ୍ତରୀୟ ପଲିଟେକ୍‌ନିକ୍ ଏବଂ ଆଇଟିଆଇ ଫେଷ୍ଟ ୨୦୨୩, କଳିଙ୍ଗ ଷ୍ଟାଡିୟମ୍, ପୂର୍ବାହ୍ନ ୧୦ଟା।
- ଜାତୀୟ ବିଜ୍ଞାନ ଦିବସ ପାଳିତ, ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସ ପରିସର, ଗଜପତି ନଗର, ପୂର୍ବାହ୍ନ ୧୦ଟା।
- ଜାତୀୟ ବିଜ୍ଞାନ ଦିବସ ପାଳିତ, ସର୍ଭେ ଭବନ, ଇଗ୍‌ମୋ ରୋଡ୍, ଜାଭିୟର ଛକ ପାଖ, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ବ୍ୟାଙ୍କ ମିତ୍ର ଆସୋସିଏଶନ ପକ୍ଷରୁ ଧାରଣା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୦ଟା ୩୦।
- ଓୟୁଏଟି କୃଷି ପ୍ରଦର୍ଶନୀ, ଡ. ସ୍ୱାମୀନାଥନ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା।
- ରାଷ୍ଟ୍ରୀୟ ହିନ୍ଦୁ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ଆଦିବାସୀ ମେଳା ୨୦୨୩, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୧, ଅପରାହ୍ନ ୨ଟା ୩୦।
- ୭ମ ମେଗା ହ୍ୟାଣ୍ଡଲୁମ୍ ଫେବ୍ ମେଳା, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୫ଟା।
- ଖଦି ଇଣ୍ଡିଆ ପକ୍ଷରୁ ଖଦି ମହୋତ୍ସବ, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ଅପରାହ୍ନ ୨ଟା।
- ମିଟ୍ ଦି ଆଲୁମ୍‌ନି କାର୍ଯ୍ୟକ୍ରମ, ବାଣୀବିହାର କ୍ୟାମ୍ପସ ପରିସର, ଅପରାହ୍ନ ୩ଟା।
- ଜାତୀୟ ବିଜ୍ଞାନ ଦିବସ ଅବସରରେ ୨ୟ ସିଭି ରମଣ ପୁରସ୍କାର ମହୋତ୍ସବ, ଏମ୍‌କେସିଜି ଅଡିଟୋରିୟମ୍, ଉତ୍କଳ ୟୁନିର୍ଭସିଟି, ଅପରାହ୍ନ ୪ଟା ୩୦।
- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ଆନୁକୂଲ୍ୟରେ ୧୮୮ତମ ଆଲୋଚନା ଚକ୍ର, ଭାରତୀୟ ବିଦ୍ୟାଭବନ ସଭାଗୃହ, ସନ୍ଧ୍ୟା ୬ଟା।
- ଓଡ଼ିଶୀ ଡ୍ୟାନ୍ସ କ୍ରିଏଶନ ପକ୍ଷରୁ ଚାନ୍ଦବିଭା ନୃତ୍ୟ ମହୋତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**

- ଉତ୍କଳ ସେବକ ସମାଜ ପକ୍ଷରୁ ସ୍ୱାଗତ ଉତ୍ସବ, ସେଲିବ୍ରେଶନ ମଣ୍ଡପ, ମହାନଦୀ ବିହାର, ସନ୍ଧ୍ୟା ୬ଟା।
- ଓଡ଼ିଶା ବିଜ୍ଞାନ ମଣ୍ଡଳ ପକ୍ଷରୁ ଆଲୋଚନାଚକ୍ର, ରାଣୀହାଟ ହାଇସ୍କୁଲ, ପୂର୍ବାହ୍ନ ୧୦ଟା ୩୦।

**ପୁରୀ**

- ମଧୁବନ ସରସ୍ୱତୀ ମନ୍ଦିର ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ, ବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା ୪୫।
- ଆମ୍ ଆଦମୀ ପକ୍ଷରୁ ବିକ୍ଷୋଭ, ଜିଲାପାଳଙ୍କ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।
- ଜାତୀୟ ବିଜ୍ଞାନ ଦିବସ, ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ, ପୂର୍ବାହ୍ନ ୧୧ଟା।
- ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ବିଜ୍ଞାନ ଦିବସ, ବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।
- ହରଚଣ୍ଡି ସାହି ଶିଶୁ ମନ୍ଦିରରେ ବିଜ୍ଞାନ ଦିବସ, ବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।
- କାଂସ୍ୟ ପଦକ ବିଜେତାଙ୍କୁ ସ୍ୱାଗତ ସମାରୋହ, ବ୍ୟାୟାମ ଭବନ, ଅପରାହ୍ନ ୩ଟା।
- ସମତା ସାହିତ୍ୟ ସମିତି ପକ୍ଷରୁ ସୁରେନ୍ଦ୍ର ସାଏଙ୍କ ତିରୋଧାନ ଦିବସ ପାଳନ, ରାଣୀସତୀ ଭବନ, ଅପରାହ୍ନ ୪ଟା।

# ମୋହରିର ସମେତ ଆଉ ୨ ଗିରଫ

ଭୁବନେଶ୍ୱର,୨୭।୨(ବ୍ୟୁରୋ)



ଅନ୍ତର୍ଯ୍ୟାମୀ ସେନାପତି

**ବିଏମ୍‌ସି, ସବ୍‌ରେଜିଷ୍ଟ୍ରାର ଅଫିସ୍‌ରେ ହେଉଛି ଜମି ଠକେଇର ବ୍ଲୁ ପ୍ରିଣ୍ଟ୍**

- ଇଓଡବ୍ଲ୍ୟୁ ନଜରକୁ ଆସିଲାଣି ଠକେଇ ଘଟଣା
- ପୂର୍ବରୁ ଗିରଫ ହୋଇଥିଲେ ବିଏମ୍‌ସି କର୍ମଚାରୀଙ୍କ ସମେତ ୩

ରାଜଧାନୀରେ ଜମି ଠକେଇର ଆଉଏକ ବଡ଼ ରାକେଟ ଧୀରେ ଧୀରେ ପଦାକୁ ଆସିବାରେ ଲାଗିଛି। ବିଏମ୍‌ସି ଓ ସବ୍‌ରେଜିଷ୍ଟ୍ରାର୍ ଅଫିସ୍‌ରେ ହିଁ ପ୍ରସ୍ତୁତ ହେଉଛି ଏହି ଠକେଇର ବ୍ଲୁ ପ୍ରିଣ୍ଟ୍। ସରକାରୀ କ୍ଷମତା ଓ ପରିଚୟକୁ ବ୍ୟବହାର କରି ଲୋକଙ୍କୁ ଫସାଇ ଲକ୍ଷଲକ୍ଷ ଟଙ୍କା ଠକି ନେଉଛନ୍ତି। ଜାଲ୍ ଦସ୍ତାବିଜ ଜରିଆରେ ଜମି ଠକେଇ ଘଟଣାରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ରାକେଟ୍‌ରେ ସମ୍ପୃକ୍ତ ଆଉ ୨ ଜଣଙ୍କୁ ଗିରଫ କରିବା ସହ ଏମାନଙ୍କ ଗୁମର ଖୋଲିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଏହି ରାକେଟର ମାଷ୍ଟରମାଇଣ୍ଡ୍ ଅନ୍ତର୍ଯ୍ୟାମୀ ସେନାପତି ଓ ତାଙ୍କ ସହଯୋଗୀ ଅନନ୍ତ କୁମାର ପ୍ରଧାନ। ଅଭିଯୁକ୍ତ ଅନ୍ତର୍ଯ୍ୟାମୀ ଜଣେ ମୋହରିର ତଥା ଓକିଲ ବୋଲି ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି। ଉଭୟଙ୍କୁ ରବିବାର କୋର୍ଟଚାଲାଣ କରାଯିବାପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ମାମଲାରେ ୫ଦିନ ତଳେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଅବସରପ୍ରାପ୍ତ କର୍ମଚାରୀ ହଳଧର ଦାସଙ୍କ ସମେତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ସେମାନେ ଏବେ ଜେଲରେ ଦିନ କାଟୁଛନ୍ତି। ତେବେ ମାମଲାରେ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୫ ଛୁଇଁଥିବାବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ଇଓଡବ୍ଲ୍ୟୁ ଅଧିକ ତଦନ୍ତ ଜାରି ରଖିଛି। ଇତିମଧ୍ୟରେ ଅଭିଯୁକ୍ତମାନେ କରିଥିବା ୮ଟି ଜମି ଠକେଇ ଘଟଣା ଏପର୍ଯ୍ୟନ୍ତ ନଜରକୁ ଆସିଥିବା ଇଓଡବ୍ଲ୍ୟୁ ସୂଚନା ଦେଇଛି।

ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ନଶଡ଼ିପୁର ଗ୍ରାମର ଲିପିକା ଦାସଙ୍କର ଭୁବନେଶ୍ୱର ମଳିପଡ଼ା ମୌଜାସ୍ଥିତ ବସନ୍ତ ବିହାରରେ ୨ ହଜାର ବର୍ଗଫୁଟ୍‌ର ଏକ ଜମି ରହିଛି। ସେ ଉକ୍ତ ଜମିକୁ ୧୯୯୯ରେ କିଣିଥିଲେ ଓ ତାଙ୍କ ପାଖରେ ଏହାର ସମସ୍ତ ଦସ୍ତାବିଜ୍ ରହିଛି। ତେବେ କିଛିଦିନ ତଳେ ସେ ଖଜଣା ଦେବାକୁ ଯିବାବେଳେ ତାଙ୍କ ଜମି ଅଭିଯୁକ୍ତ ହଳଧରଙ୍କ ନାମରେ ଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ଅଭିଯୋଗ କରିବା ପରେ ଇଓଡବ୍ଲ୍ୟୁ ଫେବୃୟାରୀ ୨୧ରେ ଏକ ମାମଲା (ନଂ.୭/୨୦୨୩) ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ବେଳେ ଜଣାପଡ଼ିଥିଲା ଯେ, ଅଭିଯୁକ୍ତମାନେ ଖଣ୍ଡଗିରିସ୍ଥିତ ସବ୍ ରେଜିଷ୍ଟ୍ରାର ଅଫିସରେ ଲିପିକାଙ୍କ ଦସ୍ତଖତକୁ ନକଲ କରି ଏହି ଠକେଇ କରିଛନ୍ତି। ଏପରିକି ରେଜିଷ୍ଟର୍ଡ ସେଲ୍ ଡିଡ୍‌ରେ ଦିଆଯାଇଥିବା ଆଧାର ନମ୍ବର ଜମିର ପ୍ରକୃତ ମାଲିକ ଲିପିକାଙ୍କ ରହିଥିବାବେଳେ ସେଥିରେ ଅଭିଯୁକ୍ତା ମମତାଙ୍କ ଫଟୋ ରହିଛି। ମୋହରିର ଅନ୍ତର୍ଯ୍ୟାମୀଙ୍କ ପରିଚାଳନାରେ ହିଁ ଏହି ଠକେଇ ହୋଇଥିଲା। ତେବେ ଅଭିଯୁକ୍ତମାନେ ରାଜଧାନୀର ଉପକଣ୍ଠରେ ଥିବା ଜମିକୁ ନିଜ ନାମରେ କରି ଏହାକୁ ଅନ୍ୟମାନଙ୍କୁ ବିକ୍ରି କରିଦିଅନ୍ତି। ଦୂରରେ ରହୁଥିବା ମାଲିକମାନଙ୍କ ଜମିକୁ ହିଁ ସେମାନେ ଟାର୍ଗେଟ କରୁଥିଲେ। ଜମି ବିକ୍ରିରୁ ମିଳୁଥିବା ବିପୁଳ ଟଙ୍କାକୁ ଅଭିଯୁକ୍ତମାନେ ନିଜ ନିଜ ମଧ୍ୟରେ ବାଣ୍ଟି ନିଅନ୍ତି ବୋଲି ତଦନ୍ତ ବେଳେ ଜଣାପଡ଼ିଛି।




ସ୍ୱେଚ୍ଛାସେବୀ ସଙ୍ଗଠନ ପ୍ରେରଣା ଓ କୋଲକାତାର ସୁଇଚ୍ ଅନ୍ ଫାଉଣ୍ଡେଶନର ମିଳିତ ସହଯୋଗରେ ସୋମବାର ଆୟୋଜିତ 'ମୁଭ୍ ଫର୍ ଆର୍ଥ' କାର୍ଯ୍ୟକ୍ରମ ଅବସରରେ ପୁରୀ ବେଳାଭୂମିରେ ଶିଳ୍ପୀ ସୁଦାମ ପ୍ରଧାନଙ୍କ ବାଲୁକା କଳା।

# କପିଳେଶ୍ୱର ମନ୍ଦିର ତାଲା ଭାଙ୍ଗିଲେ, ଥାନାରେ ଅଭିଯୋଗ

ପୁରୁଣା ଭୁବନେଶ୍ୱର, ୨୭।୨(ଡି.ଏନ୍.ଏ.)

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା ପୁଣି ଆରମ୍ଭ କରାଯିବା ନେଇ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। କପିଳେଶ୍ୱର ମନ୍ଦିରର ମଲ୍ଲିଆ ଏବଂ ଖୁଣ୍ଟିଆ ସେବାୟତଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଯୋଗୁ ଚଳିତ ବର୍ଷ ମଧ୍ୟ ପୂର୍ବ ବର୍ଷ ଭଳି ବନ୍ଦ ରହିଥିଲା। ସେବାୟତଙ୍କ ଅସହଯୋଗ ଯୋଗୁ ବାଧ୍ୟ ହୋଇ ଜିଲା ପ୍ରଶାସନ ପକ୍ଷରୁ ମନ୍ଦିର ମୁଖ୍ୟ ଦ୍ୱାରାକୁ ତାଲା ପକାଯାଇଥିଲା। ଫଳରେ ଗତ ତିନିଦିନ ହେବ କପିଳେଶ୍ୱର ଦେବଙ୍କ ନୀତି ବନ୍ଦ ରହିଥିଲା। ସୋମବାର କେହି ଉକ୍ତ ତାଲାକୁ ଭାଙ୍ଗିଦେଇଥିବା ଜଣାପଡ଼ିଛି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ଥାନାରେ ମନ୍ଦିର ମ୍ୟାନେଜର ମନୁ ମଲିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ୍ ଏକ ମାମଲା (ନଂ.୬୧/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମନ୍ଦିରରୁ ଚୋରି ହେବା ଆଶଙ୍କାରେ ପ୍ରଶାସନ ପକ୍ଷରୁ ପୁଣି ଏକ ମନ୍ଦିର ମୁଖ୍ୟଦ୍ୱାରରେ ତାଲା ପକାଯାଇଥିବା ଜଣାପଡ଼ିଛି। ଅନ୍ୟପଟେ ଠାକୁରଙ୍କ ନୀତିକାନ୍ତି ହେବା ନେଇ ସୋମାବାର ମଲିଆ ସେବାୟତଙ୍କ ଏକ ପ୍ରତିନିଧି ଦଳ ଉପଜିଲାପାଳ ଏବଂ ସହକାରୀ ଦେବୋତ୍ତର ଆୟୁକ୍ତଙ୍କୁ ଭେଟିଥିବା ଜଣାପଡ଼ିଛି।

# ରାଜଧାନୀରେ ଛାତ୍ରଙ୍କ ଆତ୍ମହତ୍ୟା

ଭୁବନେଶ୍ୱର,୨୭।୨(ବ୍ୟୁରୋ)

**ମେଡିକାଲ୍ ପ୍ରବେଶିକା ପରୀକ୍ଷାରେ ବିଫଳ ହୋଇ ଚିନ୍ତାରେ ଥିଲେ**

ଏୟାରଫିଲ୍ଡ ଥାନା ଅନ୍ତର୍ଗତ କଣ୍ଟିଲୋସ୍ଥିତ ଲ୍ୟାଣ୍ଡ୍‌ମାର୍କ-୨ ଆପାର୍ଟମେଣ୍ଟରେ ରହୁଥିବା ଜଣେ ଛାତ୍ର ଫ୍ୟାନ୍‌ରେ ଦଉଡ଼ି ଦ୍ୱାରା ଝୁଲି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଯଶ୍ ପ୍ରଧାନ (୨୧)। ରବିବାର ରାତିରେ ଏହି ଘଟଣା ଘଟିଥିବାବେଳେ ସୋମବାର କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୯/୨୦୨୩) ରୁଜୁ କରି ତଦନ୍ତ ଜାରି ରଖିଛି। ଥାନାଧିକାରୀ ଅଶୋକ ନାୟକ କହିଛନ୍ତି, ମେଡିକାଲ୍ ପାଠ ପଢ଼ିବାକୁ ଯଶ୍ ଦେଉଥିବା ପ୍ରବେଶିକା ପରୀକ୍ଷାରେ ବାରମ୍ବାର ବିଫଳ ହୋଇ ଚିନ୍ତାରେ ରହୁଥିଲେ। ଏଥିପାଇଁ ସେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ସେ କହିଛନ୍ତି।

ସୂଚନା ଅନୁଯାୟୀ, ଯଶ୍‌ଙ୍କ ଘର ଗଞ୍ଜାମ ଜିଲା ବୈଦ୍ୟନାଥପୁର ଥାନା ଅଞ୍ଚଳରେ ହୋଇଥିବାବେଳେ ସେ ଦୀର୍ଘଦିନ ହେବ ପରିବାର ସହ ଏଠାରେ ରହୁଥିଲେ। ବାପା ବିଭୁକଲ୍ୟାଣ ପ୍ରଧାନ ଜଣେ ଲେଖକ ହୋଇଥିବାବେଳେ ମା' ଔରଙ୍ଗାବାଦ୍‌ସ୍ଥିତ ଏକ କଲେଜ୍‌ରେ ଆସିଷ୍ଟାଣ୍ଟ ପ୍ରଫେସର ଅଛନ୍ତି। ଏଠାରେ ବାପା ଏବଂ ଯାଆଁଳା ଭଉଣୀଙ୍କ ସହ ଯଶ୍ ରହୁଥିଲେ। ତେବେ ଯଶ୍ ଯୁକ୍ତ-୨ ପରେ ୨ରୁ ଅଧିକ ଥର ମେଡିକାଲ୍ ପାଠ ପଢ଼ିବାକୁ ବାରମ୍ବାର ପ୍ରବେଶିକା ପରୀକ୍ଷା ଦେଇ ବିଫଳ ହେଉଥିଲେ। ଏଥିପାଇଁ ସେ ଚିନ୍ତାରେ ରହୁଥିଲେ। ରବିବାର ପୂର୍ବାହ୍ନରେ ବାପା, ଭଉଣୀ ଏକ କାମରେ ବ୍ରହ୍ମପୁର ଯାଇଥିଲେ। ସନ୍ଧ୍ୟାରେ ଯଶ୍ ଫୋନ୍ ନ ଉଠାଇବାକୁ ପରିବାର ଲୋକ ଚିନ୍ତାରେ ପଡିଥିଲେ। ବାପା ଓ ଭଉଣୀ ରାତିରେ ଘରକୁ ଫେରିବା ପରେ ଏକ ରୁମ୍‌ର କବାଟ ବନ୍ଦ ଥିବା ଦେଖିଥିଲେ। ଏନେଇ ବାପା ଥାନାକୁ ଖବର ଦେବା ସହ ତାଲା ଭାଙ୍ଗିବା ପରେ ଯଶ୍ ଆତ୍ମହତ୍ୟା କରିଥିବା ଜାଣିବାକୁ ପାଇଥିଲେ।

# କ୍ୟାପିଟାଲ ହସ୍ପିଟାଲରେ ହେବ ସ୍ୱତନ୍ତ୍ର କ୍ୟାନ୍ସର ଉଇଙ୍ଗ

କଟକ ଅଫିସ,୨୭।୨

**ହାଇକୋର୍ଟରେ କର୍କଟ ରୋଗୀଙ୍କ ଚିକିତ୍ସା ମାମଲା**

- ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସତ୍ୟପାଠ ଦାଖଲ
- ବାଲେଶ୍ୱର, ବ୍ରହ୍ମପୁରରେ ସମ୍ଭବ ନୁହେଁ ପେଟ୍ ସିଟି ସ୍କାନ୍
- ଏପ୍ରିଲ ୩ରେ ପରବର୍ତ୍ତୀ ଶୁଣାଣି

ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ସ୍ୱତନ୍ତ୍ର କ୍ୟାନ୍‌ସର ଉଇଙ୍ଗ ପ୍ରତିଷ୍ଠା ହେବ। ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସତ୍ୟପାଠ ଜରିଆରେ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ରାଜ୍ୟରେ କର୍କଟ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ପ୍ରଦାନ ପ୍ରସଙ୍ଗରେ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲା ସୋମବାର ହାଇକୋର୍ଟର ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ଏସ୍. ମୁରଲୀଧର ଓ ଜଷ୍ଟିସ ମୁରାହରି ଶ୍ରୀରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଶୁଣାଣି କରିଥିଲେ। ଶୁଣାଣିବେଳେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦାଖଲ ସତ୍ୟପାଠରେ ଏବେ ବାଲେଶ୍ୱର ଓ ବ୍ରହ୍ମପୁରରେ ପେଟ୍ ସିଟି ସ୍କାନ ସମ୍ଭବ ନୁହେଁ ବୋଲି ଦର୍ଶାଯାଇଛି। ପେଟ୍ ସିଟି ସ୍କାନ ଚିକିତ୍ସା ପାଇଁ ସାଇକ୍ଲୋଟ୍ରନ ଆବଶ୍ୟକ ହୋଇଥାଏ। ଏହି ସାଇକ୍ଲୋଟ୍ରନ ସାଧାରଣତଃ ମୁମ୍ବାଇ, ଦିଲ୍ଲୀ, ହାଇଦ୍ରାବାଦ ଓ କୋଲକତାରୁ ଆସିଥାଏ। ଏଥିସହ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କର୍କଟ ରୋଗୀଙ୍କ ଚିକିତ୍ସା ଏହାଦ୍ୱାରା କରାଯାଇଥାଏ। ହେଲେ ନିକଟରେ ଏୟାରପୋର୍ଟ ନ ଥିବାରୁ ସାଇକ୍ଲୋଟ୍ରନ ଅଣାଯିବାରେ ସମସ୍ୟା ରହିଛି। ସେ ଦୃଷ୍ଟିରୁ ବାଲେଶ୍ୱର ଓ ବ୍ରହ୍ମପୁରରେ ଏବେ ଏହି ଚିକିତ୍ସା ସମ୍ଭବ ନୁହେଁ ବୋଲି ସତ୍ୟପାଠରେ କାରଣ ଦର୍ଶାଯାଇଛି। ତେଣୁ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୩ ତାରିଖକୁ ଧାର୍ଯ୍ୟ ହୋଇଛି। ଆବେଦନକାରୀ ଅନିତା ବୁଦ୍ଧିଆଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୌତମ କୁମାର ଆଚାର୍ଯ୍ୟ ଓ ଆଇନଜୀବୀ ଅରୁଣ କୁମାର ବୁଦ୍ଧିଆ ଏବଂ ଆଚାର୍ଯ୍ୟ ହରିହର ପିଜି କର୍କଟ ରୋଗ ପ୍ରତିଷ୍ଠାନର ନିର୍ଦ୍ଦେଶକଙ୍କ ତରଫରୁ ଆଇନଜୀବୀ ଦେବାଶିଷ ପଣ୍ଡା ମାମଲା ପରିଚାଳନା କରୁଛନ୍ତି। ଆବେଦନକାରୀ ଅନିତା ବୁଦ୍ଧିଆ କର୍କଟ ରୋଗୀଙ୍କ ପାଇଁ ଉପଯୁକ୍ତ ଚିକିତ୍ସା ଓ ପରୀକ୍ଷା ବ୍ୟବସ୍ଥାକୁ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ। ସେହିପରି ସ୍ୱେଚ୍ଛାସେବୀ ଅନୁଷ୍ଠାନ ମୈତ୍ରୀ ସଂସଦ ପକ୍ଷରୁ କର୍କଟ କେନ୍ଦ୍ରର ବ୍ୟାପକ ଅବ୍ୟବସ୍ଥାକୁ ନେଇ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୁଜାତା




@ ଓମ୍ ଜ୍ୟୋତିପ୍ରକାଶ



@ ଦିବ୍ୟରଞ୍ଜନ



@ ପ୍ରଦ୍ୟୁମ୍ନ



@ ଜଗନ୍ନାଥ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।





ସୋମବାର ଥିଲା ସିବିଏସ୍‌ଇ ଦଶମ ଇଂଲିଶ ପରୀକ୍ଷା। ପରୀକ୍ଷା ପୂର୍ବରୁ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୧ କେନ୍ଦ୍ର ନିକଟରେ ଛାତ୍ରୀଛାତ୍ରଙ୍କ ସହ ଅଭିଭାବକମାନେ ଭିଡ଼ ଲଗାଇଛନ୍ତି। ପରୀକ୍ଷା ଦେଇ ଫେରିବା ସମୟରେ ଜଣେ ଅଭିଭାବକ ଖୁସିରେ ତାଙ୍କ ଝିଅକୁ ଆଲିଙ୍ଗନ କରୁଛନ୍ତି। (ଫଟୋ- ବିକାଶ)



୩ ଦଫା ଦାବି ପୂରଣ ପାଇଁ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ପିପିଲି ବିଧାୟକଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ। (ଫଟୋ- ମନୋରଞ୍ଜନ)

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୮ ଫେବୃୟାରୀ, ୨୦୨୩

**ମାଷ୍ଟରକ୍ୟାଣ୍ଟିନ୍ ଛକରୁ ଜବରଦଖଲ ହଟାଇଲା ବିଡିଏ**

ଭୁବନେଶ୍ୱର, (ବ୍ୟୁରୋ)- ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ସୋମବାର ବିଭିନ୍ନ ସ୍ଥାନରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଡମଣା ଛକ ନିକଟରେ ନୂତନ ଭାବେ ନିର୍ମିତ ହେଉଥିବା ଏକ ଘର ଭଙ୍ଗାଯିବା ସହ ପଟିଆ ସ୍ଥିତ ପ୍ଲଟ ନଂ ୩୦୬ ସରକାରୀ ଜମି ଉପରୁ ଜବରଦଖଲ ହଟା ଯାଇଛି। ସେହିପରି ମାଷ୍ଟରକ୍ୟାଣ୍ଟିନ ଛକ ନିକଟରେ ନିୟମିତ ଭାବେ ରହୁଥିବା ଠେଲା ଦୋକାନୀଙ୍କୁ ମଧ ହଟା ଯାଇଛି। ଏନ୍‌ଫୋର୍ସମେଣ୍ଟ ଟିମ୍ ୬,୮ ଏବଂ ବିଏମ୍‌ସିର ଉତ୍ତର ଜୋନ୍ ସାନଟେସନ ସ୍କ୍ୱାର୍ଡ ପକ୍ଷରୁ ୪ଟି ଫାଷ୍ଟଫୁଡ୍ ଦୋକାନକୁ ସିଲ୍ କରାଯାଇଛି।



## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ଜଳିଗଲା ୨ ବଖରା



ବାରଙ୍ଗ,୨୭।୨(ଡି.ଏନ୍.ଏ.)- ବାରଙ୍ଗ ବ୍ଲକ ଅର୍ନ୍ତଗତ ଦାଢ଼ାପାଟଣା ପଞ୍ଚାୟତର ମଧୁସୂଦନପୁର ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୨ବଖରା ଚାଳଘର ସମ୍ପୂର୍ଣ୍ଣ ଜଳିଯାଇଛି। ଏହି ଗ୍ରାମର ଜୟରାମ ଦାସଙ୍କ ସୂଚନା ମୁତାବକ ରବିବାର ରାତିରେ ଜୟରାମ ତାଙ୍କ ପରିବାର ଲୋକଙ୍କ ସହ ଘରେ ଶୋଇଥିବା ସମୟରେ ରାତି ପ୍ରାୟ ୧.୩୦ ସମୟରେ ଚାଳଘରେ ନିଆଁ ଲାଗିଯାଇଥିବା ଜାଣିବାକୁ ପାଇଥିଲେ। ହଠାତ୍ ପରିବାର ସମସ୍ତ ସଦସ୍ୟ ଘରୁ ବାହାରକୁ ଚାଲିଆସିଥିଲେ। ତାଙ୍କ ଚିତ୍କାର ଶୁଣି ପଡୋଶୀ ଆସି ନିଆଁ ଲିଭାଇବାକୁ ଉଦ୍ୟମ କରିବା ସହ ଦମକଳ ବାହିନୀକୁ ଜଣାଇଥିଲେ। ଖବରପାଇ ବାରଙ୍ଗରୁ ଦମକଳ ଆସିବାବେଳକୁ ଗ୍ରାମବାସୀଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରିଦେଇଥିଲେ। ଏଥିରେ ତାଙ୍କର ବହୁ ଆସବାବପତ୍ର ଜଳି ନଷ୍ଟ ହୋଇଯାଇଛି। ନିଆଁ ଲାଗିବା ଯୋଗୁ ଜୟରାମ ଆହତ ହୋଇଛନ୍ତି। ଜୟରାମ ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

### ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ରାଣୀ ରାସମଞ୍ଜରୀଙ୍କ ଶେଷକୃତ୍ୟ ସମ୍ପନ୍ନ

ଟିଗିରିଆ, ୨୭।୨(ଡି. ଏନ. ଏ.): ଟିଗିରିଆ ଗଡ଼ଜାତର ରାଣୀ ତଥା ପୂର୍ବତନ ବିଧାୟିକା ରାଣୀ ରାସମଞ୍ଜରୀ ଦେବୀଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସୋମବାର ସମ୍ପନ୍ନ ହୋଇଛି। ରବିବାର ରାତିରେ ତାଙ୍କ ପରଲୋକ ଘଟିଥିଲା। ସୋମବାର ପୂର୍ବାହ୍ନରେ ତାଙ୍କ ପାର୍ଥିବ ଶରୀରକୁ ନିଜିଗଡ଼ସ୍ଥିତ ପ୍ରସନ୍ନମଣିଙ୍କ ମନ୍ଦିରଠାରୁ ଫୁଲରେ ସଜ୍ଜିତ କରି ଏକ ଗାଡ଼ିରେ ନୂଆପାଟଣାର ମା'କଳାପାଟଙ୍କ ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରାରେ ନିଆଯାଇଥିଲା। ପରେ ଏହି ଶୋଭାଯାତ୍ରା ପୁରୁଣା ଟିଗିରିଆ ଓ ପାଞ୍ଚଗାଁ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବହୁ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ଶେଷରେ ଟିଗିରିଆ ଥାନା ନିକଟସ୍ଥ ଗୁଣ୍ଡିଚା ପୋଖରୀ ପାଖରେ ଥିବା ରାଣୀଙ୍କ ଜମିରେ ଶବସତ୍କାର ହୋଇଥିଲା। ସେଠାରେ ପୋଲିସ ପକ୍ଷରୁ ତୋପ ସଲାମୀ ସହ ଗାର୍ଡ ଅଫ୍ ଅନର ଦିଆଯାଇଥିଲା ଏହି ସମୟରେ ରାଜ୍ୟ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଆଠଗଡ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ଆଠଗଡ ଡିଏସ୍‌ପି ବିଜୟ କୁମାର ବିଶି, ଟିଗିରିଆ ତହସିଲଦାର ପ୍ରମୋଦ କୁମାର ବାସ୍କେ, ବିଡିଓ ପ୍ରଣବ କୁମାର ବେହେରା, ଟିଗିରିଆ ପଞ୍ଚାୟତ ସମିତି ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧକ୍ଷ ମାନସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ମୁକ୍ତାକାଶ କାରାଶ୍ରମରେ ଦନ୍ତା ହାତୀର ଦୌରାତ୍ମ୍ୟ



ବାରଙ୍ଗ,୨୭।୨(ଡି.ଏନ୍.ଏ.)- ରବିବାର ବିଳମ୍ବିତ ରାତିରେ ଏକ ଦନ୍ତାହାତୀ ଜାମୁଝରିସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଶ୍ରମରେ ପଶି ପନିପରିବା ଖାଇବା ସହ ଦଳିଚକଟି ନଷ୍ଟ କରିଦେଇଛି। ଗତବର୍ଷ ଏହି ମାସରେ ପଶ୍ଚିମପଟ ପାଚେରି ଭାଙ୍ଗି ଏକ ଦନ୍ତାହାତୀ ଭିତରେ ପଶି ପରିବା ଫସଲ ଖାଇ ନଷ୍ଟ କରିଥିଲା। କଏଦୀମାନେ ଘଉଡ଼ାଇବାରୁ ହାତୀଟି ପାଚେରି ଡେଇଁ ପଳାଇଯାଇଥିଲା। ସେହିଦିନଠାରୁ ପାଚେରି ଦୁଇପଟେ ଚୋରା ରାସ୍ତା ରହିଛି। ସେହିରାସ୍ତାରେ ପୁଣି ଦନ୍ତାଟି ପଶି ରବିବାର ବିଳମ୍ବିତ ରାତିରେ ଭିତରକୁ ଆସି ପ୍ରଥମେ କଦଳୀ ବଗିଚା ଓ ପରେ ବିଲାତି ବାଡିରେ ପଶି ଖାଇବା, ପ୍ରଶାସନିକ କୋଠା ନିକଟରେ ଥିବା ସାଗବାରୀ, ପିଆଜବାରୀକୁ ଦଳିଚକଟି ଏକ ପଣସଗଛରୁ କଠାଖାଇ ଭୋର ସମୟରେ ପରିବାବାରିରେ ଛିଡା ହୋଇଥିଲା। ସୋମବାର ସକାଳେ କଏଦୀମାନେ ପରିବାବାରିକୁ ଆସିବାବେଳେ ଦନ୍ତାଟି ଛିଡାହୋଇଥିବାର ଦେଖି ପାଟିକରି ଘଉଡାଇବାକୁ ଉଦ୍ୟମ କରିଥିଲେ। ଦନ୍ତାଟି ପରିସରରୁ ବାହାରି ପଶ୍ଚିମପଟ ଜଙ୍ଗଲକୁ ପଳାଇଯାଇଥିଲା। ଖବରପାଇ ବନ ବିଭାଗ ଆସି ଦନ୍ତାଟି ଚନ୍ଦକା ଜଙ୍ଗଲକୁ ଚାଲିଯାଇଥିବାର କହିଥିବାବେଳେ ହାତୀଟି ନିକଟସ୍ଥ ଜଙ୍ଗଲରେ ଥିବାର କଏଦୀମାନେ ଆଶଙ୍କା ପ୍ରକାଶ କରିଛନ୍ତି।

## ଟ୍ରକ୍ ବ୍ରେକ୍ ଫେଲ୍, ଜାତୀୟ ରାଜପଥରେ ଟ୍ରାଫିକ୍ ଜାମ୍

# ପାତ୍ରପଡ଼ାରୁ ଖୋର୍ଦ୍ଧାକୁ ଲମ୍ବିଲା ଗାଡ଼ି ଧାଡ଼ି

- ଗୋଟିଏ ଟ୍ରକ୍ ପାଇଁ ୪ ଘଣ୍ଟାର ଦହଗଞ୍ଜ
- ନାକେଦମ ପୋଲିସ, ହଟହଟା ଲୋକେ
- ଅଟକିଥିବା ଟ୍ରକ୍ ହଟାଇବାରେ ଫେଲ୍ ମାରିଲା କ୍ରେନ



ଭୁବନେଶ୍ୱର,୨୭।୨(ବ୍ୟୁରୋ)

ଟ୍ରାଫିକ ଜାମ୍ ସହରୀ ଜନଜୀବନକୁ ଦହଗଞ୍ଜ କରୁଛି। ରାଜଧାନୀ ଭୁବନେଶ୍ୱର ସମେତ ଖୋର୍ଦ୍ଧା, ପୁରୀ, କଟକ ଆଦି ବଡ଼ ବଡ଼ ସହରରେ ଏହି ସମସ୍ୟା ଉତ୍କଟ ହେବାରେ ଲାଗିଛି। ପଦାକୁ ବାହାରିଲେ ସହରବାସୀଙ୍କୁ ଟ୍ରାଫିକରେ ଫସିଯିବାର ଭୟ ଘାରୁଛି। ବିଶେଷକରି ୧୬ ନମ୍ବର ଜାତୀୟ ରାଜପଥରେ ଟ୍ରାଫିକ ଯନ୍ତ୍ରଣା ସବୁଠୁ ବଳିଯାଇଛି। ସୋମବାର ବ୍ରେକ୍ ଫେଲ୍ ହୋଇଥିବା ଏକ ଟ୍ରକ୍ ପାଇଁ ଜାତୀୟ ରାଜପଥର ଭୁବନେଶ୍ୱରୁ ଖୋର୍ଦ୍ଧା ମଧରେ ପ୍ରାୟ ୫ ଘଣ୍ଟାରୁ ଅଧିକ ସମୟ ଟ୍ରାଫିକ୍ ଜାମ୍ ହୋଇଥିଲା। ପାତ୍ରପଡ଼ା ନିକଟରୁ ଖୋର୍ଦ୍ଧା ପିତାପଲ୍ଲୀ ପର୍ଯ୍ୟନ୍ତ ଗାଡ଼ି ଲମ୍ବିଥିଲା। ଜାତୀୟ ରାଜପଥ ଓ ସର୍ଭିସ୍ ରୋଡ୍‌ରେ ହଜାର ହଜାର ଗାଡିମୋଟର ସହ ଲୋକେ ଫସି ରହି ଖରାରେ ଏକପ୍ରକାର ଛଟପଟ ହୋଇଥିଲେ। ସେମାନେ ପୋଲିସ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଟ୍ରାଫିକ୍ ପରିଚାଳନା ସହ ଟ୍ରକ୍‌କୁ ମରାମତି କରି ସାଇଡ୍ କରିବାରେ ବାରମ୍ବାର ଉଦ୍ୟମ ବିଫଳ ହେବାରୁ ସ୍ଥିତି ଆହୁରି ବିଗିଡ଼ି ଯାଇଥିଲା।

ସୋମବାର ସକାଳେ ତମାଣ୍ଡୋ ଥାନା ଅଧୀନ ଗୋହିରା ଛକ ନିକଟରେ ଏକ ଟ୍ରକ ବ୍ରେକ୍ ଡାଉନ ହୋଇଥିଲା। ରାସ୍ତା ଉପରୁ ଗାଡିକୁ ହଟାଇବା ପୂର୍ବରୁ ଗୋଟିଏ ପରେ ଗୋଟିଏ ଗାଡି ପଛକୁ ପଛ ଲମ୍ବି ଚାଲିଥିଲା। ଫଳରେ ଉକ୍ତ ରାସ୍ତାରେ ଗାଡି ଯିବାଆସିବା ଆଉ ସମ୍ଭବ ହୋଇ ନ ଥିଲା। ସେଠାରେ ଟ୍ରାଫିକ ପରିଚାଳନା ପାଇଁ ପୋଲିସ ପକ୍ଷରୁ କୌଣସି ତତ୍ପରତା ନ ପାଇବାରୁ ଖୋର୍ଦ୍ଧାରୁ ଗୋରିହା ଛକ ପର୍ଯ୍ୟନ୍ତ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ କିମି ପର୍ଯ୍ୟନ୍ତ ଗାଡିର ଲମ୍ବା ଲାଇନ୍ ଲାଗିଥିଲା। ସକାଳ ୮ ଟାରୁ ମଧାହ୍ନ ୧୨ଟା ପର୍ଯ୍ୟନ୍ତ ଦୁଇ ଚକିଆ ଓ ଚାରି ଚକିଆ ଗାଡି ରାସ୍ତା ଉପରେ ଅଟକି ରହିଥିଲା। ଭିଡରେ ଲୋକମାନେ ହଇରାଣ ହେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା।ପାଖାପାଖି ୪ ଘଣ୍ଟା ଧରି ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା। ଏହା ଭିତରେ ଖୋର୍ଦ୍ଧା ଆଡୁ ଭୁବନେଶ୍ୱରକୁ ଆସୁଥିବା ଲୋକମାନେ ନାହିଁ ନ ଥିବା ହଇରାଣ ହୋଇଥିଲେ। ଏମିତିକି କିଏ ଅଫିସ ଯିବାକୁ ଓ ଜରୁରୀକାଳୀନ କାମରେ ଯାଉଥିବା ଲୋକମାନେ ଭିଡରେ ଅଣନିଃଶ୍ୱାସୀ ହୋଇ ପଡିଥିଲେ। ଏହାପରେ ପିତାପଲ୍ଲୀଠାରୁ ଗାଡିକୁ ଡାଇଭର୍ସନ କରାଯାଇ ଚନ୍ଦକା ରାସ୍ତାରେ ଗାଡି ଛଡା ଯାଇଥିଲା। ଅନ୍ୟପଟେ ପୋଲିସ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇଥିଲେ ଏପରି ଜାମକୁ ନିୟନ୍ତ୍ରଣ କରାଯାଇପାରିଥାନ୍ତା ବୋଲି ଭିଡରେ ଫଶିଥିବା ଲୋକମାନେ କହିଛନ୍ତି। ଆହୁରି ମଧ ସବୁବେଳେ ଛୋଟ ଛୋଟ ସମସ୍ୟାକୁ ନେଇ ଜାତୀୟ ରାଜପଥରେ ବଡ ଧରଣର ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଟ୍ରାଫିକ ବ୍ୟବସ୍ଥାକୁ ସୁଦୃଢ କରିବା ସହ ଆଗାମୀ ଦିନରେ ଜାମକୁ କିଭଳି ରୋକାଯାଇ ପାରିବ ସେ ଦିଗରେ ପଦକ୍ଷେପ ନେବାକୁ ଲୋକମାନେ ଦାବି କରିଛନ୍ତି। ଏନେଇ ଟ୍ରାଫିକ ଏସିପି ସ୍ୱସ୍ତିକ ପଣ୍ଡା କହିଛନ୍ତି, ପ୍ରଥମେ ଏକ ଗାଡି ଭୁବନେଶ୍ୱରରୁ ଖୋର୍ଦ୍ଧା ଆଡକୁ ଯାଉଥିବାବେଳେ ରାସ୍ତାରେ ଖରାପ ହୋଇଥିଲା। ତେଣୁ ଭିଡ ହେବାରୁ ସବୁ ଗାଡିକୁ ରଙ୍ଗ ରୁଟ୍‌ରେ ଛଡା ଯାଇଥିଲା। ଏହି ସମୟରେ ରଙ୍ଗ୍ ରୁଟ୍‌ରେ ଯାଉଥିବା ଏକ ଟ୍ରକ୍ ଗୋହିରା ଛକରେ ବ୍ରେକ ଫେଲ୍ ହେବାରୁ ଅଟକି ରହିଥିଲା। ତେଣୁ ଉକ୍ତ ଗାଡିକୁ ହଟାଇବାକୁ ୩ଟି କ୍ରେନ ଲଗାଯାଇଥିଲେ ମଧ ସବୁ ଫେଲ ମାରିଥିଲା। ଏହା ପରେ ଏକ ମେକାନିକଙ୍କୁ ଡକାଯିବାରୁ ସେ ପହଞ୍ଚି ଗାଡି ସଜାଡିବାରୁ ରାସ୍ତାରୁ ଗାଡିକୁ ସାଇଡ୍ କରାଯାଇଥିଲା। ଏହାପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଯେହେତୁ ଗାଡିକୁ ଗାଡି ଲମ୍ବା ଲାଇନ ଲାଗିରହିଥିଲା ଟ୍ରାଫିକ ଜାମକୁ ଖାଲି କରିବାକୁ ଟିକେ ଅଧିକ ସମୟ ଲାଗିଥିବା ସେ କହିଛନ୍ତି। ଅନ୍ୟପଟେ ଗୋହିରା ଛକ ପାଖରେ ଫ୍ଲାଏ ଓଭର ବ୍ରିଜ୍ କାମ ଚାଲୁଥିବାରୁ ମଧ ଟିକେ ସମସ୍ୟା ଲାଗିରହୁଥିବା ସେ କହିଛନ୍ତି।

# ସେବାର ଜୀବନ୍ତ ପ୍ରତୀକ ଥିଲେ ଆଚାର୍ଯ୍ୟ ହରିହର

## ଆଚାର୍ଯ୍ୟ ହରିହର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଭୁବନେଶ୍ୱର,୨୭।୨(ବ୍ୟୁରୋ)




ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଓ ଅନ୍ୟ ଅତିଥିମାନେ।

ସତ୍ୟବାଦୀର ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ଆଚାର୍ଯ୍ୟ ହରିହର ଦାସ। ସେ ସେବା, ସହାନୁଭୂତି, ଆଚରଣ ଓ ଐକାନ୍ତିକ ନିଷ୍ଠାର ଜୀବନ୍ତ ପ୍ରତୀକ ଥିଲେ। ଗାଁ ଗାଁ ବୁଲି ମହାତ୍ମାଗାନ୍ଧୀଙ୍କ ଅହିଂସାର ପ୍ରଚାର, ଖଦି ଆନ୍ଦୋଳନ, ଅସ୍ପୃଶ୍ୟତା ନିବାରଣ ଓ ନିରକ୍ଷରତା ଦୂରୀକରଣ ଆଦି କାର୍ଯ୍ୟକ୍ରମ ପାଇଁ ସେ ଚିରସ୍ମରଣୀୟ ହୋଇ ରହିଥିବେ ବୋଲି ଅତିଥିମାନେ ମତ ଦେଇଛନ୍ତି। ସୋମବାର ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଆଚାର୍ଯ୍ୟ ବିହାର ପରିଷଦର ମିଳିତ ଆନୁକୂଲ୍ୟରେ ସୂଚନା ଭବନରେ ଆଚାର୍ଯ୍ୟ ହରିହର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇ ଆଚାର୍ଯ୍ୟ ହରିହରଙ୍କ ସରଳ ଜୀବନଯାପନ ଉପରେ ଆଲୋକପାତ କରିଥିଲେ। ଆଚାର୍ଯ୍ୟ ହରିହରଙ୍କଠାରେ ମହାଭାରତୀୟ ଚେତନା ସହ ଅପୂର୍ବ ଦେଶପ୍ରୀତି ଓ ସେବା ମନୋଭାବ ଭରି ରହିଥିଲା ବୋଲି ମନ୍ତ୍ରୀ ଅମାତ କହିଥିଲେ। ସମ୍ମାନିତ ଅତିଥିଭାବେ ସତ୍ୟବାଦୀ ବିଧାୟକ ଉମାଶଙ୍କର ସାମନ୍ତରାୟ ଯୋଗଦେଇ କହିଥିଲେ, ସତ୍ୟବାଦୀର ଯେଉଁ ପଞ୍ଚସଖା ଅର୍ଦ୍ଧଶତାବ୍ଦୀ ଧରି ଓଡ଼ିଶାର ଶିକ୍ଷା, ସମାଜସଂସ୍କାର, ଜନସେବା କ୍ଷେତ୍ରକୁ ପ୍ରଭାବିତ କରିଥିଲେ, ସେମାନଙ୍କ ମଧ୍ୟରେ ଆଚାର୍ଯ୍ୟ ହରିହର ଅନ୍ୟତମ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ତଥା ଭାରତ ସରକାରଙ୍କ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର, ଭୁବନେଶ୍ୱରର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା ଯୋଗଦେଇ ଶିକ୍ଷାଦାନ, ଜନସେବା, ଭୂଦାନ, ସର୍ବୋଦୟ, ଶିକ୍ଷାର ପ୍ରଚାରପ୍ରସାର ପାଇଁ ଆଚାର୍ଯ୍ୟ ହରିହର ନିରବଚ୍ଛିନ୍ନ ଭାବେ ଯେଉଁ କାର୍ଯ୍ୟ କରିଯାଇଛନ୍ତି ସେଥି ପାଇଁ ସେ ଚିରସ୍ମରଣୀୟ ହୋଇ ରହିବେ ବୋଲି କହିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଅତିଥିମାନେ ପୂର୍ବରୁ ଆୟୋଜିତ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସଭା ପରେ ପରିଷଦ ଆନୁକୂଲ୍ୟରେ ଆଚାର୍ଯ୍ୟ ହରିହରଙ୍କ 'ଭଲ ମଣିଷ ହୁଅ' ଉପରେ ଆଧାରିତ ସାମାଜିକ ନାଟକ 'ବୋଉ' ପରିବେଷିତ ହୋଇଥିଲା। ବିଭାଗର ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପରିଷଦର ସଭାପତି ଭାଗବତ ପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସକାଳେ ଆଚାର୍ଯ୍ୟବିହାରସ୍ଥିତ ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ(ବୈଷୟିକ) ଅତିଥି ଭାବେ ଯୋଗଦେଇ ଥିବାବେଳେ ପରିଷଦର ସଭାପତି ସମ୍ପାଦକ ଶିଶିର ମହାପାତ୍ର, ଉପସଭାପତି ଯଦୁମଣି ସ୍ୱାଇଁ, କୋଷାଧ୍ୟକ୍ଷ ରାମଚନ୍ଦ୍ର କୁଣ୍ଟୁ, କର୍ପୋରେଟର ଝରଣାରାଣୀ ପତି ପ୍ରମୁଖ ଉପସ୍ଥିତ ଥିଲେ।



ଆଚାର୍ଯ୍ୟ ହରିହରଙ୍କ 'ଭଲ ମଣିଷ ହୁଅ' ଉପରେ ଆଧାରିତ ନାଟକ 'ବୋଉ' ର ଏକ ଦୃଶ୍ୟ।

## ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁ ଅଦଳବଦଳ

ପୁରୀ ଅଫିସ, ୨୭।୨

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର ସନ୍ଧ୍ୟାରେ ଶିଶୁ ଅଦଳବଦଳ ହୋଇଥିବା ସୂଚନା ମିଳିଛି। ପୁରୀ ସଦର ଥାନା ଅନ୍ତର୍ଗତ ଖଣ୍ଡିଆବନ୍ଧ ଅଞ୍ଚଳର ମମତା ପାଇଟାଳ ଏବଂ ଗୋପାଳପୁରର ଦମୟନ୍ତୀ ଦାସ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଉଭୟଙ୍କର ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ଦୁଇ ଶିଶୁପୁତ୍ର ଏସ୍‌ଏନ୍‌ସିୟୁରେ ଭର୍ତ୍ତି ହୋଇଥିଲେ। ଉଭୟଙ୍କୁ କଟକ ସ୍ଥାନାନ୍ତର ବେଳେ ମେଡିକାଲ କର୍ମଚାରୀ ଦମୟନ୍ତୀଙ୍କ କାଗଜରେ ଦସ୍ତଖତ କରି ଭୁଲବଶତଃ ତାଙ୍କ ପୁତ୍ରକୁ ମମତାଙ୍କୁ ହସ୍ତାନ୍ତର କରିଥିଲେ।

## କମ୍ୟୁନିଟି ସହ ଯୋଡି ହେଲା ଓଡ଼ିଶା ଫୁଟ୍‌ବଲ୍ କ୍ଲବ୍



ଭୁବନେଶ୍ୱର,୨୭।୨(ବ୍ୟୁରୋ)

ଓଡ଼ିଶା ଫୁଟବଲ୍ କ୍ଲବ୍ (ଏଫ୍‌ସି) ତା'ର କମ୍ୟୁନିଟି କାର୍ଯ୍ୟକଳାପକୁ ଆଗକୁ ନେବାକୁ ଶନିବାର ରେଳ ବିହାରଠାରେ ମନୋରଞ୍ଜନ କାର୍ଯ୍ୟକ୍ରମର ଆୟୋଜନ କରିଥିଲା। ଏଥିରେ ପୂର୍ବତଟ ରେଳପଥ ସହିତ ରେଳ କର୍ମଚାରୀ ଓ ସେମାନଙ୍କ ପରିବାରର ମୋଟ ୫୦୦ରୁ ଉର୍ଦ୍ଧ୍ୱ ସଦସ୍ୟ ସାମିଲ ହୋଇଥିଲେ। କୁଇଜ୍, ନୃତ୍ୟ ଏବଂ ଫ୍ୟାଶନ ପ୍ରତିଯୋଗିତା କରାଯାଇ ପ୍ରତ୍ୟେକ ବର୍ଗର ଶ୍ରେଷ୍ଠ ୩ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ୱତନ୍ତ୍ର ଅତିଥି ଭାବେ ଓଡ଼ିଶା ଏଫ୍‌ସି ପ୍ଲେୟାର ପୁରୁଷ ଦଳରୁ ପ୍ରିନ୍ସଟନ୍ ରେବେଲୋ ଓ ଡିଏଗୋ ମରିସିଓ ଏବଂ ମହିଳା ଦଳରୁ ବନ୍ୟା କବିରାଜ ଓ କରିଷ୍ମା ଓରାମ ଯୋଗ ଦେଇଥିଲେ। ଚଳଚ୍ଚିତ୍ର ନିର୍ଦ୍ଦେଶକ ଶୁଭେନ୍ଦୁ ବିଶ୍ୱାଳ, ଅଭିନେତ୍ରୀ ସମର୍ପିତା ଦାଶ ଏବଂ ନୃତ୍ୟଶିଳ୍ପୀ ସ୍ୱାଗତିକା ପଣ୍ଡାଙ୍କ ଭଳି ସେଲିବ୍ରିଟିମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶା ଏଫ୍‌ସି କମ୍ୟୁନିଟି ସହ ଯୋଡ଼ି ହୋଇଛି। ଏଥିସହ ବିଭିନ୍ନ ଲୋକଙ୍କ ପାଖରେ ପହଞ୍ଚିବାକୁ ପ୍ରୟାସ ଆରମ୍ଭ କରିଛି। ଫୁଟବଲର ଲୋକପ୍ରିୟତା ଓ ଏହାର ପ୍ରଚାରପ୍ରସାର ପାଇଁ ଆଗକୁ ମଧ ଏଭଳି କାର୍ଯ୍ୟକ୍ରମ କରିବାକୁ ଓଡ଼ିଶା ଏଫ୍‌ସି ଲକ୍ଷ୍ୟ ରଖିଛି। ପ୍ରପର୍ଟି ବ୍ରାଣ୍ଡ, ଷ୍ଟୋରୀ ଲ୍ୟାବ୍, ତୁସି ମୋଟର୍ସ, ରିଫର୍ମ ଜିମ୍, ଜେ ଆଣ୍ଡ ଟି ଜୁଏଲର୍ସ ପ୍ରମୁଖ ଏହି କାର୍ଯ୍ୟକ୍ରମର ବ୍ରାଣ୍ଡ ପ୍ରଯୋଜକ ଥିଲେ।

## ବିବାହ ବନ୍ଧନରେ ଅଭିନେତ୍ରୀ ଲିପ୍‌ସା

### ସବ୍ୟସାଚୀଙ୍କ ଲେହେଙ୍ଗାକୁ ନେଇ ଚର୍ଚ୍ଚା

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ଓଡ଼ିଆ ଓ ହିନ୍ଦୀ ସିନେମା ଜଗତର ଅନ୍ୟତମ ଚର୍ଚ୍ଚିତ ଅଭିନେତ୍ରୀ ଲିପ୍‌ସା ମିଶ୍ର ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ରବିବାର ମେହେନ୍ଦି ଏବଂ ହଳଦୀ କାର୍ଯ୍ୟକ୍ରମ ସରିଥିବାବେଳେ ସୋମବାର ହାତଗଣ୍ଠି ପଡ଼ିଛି। ଭୁବନେଶ୍ୱର ପଟିଆସ୍ଥିତ କ୍ରିଷ୍ଟାଲ କ୍ରାଉନ୍‌ଠାରେ ବ୍ୟବସାୟୀ ଆକାଶ ଆଚାର୍ଯ୍ୟଙ୍କୁ ଆଡ଼ମ୍ବର ସହକାରେ ବିବାହ କରିଛନ୍ତି ଲିପ୍‌ସା। ଆକାଶ ମେକାନିକାଲ୍ ଇଞ୍ଜିନିୟରିଂ ପରେ ମାର୍କେଟିଂରେ ଏମ୍‌ବିଏ ପାଠ ପଢ଼ିଛନ୍ତି। ତେବେ ବର୍ତ୍ତମାନ ସେ ନିଜ ପାରିବାରିକ ବ୍ୟବସାୟର ଦେଖାଶୁଣା କରୁଛନ୍ତି। ତେବେ ଲିପ୍‌ସାଙ୍କ ବିବାହରେ ତାଙ୍କର ଲେହେଙ୍ଗା ଓ ଆକାଶଙ୍କ ସେରୱାନୀକୁ ନେଇ ବେଶ୍ ଚର୍ଚ୍ଚା ହୋଇଥିଲା। ପ୍ରଥମ ଓଲିଉଡ୍ ସେଲିବ୍ରିଟି ଭାବେ ଲିପ୍‌ସା ନିଜ ବିବାହରେ ସବ୍ୟସାଚୀଙ୍କ ଲେହେଙ୍ଗା ପିନ୍ଧିଥିଲେ। ଲିପ୍‌ସା ଲାଲ ରଙ୍ଗର ଲେହେଙ୍ଗାରେ ଖୁବ୍ ଆକର୍ଷଣୀୟ ଦେଖାଯାଉଥିଲେ। କାରୁକାର୍ଯ୍ୟପୂର୍ଣ୍ଣ ଧଡ଼ିଥିବା ଲେହେଙ୍ଗା ଏବଂ ଓଢ଼ଣୀ ସହ ଚୂଡ଼ା, କଲିରେ ଓ ଭାରି ଗହଣାରେ ସଜେଇ ହୋଇଥିଲେ ଲିପ୍‌ସା। ସେହିପରି ବର ବେଶରେ ଆକାଶ ମଧ ବେଶ୍ ଭଲ ଦେଖାଯାଉଥିଲେ। ଆକାଶ ଏକ କ୍ରିମ୍ ରଙ୍ଗର ସବ୍ୟସାଚୀ ସେରୱାନି ପିନ୍ଧିଥିଲେ ଓ ସିଲ୍‌କ ଫ୍ୟାବ୍ରିକ୍‌ରେ ପ୍ରସ୍ତୁତ ଭାରି ବର୍ଡର ସହ ଜେମ୍ ଖଚିତ ଥିବା ଓଢ଼ଣୀ ଧରିଥିଲେ। ବୁଦ୍ଧାଦିତ୍ୟ, ଆକାଶ ଦାସନାୟକ, ଅନୁ ଚୌଧୁରୀଙ୍କ ସମେତ ଓଲିଉଡ଼ର ବହୁ ଅଭିନେତା, ଅଭିନେତ୍ରୀ, କଳାକାର ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ଏହି ବିବାହ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା।



# 'ପ୍ରତ୍ୟେକ କୃଷକଙ୍କୁ ଉଦ୍ୟୋଗୀ କରିବା ଉଚିତ୍'

## ଓୟୁଏଟିରେ କୃଷକ ମେଳା-କୃଷି ପ୍ରଦର୍ଶନୀ ଉଦ୍‌ଘାଟିତ

- ଓୟୁଏଟି ଓ ଆଇସିଏଆର୍ ସହ ବିଭିନ୍ନ ସଂସ୍ଥାର ୧୧ ଚୁକ୍ତି
- କୃଷିକ୍ଷେତ୍ରରେ ୨୫ ସଫଳ ଉଦ୍ୟୋଗୀ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୨୭।୨(ବ୍ୟୁରୋ)



କୃଷକମେଳା ଉଦ୍‌ଘାଟନ ପରେ ଅତିଥିମାନେ କୃଷି ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପରିସରରେ ଦୁଇଦିନିଆ କୃଷକ ମେଳା ଏବଂ ପ୍ରଦର୍ଶନୀ ସୋମବାର ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିନରେ ୧୬ ଜିଲାରୁ ୨ହଜାରରୁ ଅଧିକ କୃଷକ, କୃଷିଜୀବୀ ମହିଳା ଏବଂ କୃଷି ଉଦ୍ୟୋଗୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ଯୋଗଦେଇ କହିଲେ, ଆମ ରାଜ୍ୟର ପ୍ରତ୍ୟେକ କୃଷକଙ୍କୁ କୃଷି ଉଦ୍ୟୋଗୀ ଭାବେ ଗଢ଼ି ତୋଳିବା ପାଇଁ ସମସ୍ତେ ଚେଷ୍ଟିତ ହେବା ଉଚିତ୍। ରାଜ୍ୟ ସରକାରଙ୍କ ତରଫରୁ ବିଭିନ୍ନ ପ୍ରକାରର ଯୋଜନା ଓ ପ୍ରକଳ୍ପକୁ ସଫଳ ରୂପାୟନ କରିବା ପାଇଁ ଓୟୁଏଟି ଏବଂ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର୍)ର ବିଭିନ୍ନ ସଂସ୍ଥା ଯୋଗସୂତ୍ର ସ୍ଥାପନ କରି କାର୍ଯ୍ୟକୁ ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ରାଜ୍ୟରେ କୃଷି ଶିକ୍ଷା, ଗବେଷଣା ଓ ସମ୍ପ୍ରସାରଣ କ୍ଷେତ୍ରରେ ଅଗ୍ରଗତି ଆଣିବା ପାଇଁ ଓୟୁଏଟି ଏବଂ ଆଇସିଏଆର୍‌ର ବିଭିନ୍ନ ସଂସ୍ଥା ମଧ୍ୟରେ ୧୧ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ମତ୍ସ୍ୟ ଓ ପ୍ରାଣୀପାଳନ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପସ୍ଥିତ କୃଷକ ଓ କୃଷିଜୀବୀ ମହିଳାଙ୍କୁ କୃଷି ବିଜ୍ଞାନ କେନ୍ଦ୍ରକୁ ଯାଇ ନୂତନ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରି ନିଜର କୃଷି କାର୍ଯ୍ୟକୁ ବିକଶିତ କରିବାକୁ ପରାମର୍ଶ ଦେଇଥିଲେ। ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ସଭାପତିତ୍ୱ କରି ବର୍ତ୍ତମାନ ସମୟରେ କୃଷକଙ୍କ ଜ୍ଞାନ, ଦକ୍ଷତା ଏବଂ କାର୍ଯ୍ୟଶୈଳୀରେ ନୂତନତା ଆଣିବାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି କହିଥିଲେ। କୃଷି ଜାଗରଣର ମୁଖ୍ୟ ସମ୍ପାଦକ ଏମ୍.ସି. ଡୋମ୍‌ନିକ୍ କୃଷକଙ୍କ ସଫଳ କାହାଣୀ ଏବଂ ସମସ୍ୟାଗୁଡ଼ିକର ବହୁଳ ପ୍ରଚାର ପ୍ରସାର ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଓୟୁଏଟି ପକ୍ଷରୁ ପ୍ରକାଶିତ 'ଚାଷୀର ସଂସାର' ସହିତ ଅନ୍ୟାନ୍ୟ ସମ୍ପ୍ରସାରଣ ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ୨୫ଜଣ ସଫଳ କୃଷି ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପ୍ରସାରଣ ଅଧ୍ୟକ୍ଷ ପ୍ରଫେସର ପ୍ରସନ୍ନଜିତ୍ ମିଶ୍ର ସ୍ୱାଗତ ଭାଷଣ ଓ ଗବେଷଣା ଅଧ୍ୟକ୍ଷ ପ୍ରଫେସର ସଂଗ୍ରାମ କେଶରୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିସହିତ ତିନୋଟି ପର୍ଯ୍ୟାୟରେ ବୈଷୟିକ ଆଲୋଚନାଚକ୍ର ଓ ଗୋଟିଏ କୃଷକ-ବୈଜ୍ଞାନିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଯୁବକ ମୃତ

**କୃଷ୍ଣପ୍ରସାଦ,୨୭।୨(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ସିଆଳ-ମାଲୁଦ ରାସ୍ତା ନଳିତାକୁଦି ଛକରେ ଏକ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପାରିକୁଦଗଡ଼ ଅଞ୍ଚଳର ତାରିଣୀ ପଣ୍ଡା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ସୋମବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ମୃତକଙ୍କ ମା' ଜ୍ୟୋତ୍ସ୍ନାରାଣୀ ପଣ୍ଡାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୦/୨୩) ରୁଜୁକରି ତଦନ୍ତ ଚଳାଇଛି।

### ଟ୍ରାକ୍ଟର ଧକ୍କାରେ ଖବରଦାତା ଗୁରୁତର

**ବାଲୁଗାଁ,୨୭।୨(ଡି.ଏନ୍.ଏ.):** ବାଲୁଗାଁ ବାଇପାସ୍ ୧୬ନଂ. ଜାତୀୟ ରାଜପଥର ଧୂଆଁଳ ଓଭରବ୍ରିଜ୍ ଛକଠାରେ ଟ୍ରାକ୍ଟର ଧକ୍କାରେ ଖବରଦାତା ପ୍ରତାପ କୁମାର ମହାରଣା ଗୁରୁତର ଆହତ ହୋଇଛନ୍ତି । ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ସୋମବାର ଅପରାହ୍ନ ୩ଟାରେ ପ୍ରତାପ କୌଣସି ଏକ ଖବର ସଂଗ୍ରହ କରି ଫେରୁଥିଲେ। ଧୂଆଁଳ ଓଭରବ୍ରିଜ୍‌ଠାରେ ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା କମ୍ପାନୀର ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ପ୍ରତାପଙ୍କ ସ୍କୁଟି ପଛକୁ ଧକ୍କା ଦେଇଥିଲା। ଫଳରେ ସେ ଗାଡ଼ିରୁ ଛିଟିକି ପଡ଼ିବାରୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଛି। ଚିଲିକା ପ୍ରେସ୍ କ୍ଲବ୍‌ର ସେ ଜଣେ ସକ୍ରିୟ ସଦସ୍ୟ ଥିବା ବେଳେ ସଂଘ ପକ୍ଷରୁ ତାଙ୍କର ଆଶୁଆରୋଗ୍ୟ କାମନା କରାଯାଇଛି। ଖବର ପାଇ ବାଲୁଗାଁ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି ।

### ଗୋଦାମରୁ ରାଶନ ସାମଗ୍ରୀ ଚୋରି ଅଭିଯୋଗ



**ଗମ୍ଭାରୀମୁଣ୍ଡା,୨୭।୨(ଡି.ଏନ୍.ଏ.):** ବାଣପୁର ବ୍ଲକ ଅଧୀନ ଗମ୍ଭାରୀମୁଣ୍ଡା ବଜାରସ୍ଥିତ ସତ୍ୟନାରାୟଣ ପାତ୍ରଙ୍କ ଗୋଦାମରୁ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ରାଶନ ସାମଗ୍ରୀ ଚୋରି ହୋଇଛି। ଏନେଇ ସତ୍ୟନାରାୟଣଙ୍କ ଅଭିଯୋଗକୁ ଭିତ୍ତିକରି ନାଚୁଣୀ ଥାନା ପୋଲିସ ତଦନ୍ତ ଚଳାଇଛି। ସୂଚନା ମୁତାବକ, ପ୍ରତ୍ୟେକ ଦିନ ଭଳି ରବିବାର ରାତିରେ ଗୋଦାମ ବନ୍ଦ କରି ଘରକୁ ଯାଇଥିଲେ। ସୋମବାର ସକାଳେ ତାଙ୍କ ଗୋଦାମରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। ପ୍ରକାଶ ଯେ, ଉକ୍ତ ବଜାରରୁ ୬ ମାସ ମଧ୍ୟରେ ୧୦ ଦୋକାନରୁ ଚୋରି ହୋଇଥିବା ଜଣାପଡ଼ିଛି। ପୋଲିସ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ ବୋଲି ବ୍ୟବସାୟୀ ସଂଘ ପକ୍ଷରୁ କୁହାଯାଇଛି।

# ସିଏସ୍‌ଓଙ୍କ କାର୍ଯ୍ୟାଳୟ ଘେରିଲେ ଚାଷୀ

- ତୁରନ୍ତ ଟାର୍ଗେଟ ଦେବାକୁ ଦାବି
- ଆନ୍ଦୋଳନ ପାଇଁ ଚେତାବନୀ

**ଖୋର୍ଦ୍ଧା ଅଫିସ,୨୭।୨**

ଖୋର୍ଦ୍ଧା ଜିଲାରେ ଚଳିତବର୍ଷ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଲାଗିରହିଛି। ମିଲର୍ସଙ୍କ କବ୍‌ଜାରେ ରହିଛି ଧାନମଣ୍ଡି। ଯୋଗାଣ ବିଭାଗର ଅବହେଳାରୁ କଟ୍‌ନୀଛଟ୍‌ନୀ, ଟାର୍ଗେଟ ଏବଂ ଟୋକାନର ଦ୍ୱନ୍ଦ୍ୱ ମଧ୍ୟରେ ଫସି ରହିଛନ୍ତି ଚାଷୀ। ଧାନ ଠିକ୍ ସମୟରେ ବିକ୍ରି ହୋଇପାରୁନାହିଁ। ଫଳରେ ଟୋକନ ରଦ୍ଦ ହେଉଛି। ଟାର୍ଗେଟ ନ ଥିବାରୁ ଚାଷୀ ଧାନବିକ୍ରି କରି ନ ପାରି ହଇରାଣ ହେଉଛନ୍ତି। ଧାନବିକ୍ରି ଲାଗି ମୋବାଇଲକୁ ମେସେଜ ଆସୁଛି। ଟୋକନ ଅବଧି ସମୟ ସରି ଆସୁଥିବା ବେଳେ ଟାର୍ଗେଟ ନ ଥିବା କହି ଫେରାଉଛି ପ୍ରାଥମିକ ସେବା ସମିତି(ପ୍ୟାକ୍ସ)। ଧାନବସ୍ତା ଧରି ଚାଷୀ ମଣ୍ଡିରେ ବସି ଫେରୁଛନ୍ତି। ସେପଟେ ଆଜିକାଲି କହି ଦିନ ଗଡ଼ାଇ ଚାଲିଛନ୍ତି ସେବା ସମବାୟ ସମିତି। ଏନେଇ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ସୋମବାର ବେଗୁନିଆ ବ୍ଲକ ହଜ୍ ପଞ୍ଚାୟତର ଜାଗେଶ୍ୱରୀ ପାକ୍ସରେ ପଞ୍ଜୀକୃତ ଚାଷୀ ଏନେଇ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ ସହ ତୁରନ୍ତ ଟାର୍ଗେଟ ଦେବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ଖରିଫ ଧାନ ବିକ୍ରି ଲାଗି ଏହି ପାକ୍ସ ଅଧୀନରେ ଚାଷୀ ପଞ୍ଜୀକୃତ କରିଥିଲେ। ଏବେ ଧାନ ବିକ୍ରି ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୧୨୮ଜଣ ଚାଷୀ ୩୧୦୮ କୁଇଣ୍ଟାଲ ଧାନ ବିକ୍ରି ଲାଗି ରହିଛି। ଟାର୍ଗେଟ ନ ଥିବାରୁ ବିକ୍ରିରୁ ବଞ୍ଚିତ ହୋଇଛନ୍ତି। ସେପଟେ ମିଳିଥିବା ଟୋକନ ଲାପ୍ସ ହେବାକୁ ଆଉ ୪ଦିନ ରହିଛି। ତେଣୁ ଆବଶ୍ୟକ ଟାର୍ଗେଟ ଦେବାକୁ ଚାଷୀ ଦାବି କରିଛନ୍ତି। ତୁରନ୍ତ ଏଥିପ୍ରତି ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଚାଷୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଗ୍ରାମର ପ୍ରଦ୍ୟୁମ୍ନ କୁମାର ଷଡ଼ଙ୍ଗୀ, ଲଳିତ କୁମାର ମାର୍ଥା, ନିଗମ ପ୍ରସାଦ ଷଡ଼ଙ୍ଗୀ, ବିଜୟ କୁମାର ତ୍ରିପାଠୀ, ପୂର୍ଣ୍ଣ ଚନ୍ଦ୍ର ସାହୁ, ଡମ୍ବରୁଧର ବେହେରା, ଶିବାସିସ ମହାପାତ୍ର, ରବୀନ୍ଦ୍ର ସାମନ୍ତସିଂହାର, ଅରୁଣ ମହାପାତ୍ର, ଧନେଶ୍ୱର ଗୁମାନସିଂଙ୍କ ସମେତ ଏକାଧିକ ଚାଷୀ ଘେରାଉରେ ସାମିଲ ହୋଇଥିଲେ।

ପ୍ରକାଶ ଯେ, ବିଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ ପାକ୍ସ ଗୁଡିକୁ ଆବଶ୍ୟକ ଟାର୍ଗେଟ ଦିଆଯାଇନାହିଁ। ଫଳରେ ବହୁ ପାକ୍ସରେ ୪୦ପ୍ରତିଶତ ଚାଷୀ ଧାନବିକ୍ରିରୁ ବଞ୍ଚିତ ହୋଇ ହଇରାଣ ହେଉଛନ୍ତି। ଏନେଇ ବିଭିନ୍ନ ଚାଷୀ ସଙ୍ଗଠନ ରାଜରାସ୍ତାକୁ ଓହ୍ଲାଇଛନ୍ତି। ନିକଟରେ ନବ ନିର୍ମାଣ କୃଷକ ସଙ୍ଗଠନ ଧାନବସ୍ତା ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ସେହିପରି ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଅନୁରୂପ ଭାବେ ରାଜ୍ୟ ଯୋଗାଣ ବିଭାଗକୁ ଭେଟି ମଣ୍ଡି ଅବ୍ୟବସ୍ଥା ସମ୍ପର୍କରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ତେବେ ଏଥିରେ କୌଣସି ପରିବର୍ତ୍ତନ ନାହିଁ। ଚାଷୀ ସେଭଳି ହଇରାଣ ହେଉଛନ୍ତି। ଏନେଇ ଜିଲା ଯୋଗାଣ ଅଧିକାରୀ ସୁଗୁଡା ମୁର୍ମୁ କୁହନ୍ତି, ଟାର୍ଗେଟ ସମସ୍ୟା ନେଇ ଚାଷୀ ଦାବିପତ୍ର ଦେଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଛି। ତୁରନ୍ତ ଏହି ସମସ୍ୟା ସମାଧାନ ଲାଗି ଗୁରୁତ୍ୱ ଦିଆଯିବ।


ସିଏସ୍‌ଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଚାଷୀମାନେ।

### ମନ୍ଦିର ନିର୍ମାଣ ଉପରେ ରୋକ ଲଗାଇଲା ପ୍ରଶାସନ

**ଜଟଣୀ,୨୭।୨(ଡି.ଏନ୍.ଏ.)**

ଜଟଣୀ ଷଣ୍ଢପୁର ମୌଜାସ୍ଥିତ ଏକ ଘରୋଇ ବିଶ୍ୱବିଦ୍ୟାଳୟ ନିକଟ ରାସ୍ତା ପାର୍ଶ୍ୱରେ ବେଆଇନଭାବେ ଶନି ମନ୍ଦିର ନିର୍ମାଣ ହେଉଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ପାଇଁ ଭୁବନେଶ୍ୱର ଉପଜିଲାପାଳଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ସୋମବାର ଉପଜିଲାପାଳ ଦେବବ୍ରତ ସାହୁ, ଜଟଣୀ ତହସିଲଦାର ରୁମାନା ଜାଫ୍ରି, ଅତିରିକ୍ତ ତହସିଲଦାର ରମେଶ ମଲ୍ଲିକ, ଜଟଣୀ ଥାନାଧିକାରୀ ସୌମ୍ୟକାନ୍ତ ବଳିୟାରସିଂ ଏବଂ ଅନ୍ୟ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ତଦନ୍ତ ବେଳେ ସରକାରୀ ଜମିରେ ବେଆଇନ ଭାବେ ମନ୍ଦିର ନିର୍ମାଣ ଚାଲିଥିବା ଜାଣିବାକୁ ପାଇଥିଲେ। ଏହା ପରେ ପ୍ରଶାସନିକ ଅଧିକାରୀ ମନ୍ଦିର ନିର୍ମାଣ କାର୍ଯ୍ୟ ବନ୍ଦ କରିଥିଲେ। ଆସନ୍ତା ୪୮ଘଣ୍ଟା ମଧ୍ୟରେ ଉକ୍ତ ସ୍ଥାନକୁ ଖାଲି କରିବାକୁ ପ୍ରଶାସନ ପକ୍ଷରୁ ନୋଟିସ କରାଯାଇଛି। ନଚେତ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯିବ ବୋଲି କୁହାଯାଇଛି।


ଜଟଣୀ: ଶ୍ରୀଜଗନ୍ନାଥ ଏବଂ ସରକାରୀ ଜମିର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପାଇଁ ତହସିଲଦାରଙ୍କୁ ଦାବିପତ୍ର ଦେବାକୁ ଆସିଥିବା ମହିଳା ସଙ୍ଗଠନର କର୍ମକର୍ତ୍ତା।

### ଶ୍ରୀଜଗନ୍ନାଥ ମହାପ୍ରଭୁ ଓ ସରକାରୀ ଜମିର ସୁରକ୍ଷା ପାଇଁ ଦାବିପତ୍ର

**ଜଟଣୀ,୨୭।୨(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଓ ଗ୍ରାମାଞ୍ଚଳରେ ରହିଥିବା ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ସରକାରୀ ଜମିର ସୁରକ୍ଷା ଓ ରକ୍ଷଣାବେକ୍ଷଣ ପାଇଁ ଅଣ୍ଟା ଭିଡିଛି ମହିଳା ସଙ୍ଗଠନ। ସୋମବାର କୁଦିଆରୀ ଗ୍ରାମର ମହିଳା ସଙ୍ଗଠନ ସଭାନେତ୍ରୀ ସାବିତ୍ରୀ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ତହସିଲଦାରଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାର ମଧୁସ୍ମିତା ନନ୍ଦଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କୁଦିଆରୀ ମୌଜା ଏବଂ ଏହାର ପାଖଆଖ ଅଞ୍ଚଳରେ ଥିବା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଏକର ଏକର ଜମିକୁ ବେଆଇନଭାବେ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି। ମହିଳା ସଙ୍ଗଠନ ନେତୃତ୍ୱରେ ଖାଲି ପଡ଼ିଥିବା ଜମିରେ ଔଷଧୀୟ ବୃକ୍ଷ, ଫୁଲ ଓ ବିଭିନ୍ନ ଫଳ ଗଛ ଲଗାଗଲେ ଜମିର ସୁରକ୍ଷା ହେବା ସହିତ ଅଞ୍ଚଳର ସୌନ୍ଦର୍ଯ୍ୟ ବୃଦ୍ଧି ହେବ ବୋଲି ସଙ୍ଗଠନ ଦାବି କରିବା ସହ ଅନୁମତି ଲୋଡିଛି। କୁଦିଆରୀ ମେଳଣ ପଡିଆଠାରୁ ଜଟଣୀ–କନ୍ତିଆ ରାସ୍ତାକୁ ସଂଯୋଗ କରିବା ପାଇଁ ଏକ ପ୍ରଶସ୍ତ ରାସ୍ତା ସୃଷ୍ଟି କରିବା ପାଇଁ ଦାବି କରିଛି ସଙ୍ଗଠନ। ଆଗାମୀ ୧୫ ଦିନ ମଧ୍ୟରେ ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିଥିବା ସଙ୍ଗଠନ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ସମ୍ପାଦକ ସରୋଜିନୀ ଦଳାଇ, ପଙ୍କଜିନୀ ପଣ୍ଡା, ପୁଷ୍ପଲତା ପଣ୍ଡା, ସୁକାନ୍ତି ସାହୁ, ସୋର ସାହୁ, ଲକ୍ଷ୍ମୀ ସାହୁ, ପ୍ରଣତି ମହାପାତ୍ର, ଜ୍ୟୋସ୍ନାମୟୀ ମହାପାତ୍ରଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଜନଶୁଣାଣି ଶିବିରରେ ୨୮୧ ଅଭିଯୋଗ


ଶିବିରରେ ଜିଲାପାଳ ଓ ଅନ୍ୟ ଅଧିକାରୀ ଅଭିଯୋଗର ଶୁଣାଣି କରୁଛନ୍ତି।

**ବେଗୁନିଆ,୨୭।୨(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ କାର୍ଯ୍ୟାଳୟ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଗ୍ରିଭାନ୍ସସେଲ୍‌ର ଡେପୁଟି କଲେକ୍ଟର ସୁଚେତା ମହାପାତ୍ର ପ୍ରମୁଖ ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ। ୨୮୧ଟି ଅଭିଯୋଗ ପଞ୍ଜୀକରଣ କରାଯାଇଥିଲା। ସେଥିରୁ ସାମୂହିକ ୧ଟି ଓ ୨୮୦ ବ୍ୟକ୍ତିଗତ ସମସ୍ୟା ରହିଥିଲା। ୩ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ରେଡ୍‌କ୍ରସ ପାଣ୍ଠିରୁ ଜଣଙ୍କୁ ୩ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଓ ୨ଟି ହ୍ୱିଲ ଚେୟାର ଅନ୍ୟମାନଙ୍କୁ ପ୍ରଦାନ କରାଯାଇଥିଲା। ତେବେ ସମସ୍ୟାର ସମାଧାନ ନିମିତ୍ତ ଅନେକ ଅଭିଯୋଗର କୌଣସି ସୁଫଳ ମିଳୁନି ବୋଲି ଶିବିରକୁ ଆସିଥିବା କେତେଜଣ ବ୍ୟକ୍ତି ଅଭିଯୋଗ କରିଥିଲେ। ମଣ୍ଡିରେ ଧାନ ବିକ୍ରି ସମସ୍ୟାକୁ ନେଇ ଗଡମାଣତୀର ଓ ଦେଉଳି ସେବା ସମବାୟ ସମିତିର କେତେଜଣ ଚାଷୀ ଅଭିଯୋଗ ଆଣିଥିଲେ। ସେହିପରି ମଧୁବାବୁ ପେନ୍‌ସନ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ଅନ୍ତର୍ଭୁକ୍ତ ପାଇଁ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳୁନି ନାହିଁ। ମେଗା ପାନୀୟଜଳ ଯୋଗାଣ ଅବ୍ୟବସ୍ଥା ନେଇ ଜିଲାପାଳଙ୍କୁ ବେଗୁନିଆ ଜନକଲ୍ୟାଣ ପ୍ରତିଷ୍ଠାନ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବିଡିଓ ଲକ୍ଷ୍ମୀଧର ସାହୁ, ତହସିଲଦାର ପ୍ରଧାନ ଟୁଲି ଆମ୍ପା, ଏବିଡିଓ ସୁମିତ୍ରା ଜେନାଙ୍କ ସମେତ ଜିଲା ଓ ବ୍ଲକର ବିଭିନ୍ନ ବିଭାଗ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ନ୍ୟାୟ ନ ମିଳିଲେ ଆନ୍ଦୋଳନ ଚେତାବନୀ

**ନିରାକାରପୁର,୨୭।୨(ଡି.ଏନ୍.ଏ.)**

ନୂଆଗଡ଼ ପଞ୍ଚାୟତ ନିକଟରେ ଗତ ୨୪ ତାରିଖରେ କୌଣସି କାରଣ ନେଇ ସରପଞ୍ଚ ରଘୁନାଥ ମାଝି ଓ ପୂର୍ବତନ ସରପଞ୍ଚ ଗିରିଶ ମହାରଣାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏନେଇ ଉଭୟ ପକ୍ଷଙ୍କ ପକ୍ଷରୁ ନିରାକାରପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ତେବେ ଅଭିଯୋଗକୁ ୩ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଅଦ୍ୟାବଧି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ । ଏନେଇ ସୋମବାର ନିରାକାରପୁର ରାମମନ୍ଦିର ପରିସର ସଭା କକ୍ଷରେ ସିପିଆଇଏମ୍‌ର ଜିଲା ସମ୍ପାଦକ ଅନନ୍ତ ମଙ୍ଗରାଜଙ୍କ ସଭାପତିତ୍ୱରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜଣେ ଲୋକ ପ୍ରତିନିଧି ଆଉ ଜଣେ ଲୋକ ପ୍ରତିନିଧିଙ୍କ ପ୍ରତି ଏଭଳି ବ୍ୟବହାରକୁ ନିନ୍ଦା କରାଯାଇଥିଲା। ଅଭିଯୋଗକୁ ୩ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ପୂର୍ବତନ ସରପଞ୍ଚ ଗିରିଶଙ୍କୁ ନ୍ୟାୟ ଓ ବର୍ତ୍ତମାନର ସରପଞ୍ଚ ରଘୁନାଥଙ୍କୁ ଗିରଫ ପାଇଁ ସମ୍ମିଳନୀରେ ଦାବି କରାଯାଇଛି। ଏକ ସପ୍ତାହ ମଧ୍ୟରେ ପୋଲିସ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ସିପିଆଇଏମର ଖୋର୍ଦ୍ଧା ଜିଲା ସମ୍ପାଦକମଣ୍ଡଳୀ ସଦସ୍ୟ ଶୈଳେଶ ବଳିୟାରସିଂହ, ଜିଲା କମିଟି ସଭ୍ୟ ବିଧୁଭୂଷଣ ମହାରଣା ପ୍ରମୁଖ ଚେତାବନୀ ଦେଇଛନ୍ତି। ପୂର୍ବତନ ସରପଞ୍ଚ ଗିରିଶ ଧନ୍ୟବାଦ ଦେଇଥିଲେ।

# ପଞ୍ଚଦୋଳ ମେଳଣରେ ଶାନ୍ତିଶୃଙ୍ଖଳାକୁ ଗୁରୁତ୍ୱ

**ଗମ୍ଭାରୀମୁଣ୍ଡା/ବାଣପୁର, ୨୭।୨(ଡି.ଏନ୍.ଏ.)**

ବାଣପୁରର ପ୍ରସିଦ୍ଧ ପଞ୍ଚଦୋଳ ଯାତ୍ରା ନିମନ୍ତେ ସୋମବାର ଅପରାହ୍ନରେ ପଲ୍‌ଟନ ପଡ଼ିଆସ୍ଥିତ ଛାୟା ମଣ୍ଡପରେ ତହସିଲଦାର କୁଞ୍ଜବିହାରୀ ବଡ଼ଜେନାଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୩ ତାରିଖରେ ପଞ୍ଚଦୋଳ ମେଳଣ ହେବାକୁ ଥିବା ବେଳେ ଶୃଙ୍ଖଳିତ ଭାବେ କିପରି ଅନୁଷ୍ଠିତ ହେବ ସେନେଇ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ତହସିଲଦାର କହିଥିଲେ। ଯାତ୍ରା ସମୟରେ ଆଇନଶୃଙ୍ଖଳା ରକ୍ଷା, ପରିଷ୍କାର ଓ ପରିଚ୍ଛନ୍ନତା ରଖିବା, ସ୍ୱାସ୍ଥ୍ୟସେବା ଓ ବିଦ୍ୟୁତ୍ ସେବା, ଜନସାଧାରଣଙ୍କ ପାଇଁ ଶୌଚାଳୟର ବ୍ୟବସ୍ଥା ଆଦି ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବିଡିଓ ବୁଲ୍‌ବୁଲ୍ ବେହେରା, ପଞ୍ଚଦୋଳ କମିଟିର ଉପସଭାପତି ବୀରଭଦ୍ର କାଣ୍ଡି, ଖୋର୍ଦ୍ଧା ଜିଲା ପରିଷଦ ଉପସଭାପତି ଗୋପୀନାଥ ମହାରଣା, ବାଲୁଗାଁର ବିଭିନ୍ନ ପ୍ରଶାସନିକ ଅଧିକାରୀ, ଜନପ୍ରତିନିଧି, ପଞ୍ଚଦୋଳ କମିଟି ସଭ୍ୟମାନେ ବୈଠକରେ ଉପସ୍ଥିତ ଥିଲେ।

# ମତ୍ସ୍ୟ ବୈଷୟିକ ସହାୟକ ତାଲିମ ଶିବିର

**ବାଲୁଗାଁ,୨୭।୨(ଡି.ଏନ୍.ଏ.)**

ବାଲୁଗାଁସ୍ଥିତ ମତ୍ସ୍ୟ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ସୋମବାର ରାଜ୍ୟ ମତ୍ସ୍ୟ ବିଭାଗର ନବନିଯୁକ୍ତ କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକଙ୍କ ନିମନ୍ତେ ୭ଦିନିଆ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଅଧ୍ୟକ୍ଷ ମୁରଲୀଧର ଜେନା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ପ୍ରତିଷ୍ଠାନର ଅତିରିକ୍ତ ମତ୍ସ୍ୟ ଅଧିକାରୀ ସୁଶ୍ରୀ ଦୀପ୍ତିମୟୀ ନାୟକ, ସହକାରୀ ମତ୍ସ୍ୟ ଅଧିକାରୀ ଶୁଭଦର୍ଶିନୀ ପଣ୍ଡା ଓ ସୁଚିତ୍ରା ସାହୁଙ୍କ ସମେତ ଓଡ଼ିଶାର ୨୭ଟି ଜିଲାର ୩୫ଜଣ କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ଉପସ୍ଥିତ ଥିଲେ। ରାଜ୍ୟର ଗରିବ ମତ୍ସ୍ୟଜୀବୀ, ମତ୍ସ୍ୟଚାଷୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ଯୁବଗୋଷ୍ଠୀଙ୍କର ଆତ୍ମନିଯୁକ୍ତି ସହିତ ଜୀବନଜୀବିକା, ଆର୍ଥିକ ବିକାଶ ଓ ଆୟ ବୃଦ୍ଧି ନେଇ ତାଲିମ ପ୍ରଦାନ କରାଯିବ। ମତ୍ସ୍ୟ ଉତ୍ପାଦନ ବୃଦ୍ଧି, ମତ୍ସ୍ୟ ସମ୍ପଦର ବିକାଶ ଓ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା, ମାର୍ଗଦର୍ଶିକା ଏବଂ ଏହାର ସଫଳ ରୂପାୟନ ନିମନ୍ତେ କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକଙ୍କ ଭୂମିକା, ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରାଯାଇଥିଲା। ଗରିବ ମତ୍ସ୍ୟଜୀବୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଷ୍ଠା, ନିଃସ୍ୱାର୍ଥପର ଓ ଆନ୍ତରିକତା ସହ ଅଧିକ ସକ୍ରିୟ ହୋଇ ୫–ଟି ଉପକ୍ରମକୁ ଅନୁସରଣ କରି କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦିଆଯାଇଛି । ସରକାରୀ ସେବାର ବିଭିନ୍ନ ନିୟମାବଳୀ, କଲ୍ୟାଣକାରୀ ଯୋଜନା, ମାର୍ଗଦର୍ଶିକା, ମତ୍ସ୍ୟ ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ସୁବିଧା ସୁଯୋଗ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ମହିଳା ମାଛଚାଷୀଙ୍କ ଭୂମିକା ଆଦି ନିମନ୍ତେ 'ଗୋ ସୁଗମ' ପୋର୍ଟାଲର ବ୍ୟବହାର ସମ୍ପର୍କରେ ତାଲିମ ପ୍ରଦାନ କରାଯିବ ବୋଲି ଅଧ୍ୟକ୍ଷ ଜେନା କହିଛନ୍ତି।


କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

# 'ଜମିଜମା ରେକର୍ଡ ସଂଶୋଧନ କରାଯାଉ'

**ଖୋର୍ଦ୍ଧା ଅଫିସ,୨୭।୨**

ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଏଖରାଜାତ ମାହଲର ନରଣଗଡ଼, ତାପଙ୍ଗ ଓ ଧଉଳିମୁହଁ ପଞ୍ଚାୟତର ପ୍ରାୟ ୧୫ ଗ୍ରାମରେ ମହାପ୍ରଭୁ ଶ୍ରୀଜଗନ୍ନାଥ ବିଜେ, ପୁରୀ ମାର୍ଫତ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି (ଏସ୍‌ଜେଟିଏ), ପୁରୀ ନାମରେ ଶତାଧିକ ପରିମାଣର ଜମି ରହିଛି। ବଂଶାନୁକ୍ରମେ ଏହି ଜମି ଗ୍ରାମବାସୀଙ୍କ ଭୋଗଦଖଲରେ ରହିଛି। ଦୀର୍ଘଦିନ ଧରି ଜମିର ସ୍ୱତ୍ୱାଧିକାର ପରିବର୍ତ୍ତନ ଲାଗି ବାରମ୍ବାର ଦାବି ହୋଇଆସୁଛି। ପୂର୍ବରୁ ଏନେଇ ଜିଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ଓ ଗ୍ରାମବାସୀଙ୍କୁ ନେଇ ବୈଠକ ବସିଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରିପାରୁନି। ଏନେଇ ପୁଣି ନରଣଗଡ଼ ଆଞ୍ଚଳିକ ଭିଟାମାଟି ବଞ୍ଚାଅ ସଂଗ୍ରାମ ସମିତି ସ୍ୱର ଉତ୍ତୋଳନ କରିଛି। ରବିବାର ସ୍ଥାନୀୟ ଏକ କଲ୍ୟାଣମଣ୍ଡପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀ ମାର୍ଫତ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି, ପୁରୀ ଖେୱାଟ ନଂ.୧ ପରିବର୍ତ୍ତେ ଓଡ଼ିଶା ସରକାର ଲେଖାଯିବା ପାଇଁ ଦାବି କରିଛି ସମିତି।

ଅଭିଯୋଗ ପ୍ରକାରେ, ତାପଙ୍ଗ ଓ ରାମେଶ୍ୱର ଗ୍ରାମର ପାଇକ ବୀରମାନେ ଇଂରେଜ ସରକାରଙ୍କ ବଶତା ସ୍ୱୀକାର କରି ନ ଥିଲେ। ଏପରି କି ରାଜସ୍ୱ ମଧ୍ୟ ଦେଇ ନ ଥିଲେ। ଏହି ଦୁଇଗ୍ରାମ ୧୮୫୮ ଓ ୧୮୬୩ରେ ଇଂରେଜଙ୍କ ଦ୍ୱାରା ଦୁଇଟି ଚୁକ୍ତି ବଳରେ ଶ୍ରୀମନ୍ଦିର ପରିଚାଳନା କମିଟିକୁ ରାଜସ୍ୱ ଦେଇ କମିଟି ଅଧୀନକୁ ଚାଲିଯାଇଥିଲା। ଫଳରେ ୧୫୬ ଗ୍ରାମ ଏଖରାଜାତ ମାହଲ ଭାବେ ପରିଗଣିତ ହୋଇଥିଲା। ଦେଶ ସ୍ୱାଧୀନ ହେବା ପରେ ଜମିଦାରି ଉଚ୍ଛେଦ ଅଧିନିୟମ କାର୍ଯ୍ୟକାରୀ ହେବା ପରେ ୧୯୧୮ ମସିହାରେ ଏହି ୧୫୬ ଗ୍ରାମର ମଧ୍ୟ ସ୍ୱତ୍ୱାଧିକାରୀ ସ୍ୱତ୍ୱ ଉଚ୍ଛେଦ ବାବଦକୁ ଜମିଦାରି ଉଚ୍ଛେଦ ଅଧିନିୟମର ଧାରା୨୩ ଅନୁଯାୟୀ ସାବ୍ୟସ୍ତ କ୍ଷତିପୂରଣ ରାଜ୍ୟ ସରକାର ଶ୍ରୀମନ୍ଦିର ପରିଚାଳନା କମିଟିଠାରେ ନ୍ୟସ୍ତ ହୋଇଥିଲା। ସ୍ଥିତିବାନ୍ ପ୍ରଜାମାନଙ୍କର ପ୍ରଜାସ୍ୱତ୍ୱ ନ୍ୟସ୍ତ ହୋଇନାହିଁ। ଉକ୍ତ ମାହଲର ଜମିଦାରି ଉଚ୍ଛେଦ ପରେ ୧୫୬ଟି ଗ୍ରାମରୁ ୧୨୦ ଗ୍ରାମ ଯେପରି ସ୍ଥିତିବାନ୍ ପ୍ରଜାମାନଙ୍କୁ ଓଡ଼ିଶା ସରକାରଙ୍କ ଅଧୀନରେ ଚୂଡ଼ାନ୍ତ ପ୍ରକାଶିତ ସ୍ୱତ୍ୱଲିପି ପ୍ରଦାନ କରାଯାଇଛି, ସେହିପରି ଅବଶିଷ୍ଟ ୩୬ ଗ୍ରାମକୁ ଓଡ଼ିଶା ସରକାର ଚୂଡ଼ାନ୍ତ ସ୍ୱତ୍ୱଲିପି ପ୍ରଦାନ କରାଯିବାକୁ କମିଟି ପ୍ରସ୍ତାବ ଦେଇଥିଲା। ତେବେ ଏହି ପ୍ରସ୍ତାବକୁ ୧୬ ମାସ ବିତିଥିଲେ ମଧ୍ୟ କାର୍ଯ୍ୟକାରୀ କରାଯାଉନାହିଁ। ଜମିଜମାର ସ୍ୱତ୍ୱାଧିକାରୀ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିଚାଳନା କମିଟି, ପୁରୀଙ୍କ ନାମରେ ହୋଇଥିବାରୁ ଗ୍ରାମବାସୀ କୌଣସି ଅତ୍ୟାବଶ୍ୟକ ସମୟରେ ଜମି ବିକ୍ରି କରିପାରୁନାହାନ୍ତି । ଜମିପଟ୍ଟାରେ ଓଡ଼ିଶା ସରକାର ଲେଖା ନ ଥିବାରୁ ଆବାସ ଓ ଋଣ ଆଦି ସରକାରୀ ସୁବିଧା ପାଇପାରୁନାହାନ୍ତି। ତେଣୁ ଜମିପଟ୍ଟାରେ ମାର୍ଫତ ଶ୍ରୀମନ୍ଦିର ପରିଚାଳନା କମିଟି ପୁରୀ ଖେୱାଟ ନଂ–୧ ପରିବର୍ତ୍ତେ ଓଡ଼ିଶା ସରକାରଙ୍କ ନାମ ଉଲ୍ଲେଖ କରିବାକୁ ସମିତି ଦାବିକରିଛି। ଏହି ଖବରଦାତା ସମ୍ମିଳନୀରେ ନରଣଗଡ଼ ଆଞ୍ଚଳିକ ଭିଟାମାଟି ବଞ୍ଚାଅ ସଂଗ୍ରାମ ସମିତି ସଭାପତି ଗୋଦାବରୀଶ ଗୁମାନ୍‌ସିଂ, ସମ୍ପାଦକ ଯୁଧିଷ୍ଠିର ହରିଚନ୍ଦନ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ନରଣଗଡ ଆଞ୍ଚଳିକ ଭିଟାମାଟି ବଞ୍ଚାଅ ସଂଗ୍ରାମ ସମିତିର କର୍ମକର୍ତ୍ତା।

### ଏସ୍‌ଜେଟିଏ ପରିବର୍ତ୍ତେ ଓଡ଼ିଶା ସରକାର ହେଉ

ପଇଠ କରିସାରିଛନ୍ତି। ତେଣୁ ଏହି ରାଜସ୍ୱ ଗ୍ରାମର ଜମିଗୁଡ଼ିକ ଉପରେ ଶ୍ରୀମନ୍ଦିର ପରିଚାଳନା କମିଟିର କୌଣସି ସ୍ୱତ୍ୱ ଅଧିକାର ନାହିଁ। ଉକ୍ତ ମାହଲର ଜମିଦାରି ଉଚ୍ଛେଦ ପରେ ୧୫୬ଟି ଗ୍ରାମରୁ ୧୨୦ଟି ଗ୍ରାମକୁ ରେକର୍ଡଭୁକ୍ତ(୧୯୬୨–୬୫) ସ୍ଥିତିବାନ୍ ପ୍ରଜାମାନଙ୍କ ଓଡ଼ିଶା ସରକାରଙ୍କ ଅଧୀନରେ ପ୍ରକାଶିତ ଚୂଡ଼ାନ୍ତ ସ୍ୱତ୍ୱଲିପି ପ୍ରଦାନ କରାଯାଇଛି। ତେବେ ୩୬ଟି ରାଜସ୍ୱ ଗ୍ରାମରେ ଏହା ପାଳନ କରାଯାଉନାହିଁ। ଏଥିରେ ନରଣଗଡ଼ର ୧୧ଟି, ନିଜିଗଡ଼ ତାପଙ୍ଗ ଓ ଝିଙ୍କିଝାରୀର ୨ଟି, ଧଉଳିମୁହଁ, ଜଗନ୍ନାଥପୁର ଓ ଦୁର୍ଗାପ୍ରସାଦର ୨ଟି ଗ୍ରାମ ରହିଛି। ୨୦୨୦ରେ ଆଞ୍ଚଳିକ ଭିଟାମାଟି ବଞ୍ଚାଅ ସଂଗ୍ରାମ ସମିତି ଆନ୍ଦୋଳନ ଡାକରା ଦେଇଥିଲା। ପରବର୍ତ୍ତୀ ସମୟରେ ସରକାରଙ୍କ ଆଇନ ବିଭାଗ, ରାଜସ୍ୱ ବିଭାଗ ଓ ଶ୍ରୀମନ୍ଦିର ପରିଚାଳନା କମିଟିକୁ ନେଇ ଏକ ୭ଜଣିଆ କମିଟି ୨୦୨୧ ଅକ୍ଟୋବର ୨୯ରେ ବିଭିନ୍ନ ଦିଗକୁ ତର୍ଜମା କରିବା ପରେ ପ୍ରସ୍ତାବ ଦେଇଥିଲା। ଯଥା ଏଖରାଜାତ ସମ୍ପତ୍ତି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦେବୋତ୍ତର ସମ୍ପତ୍ତି କିମ୍ବା ଅମୃତମଣୋହି ସମ୍ପତ୍ତି ନୁହଁ। ଶ୍ରୀଜଗନ୍ନାଥ ମନ୍ଦିର ଅଧିନିୟମ ୧୯୫୪ ଧାରା ୫ ଅନୁଯାୟୀ ଏହି ମାହଲର କେବଳ ଜମିଦାରି ସ୍ୱତ୍ୱ ଶ୍ରୀମନ୍ଦିର ପରିଚାଳନା

# ଭବିଷ୍ୟତ ଚିନ୍ତାରେ ଇଣ୍ଟିଗ୍ରେଟେଡ ବିଏଡ୍ ଛାତ୍ରୀଛାତ୍ର

■ ଶିକ୍ଷକ ନିଯୁକ୍ତି ପରୀକ୍ଷାରୁ ବାଦ୍ ପଡ଼ିଲେ ରେଭେନ୍ସା ଛାତ୍ରୀଛାତ୍ର
■ ଆଜି ଏମ୍‌ପି ଭର୍ତ୍ତୃହରିଙ୍କୁ ଭେଟିବେ ଛାତ୍ରୀଛାତ୍ର

**କଟକ ଅଫିସ,୨୭।୨**

ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ ବିଏଡ୍ ପାଠ୍ୟକ୍ରମରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଗତ ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ରର ସାତାରାରେ ଆୟୋଜିତ ଶିକ୍ଷକ ନିଯୁକ୍ତିର ମୌଖିକ ପରୀକ୍ଷାରେ ରେଭେନ୍ସାରୁ ପାସ୍ କରିଥିବା କିଛି ଆଶାୟୀ ବାଦ୍ ପଡିଛନ୍ତି। ସମ୍ପୃକ୍ତ ପ୍ରାର୍ଥୀ ଉକ୍ତ ପରୀକ୍ଷାରେ ବାଦ୍ ପଡିବାପରେ ଏବେ ରେଭେନଶାରେ ଇଣ୍ଟିଗ୍ରେଟେଡ ବିଏଡ୍ ପଢୁଥିବା ଛାତ୍ରୀଛାତ୍ର ଚିନ୍ତାରେ ଅଛନ୍ତି। ରେଭେନ୍ସା ଛାତ୍ରୀଛାତ୍ରଙ୍କ ପାଖରେ ସମସ୍ତ ଯୋଗ୍ୟତା ଏବଂ ପ୍ରମାଣପତ୍ର ଥାଇ ମଧ ତାଙ୍କୁ ସମିତି ପକ୍ଷରୁ ଅଯୋଗ୍ୟ ବୋଲି ଘୋଷଣା କରାଯାଇଛି। ରେଭେନ୍ସାର ଏହି ପାଠ୍ୟକ୍ରମକୁ ନବୋଦୟ ବିଦ୍ୟାଳୟ କର୍ତ୍ତୃପକ୍ଷ ତ୍ରୁଟିପୂର୍ଣ୍ଣ ଦର୍ଶାଇଛନ୍ତି।

ରେଭେନ୍ସା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଏବଂ ନ୍ୟାଶନାଲ କାଉନସିଲ ଫର୍ ଟିଚର ଏଜୁକେଶନ (ଏନ୍‌ସିଟିଇ) ଦ୍ୱାରା ସ୍ୱୀକୃତିପ୍ରାପ୍ତ ପାଠ୍ୟକ୍ରମକୁ ନବୋଦୟ ବିଦ୍ୟାଳୟ କର୍ତ୍ତୃପକ୍ଷ ଗ୍ରହଣ କରୁନାହାଁନ୍ତି। ଫଳରେ ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ଇଣ୍ଟିଗ୍ରେଟେଡ ବିଏଡ୍ କରିଥିବା ଛାତ୍ରୀଛାତ୍ର ନବୋଦୟ ବିଦ୍ୟାଳୟ ଶିକ୍ଷକ ନିଯୁକ୍ତି ପରୀକ୍ଷାରୁ ବାଦ୍ ପଡିଛନ୍ତି। ଯେଉଁଥିପାଇଁ ସେମାନଙ୍କ କୋର୍ସ ଶେଷ ହେବା ପରେ ଭବିଷ୍ୟତରେ ତାଙ୍କୁ ଏହି ନିଯୁକ୍ତି ପ୍ରକ୍ରିୟାରେ ସାମିଲ କରାଯିବ କି ନାହିଁ ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ମଙ୍ଗଳବାର କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ ଛାତ୍ରୀଛାତ୍ରମାନେ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିବେ ବୋଲି ସୂଚନା ମିଳିଛି। ଏ ସଂକ୍ରାନ୍ତରେ ବିଭାଗର ଦାୟିତ୍ୱରେ ଥିବା ଡ. ସୁଦର୍ଶନ ମିଶ୍ରଙ୍କ କହିବାନୁଯାୟୀ, ରେଭେନଶାରେ ଇଣ୍ଟିଗ୍ରେଟେଡ ବିଏଡ୍ ପାଠ୍ୟକ୍ରମ ଏନସିଟିଇ ଓ ୟୁଜିସି ଦ୍ୱାରା ସ୍ୱୀକୃତ ହୋଇଛି। ତେଣୁ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ଓଡ଼ିଆ ପିଲାଙ୍କୁ ହଇରାଣ କରାଯାଉଛି। ରେଭେନଶା ଭଳି ଅଗ୍ରଣୀ ଶିକ୍ଷାନୁଷ୍ଠାନ ନାମରେ ଏହା ଏକ ଅପପ୍ରଚାର। ତୁରନ୍ତ ନବୋଦୟ ବିଦ୍ୟାଳୟ ସମିତି ଏହି ନିୟମରେ ସଂଶୋଧନ ଆଣିବା ଆବଶ୍ୟକ ବୋଲି ସେ କହିଛନ୍ତି। ସୂଚନାଥାଉକି, ବିଶ୍ୱବିଦ୍ୟାଳୟରେ ୪ବର୍ଷିଆ ଇଣ୍ଟିଗ୍ରେଟେଡ ବିଏଡ୍ ପାଠ୍ୟକ୍ରମ ରହିଛି। ପ୍ରତିବର୍ଷ ବିଏସ୍‌ସି ଇଣ୍ଟିଗ୍ରେଟେଡ ବିଏଡ୍ ଏବଂ ବିଏ ଇଣ୍ଟିଗ୍ରେଟେଡ ବିଏଡ୍‌ରେ ୧୦୦ଜଣ ଲେଖାଏ ଛାତ୍ରୀଛାତ୍ର ନାମ ଲେଖାଉଛନ୍ତି।


କାଠଗଡାସାହିରେ ଶିଳ୍ପୀ ପଞ୍ଚୁଦୋଳ ପାଇଁ ପ୍ରସ୍ତୁତ କରୁଥିବା କେଳାକେଲୁଣୀ ଓ ରାଜାରାଣୀ ମୁଖ ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ସାଇକେଲ ଆରୋହୀ ମୃତ

କଟକ ସଦର,୨୭।୨(ଡି.ଏନ୍.ଏ.)- କନ୍ଦରପୁର - ମାଛଗାଁ ଜାତୀୟ ରାଜପଥ ନଂ.୫୫ର କନ୍ଦରପୁର ବଜାର ନିକଟରେ ରବିବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କର ମୃତ୍ୟୁ ଘଟିଥିଲା। ମୃତକ ଜଣକ ହେଲେ ସ୍ଥାନୀୟ ଅଞ୍ଚଳର ରବୀନ୍ଦ୍ର ମଲ୍ଲିକ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ରବୀନ୍ଦ୍ର କନ୍ଦରପୁର ବଜାରରୁ ପରିବା କିଣି ଘରକୁ ଫେରୁଥିଲେ। ହେଲେ କନ୍ଦରପୁର ବଜାର ନିକଟରେ ଏକ ଅଜଣା ଗାଡ଼ି ପଛରୁ ଆସି ଧକ୍କା ମାରିଥିଲା। ଯେଉଁ ଗାଡ଼ିଟି ସାଇକେଲକୁ ଧକ୍କା ମାରିଥିଲା, ସେହି ଗାଡ଼ିକୁ ଅନ୍ୟ ଏକ ଗାଡ଼ି ପଛରୁ ଧକ୍କା ଦେଇଥିଲା। ଫଳରେ ଆଗ ଗାଡ଼ିଟି ଭାରସାମ୍ୟ ହରାଇ ସାଇକେଲରେ ପିଟି ହୋଇଯାଇଥିଲା। ଆହତ ୨ ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ଆମ୍ବୁଲାନ୍ସ ଯୋଗେ ପଠାଯାଇଥିଲା। ସେଠାରେ ଡାକ୍ତର ରବୀନ୍ଦ୍ରଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟ ବାଇକ୍ ଆରୋହୀ ସାମାନ୍ୟ ଆହତ ହୋଇଛନ୍ତି। ପରେ କନ୍ଦରପୁର ଥାନା ପୋଲିସ ସୋମବାର ମୃତଦେହକୁ ଜବତ କରିଥିବା ବେଳେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବ। ଦୁର୍ଘଟଣା ଘଟାଇଥିବା ଅଜଣା ଗାଡ଼ିକୁ ଧରିବା ପାଇଁ ପୋଲିସ ତଦନ୍ତ ଆରମ୍ଭ କରିଛି।

### ଜମି ଦେବା ଆଳରେ ଠକେଇ, ଜଣେ ଗିରଫ

ଚୌଦ୍ୱାର,୨୭।୨(ଡି.ଏନ୍.ଏ.): ସରକାରୀ ଜମି ଜବରଦଖଲ କରି ତାକୁ ବିକ୍ରି କରିବା ପାଇଁ ଜଣେ ଲୋକ ପାଖରୁ ୨ଲକ୍ଷ ୪୦ ହଜାର ଟଙ୍କା ଠକି ନେଇଥିବା ଅଭିଯୋଗରେ ଚୌଦ୍ୱାର ପୋଲିସ୍ ଜଣେ ଦଲାଲଙ୍କୁ ଗିରଫ କରିଛି। ସେ ହେଲେ ଚୌଦ୍ୱାର ନିକଟ ଯାଜଭୈରବ ନୂଆଗାଁର ତ୍ରିଲୋଚନ ସାମଲ। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ତ୍ରିଲୋଚନ ୨୦୨୧ ମସିହାରେ ଯାଜଭୈରବ ମୌଜାରେ ଥିବା ଏକ ପ୍ଲଟକୁ ବୈଦେଶ୍ୱର କଲୋନୀର ଗଗନ କୁମାର ପରିଜାଙ୍କୁ ୪ଲକ୍ଷ ଟଙ୍କାରେ ବିକ୍ରି କରିବା ପାଇଁ ଚୁକ୍ତିପତ୍ର କରିବା ସହିତ ଅଗ୍ରିମ ବାବଦକୁ ତାଙ୍କ ନିକଟରୁ ୨ଲକ୍ଷ ୪୦ ହଜାର ଟଙ୍କା ନେଇଥିଲେ। ଉକ୍ତ ଜମିରେ ଗଗନ ପାଚେରି ନିର୍ମାଣ କରିଥିଲେ। ହେଲେ କିଛିଦିନ ପରେ ଗଗନ ଉକ୍ତ ପ୍ଲଟକୁ ଯାଇଥିବା ବେଳେ ଅନ୍ୟ ଜଣେ ତାକୁ ଦଖଲ କରିଥିବା ଓ ପାଚେରି ନଥିବା ଦେଖିବାକୁ ପାଇଥିଲେ। ସେ ତ୍ରିଲୋଚନଙ୍କୁ ଟଙ୍କା ଫେରସ୍ତ ପାଇଁ କହିବାରୁ ସେ ଧରାଚୁଆଁ ଦେଇନଥିଲେ। ଏ ନେଇ ଗଗନ ଗତ ଜାନୁୟାରୀ ୨୯ରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୫୨/୨୩)ରୁଜୁ କରି ଘଟଣାର ତଦନ୍ତ କରି ତ୍ରିଲୋଚନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତ ତ୍ରିଲୋଚନ ପୂର୍ବରୁ ବହୁ ଜମି ଠକେଇ ମାମଲାରେ ସମ୍ପୃକ୍ତ ଥିବା ପୋଲିସ୍ ସୂଚନା ଦେଇଛି।

### ୧୩୩ ଜଣଙ୍କର ହେଲା ଚକ୍ଷୁ ପରୀକ୍ଷା

ଚୌଦ୍ୱାର,୨୭।୨(ଡି.ଏନ୍.ଏ): ଚୌଦ୍ୱାର ମୁସଲିମ୍ ପଞ୍ଚାୟତ ତରଫରୁ ଦାତବ୍ୟ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଯାତ୍ରା ପଡ଼ିଆସ୍ଥିତ ମଦ୍ରାସା ଗୃହରେ କେୟାର ନେତ୍ରମ୍ ସହଯୋଗରେ ଆୟୋଜିତ ଏହି ଶିବିରକୁ ମୁରବି ସର୍ଫୁଦ୍ଦିନ୍ ଉଦ୍‌ଘାଟନ କରିଥିଲେ। ଶିବିରରେ ୧୩୩ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ ପ୍ରଦାନ କରାଯାଇଥିଲା ଏବଂ ୯୦ଜଣଙ୍କୁ ଅନୁଷ୍ଠାନ ତରଫରୁ ଚଷମା ପ୍ରଦାନ କରାଯାଇଥିଲା। ୮ଜଣଙ୍କ ଚକ୍ଷୁରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଚିକିତ୍ସାଳୟକୁ ନିଆଯାଇଥିଲା। ମୁସଲିମ ପଞ୍ଚାୟତ ସଭାପତି ଏସ୍.କେ. ସାଜିଦ୍ ଚାନ୍ଦ, ମଦ୍ରାସା ସମ୍ପାଦକ ଏସ୍.କେ. ସଦ୍ଦିରୁଦ୍ଦିନ୍, ନସିମ୍ ଖାନ୍, ଏସ୍.କେ. ଇସମାଇଲ, ମହମ୍ମଦ ରିଜୁଆନ୍, ସେକ୍ କାଦ୍ରିସ୍ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

### ସଂଗ୍ରାମୀ ଚନ୍ଦ୍ରଶେଖର ଆଜାଦଙ୍କୁ ଶ୍ରଦ୍ଧାଞ୍ଜଳି

ଚୌଦ୍ୱାର,୨୭।୨(ଡି.ଏନ୍.ଏ): ସ୍ଥାନୀୟ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ମହାନ୍ ସଂଗ୍ରାମୀ ଚନ୍ଦ୍ରଶେଖର ଆଜାଦଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି । ମାନସ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉତ୍କଳ ପ୍ରତିଭା ସିଦ୍ଧେଶ୍ୱର ନାୟକ ଆଜାଦଙ୍କ ଜୀବନୀ ଆଲୋଚନା କରି ଦେଶ ମାତୃକା ପାଇଁ ତାଙ୍କର ବଳିଦାନ ତାଙ୍କୁ ଚିର ଅମର କରି ରଖିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମହାନ୍ ଔପନ୍ୟାସିକ ତଥା ଦାର୍ଶନିକ ମନୋଜ ଦାସଙ୍କ ଜୟନ୍ତୀ ମଧ ପାଳିତ ହୋଇଥିଲା। ଶିକ୍ଷାକେନ୍ଦ୍ରର ଡ. ଝରଣା ସାହୁ, ଦୀପ୍ତିମୟୀ ବେହେରା, ଲାଲକୃଷ୍ଣ ସାହୁ, ଦୀପ୍ତିରଞ୍ଜନ ସାହୁ ପ୍ରମୁଖ ଉଭୟ ମହାତ୍ମାଙ୍କ ଜୀବନୀ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ରାଜେଶ ଓଝା ଧନ୍ୟବାଦ ଦେଇଥିଲେ ।

# ଚୌଦ୍ୱାର କଲେଜ ପ୍ରଶ୍ନପତ୍ର ହବ୍ ସେଣ୍ଟର


ଚୌଦ୍ୱାର କଲେଜରେ ପ୍ରଶ୍ନପତ୍ର ରଖିବା ନେଇ ଯାଞ୍ଚ ହେଉଛି ।

**ଚୌଦ୍ୱାର,୨୭।୨(ଡି.ଏନ୍.ଏ.):**

ଆସନ୍ତା ମାସ ୧ ତାରିଖରୁ ଆରମ୍ଭ ହେବ ଯୁକ୍ତ୨ ପରୀକ୍ଷା। ଏ ନେଇ ଉଚ୍ଚ ମାଧମିକ ଶିକ୍ଷା ବିଭାଗ ତରଫରୁ ବିଭିନ୍ନ ମହାବିଦ୍ୟାଳୟକୁ ହବ୍ ସେଣ୍ଟର କରି କଡ଼ା ସୁରକ୍ଷା ଭିତରେ ପ୍ରଶ୍ନପତ୍ର ପଠାଯାଇଛି। ଏହି ପରିପ୍ରେକ୍ଷୀରେ ଚୌଦ୍ୱାର ମହାବିଦ୍ୟାଳୟ ୭ଟି ମହାବିଦ୍ୟାଳୟ ସହ ନୋଡାଲ ହବ୍ ସେଣ୍ଟର ହୋଇଥିବାରୁ ପ୍ରଶ୍ନପତ୍ରକୁ କଡ଼ା ସୁରକ୍ଷା ଭିତରେ ରଖାଯାଇଛି। ସୁରକ୍ଷା ଦୃଷ୍ଟିରୁ ପ୍ରଶ୍ନପତ୍ର ରଖାଯାଇଥିବା ଗୃହକୁ ସିସିଟିଭି ନଜରରେ ରଖାଯିବା ସହିତ ୨୪ଘଣ୍ଟିଆ ପୋଲିସ ପହରା ବ୍ୟବସ୍ଥା କରାଯାଇଥିବା ଅଧ୍ୟକ୍ଷ ଡ.ଉମେଶ ଚନ୍ଦ୍ର ଦେବତା ପ୍ରକାଶ କରିଛନ୍ତି। ଏହି ନୋଡାଲ ହବ ସେଣ୍ଟର ଅଧୀନରେ ଅଞ୍ଚଳର ୭ଟି ଉଚ୍ଚ ମାଧମିକ ବିଦ୍ୟାଳୟର ମୋଟ ୨୦୭୨ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଥିବାବେଳେ ସେଥିମଧ୍ୟରୁ ବିଜ୍ଞାନରେ ୭୪୭, କଳାରେ ୧୨୩୧ ଓ ବାଣିଜ୍ୟରେ ୯୪ଜଣ ପରୀକ୍ଷାର୍ଥୀ ଥିବା ଜଣାପଡିଛି। ବିଷୟ ସୂଚୀ ଅନୁଯାୟୀ ପ୍ରଶ୍ନପତ୍ରକୁ କଡ଼ା ସୁରକ୍ଷା ଭିତରେ ନିଆଯାଇ ନିର୍ଦ୍ଧାରିତ ସମୟ ପୂର୍ବରୁ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଥିବା ପରୀକ୍ଷା ମୁଖ୍ୟ ପରିଚାଳକଙ୍କୁ ହସ୍ତାନ୍ତର କରାଯିବ ବୋଲି ଡ. ଦେବତା ସୂଚନା ଦେଇଛନ୍ତି। ଚଳିତବର୍ଷ ଚୌଦ୍ୱାର ମହାବିଦ୍ୟାଳୟରେ ମୋଟ ୭୮୪ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ ବୋଲି ଜଣାପଡିଛି।

## ୪୨ ନଂ. ୱାର୍ଡରେ ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ ଶିବିର

**କଟକ ଅଫିସ,୨୭।୨**

କଟକ ମହାନଗର ନିଗମ(ସିଏମ୍‌ସି) ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ୪୨ ନମ୍ବର ୱାର୍ଡ ଅନ୍ତର୍ଗତ ଚାଉଳିଆଗଞ୍ଜ କ୍ଲବ ଘରେ ସୋମବାର ଏକ ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ ଶିବିର ହୋଇଯାଇଛି । ଶିବିରରେ ୪୨, ୪୩, ୪୬ ଓ ୪୭ ନମ୍ବର ୱାର୍ଡର ୧୧ଟି ବସ୍ତିବାସିନ୍ଦା ସଂଘ ଓ ମହିଳା ଗୋଷ୍ଠୀରୁ ବହୁ ସଂଖ୍ୟକ ସଦସ୍ୟ ଯୋଗଦେଇଥିଲେ। ୪୨ ନଂ. ୱାର୍ଡର ଗୋଷ୍ଠୀ ସଂଗଠିକା ମାହେଶ୍ୱରୀ ମହାପାତ୍ର ପ୍ରଶିକ୍ଷଣକୁ ଶୁଭାରମ୍ଭ କରିଥିଲେ। ସିଏମ୍‌ସି ଅଗ୍ନିନିରାପତ୍ତା ପ୍ରକଳ୍ପ ସଂଯୋଜକ ଶ୍ରୀନିବାସ ପଣ୍ଡା ଏହି ପ୍ରଶିକ୍ଷଣର ଶିବିର ପରିଚାଳନା କରିଥିଲେ। ଅଗ୍ନିଶମ ଅଧିକାରୀ ସଞ୍ଜୀବ ବେହେରାଙ୍କ ସମେତ କର୍ମଚାରୀମାନେ ଅଗ୍ନି ନିରାପତ୍ତା ଉପରେ ଉପସ୍ଥିତ ମହିଳାମାନଙ୍କୁ ତାଲିମ ଦେଇଥିଲେ। ପ୍ରକଳ୍ପ ପରିଚାଳକ ପ୍ରଦୀପ ମହାନ୍ତି ସହଯୋଗ କରିଥିଲେ ।

## ଷ୍ଟାର୍ ନର୍ସ ଆୱାର୍ଡ ସମ୍ବର୍ଦ୍ଧନା ସଭା

**କଟକ ଅଫିସ, ୨୭।୨:**

ଟ୍ରେନ୍ଡ ନର୍ସେସ୍ ଆସୋସିଏଶନ ଅଫ୍ ଇଣ୍ଡିଆ ପକ୍ଷରୁ ଷ୍ଟାର ନର୍ସ ଆୱାର୍ଡ ସମ୍ବର୍ଦ୍ଧନା ସଭା ଏସ୍‌ସିବି ମେଡିକାଲ କଲେଜ ପ୍ରେକ୍ଷାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡା. ରାମଚନ୍ଦ୍ର ରାଉତ, ସମ୍ମାନିତ ଅତିଥି ଭାବେ ଏସ୍‌ସିବି ମେଡିକାଲ ଅଧୀକ୍ଷକ ଡା. ସୁଧାଂଶୁ ଶେଖର ମିଶ୍ର ଏବଂ ଷ୍ଟାର ନର୍ସ ଆୱାର୍ଡ ସ୍ପନ୍‌ସର ଡ. ଲକ୍ଷ୍ମୀ ରଣା ଯୋଗଦେଇ ସେବିକାମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ପରେ ଡ. ରୀତାଞ୍ଜଳି ସ୍ୱାଇଁ, ପ୍ରଫେସର ଅମ୍ରିତା ଲେଙ୍କା ଏବଂ ପ୍ରଫେସର ସରୋଜ ପ୍ରଧାନଙ୍କୁ ଯଥାକ୍ରମେ ୨୦୨୦, ୨୦୨୧ ଓ ୨୦୨୨ ବର୍ଷର ଷ୍ଟାର ନର୍ସ ଆୱାର୍ଡରେ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଏନ୍‌ଏନ୍‌ଏଆଇ ଓଡ଼ିଶା ଶାଖାର ସଭାପତି ଡା. ଫୁଲଣା ଦେଇ ସ୍ୱାଗତ ଭାଷଣ, ଉପସଭାପତି ଡା. ଅନସୂୟା ପଟ୍ଟନାୟକ ଏସ୍‌ଏନ୍‌ଏ ଓ ଟିଏନ୍‌ଏଆଇର ଉପାଦେୟତା ସମ୍ପର୍କରେ କହିଥିଲେ। ଷ୍ଟାର୍ ନର୍ସ ଆୱାର୍ଡ କମିଟି ଚେୟାରପର୍ସନ ଡା. ରୀତାଞ୍ଜଳି ସାହୁ ଆୱାର୍ଡ ସମ୍ପର୍କରେ କହିଥିଲେ। ଟିଏନ୍‌ଏଆଇର ସମ୍ପାଦିକା ସଂଯୁକ୍ତା ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ପାଇଁ ସଂକଳ୍ପ

**କଟକ ସଦର,୨୭।୨(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ ହସ୍ପିଟାଲ ଯୋଜନାରେ ସାମିଲ କରାଯିବା ଅବସରରେ ଏକ ସଂକଳ୍ପ ସଭା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଥିଲା। ବେଣ୍ଟକାର ପଞ୍ଚାୟତ ବିଜେଡି ମିହିର ରଞ୍ଜନ ପତିଙ୍କ ପୌରୋହିତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ଏଥିସହ ଉକ୍ତ କେନ୍ଦ୍ରର ଅଧିକ ଉନ୍ନତି ପାଇଁ ସଂକଳ୍ପ ଗୃହୀତ ହୋଇଥିଲା। ସଭାରେ ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ବିଭୂତି ଭୂଷଣ ପରିଡ଼ା, ସ୍ୱାଧୀନ ଶେଖର ଷଡ଼ଙ୍ଗୀ, ପ୍ରଫୁଲ୍ଲ ମହାପାତ୍ର, ଗୌତମ ପରିଡ଼ା, ସମୀର ବେହେରା, ଅଧାପକ ସେଖ କଲିମୁଲ୍ଲା, ସରପଞ୍ଚ ଶିବ ପ୍ରସାଦ ମଲ୍ଲିକ, ସମିତି ସଭ୍ୟ ବିନୋଦ ବେହେରା, ବୀରବର ଲେଙ୍କା, ଶରତ ରାୟ ଯୋଗଦେଇଥିଲେ। ଶେଷରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡ. ବସନ୍ତ ସାହୁ ବିଭିନ୍ନ ସମସ୍ୟା ଉପରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଧନ୍ୟବାଦ ଦେଇଥିଲେ।

## ଅଲ୍ ଓଡ଼ିଶା ସଂସ୍କୃତ କଲେଜ ଏମ୍ପ୍ଲଇଜ୍ ଆସୋସିଏଶନର ବୈଠକ

**କଟକ ଅଫିସ,୨୭।୨:**

ଅଲ୍ ଓଡ଼ିଶା ସଂସ୍କୃତ କଲେଜ୍ ଏମ୍ପ୍ଲଇଜ୍ ଆସୋସିଏଶନ୍‌ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଛତ୍ରବଜାରସ୍ଥିତ ଡ. ହରେକୃଷ୍ଣ ମହତାବ ସଂସ୍କୃତ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଷ୍ଣୁପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସଙ୍ଗଠନର ସମ୍ପାଦକ ନରେନ୍ଦ୍ର ବସ୍ତିଆ ଯୋଗଦେଇ ସଂଘର କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ କାର୍ଯ୍ୟନିର୍ବାହୀ ଲକ୍ଷ୍ମୀକାନ୍ତ ଦାସ ଭବିଷ୍ୟତ କାର୍ଯ୍ୟକ୍ରମର ରୂପରେଖ ଉପସ୍ଥାପନା କରି ସଦସ୍ୟମାନଙ୍କ ପରାମର୍ଶ ଲୋଡ଼ିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାମନାରାୟଣ ତ୍ରିପାଠୀ, ଅଶୋକ ପଣ୍ଡା, ସଦାନନ୍ଦ ଦୀକ୍ଷିତ, ରାଜକିଶୋର ବାରିକ୍, ପ୍ରଫୁଲ୍ଲ ବାରିକ୍, କାଞ୍ଚନବାଳା ସିଂ ପ୍ରମୁଖ ସଂସ୍କୃତ କଲେଜ୍‌ଗୁଡ଼ିକୁ ନେଇ ଜିଲାସ୍ତରୀୟ କମିଟି ଗଠନ କରିବା ପାଇଁ ସମ୍ପାଦକ ବସ୍ତିଆଙ୍କୁ ପଦକ୍ଷେପ ନେବାକୁ ମତପ୍ରକାଶ ପାଇଥିଲା। ରାଜ୍ୟର ସମସ୍ତ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷମାନଙ୍କର ଏକ ଜରୁରୀ ବୈଠକ ଡକାଇ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ପଦକ୍ଷେପ ନେବାକୁ ସ୍ଥିର ହୋଇଥିଲା। କୋଷାଧ୍ୟକ୍ଷ ମୋହନ ଚନ୍ଦ୍ର ପ୍ରଧାନ ଆୟବ୍ୟୟର ହିସାବ ଚିଠା ପ୍ରସ୍ତୁତ ପାଇଁ ଦାୟିତ୍ୱ ଅର୍ପଣ କରାଯାଇଥିଲା।

# ଗୋବରାରେ ଦନ୍ତା ଉତ୍ପାତ, ନଷ୍ଟ କରୁଛି ଧାନଫସଲ

**ଖୁଣ୍ଟୁଣୀ,୨୭।୨(ଡି.ଏନ୍.ଏ.)**

ଖୁଣ୍ଟୁଣୀ ବନାଞ୍ଚଳର ବିଭିନ୍ନ ଅଞ୍ଚଳରେ ଗତ କିଛିଦିନ ହେବ ଏକ ଦଳଛଡ଼ା ଦନ୍ତା ହାତୀ ଲୋକଙ୍କ ବାରିଘରେ ପଶି ଧାନ ସମେତ ବିଲରେ କରାଯାଇଥିବା ବିଭିନ୍ନ ଧାନଫସଲ ଖାଇ ନଷ୍ଟ କରୁଛି। ଖୁଣ୍ଟୁଣୀ ବନାଞ୍ଚଳ ଅଧୀନରେ ଥିବା ଗୁରୁଡ଼ିଝାଟିଆ ଥାନାର ଗୋବରା ଓ ସଂଲଗ୍ନ ଗ୍ରାମାଞ୍ଚଳରେ ଏହି ଦଳଛଡ଼ା ଦନ୍ତା ଉପଦ୍ରବ ଜାରି ରଖି ଲୋକଙ୍କ ବିଲରୁ ପରିବା, ଫସଲ ଖାଇ ଦେଉଛି ବୋଲି ଚାଷୀ ବାବୁଲି ଜେନା ଓ ଗୃହିଣୀ ସାବିତ୍ରୀ ଦାସ ଅଭିଯୋଗ କରିଛନ୍ତି। ଗୋବରା ଗ୍ରାମ ତଥା ତତ୍‌ସଂଲଗ୍ନ ଇଲାକାରେ ଏହି ଋତୁରେ ମକା ଫସଲ ବହୁଳ ପରିମାଣରେ ହୋଇଥାଏ। ଚାଷୀ ଏହି ମକା ଅମଳ କରି କଟକ, ଭୁବନେଶ୍ୱର, ଆଠଗଡ଼ ଖୁଣ୍ଟୁଣୀ ଆଦି ଅଞ୍ଚଳକୁ ପଠାଇଥାନ୍ତି। ମକା ଫସଲ ସାଙ୍ଗକୁ କାକୁଡି, କଖାରୁ ଧନିଆ ଚାଷ ମଧ ହାତୀ ଉଜାଡ଼ି ଦେଇଥିବା ଗୋବରାର ଚାଷୀ ସଞ୍ଜିତ ଥାଟୋଇ କହିଛନ୍ତି। କପିଳାସ ଜଙ୍ଗଲରୁ ହାତୀଙ୍କ ମେଳରୁ ପଳାଇ ଆସିଥିବା ଏହି ଦନ୍ତା ହାତୀଟି ଶନିବାର ଓ ରବିବାର ରାତିରେ ସାବିତ୍ରୀ ଦାସଙ୍କ ବାରିରେ ରହିଥିବା ଧାନ ବସ୍ତା ଓ ହାଣ୍ଡିରେ ଉଁସା ହେବା ପାଇଁ ରହିଥିବା ଧାନକୁ ଖାଇ ଦେଇଥିବା ସାବିତ୍ରୀ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେହିପରି ଗୋବରା ଗ୍ରାମ ଦଳିତ ସାହିରେ ବାରଣ୍ଡାରେ ଥୁଆ ହୋଇଥିବା ଧାନକୁ ହାତୀ ଖାଇ ନଷ୍ଟ କରିଛି। ଜଙ୍ଗଲ ବିଭାଗ ପକ୍ଷରୁ ହାତୀକୁ ଘଉଡ଼ାଇବାକୁ ଉଦ୍ୟମ ଜାରି ରଖାଯାଇଛି ବୋଲି ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ କହିଛନ୍ତି। କ୍ଷତିଗ୍ରସ୍ତ ଚାଷୀ ଓ ଲୋକମାନେ ଲିଖିତ ଭାବେ ଜଣାଇଲେ ତାହା ତଦନ୍ତ କରି କ୍ଷତିପୂରଣ ପାଇଁ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।


ଫସଲ ନଷ୍ଟ ହେବାରୁ ଚାଷୀ ଚିନ୍ତାରେ ଅଛନ୍ତି ।

# ଭାରତ ମସଲା ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର


ସ୍ୱାସ୍ଥ୍ୟ ଶିବିରରେ ଯୋଗ ଦେଇଥିବା ଅତିଥିମାନେ ।

**କଟକ ଅଫିସ,୨୭।୨:**

ଭାରତ ମସଲା ପକ୍ଷରୁ ବାରଙ୍ଗ ରାମଦାସପୁରସ୍ଥିତ କମ୍ପାନୀ ପରିସରରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଓଡ଼ିଶା ବିଲ୍ଡିଂ ଆଣ୍ଡ ଅଦର କନ୍‌ଷ୍ଟ୍ରକଶନ ୱାର୍କର୍ସ ୱେଲଫେୟାର ବୋର୍ଡର ଅଧ୍ୟକ୍ଷ ଶ୍ରୀମୟୀ ମିଶ୍ର ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ପରାମର୍ଶଦାତା ଦୁର୍ଗା ସାମନ୍ତରାୟ, ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ଅଧ୍ୟକ୍ଷ ଚିନ୍ମୟ ସାହୁ ଯୋଗଦେଇଥିଲେ । ପ୍ରଫେସର ଡ. ଜୟନ୍ତ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ସହଯୋଗରେ ଡାକ୍ତରମାନେ କମ୍ପାନୀରେ କାର୍ଯ୍ୟରତ ୩୦୦ କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ଦେଇଥିଲେ। କାର୍ଯ୍ୟକ୍ରମରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଯୋଗଦେଇ କହିଥିଲେ, କେବଳ ବ୍ୟବସାୟକୁ ଲକ୍ଷ୍ୟ ନ ରଖି ସିଏସ୍‌ଆର୍ ଆକ୍ଟିଭିଟିକୁ ପ୍ରାଧାନ୍ୟ ଦେଇ ପ୍ରତିବର୍ଷ ରକ୍ତଦାନ, ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରାଯାଉଛି। ଏଥିରେ ଭାରତ ମସଲା ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ନିର୍ଦ୍ଦେଶକ ଦିଗନ୍ତ କୁମାର ପଣ୍ଡା, ଶ୍ରୀମନ୍ତ ପଣ୍ଡା, ନିର୍ଦ୍ଦେଶିକା ନମିତା ପଣ୍ଡା, ନନ୍ଦିତା ପଣ୍ଡା, ଜିଏମ୍ ଅପରେଶନ ଅରୁଣ ନାୟକ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନ, ସାମାଜିକ କର୍ମୀ ପ୍ରଫୁଲ୍ଲ ସିଂ, ସୁମନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍କାଉଟ୍ସ ଗାଇଡ୍ସର ଲକ୍ଷ୍ୟ ପୂରଣ କରନ୍ତୁ ଛାତ୍ରୀଛାତ୍ର

**ଜିଲାସ୍ତରୀୟ ସ୍କାଉଟ୍ସ ଓ ଗାଇଡ୍ସ ଶିବିର ଆରମ୍ଭ**

**କଟକ ଅଫିସ,୨୭।୨**

ଖାନନଗର ହାଇସ୍କୁଲରେ ସୋମବାରଠାରୁ ଜିଲାସ୍ତରୀୟ ସ୍କାଉଟ୍ସ ଓ ଗାଇଡ୍ସ ଶିବିର ଆରମ୍ଭ ହୋଇଛି। ଏହି ଶିବିରରେ ବିଭିନ୍ନ ବିଦ୍ୟାଳୟରୁ ୭୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଛନ୍ତି। ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ଡ. ସନ୍ତୋଷ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମେୟର ସୁବାସ ସିଂ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ସ୍କାଉଟ୍ସ ଗାଇଡ୍ସ ଛାତ୍ରୀଛାତ୍ର ବିଭିନ୍ନ ରଣ କୌଶଳ ସମ୍ପର୍କରେ ଶିବିରରେ ତାଲିମ ନେବେ। ବିଶେଷ କରି ଏହା ପ୍ରାଥମିକ ଚିକିତ୍ସାଠାରୁ ଆରମ୍ଭ କରି ବିଭିନ୍ନ ଦୁର୍ଘଟଣା ଜନିତ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ଶିବିରରେ ପ୍ରଶିକ୍ଷଣ କରାଯିବ। ପ୍ରାରମ୍ଭରେ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଷଡଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ। ମେୟର ସିଂ କହିଥିଲେ, ଭାରତ ସ୍କାଉଟ ଗାଇଡ ଏକ ସ୍ୱେଚ୍ଛାମୂଳକ ସଂଗଠନ। ଏହାର ମୂଳ ଲକ୍ଷ୍ୟ ହେଲା ସେବା ବିଭିନ୍ନ ଅଘଟଣ ଏବଂ ଦୁର୍ଘଟଣା ସମୟରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହେବା। ମୁଖ୍ୟ ଅତିଥି ଭାବରେ ଭାରତ ସ୍କାଉଟ୍ସ ଗାଇଡ୍ସର ରାଜ୍ୟ ଉପସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ଭାବେ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ଦୀପ୍ତିମୟୀ ଶୁଭ ଦର୍ଶିନୀ, ସୋନାମିକା ରାୟ ପ୍ରମୁଖ ଯୋଗଦେଇ କହିଲେ ଭାରତ ସ୍କାଉଟ୍ସ ଗାଇଡ୍ସ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଜନ୍ମ ଗ୍ରହଣ କରିଥିଲା। ଆଜିର ଛାତ୍ରୀଛାତ୍ର ନିଜକୁ ସ୍କାଉଟ ଗାଇଡରେ ସାମିଲ ହୋଇ ଏହାର ଲକ୍ଷ୍ୟକୁ ପୂରଣ କରନ୍ତୁ ବୋଲି କହିଥିଲେ। ଶିବିରରେ ବିଭିନ୍ନ ବିଦ୍ୟାଳୟରୁ ୮୦ଜଣ ସ୍କାଉଟ ମାଷ୍ଟର ୭୦ଜଣ ଗାଇଡ କ୍ୟାପେଟନଙ୍କ ସହିତ ୨୦ଜଣ ରୋଭର, ୩୦ଜଣ ରେଞ୍ଜର ଯୋଗଦେଇଥିଲେ। ଗାଇଡ କମିଶନର ନିରୁପମା ମଲ୍ଲିକ, ଜିଲା କ୍ରୀଡା ଶିକ୍ଷା ପରିଦର୍ଶକ ସୌଦାମିନୀ ଦାସ, ପ୍ରଦୀପ୍ତ ମହାନ୍ତି, ସରୋଜିନୀ ସାହୁ, ବିପିନ ବିହାରୀ କର, ଚନ୍ଦ୍ରଶେଖର ପରିଡ଼ା, ଆଜ୍ଞା କୁମାର ଜଟ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଜିଲା ସ୍କାଉଟ୍ସ କମିଶନର ଅଶୋକ ମହାପାତ୍ର ଧନ୍ୟବାଦ ଦେଇଥିଲେ।


ସ୍କାଉଟ୍ସ ଓ ଗାଇଡ୍ସ ଶିବିର ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଅତିଥି ।


ଜିଲାସ୍ତରୀୟ ସ୍କାଉଟ୍ସ ଓ ଗାଇଡ୍ସ ଶିବିର ଉଦ୍‌ଘାଟନ ଅବସରରେ ଛାତ୍ରୀଛାତ୍ରମାନେ ପରେଡ କରୁଛନ୍ତି ।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୨୭।୨।୨୦୨୩

| | |
|---|---|
| | ୫,୨୯,୯୬୩ ଟଙ୍କା |
| ସୁନା | ୩.୯୦୦ ଗ୍ରାମ୍ |
| ରୁପା | ୨୯.୩୦୦ ଗ୍ରାମ୍ |

# ବିଡିଓଙ୍କ କାର୍ଯ୍ୟାଳୟ ଘେରିଲା ମହିଳା ମଞ୍ଚ

## ମିଶନ ଶକ୍ତିରେ ଅନିୟମିତତା ଅଭିଯୋଗ

କଣାସ,୨୭।୨(ସ୍ୱ.ପ୍ର.)

କଣାସ ବ୍ଲକରେ ମିଶନ ଶକ୍ତି କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ ନେଇ ୨ଶହରୁ ଊର୍ଦ୍ଧ୍ୱ ମହିଳା କଣାସ ବ୍ଲକ ବିଡିଓଙ୍କ କାର୍ଯ୍ୟାଳୟ ସୋମବାର ୩ୟ ଥର ପାଇଁ ଘେରାଉ କରିଥିଲେ। ପରେ ବିଡିଓ ପବିତ୍ର ବେହେରା ସମସ୍ତଙ୍କୁ ବୁଝାସୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।
ସୂଚନା ମୁତାବକ, ଗତ ୨୦ ଓ ୨୪ ତାରିଖ ଦିନତମାମ ଉକ୍ତ ମହିଳା କାର୍ଯ୍ୟାଳୟ ଘେରାଉ କରିଥିଲେ। ହେଲେ ମଧ୍ୟ ସେଥିରେ ସଫଳ ନ ହେବାରୁ ସୋମବାର ପୁନଶ୍ଚ କଣାସ ବ୍ଲକର ମୂଳବସନ୍ତ ମଞ୍ଚ କ ଓ ଖ, ତିରିଗିଆ ମଞ୍ଚ କ ଓ ଖ, ନାବଡା ମଞ୍ଚ, ସୁହାଗପୁର ମଞ୍ଚ, ନଡୁଆପୁର ମଞ୍ଚ, ଖଣ୍ଡହତା ମଞ୍ଚ ସଭାପତି ଓ ସମ୍ପାଦିକା ଓ ସଭ୍ୟା ଧାରଣାରେ ବସିଥିଲେ। ଏଥିସହ ଉଲ୍ଲାସ ସାମନ୍ତରାୟଙ୍କ ନେତୃତ୍ୱରେ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ମଞ୍ଚର କୌଣସି ପଞ୍ଚାୟତରେ କିଛି ବିଶୃଙ୍ଖଳା ଘଟିଲେ ବ୍ଲକ ମହାମଞ୍ଚକୁ ନ ଜଣାଇ କାହିଁକି ବିଡିଓଙ୍କ ନିକଟକୁ ସେହି ଅଭିଯୋଗ ଆସୁଛି ତାହାର ପୁର୍ଣ୍ଣାବୃତ୍ତି ନ ହେବାକୁ ଦାବିପତ୍ରରେ ଉଲ୍ଲେଖ ରହିଥିଲା। ଅପରାହ୍ନରେ ବିଡିଓ ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତି ରାଉତ, ଜିଲାପରିଷଦ ସଭ୍ୟା ଲତାମଣି ଜଗଦେବ, କଣାସ ଥାନା ଆଇଆଇସି ସୁଜିତ୍ ଦାସ, ଅତିରିକ୍ତ ବିଡିଓ ମଙ୍ଗଳସିଂ ହେମ୍ବ୍ରମ୍, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧ, ବକୁ ସମିତି ସଭ୍ୟ ଲକ୍ଷ୍ମୀଧର ଜଗଦେବ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଧାରଣାରେ ବସିଥିବା ମଞ୍ଚ ସଭାପତି, ସମ୍ପାଦିକା ଓ ସଭ୍ୟଙ୍କ ସହ ଆଲୋଚନା ପରେ ମିଶନ ଶକ୍ତି କାର୍ଯ୍ୟରେ ଅନିୟମିତତା ହୋଇଥିବା ଜାଣିବାକୁ ପାଇଥିଲେ। ପୁନର୍ବାର ଯେପରି ସେମିତ ଅନିୟମିତତା ନ ହୁଅ ସେଥିପାଇଁ ମିଶନ ଶକ୍ତି ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ବିଡିଓ ବେହେରା ତାଗିଦ୍ କରିଥିଲେ। ଏହା ପରେ ଆନ୍ଦୋଳନ ହଟିଥିଲା।



ପୁରୀ ମଧୁବନ ଶିଶୁମନ୍ଦିରରେ ସୋମବାର ଶୁଭାଶୀର୍ବାଦ ଉତ୍ସବରେ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ପୂର୍ବ ବିବାଦକୁ କେନ୍ଦ୍ର କରି ମହିଳାଙ୍କୁ ଦୁର୍ବ୍ୟବହାର

ନିମାପଡ଼ା,୨୭।୨(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ଶୁନୁଗୋରଡ଼ ବଉଳପଦା ଗ୍ରାମରେ ପୂର୍ବ ବିବାଦକୁ କେନ୍ଦ୍ର କରି ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ରବିବାର ନିମାପଡ଼ା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ୩ ଜଣଙ୍କ ବିରୋଧରେ ଏକ ମାମଲା (ନଂ.୪୬/୨୩) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗ୍ରାମର ପ୍ରଭାତୀ ରାମ ଓ ତାଙ୍କ ପଡୋଶୀ ମହିଳା ଲକ୍ଷ୍ମୀପ୍ରିୟା ତାଙ୍କ ଦାଣ୍ଡ ବାରଣ୍ଡାରେ ବସିଥିଲେ। ଏହି ସମୟରେ ପ୍ରଦୀପ ରାମ ନାମକ ଜଣେ ବ୍ୟକ୍ତି ପ୍ରଭାତୀଙ୍କ ପାଖରେ ପହଞ୍ଚି ଚୁଟି ଟାଣି ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ପ୍ରଭାତୀଙ୍କ ପାଟି ଶୁଣି ଲକ୍ଷ୍ମୀପ୍ରିୟା ସେଠାରେ ପହଞ୍ଚି ଏହାକୁ ପ୍ରତିବାଦ କରିଥିଲେ। ଏଥିରେ ପ୍ରଦୀପ କ୍ରୋଧାନ୍ୱିତ ହୋଇ ଲକ୍ଷ୍ମୀପ୍ରିୟାଙ୍କୁ ଏକ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏପରିକି ପ୍ରଭାତୀଙ୍କୁ ମାଡ଼ ମାରି ତାଙ୍କ ବେକରୁ କେ ସୁନା ଚେନ୍ ଛଡାଇ ନେଇ ସେଠାରୁ ପଳାଇଥିଲେ। ଏନେଇ ପ୍ରଭାତୀଙ୍କ ସ୍ୱାମୀ ପ୍ରଦୀପଙ୍କ ଘରେ ପହଞ୍ଚି ତାଙ୍କ ବାପା ବଂଶୀଧର ରାମଙ୍କୁ ଏ ଘଟଣା ବାବଦରେ ପଚାରିବାରେ, ବଂଶୀଧର ଓ ଭାଉଜ ମିଲି ରାମ ମିଶି ମହିଳାଙ୍କ ସ୍ୱାମୀଙ୍କୁ ଅସଭ୍ ଭାଷାରେ ଗାଳିଗୁଲଜ କରି ଟେକା ଫୋପାଡିଥିଲେ। ଏ ସମ୍ପର୍କରେ ଥାନାରେ ପ୍ରଭାତୀଙ୍କ ଅଭିଯୋଗ ମୁତାବକ ପୋଲିସ ଆକ୍ରମଣକାରୀ ପ୍ରଦୀପ, ବିଶୀଧର ଏବଂ ମିଲିଙ୍କ ବିରୋଧରେ ମାମଲା ରୁଜୁ କରିଛି।

### ବଟି ଆଦାୟ୍ କରି ୨ ଗିରଫ

ପୁରୀ ଅଫିସ,୨୭।୨: ଲୋକନାଥ ରୋଡରେ ବଟି ଆଦାୟ୍ କରୁଥିବା ୨ଜଣଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି । ସେମାନେ ହେଲେ କୁମ୍ଭାରପଡ଼ା ଥାନା ଖାକିମଠ ନୂଆସାହିର ବୃନ୍ଦାବନ ଦାସ, ବଳିଆପଣ୍ଡା ଥାନା ବିଜୟ ନଗର ବସ୍ତିର ଶଙ୍କର ବିଶ୍ୱାଳ। ସେମାନଙ୍କ ଠାରୁ ଗୋଟିଏ ଲୁହାଛଡ, ଗୋଟିଏ ବାଉଁଶ ଫାଳିଆ ଜବତ ହୋଇଛି। ଏନେଇ ପୋଲିସ କେସ ନଂ-୬୭/୨୩ ରେ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଶନିବାର ରାତି ୭ଟା ୫୦ରେ ଅଭିଯୁକ୍ତଦ୍ୱୟ ବାରବାଟି ପାର୍କିଂ ନିକଟ ଲୋକନାଥ ରୋଡ୍ରେ ଥିବା ଦୋକାନୀଙ୍କୁ ବଟି ମାଗୁଥିଲେ। ଏତିକିବେଳେ ପୋଲିସ ଟିମ ସେଠାରେ ଚଢ଼ାଉ କରି ଦୁହିଁଙ୍କୁ କାବୁ କରି ଥାନାକୁ ଆଣିଥିଲା। ଅଭିଯୁକ୍ତଦ୍ୱୟଙ୍କ ନାଁରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି ।

# ଜିଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁ ଅଦଳବଦଳ

## କର୍ମଚାରୀଙ୍କ ଅବହେଳାକୁ ଦାୟୀ କଲେ ୨ ପରିବାର

ପୁରୀ ଅଫିସ, ୨୭।୨

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର ସନ୍ଧ୍ୟାରେ ଅଭାବନୀୟ ଘଟଣା ଘଟିଛି। ମେଡିକାଲ କର୍ମଚାରୀଙ୍କ ଅସାବଧାନତା ହେତୁ ଶିଶୁ ଅଦଳବଦଳ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ପୁରୀ ସଦର ଥାନା ଅନ୍ତର୍ଗତ ଖଣ୍ଡିଆବନ୍ଧ ଅଞ୍ଚଳର ମମତା ପାଇଟାଳ ଏବଂ ଗୋପାଳପୁରର ଦମୟନ୍ତୀ ଦାସ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଉଭୟଙ୍କର ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ଦୁଇ ଶିଶୁପୁତ୍ର ଏସ୍ଏନ୍ସିୟୁରେ ଭର୍ତ୍ତି ହୋଇଥିଲେ। ତେବେ ଉଭୟଙ୍କୁ କଟକ



ସ୍ଥାନାନ୍ତର କରିବା ପାଇଁ ଡାକ୍ତର କହିଥିଲେ। ଫଳରେ ଆମ୍ବୁଲାନ୍ସ ଆସିଥିଲା। ମେଡିକାଲ କର୍ମଚାରୀ ଦମୟନ୍ତୀଙ୍କ କାଗଜରେ ଦସ୍ତଖତ କରି ଭୁଲବଶତଃ ତାଙ୍କ ପୁତ୍ରକୁ ମମତାଙ୍କୁ ହସ୍ତାନ୍ତର କରିଥିଲେ। ମମତା ନିଜ ପୁତ୍ର ଭାବି ଦମୟନ୍ତୀଙ୍କ ପୁଅକୁ ନେଇ ଆମ୍ବୁଲାନ୍ସ ଯୋଗେ କଟକ ଯାଉଥିଲେ। ପରେ ପିଲା ବଦଳ ହୋଇଯାଇଥିବା ଦମୟନ୍ତୀ ଜାଣିପାରି ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଘଟଣା ଜଣାପଡ଼ିବା ପରେ କଟକ ଯାଇଥିବା ଆମ୍ବୁଲାନ୍ସକୁ ଫେରାଇ ଅଣାଯାଇଥିଲା। ଆମ୍ବୁଲାନ୍ସ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ପରେ ଦମୟନ୍ତୀ ତାଙ୍କ ପୁଅକୁ ନେଇଥିବା ବେଳେ ମମତା ତାଙ୍କ ପୁଅକୁ ନେଇଥିଲେ। ପରେ ଘଟଣା ଶାନ୍ତ ପଡ଼ିଥିଲା। କର୍ମଚାରୀଙ୍କ ଅନ୍ୟମନସ୍କତା ଓ ଦୁଇଜଣଙ୍କ ଶଯ୍ୟା ପାଖାପାଖି ଥିବାରୁ ଏପରି ଘଟଣା ଘଟିଲା ବୋଲି କୁହାଯାଉଛି।

# ‘ଆଚାର୍ଯ୍ୟ ହରିହରଙ୍କ ଜୀବନ ଦର୍ଶନ ପ୍ରେରଣାର ଉତ୍ସ’

ପୁରୀ ଅଫିସ, ୨୭।୨

ଆଚାର୍ଯ୍ୟ ହରିହରଙ୍କ ସେବା ଓ ତ୍ୟାଗ ଏବଂ ଭଲ ମଣିଷ ହୁଅର ଆହ୍ୱାନ ତାଙ୍କୁ ଚିର ଅମର କରି ରଖିଥିବ ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ମତବ୍ୟକ୍ତ କରିଛନ୍ତି। ସୋମବାର ପୁରୀ ଜିଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଆଚାର୍ଯ୍ୟ ହରିହର ସ୍ମୃତି ସଂସଦ ପକ୍ଷରୁ ଆଚାର୍ଯ୍ୟ ହରିହରଙ୍କ ଜୟନ୍ତୀ ପାଳିତ ହୋଇଛି। ପ୍ରାରମ୍ଭରେ ହରିହର ଛକସ୍ଥିତ ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିବା ପରେ ଗାନ୍ଧୀ ଘାଟରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସାହୁ ଯୋଗଦେଇ ଆଚାର୍ଯ୍ୟ ହରିହରଙ୍କ ବାଗ୍ମୀତା, ମେଧା ଓ ବୁଦ୍ଧିମତା ଅନନ୍ୟ ବୋଲି କହିବା ସହ ତାଙ୍କ ଆଦର୍ଶ ଓ ଜୀବନ ଦର୍ଶନ ସମଗ୍ର ମାନବ ଜାତିର ପ୍ରେରଣାର ଉତ୍ସ ବୋଲି ମତବ୍ୟକ୍ତ କରିଥିଲେ। ଉମାବଲ୍ଲଭ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ମୃତି ସଂସଦର ସମ୍ପାଦକ ଶିବପ୍ରସାଦ ମିଶ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ସର୍ବଧର୍ମ ପ୍ରାର୍ଥନା ପରିବେଷଣ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଘୁନାଥ ସେଠୀ, ସ୍ମୃତି ସଂସଦର ସଦସ୍ୟ ରମେଶ ଚନ୍ଦ୍ର ରଥ, ପୂର୍ଣ୍ଣଚନ୍ଦ୍ର ସାହୁ, ଗଙ୍ଗାଧର ଦାଶ, ରୂପରଞ୍ଜନ ତ୍ରିପାଠୀ, ମାୟାଧର ମହାରଣା, ଦିବ୍ୟ ରଞ୍ଜନ ଦାଶ, ଜ୍ୟୋତ୍ସ୍ନା ନାୟକ, ଜୟନ୍ତୀ ମହାପାତ୍ର, ତୃପ୍ତିରେଖା ଛୋଟରାୟ, ଆଶାଲତା ପ୍ରଧାନ, ବୀଣାପାଣି ମହାପାତ୍ର, ଶୁଭଶ୍ରୀ ଦାସ, ମିନତୀ ସାହୁ, ସ୍ନେହଲତା ସାହୁ, ପିଙ୍କି ନାୟକ, ସୋନିତା ମହାନ୍ତି, ମଞ୍ଜୁଲତା ମିଶ୍ର, ପ୍ରିୟବ୍ରତ ଜେନା, ନବ କିଶୋର ରଥ, ଦାଶରଥି ମହାରଣା, ବିଜୟ କୁମାର ପଟ୍ଟନାୟକ, ରଶ୍ମିରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସ୍ୱଚ୍ଛ ସେବା ପାଇଁ ବରିଷ୍ଠ କର୍ମଚାରୀ ଶୁଭଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ଦେଲେ ୩୩୭ ବିଦ୍ୟାର୍ଥୀ

କଣାସ,୨୭।୨(ସ୍ୱ.ପ୍ର.)

କଣାସ ବ୍ଲକର ୨ କେନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟରେ ୩୩୭ ଜଣ ଛାତ୍ରୀଛାତ୍ର ସୋମବାର ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ଦେଇଛନ୍ତି। ପରୀକ୍ଷାରେ ମୋଟ ୨୪ ଜଣ ଅନୁପସ୍ଥିତ ଥିବା ଜଣାପଡ଼ିଛି। ସରକାରୀ ଉଚ୍ଚ ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀର ୧୭୩ ଜଣ ଛାତ୍ରୀଛାତ୍ର ଏହି ପରୀକ୍ଷା ପାଇଁ ଆବେଦନ କରିଥିବାବେଳେ ୧୬୨ ଜଣ ପରୀକ୍ଷା ଦେଇଥିଲେ। ୯ମ ଶ୍ରେଣୀରେ ୪୬ଜଣଙ୍କ ମଧ୍ୟରୁ ୪୨ ଜଣ ପରୀକ୍ଷା ଦେଇଥିଲେ। ସେହିପରି ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀରେ ୩୩ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୨ ଜଣ ପରୀକ୍ଷା ଦେଇଥିଲେ। ୯ମ ଶ୍ରେଣୀ ୧୦୯ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୦୧ ଜଣ ପରୀକ୍ଷା ଦେଇଥିଲେ। କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଲେଖା ମହାପାତ୍ର ଓ ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରୂପଶ୍ରୀ ଛୋଟରାୟ ପରୀକ୍ଷା ପରିଚାଳନା କରିଥିଲେ। ସହଶିକ୍ଷାଧିକାରୀ ନାରାୟଣ ପ୍ରଧାନ ଓ ସୂର୍ଯ୍ୟନାରାୟଣ ନାୟକ ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ଥିଲେ।

# ନୀଳାଚଳ କୃଷକ ମହାସଂଘ ଉପସଭାପତିଙ୍କ ସ୍ମୃତିସଭା

ଡେଲାଙ୍ଗ,୨୭।୨(ଡି.ଏନ୍.ଏ.)

ନଳୀବସନ୍ତ ଗ୍ରାମର ନୀଳାଚଳ କୃଷକ ମହାସଂଘ ଉପସଭାପତିଶତ୍ରୁଘ୍ନ ସ୍ୱାଇଁ(୬୭)ଙ୍କ ସ୍ମୃତିସଭା ନିଜସ୍ୱ ବାସଭବନଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସେ ମହାସଂଘର ଉପସଭାପତି ଭାବେ କାର୍ଯ୍ୟ କରି ପୁରୀ ଜିଲା ସହିତ ସାରା ରାଜ୍ୟରେ ବେଶ ପରିଚିତ ଥିଲେ। ତାଙ୍କର ବିୟୋଗରେ ମହାସଂଘ ପକ୍ଷରୁ ଆୟୋଜିତ ସ୍ମୃତିସଭାରେ ଧାନକେରା ପୂର୍ବତନ ସରପଞ୍ଚ ଉପେନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ରାଜ୍ୟ ସଭାପତି ଗୋପୀନାଥ ମିଶ୍ର, ଉପଦେଷ୍ଟା ମଣ୍ଡଳୀ, ନିରଞ୍ଜନ ମହାପାତ୍ର, ଉପସଭାପତି ପ୍ରକାଶ ନାୟକ, ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ, ଯୁଗ୍ମସମ୍ପାଦକ ଦୁଃଶାସନ ସ୍ୱାଇଁ, କୋଠବାଡ ପଞ୍ଚାୟତ ସଭାପତି ଶରତଚନ୍ଦ୍ର ବିଶ୍ୱାଳ, କେଦାରେଶ୍ୱର ପରିଡ଼ା ପ୍ରମୁଖ ଉପସ୍ଥିତ ରହି ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଥିଲେ। ସଭାରେ ମହାସଂଘ ପାଇଁ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ ହୋଇଥିଲେ। ଗତ ୧୭ ତାରିଖରେ ହୃଦ୍‌ଘାତରେ ତାଙ୍କର ବିୟୋଗ ହୋଇଥିଲା।

# ‘ବିଶ୍ୱର ସର୍ବମଙ୍ଗଳମୟ ଦେବତା ଶ୍ରୀଜଗନ୍ନାଥ’



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ପୁରୀ ଅଫିସ, ୨୭।୨

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଉତ୍କଳ ବିଦ୍ୱତ୍ ପରିଷଦ ଏବଂ ଦଶପଲ୍ଲାସ୍ଥିତ ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ସୋମବାର ଶ୍ରୀଜଗନ୍ନାଥ ସଂସ୍କୃତି ସଂକ୍ରାନ୍ତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ‘ଶ୍ରୀଜଗନ୍ନାଥ ତତ୍ତ୍ୱ ଓ ମହିମା ସମ୍ବନ୍ଧୀୟ’ ଆଲୋଚନା ଚକ୍ରର ତୃତୀୟ ସତ୍ର ଆୟୋଜିତ ହୋଇଥିଲା। ଉତ୍କଳ ବିଦ୍ୱତ୍ ପରିଷଦ ସଭାପତି ମନୋଜ କୁମାର ରଥ ଉକ୍ତ ସଭାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଦଇତାପତି ସେବକ ରାମଚନ୍ଦ୍ର ଦାସ ମହାପାତ୍ର ଯୋଗଦେଇ ବିଶ୍ୱର ସର୍ବମଙ୍ଗଳମୟ ଦେବତା ଶ୍ରୀଜଗନ୍ନାଥ ବୋଲି କହିଥିଲେ। ସମ୍ମାନିତ ବକ୍ତା ଭାବେ ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗ ମୁଖ୍ୟ ଡ. ନିହାର ରଞ୍ଜନ ପଣ୍ଡା, ସଂସ୍କୃତ ବିଭାଗ ମୁଖ୍ୟ ଡ. ରମେଶ କୁମାର ଦାଶ, ଓଡ଼ିଆ ବିଭାଗ ମୁଖ୍ୟ ଡ. ସରୋଜ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ଶତ୍ରୁଘ୍ନ ପାଣିଗ୍ରାହୀ ନିଜ ବୈଦିକ ଚିନ୍ତାଧାରା ପରିପ୍ରକାଶ କରିଥିଲେ। ସଭା ସଂଯୋଜକ ତଥା ସର୍ବଦର୍ଶନ ବିଭାଗ ମୁଖ୍ୟ ଡ. ପ୍ରଦୀପ୍ତ କୁମାର ନନ୍ଦ ସଭା ପରିଚାଳନା କରିଥିଲେ। ଶେଷରେ ଡ, ଅଜୟ କୁମାର ପାଣ୍ଡେ ଧନ୍ୟବାଦ ଦେଇଥିଲେ। ସଭାରେ ଡ. ବସନ୍ତ କୁମାର ମିଶ୍ର, ଡ. ଜୟମାଣିକ ଶାସ୍ତ୍ରୀ, ଡ. ଦେବାଶିଷ ତ୍ରିପାଠୀ, ଡ. ଅଜୟ କୁମାର ଦାଶ, ଡ. ଚନ୍ଦନ କୁମାର ମିଶ୍ର, ଡ. ପରାମ୍ବା ଯୋଗମାୟା, ଡ. ସସ୍ମିତା ନାୟକ, ପଣ୍ଡିତ କମଳାକାନ୍ତ ଆଚାର୍ଯ୍ୟ, ବିରଞ୍ଚି ନାରାୟଣ ମିଶ୍ର, ବିନୋଦ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିକଶିତ ଏନ୍ଏସି ଗଠନ ମୁଖ୍ୟଲକ୍ଷ୍ୟ



ଓପନ ଜିମ୍ନାସିୟମକୁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉଦ୍‌ଘାଟନ କରୁଛନ୍ତି।

ନିମାପଡ଼ା,୨୭।୨(ଡି.ଏନ୍.ଏ.)

ବିକଶିତ ଏନ୍ଏସି ଗଠନ ଆମର ମୁଖ୍ୟ ଲକ୍ଷ୍ୟ ମୂଳମନ୍ତ୍ର। ଏକ ସ୍ୱଚ୍ଛ, ନିର୍ମଳ, ବିକାଶମୁଖି, ବିକଶିତ ଏନ୍ଏସି ଗଠନ ଆମର ପ୍ରତିବଦ୍ଧତା। ନିମାପଡ଼ା ଏନ୍ଏସି ପକ୍ଷରୁ ଆୟୋଜିତ ଓପନ ଜିମ୍ନାସିୟମ ସୋମବାର ଉଦ୍‌ଘାଟିତ ଅନୁଷ୍ଠିତ ହୋଇଯାଇଛି। ୨୧ ଲକ୍ଷ ଟଙ୍କା ବ୍ୟୟରେ ଶିଶୁ ଉଦ୍ୟାନ ପରିସରରେ ଥିବା ଏହି ପ୍ରକଳ୍ପକୁ ମୁଖ୍ୟ ଅତିଥି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉଦ୍‌ଘାଟନ କରି ଏହା କହିଥିଲେ। ମୁକ୍ତା ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟରେ ଏନ୍ଏସିର ବିଭିନ୍ନ ୱାର୍ଡରେ ବହୁ ବିକାଶମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ୭ କୋଟି ଟଙ୍କା ବ୍ୟୟରେ ଏନ୍ଏସି ଅଞ୍ଚଳରେ ନବ ନିର୍ମିତ ଇନଡୋର ଷ୍ଟାଡିୟମ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁବଶୀଘ୍ର ଉଦ୍‌ଘାଟନ କରିବେ। ଆସନ୍ତା ଏପ୍ରିଲ ୧୫ ତାରିଖ ମଧ୍ୟରେ ଏନ୍ଏସିର ଅଣ୍ଡିଆ ମୌଜାର ବହୁ ପ୍ରତୀକ୍ଷିତ ଚକବନ୍ଦୀ କାର୍ଯ୍ୟ ଶେଷ ହେବ। ପରବର୍ତ୍ତୀ ଅବସ୍ଥାରେ ପାଟପୁର ମୋଜାର ଚକବନ୍ଦୀ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବ ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ସମ୍ମାନିତ ଅତିଥି ଭାବେ ଏନ୍ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ, ସହକାରୀ ଯନ୍ତ୍ରୀ ଯତିନ୍ଦ୍ରମୋହନ ବେହେରା, ନଗର ବିଜେଡି ସଭାପତି ଜୀବନାନନ୍ଦ ମହାପାତ୍ର, ସିଟି ମିଶନ ମ୍ୟାନେଜର ଶୁଭ୍ରଜିତ୍ ସେନାପତି, ମୁକ୍ତାର ଅଧିକାରୀ ରିତିକେଶ ରୁତୁପର୍ଣ୍ଣା ନାୟକ, ରୋହନ ରାକେଶ ରାୟ, ପରିମଳ ଅଧିକାରୀ ବିଜୟ ଗ୍ରହାଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ସମାରୋହରେ ଏନ୍ଏସିର ବହୁ କାଉନସିଲର ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ କର୍ମକର୍ତ୍ତାଙ୍କ ସମେତ ଶତାଧିକ ମହିଳା ଯୋଗଦେଇଥିଲେ। ଏନ୍ଏସି ପକ୍ଷରୁ ମନ୍ତ୍ରୀ ଦାଶଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା।

# ଏସ୍‌ସିଏସ୍‌କୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ସତ୍ୟାଗ୍ରହ

ପୁରୀ ଅଫିସ, ୨୭।୨

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ସୋମବାର ସାମନ୍ତ ଚନ୍ଦ୍ରଶେଖର ବିଶ୍ୱବିଦ୍ୟାଳୟ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି। କମିଟି ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ରାଜ୍ୟ ଓ କେନ୍ଦ୍ର ସରକାର ଗୋଟିକ ପରେ ଗୋଟିଏ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରୁଛନ୍ତି। ମାତ୍ର ପୁରୀ ପ୍ରତି ଅବହେଳା କରାଯାଉଛି। ବହୁ ପୁରାତନ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦିଆଯାଇନାହିଁ। ସରକାର ତୁରନ୍ତ ଏହି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ନ ଦେଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ। ସତ୍ୟାଗ୍ରହରେ ଆବାହକ ସଞ୍ଜୟ କୁମାର ପ୍ରଧାନ, ସୂର୍ଯ୍ୟ ମିଶ୍ର, ପ୍ରଦ୍ୟୁମ୍ନ ମିଶ୍ର, ସମୀର ପଟ୍ଟନାୟକ, ମନୋଜ ରଥ, ଚକ୍ରଧର ମହାପାତ୍ର, ଅଭିଜିତ ମହାପାତ୍ର, ଅନିକେତ କର, ବହୁ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା ସାମିଲ ହୋଇଥିଲେ। ଆସନ୍ତା ସୋମବାର ପୁଣି ମହାବିଦ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବା ସହିତ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ରାଜ୍ୟ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏବଂ ଜିଲାପାଳଙ୍କୁ କମିଟି ତରଫରୁ ଦାବିପତ୍ର ଦିଆଯିବା ପାଇଁ ସ୍ଥିର କରାଯାଇଛି।




ଏସ୍‌ସିଏସ୍ କଲେଜ ସମ୍ମୁଖ ଫାଟକରେ ସାମନ୍ତ ଚନ୍ଦ୍ରଶେଖର ବିଶ୍ୱବିଦ୍ୟାଳୟ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚାଲିଥିବା ସତ୍ୟାଗ୍ରହ।

# ଇ ଶ୍ରମ କାର୍ଡ, ଲିଙ୍ଗଗତ ପ୍ରଭେଦ, କୃଷି ଉପରେ ଗୁରୁତ୍ୱ

## ଦିନିକିଆ ସ୍ୱଳ୍ପ ମିଆଦି ପ୍ରଶିକ୍ଷଣ ଶିବିର

କୋଣାର୍କ,୨୭।୨(ଡି.ଏନ୍.ଏ.)

କାକଟପୁର ବ୍ଲକ କୁରୁଜଙ୍ଗସ୍ଥିତ ବାବା ଐଶାନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରାଷ୍ଟ୍ରୀୟ ଶ୍ରମିକ ଶିକ୍ଷା ଏବଂ ବିକାଶ ବୋର୍ଡ ଶ୍ରମ ଓ ରୋଜଗାର ମନ୍ତ୍ରାଳୟ ଭାରତ ସରକାର ଆଞ୍ଚଳିକ ନିର୍ଦ୍ଦେଶାଳୟ, ଭୁବନେଶର ସହାୟତାରେ ଏବଂ ୟଙ୍ଗ ଇଣ୍ଡିଆ ସହଭାଗିତାରେ ସୋମବାର ଦିନିକିଆ ସ୍ୱଳ୍ପ ମିଆଦି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, କାକଟପୁର ବିଡିଓ ତୁଷାର ଜ୍ୟୋତିରଞ୍ଜନ, ପୁରୀ ଜିଲା ସଖୀ ସେଣ୍ଟରର ମୁଖ୍ୟ ପରିଚାଳିକା ବିଜୟ ଲକ୍ଷ୍ମୀ ବଡ଼ଜେନା, ୟଙ୍ଗ ଇଣ୍ଡିଆର ସଭାପତି ତଥା ରେଡିଓ ନମସ୍କାରର ଅଧ୍ୟକ୍ଷ ଏନ୍.ଏ.ଶାହା ଅନ୍‌ସାରି, ରାଷ୍ଟ୍ରୀୟ ଶ୍ରମିକ ଶିକ୍ଷା ଏବଂ ବିକାଶ ବୋର୍ଡ ଆଞ୍ଚଳିକ ନିର୍ଦ୍ଦେଶାଳୟର ଶିକ୍ଷାଧିକାରୀ ବସନ୍ତ




କାର୍ଯ୍ୟକ୍ରମରେ ଜଣେ ମହିଳାଙ୍କୁ ଇ କାର୍ଡ ପ୍ରଦାନ କରାଯାଉଛି।

କୁମାର ପାତ୍ର, ପ୍ରକାଶ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଇ ଶ୍ରମ କାର୍ଡର ଉଦ୍ଦେଶ୍ୟ ଏବଂ ସରକାରୀ ଯୋଜନା, ବାଲ୍ୟ ବିବାହ, ଘରୋଇ ହିଂସା, ଲିଙ୍ଗଗତ ପ୍ରଭେଦ ଏବଂ କୃଷି ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ।
ଆଜିର ଦିନରେ ସାଧାରଣ ମହିଳାଟିଏ ନିଜର ଜୀବିକା ଓ ନୂତନ ପନ୍ଥାଟିଏ ଆପଣାଇ ପରିବାର ପ୍ରତିପୋଷଣ କରିବା ଦିଗରେ ସବୁବେଳେ ଭାବୁଥିଲେ ମଧ୍ୟ ନିଜର ଜ୍ଞାନ କୌଶଳ ଅଭାବରୁ ସେ ସର୍ବଦା ଚିନ୍ତାରେ କାଳତିପାତ କରୁଥାଏ, ସେମାନଙ୍କ ଭିତରେ ଥିବା ଅନ୍ତର୍ନିହିତ ଗୁଣକୁ କିପରି ବ୍ୟବହାର କରି ନିଜେ ସ୍ୱାବଲମ୍ବୀ ହେବା ସହିତ ପରିବାର ଗୁଜୁରାଣ ମେଣ୍ଟାଇପାରିବେ ସେ ସମ୍ପର୍କରେ ଶିକ୍ଷାଧିକାରୀ ବସନ୍ତ କୁମାର ପାତ୍ର ମହିଳାମାନଙ୍କୁ ବୁଝାଇଥିଲେ। ଏଥିସହ ଅଣ ସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକଙ୍କ ନିମନ୍ତେ ସରକାରୀ ଯୋଜନା ଏବଂ ସାମାଜିକ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମିଶ୍ର ମହିଳାମାନଙ୍କୁ ବୁଝାଇ ଥିଲେ। ବାଲ୍ୟବିବାହ, ଶିଶୁଶ୍ରମିକ ପ୍ରଥା, ଘରୋଇ ହିଂସା କିଭଳି ସମାଜରୁ ବନ୍ଦ ହେବ ସେ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଏବଂ ସଖୀ ସେଣ୍ଟର ପୁରୀର ମୁଖ୍ୟ ପରିଚାଳିକା ବିଜୟ ଲକ୍ଷ୍ମୀ ବଡଜେନା କହିଥିଲେ। ସେହିପରି ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ବିଡିଓ ତୁଷାର ଜ୍ୟୋତିରଞ୍ଜନ ମହିଳାମାନଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ରୋଜାଲିନ ପ୍ରଧାନ, ଅନୁପ ସାହୁ, ଆଶିଷ ରଞ୍ଜନ ମିଶ୍ର, ସୁଜିତ ବେହେରା, ଏସ୍ କାଜଲ, ସୁହାଶିନୀ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଣ ସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟରତ ଏବଂ ଇ ଶ୍ରମ ପଞ୍ଜୀକୃତ ୨ଶହ ମହିଳା ଶ୍ରମିକ ଯୋଗଦେଇଥିଲେ।

**ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ୩ ଗଞ୍ଜେଇ ଚାଲାଣକାରୀ ଗିରଫ**

ଭୁବନେଶ୍ୱର,(ବ୍ୟୁରୋ): ଭରତପୁର ଥାନା ପୋଲିସ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଚଢାଉ କରି ୩ ନିଶା ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗର ଆବୁ ତାହିର, କନ୍ଧମାଳର ହେମନ୍ତ ପ୍ରଧାନ ଓ ଭୁବନେଶ୍ୱର ନୟାପଲ୍ଲୀର ପ୍ରଭାତ ବିଶୋଇ। ଏମାନଙ୍କଠାରୁ ୨୨ କେଜି ୩୦୦ ଗ୍ରାମ ଗଞ୍ଜେଇ, ୨୪ ହଜାର ଟଙ୍କା ଓ ଆଧାର କାର୍ଡ ଜବତ ହୋଇଛି। ଅଭିଯୁକ୍ତମାନେ ଜବତ ଗଞ୍ଜେଇକୁ କନ୍ଧମାଳରୁ ଆଣି ପଶ୍ଚିମବଙ୍ଗକୁ ନେଉଥିବାବେଳେ ଖବରପାଇ ପୋଲିସ ଯୋଜନାକୁ ଭଣ୍ଡୁର କରିଦେଇଛି। ପୋଲିସ ମାମଲା (ନଂ.୯୩/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା।



## ସଂକ୍ଷେପରେ

### ଡକାୟତି ଯୋଜନାବେଳେ ୨ ଗିରଫ ଛୁରି, ଲୁହାରଡ଼ ଜବତ



ଭୁବନେଶ୍ୱର,୨୭।୨(ବ୍ୟୁରୋ)- ରବିବାର ବିଳମ୍ବିତ ରାତିରେ ଡକାୟତି ଯୋଜନା କରୁଥିବା ବେଳେ ଲିଙ୍ଗରାଜ ଥାନା ପୋଲିସ ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟରେ ରହୁଥିବା ପଶ୍ଚିମବଙ୍ଗ ପୂର୍ବ-ମେଦିନାପୁର ଜିଲା ନନ୍ଦିଗ୍ରାମ ଥାନା ଅଞ୍ଚଳର ପ୍ରସନ୍ନଜିତ ଦାସ ଅଧିକାରୀ ଓ ସୁବ୍ରତ ଦାସ ଅଧିକାରୀ। ଏମାନଙ୍କଠାରୁ ଛୁରି ଓ ଲୁହାରଡ୍ ଜବତ ହୋଇଛି। ଉଭୟଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଲିଙ୍ଗରାଜ ଥାନା ବିଶିଷ୍ଟନଗର ଅନ୍ତର୍ଗତ କେନାଲ ରୋଡ୍ ନିକଟରେ ଥିବା ଏକ ଖୋଲାସ୍ଥାନରେ ଅଭିଯୁକ୍ତଦ୍ୱୟ ବସି ଡକାୟତି ଯୋଜନା କରୁଥିବା ଖବର ମିଳିବା ପରେ ପୋଲିସ ସେଠାରେ ଅତର୍କିତ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ସେମାନେ ଘଟଣାସ୍ଥଳରୁ ଦୌଡ଼ି ଥିଲେ। ପୋଲିସ ଉଭୟଙ୍କୁ ପିଛା କରି କାବୁ କରିଥିଲା। ଏନେଇ ଏକ ମାମଲା (ନଂ. ୬୦/୨୦୨୩) ରୁଜୁ କରାଯାଇ ତଦନ୍ତ ଚାଲିଛି।

### କାର୍ଯ୍ୟାନୁଷ୍ଠାନ ପାଇଁ ଉପଜିଲାପାଳଙ୍କ ଦାବିପତ୍ର

**ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା ବନ୍ଦ ପ୍ରସଙ୍ଗ**

ପୁରୁଣା ଭୁବନେଶ୍ୱର,୨୭।୨(ଡି.ଏନ୍.ଏ.): ଏକାମ୍ର କ୍ଷେତ୍ରର ଆରାଧ ଦେବ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ହାଣ୍ଡିଭଙ୍ଗା ଯାତ୍ରା ଗତ ୯ବର୍ଷ ହେବ ବନ୍ଦ ରହିଛି। ଚଳିତ ବର୍ଷ ଏହି ଯାତ୍ରା ସମ୍ପାଦନ କରିବା ଲାଗି ପ୍ରଶାସନ ଅଣ୍ଟାଭିଡ଼ିଥିଲା। ତେବେ ପୂର୍ବ ବର୍ଷ ଭଳି ଏହି ଯାତ୍ରା ପୁଣି ବନ୍ଦ ରହିଥିଲା। ଫଳରେ ଠାକୁରଙ୍କ ୯ଶହ ବର୍ଷର ପରମ୍ପରାରେ ସୁଧାର ଆସିପାରିନାହିଁ। ଆଗାମୀ ବର୍ଷକୁ ଦୃଷ୍ଟିରେ ରଖି ଏବେଠାରୁ ବିଶୃଙ୍ଖଳିତ ସ୍ଥିତି ସୃଷ୍ଟି କରୁଥିବା ସେବାୟତ ଓ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସୋମବାର ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଅଭିଯୋଗପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ବିବାଦ ଉପୁଯାଉଥିବା ବ୍ୟକ୍ତି କିମ୍ବା ସେବାୟତଙ୍କୁ ଚିହ୍ନଟ କରି ପଦକ୍ଷେପ ନିଆଗଲେ ଆଗାମୀ ବର୍ଷ ଠାକୁରଙ୍କ ଏହି ପରମ୍ପରା ଅକ୍ଷୁଣ୍ଣରହିବ ବୋଲି କୁହାଯାଇଛି।

# ‘ଇତିହାସକୁ ଉଦ୍ଦେଶ୍ୟମୂଳକ ଭାବେ ଲେଖାଯିବା ଅନୁଚିତ’

**ଅଭିଲେଖାଗାର ସପ୍ତାହ ପାଳନ ଉତ୍ସବ**

ଭୁବନେଶ୍ୱର, ୨୭।୨ (ବ୍ୟୁରୋ)

ରାଜ୍ୟ ଅଭିଲେଖାଗାରରେ ସୋମବାର ଅଭିଲେଖାଗାର ସପ୍ତାହ ପାଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ‘ଅଭିଲେଖାଗାର ନଥିପତ୍ର ଏବଂ ଐତିହାସିକ ଗବେଷଣା’ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ବସନ୍ତ କୁମାର ମଲ୍ଲିକ ଯୋଗଦେଇଥିଲେ। ଅଭିଲେଖାଗାରରେ ସଂରକ୍ଷିତ ଥିବା ବିଭିନ୍ନ ନଥିପତ୍ର ଓ ଖବରକାଗଜର ଉପାଦେୟତା ଏବଂ ଏହାକୁ ନେଇ କିପରି ଇତିହାସ ସଂରଚନା କରାଯାଇ ପାରିବ, ସେ ବିଷୟରେ ବର୍ଣ୍ଣନା କରିଥିଲେ। ଏଥିସହ ଇତିହାସକୁ ଏକ ଉଦ୍ଦେଶ୍ୟମୂଳକ ପ୍ରଚାର କରି ଲେଖାଯିବା ଅନୁଚିତ୍ ବୋଲି ପ୍ରଫେସର ମଲ୍ଲିକ କହିଥିଲେ। ଐତିହାସିକମାନେ କୌଣସି ରାଜନୈତିକ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହେବା ଉଚିତ ନୁହେଁ। ସେହିପରି ଇତିହାସ ଲେଖା ତଥ୍ୟାତ୍ମକ ହେବା ନିହାତି ଆବଶ୍ୟକ। କାହାଦ୍ୱାରା ପ୍ରଭାବିତ ନ ହୋଇ ନିର୍ଭୟ ଏବଂ ନିରପେକ୍ଷ ସହକାରେ ଇତିହାସ ଲେଖିବା ସବୁଠାରୁ ବଡ଼କଥା। ରାଜ୍ୟ ଅଭିଲେଖାଗାରରେ ଗଚ୍ଛିତ ଥିବା ସମସ୍ତ ନଥିପତ୍ରଗୁଡ଼ିକୁ ଗବେଷକ ତଥା ଛାତ୍ରୀଛାତ୍ରମାନେ ବ୍ୟବହାର କରି ଗବେଷଣାତ୍ମକ ଇତିହାସ ରଚନା କରିବାକୁ ପ୍ରଫେସର ମଲ୍ଲିକ ଆହ୍ୱାନ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ବିଭାଗୀୟ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ରଞ୍ଜନ କୁମାର ଦାସ ଯୋଗଦେଇ, ଅଭିଲେଖାଗାରରେ ଗଚ୍ଛିତ ଥିବା ସମସ୍ତ ନଥିପତ୍ର ଟାଇମ୍‌କ୍ୟାପ୍‌ସୁଲ ପରି କେବଳ ଭବିଷ୍ୟତ ପିଢ଼ି ପାଇଁ ସଂରକ୍ଷିତ ନ ରହି ବର୍ତ୍ତମାନରେ ମଧ୍ୟ ଐତିହାସିକ, ଗବେଷକ ଏବଂ ଛାତ୍ରୀଛାତ୍ରଙ୍କ ଦ୍ୱାରା ଅଧ୍ୟୟନର ଆବଶ୍ୟକତା ରହିଛି ବୋଲି କହିଥିଲେ। ଅଭିଲେଖାଗାରରେ ଗଚ୍ଛିତ ଥିବା ସମସ୍ତ ନଥିପତ୍ରକୁ ଅଧିକ ବର୍ଷ ସଂରକ୍ଷିତ କରି ରଖିବା ନିମନ୍ତେ କଞ୍ଜରଭେଶନ ଓ ଡିଜିଟାଇଜେଶନ କାର୍ଯ୍ୟ ଚାଲୁ ରହିଥିବା ବିଭାଗୀୟ ନିର୍ଦ୍ଦେଶକ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶ ଯୋଗଦେଇ ରାଜ୍ୟ ଅଭିଲେଖାଗାର ଉଚ୍ଚ ନ୍ୟାୟାଳୟ ନ୍ୟାୟାଧୀଶଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହେବା ଆମ ପାଇଁ ଗର୍ବର ବିଷୟ ବୋଲି କହିଥିଲେ। ପଦ୍ମଶ୍ରୀ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ ଅଭିଲେଖାଗାରର ଇତିହାସ ବିଷୟରେ ବର୍ଣ୍ଣନା କରିବା ସହ ଏହାର ଉନ୍ନତି ପାଇଁ କେତେକ ପ୍ରସ୍ତାବ ଦେଇଥିଲେ।



ଓଡ଼ିଶା ଡ୍ୟାନ୍ସ କ୍ରିଏଶନ ପକ୍ଷରୁ ଭଞ୍ଜକଳା ମଣ୍ଡପରେ ଆୟୋଜିତ ‘ଛନ୍ଦବିଭା’ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ମାନିତ ପ୍ରତିଭାଧାରୀ।

## ମର୍ଦ୍ଦଳ ବାଦନ, ଓଡ଼ିଶୀ ନୃତ୍ୟରେ ଦର୍ଶକ ବିଭୋର

**ଓଡ଼ିଶା ଡ୍ୟାନ୍ସ କ୍ରିଏଶନ ପକ୍ଷରୁ ‘ଛନ୍ଦବିଭା’**

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ଓଡ଼ିଶା ଡ୍ୟାନ୍ସ କ୍ରିଏଶନ ପକ୍ଷରୁ ଭଞ୍ଜକଳା ମଣ୍ଡପରେ ଆୟୋଜିତ ‘ଛନ୍ଦବିଭା’ କାର୍ଯ୍ୟକ୍ରମ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ନୃତ୍ୟଶିଳ୍ପୀ ପଙ୍କଜ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଆୟୋଜିତ ଏହି ଉତ୍ସବରେ ଗୁରୁକେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସମ୍ପାଦକ ପ୍ରବୋଧ ରଥ, ପ୍ରୋଜେକ୍ଟ ଛାଉଣିର ମୁଖ୍ୟ ନିର୍ଦ୍ଦେଶକ ଶୁଭଶ୍ରୀ ମୁଖାର୍ଜୀ ଏବଂ ଚଳଚ୍ଚିତ୍ର ନିର୍ମାତା ଡ. ଏଲ୍.ଏନ୍. ଅଗ୍ରୱାଲ୍ ଉପସ୍ଥିତ ଥିଲେ। ପରେ ଗୁରୁ ବୁଦ୍ଧନାଥ ସ୍ୱାଇଁଙ୍କ ମର୍ଦ୍ଦଳ ବାଦନରୁ ଆରମ୍ଭ ହୋଇଥିଲା କାର୍ଯ୍ୟକ୍ରମ। ଏହାପରେ ଅନୁଭା ତାରିଣୀଙ୍କ ଏକକ ଓଡ଼ିଶୀ ସଙ୍ଗୀତ ଗାୟନ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସନ୍ତୋଷ ରାମ୍ ଏବଂ ସମୀର କୁମାର ପାଣିଗ୍ରାହୀଙ୍କ ଦ୍ୱାରାଦ୍ୱୈତ ଓଡ଼ିଶୀ ନୃତ୍ୟ ଏବଂ ନୁପୂର ଡ୍ୟାନ୍ସ ଅନସ୍ଥାନ ପକ୍ଷରୁ ଦଳଗତ ନୃତ୍ୟ ପରିବେଷଣ ହୋଇଥିଲା। ଶେଷରେ ଓଡ଼ିଶା ଡ୍ୟାନ୍ସ କ୍ରିଏଶନ ପକ୍ଷରୁ ଦଳଗତ ନୃତ୍ୟ ‘ବସନ୍ତ ରାସ’ ଦେଖିବାକୁ ମିଳିଥିଲା। କଳାକାରଙ୍କ ପ୍ରତିଟି ମର୍ଦ୍ଦଳ ବାଦନଠାରୁ ଓଡ଼ିଶୀ ସଙ୍ଗୀତ, ନୃତ୍ୟ ପରିବେଷଣରେ ଦର୍ଶକ ବିଭୋଗ ହୋଇଯାଇଥିଲେ। ଏହି ଅବସରରେ ଗୁରୁ ଶ୍ୟାମାମଣି ଦେବୀ, ସ୍ନେହପ୍ରଭା ସାମନ୍ତରାୟ ଓ ଗୁରୁ ସଚ୍ଚିଦାନନ୍ଦ ଦାଶଙ୍କୁ ଛନ୍ଦବିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଅନୁଷ୍ଠାନ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ସାଇ ସୌମ୍ୟକାନ୍ତ, ପ୍ରୀତି ଝଙ୍କାର ଓ ଆଞ୍ଚଲ ପଣ୍ଡାଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାର ବିଚାରକ ଗୁରୁ ରାଜଶ୍ରୀ ପ୍ରହରାଜ, ଗୁରୁ ବିଜନ୍ ପଲାଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ.ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅଭିଜିତ ବିଶ୍ୱାଳ ସହଯୋଗ କରିଥିଲେ।

## ଆନ୍ତର୍ଜାତିକ ନାଟ୍ୟ ମହୋତ୍ସବରେ ଓଡ଼ିଆ ନାଟକ ‘ବୋତଲ ଭୂତ’କୁ ପ୍ରଶଂସା



ଭୁବନେଶ୍ୱର,୨୭।୨(ବ୍ୟୁରୋ)

ଆସାମର ଗୁଆହାଟୀରେ କଳାକ୍ଷେତ୍ରରେ ଥିବା ଶଙ୍କର ଦେବ ଆନ୍ତର୍ଜାତିକ ପ୍ରେକ୍ଷାଳୟରେ ଆନ୍ତର୍ଜାତିକ ନାଟ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ ଏବଂ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ ଆୟୋଜିତ ମହୋତ୍ସବରେ ଭୁବନେଶ୍ୱରର ଅଗ୍ରଣୀ ନାଟ୍ୟାନୁଷ୍ଠାନ ‘ଏକ୍ସପ୍ରେସନ’ ଓଡ଼ିଶାରୁ ପ୍ରତିନିଧି କରିଥିଲେ। ଲେଖକ ତଥା ନିର୍ଦ୍ଦେଶକ ଦେବାନନ୍ଦ ନାୟକ ସୋନୀଙ୍କ ନାଟକ ‘ବୋତଲ ଭୂତ’ ମଞ୍ଚସ୍ଥ ହୋଇଥିଲା। ଯାହାକି ଦର୍ଶକଙ୍କ ପ୍ରଶଂସା ସାଉଁଟିଥିଲା। ଦୁଲାଲ ରାୟ, ଅରୂପ ହଜାରିକା, ସୀମା ବିଶ୍ୱାସ, ଗୁଣାକାର ଗୋସ୍ୱାମୀ ପ୍ରମୁଖ ନାଟକଟିର ଶୈଳୀ ଏବଂ ପ୍ରଦର୍ଶନର ବେଶ୍ ପ୍ରଶଂସା କରିଥିଲେ।

## ବସ୍ତି ପିଲାଙ୍କୁ ପୁଷ୍ଟିଯୁକ୍ତ ଖାଦ୍ୟ ବଣ୍ଟନ

ଭୁବନେଶ୍ୱର, ୨୭।୨ (ବ୍ୟୁରୋ)

ଏବେବି ସ୍ମାର୍ଟସିଟି ଭୁବନେଶ୍ୱରରେ ରହୁଥିବା ବହୁ ଲୋକ ବଞ୍ଚିବା ପାଇଁ ଆବଶ୍ୟକ କରୁଥିବା ଶିକ୍ଷା, ସ୍ୱାସ୍ଥ୍ୟ ଓ ବାସଗୃହ ଭଳି ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ଅଛନ୍ତି। ବିଶେଷକରି ପୋଷଣ ଅଭାବରୁ ନାନା ରୋଗ ବ୍ୟାଧିର ଶିକାର ହେଉଥିବା ବସ୍ତି ପିଲାଙ୍କ ପାଇଁ ଆଶ୍ରା ଫାଉଣ୍ଡେଶନ ସାହାରା ପାଲଟିଛି। ଫାଉଣ୍ଡେଶନ ପକ୍ଷରୁ ସୋମବାର ଗ୍ୟାରେଜ ଛକ ନିକଟ ରାଜାରାଣୀ ବସ୍ତିର ପିଲାଙ୍କୁ ପୁଷ୍ଟିଯୁକ୍ତ ଖାଦ୍ୟ ବଣ୍ଟନ କରାଯାଇଛି। ନ୍ୟୁଟ୍ରିଶନଯୁକ୍ତ ଛତୁଆ, ବିସ୍କୁଟ, କେକ୍ ଏବଂ ଫଳ ଆଦି ଥିବା ମୋଟ ୬୫ଟି ପ୍ୟାକେଟ ଦେଇ ପିଲାଙ୍କ ମୁହଁରେ ହସ ଫୁଟାଇଛି। ସଂସ୍ଥାର ପ୍ରତିଷ୍ଠାତା ସନ୍ତୋଷ ପଟ୍ଟନାୟକ ଓ ଶ୍ରୀନିବାସ ସାହୁଙ୍କ ତତ୍ତ୍ୱାବଧାନରେ ସାମାଜିକକର୍ମୀ ଶାନ୍ତି ପଟ୍ଟନାୟକ ଓ କରୋନେଲ୍ ଦେବଦତ୍ତ ସ୍ୱାଇଁ ଏଥିରେ ସହଯୋଗ କରିଥିଲେ। ଆଶ୍ରା ଫାଉଣ୍ଡେଶନ ଏହି ବସ୍ତିର ୪୨ଟି ପରିବାରକୁ ପୋଷ୍ୟ ଭାବେ ଗ୍ରହଣ କରି ଏପରି ସେବା ଜାରି ରଖିଛି। ବସ୍ତିରେ ଥିବା କୁନି ପ୍ରତିଭା ଓ ଏଠାକାର ପରିସ୍ଥିତି ସରକାରଙ୍କ ନଜରକୁ ଆଣିବା ପାଇଁ ଚେଷ୍ଟା ଜାରି ରହିଥିବା ପ୍ରତିଷ୍ଠାତା ପଟ୍ଟନାୟକ କହିଛନ୍ତି।

## ଦେବାଶିଷ ମହାପାତ୍ରଙ୍କୁ ବାଳକୃଷ୍ଣ ଦାଶ ସମ୍ମାନ



**୧୭ତମ ଗୁରୁ ପ୍ରଣାମ ଉତ୍ସବ ଉଦଯାପିତ**

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ଦୁଇଦିନ ଧରି ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୧୭ତମ ଗୁରୁ ପ୍ରଣାମ ଉତ୍ସବ ସୋମବାର ଉଦଯାପିତ ହୋଇଛି। ଉଦଯାପନୀ ସନ୍ଧ୍ୟାରେ ଆୟୋଜିତ ସୁଗମ ସଙ୍ଗୀତ କାର୍ଯ୍ୟକ୍ରମରେ ୧୫ରୁ ଊର୍ଦ୍ଧ୍ୱ କଣ୍ଠଶିଳ୍ପୀ ଯୋଗ ଦେଇ ସୁମଧୁର ସଙ୍ଗୀତ ପରିବେଷଣ କରି ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଶେଷ ସନ୍ଧ୍ୟାରେ ପ୍ରଶାସନିକ ଅଧିକାରୀ ବିଷ୍ଣୁପଦ ସେଠୀ ଏବଂ ସଞ୍ଜୀବ କୁମାର ଚଢ଼ା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମିତାଲି ଚିନାରା ଏବଂ ରଣଦୀପ ପାଳିତ ମଞ୍ଚ ପରିଚାଳନା କରିଥିଲେ। ତେବେ କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାରେ ସଙ୍ଗୀତଜ୍ଞ ଦେବାଶିଷ ମହାପାତ୍ରଙ୍କୁ ବାଳକୃଷ୍ଣ ଦାଶ ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ପ୍ରଣବ ଜ୍ୟୋତି ନାଥ, ନୃତ୍ୟଗୁରୁ ଇଲିଆନା ସିତାରିଷ୍ଟି ଓ ପ୍ରବୋଧ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ।

## ବାହାରେ ଅଳିଆ ପକାଇବାରୁ ସିଜ୍ ହେଲା ଟ୍ରାକ୍ଟର

ଭୁବନେଶ୍ୱର, ୨୭।୨ (ବ୍ୟୁରୋ)

ଯେତେ ସଚେତନ କଲେ ବି ସୁଧୁରୁ ନାହାନ୍ତି ଲୋକେ। ଘରୁ ବାହାରୁଥିବା ଓଦା ଓ ଶୁଖିଲା ବର୍ଜ୍ୟକୁ ପୃଥକ୍ ପୃଥକ କରି ବିଏମ୍‌ସି ସଫେଇ ଗାଡ଼ିରେ ଦେବା ପାଇଁ ବାରମ୍ବାର କୁହାଯାଉଛି। ଏପରିକି ପ୍ରତିଦିନ ସକାଳୁ ସଫେଇ ଗାଡ଼ି ଗୀତ ବଜାଇ ୱାର୍ଡ ୱାର୍ଡ ବୁଲି ଅଳିଆ ସଂଗ୍ରହ କରୁଛନ୍ତି। ମାତ୍ର ଏହାସତ୍ତ୍ୱେ ବି କିଛି ଅମାନିଆ ବ୍ୟବସ୍ଥିତ ଢଙ୍ଗରେ ଅଳିଆ ଦେଉ ନାହାନ୍ତି। ଏପରିକି ବିଏମ୍‌ସି ଗାଡ଼ିରେ ଅଳିଆ ନ ଦେଇ ଘରୋଇ ଭାବେ ଗାଡ଼ି ଡକାଇ ଅଳିଆ ଦେଉଥିବା ଜଣା ପଡିଛି। ସୋମବାର ୱାର୍ଡ ନଂ ୨ ସ୍ଥିତ ସୁଭଦ୍ରା ଆପାର୍ଟମେଣ୍ଟରେ ଏଭଳି ଘଟଣା ଦେଖିବାକୁ ମିଳିଛି। ସମ୍ପୃକ୍ତ ଆପାର୍ଟମେଣ୍ଟରୁ ବାହାରିଥିବା ଅଳିଆକୁ ଟ୍ରାକ୍ଟର (ଓଡି ୩୪ ଏଫ୍ ୪୫୭୮) ଯୋଗେ ଉଠାଇବା ସହ ସେଗୁଡିକୁ ନେଇ ଖୋଲା ସ୍ଥାନରେ ପକା ଯାଉଥିଲା। ଖବର ପାଇ ବିଏମ୍‌ସି ଉତ୍ତର ଜୋନ୍‌ର ପରିମଳ ଅଧିକାରୀମାନେ ସେଠାରେ ପହଞ୍ଚି ସମ୍ପୃକ୍ତ ଟ୍ରାକ୍ଟରକୁ ଜବତ୍ କରିଛନ୍ତି। ଏ ସମ୍ପର୍କରେ ଉତ୍ତର ଜୋନ୍‌ର ଜୋନାଲ ଡେପୁଟି କମିଶନର ପୁରନ୍ଦର ନନ୍ଦ କହିଛନ୍ତି, ଆମ ଟିମ୍ ଦ୍ୱାରା ସମ୍ପୃକ୍ତ ଟ୍ରାକ୍ଟରକୁ ସିଜ୍ କରାଯାଇଛି। ଏଥିସହ କେଉଁ କାରଣ ପାଇଁ ଆପାର୍ଟମେଣ୍ଟ ବାସୀ ଟ୍ରାକ୍ଟରରେ ଅଳିଆ ବାହାରକୁ ଫୋପାଡ଼ିବାକୁ ଦେଲେ ସେ ନେଇ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବ। ଆବଶ୍ୟକ ହେଲେ ଜରିମାନା ଆଦାୟ ହୋଇ ପାରେ। ବିଏମ୍‌ସି ସଫେଇ ଗାଡ଼ି ନିୟମିତ ଘର ଘର ବୁଲି ଅଳିଆ ନେଉଛି। ଏହାବାଦ୍ ସଫା ଆପ୍ ଜରିଆରେ ସୂଚନା ଦେଲେ ବିଏମ୍‌ସିର ଗାଡ଼ି ଆସି ଘରୁ ଅଳିଆ ନେଇଯିବ। ଏତେ ସୁବିଧା ପରେ ମଧ୍ୟ ସମ୍ପୃକ୍ତ ଆପାର୍ଟମେଣ୍ଟବାସୀ ଏଭଳି କାହିଁକି କରିଛନ୍ତି ସେ ନେଇ ଖବର ନିଆଯିବ ବୋଲି ନନ୍ଦ କହିଛନ୍ତି।

## ବିଳମ୍ବରେ ମହାଦୀପ ଉଠିବା ପ୍ରସଙ୍ଗ: ପକ୍ଷ ରଖିଲେ ସେବାୟତ

**ଶ୍ରୀଲିଙ୍ଗରାଜଙ୍କ ଜାଗରଯାତ୍ରା**

ପୁରୁଣା ଭୁବନେଶ୍ୱର,୨୭।୨(ଡି.ଏନ୍.ଏ.)



ଚଳିତବର୍ଷ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଜାଗର ଯାତ୍ରାରେ ରାତି ୧୦ଟାରେ ମହାଦୀପ ଉଠିବା ନେଇ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ତେବେ ନିର୍ଦ୍ଧାରିତ ସମୟର ୩ଘଣ୍ଟା ୮ମିନିଟ ବିଳମ୍ବରେ ଅର୍ଥାତ୍ ରାତି ୧ଟା ୮ରେ ମନ୍ଦିର ଉପରକୁ ମହାଦୀପ ଉଠିଥିଲା। ଯାହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ମନ୍ଦିର ପ୍ରଶାସନ ଏହାକୁ ଗୁରୁତର ନେବା ସହ ଉକ୍ତ ଦିନର ପାଳିଆ ପୂଜା ପଣ୍ଡା, ଚର୍ଚ୍ଚେୟିତ, ମହାସୁଆର ସେବାୟତଙ୍କୁ ପୃଥକ ଭାବେ ବିଳମ୍ବର କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲା। ଏନେଇ ସୋମବାର ସେବାୟତ ସେମାନଙ୍କର ପକ୍ଷ ରଖିଛନ୍ତି।

ବରିଷ୍ଠ ଚର୍ଚ୍ଚେୟିତ ସେବାୟତ ଅଶୋକ ପଣ୍ଡା ଉକ୍ତଦିନର ବିଳମ୍ବକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ଅଚ୍ୟୁତ ପିଣ୍ଡିଠାରୁ ଭୋଗ ମଣ୍ଡପ ପାଳିଆ ସେବାୟତ ଭୋଗ ନେବା ଆଣିବା ସହଜ ନ ଥିଲା। ଭିଭିଆଇପି ପାସ୍‌ଧାରୀଙ୍କୁ ଦକ୍ଷିଣ ଦ୍ୱାର ଦେଇ ମନ୍ଦିରକୁ ଯିବା ପାଇଁ ଅନୁମତି ପ୍ରଦାନ କରାଯାଇଥିଲା। ତେବେ ଅନେକ ପାସ୍‌ଧାରି ଉତ୍ତର ଦ୍ୱାର ଏବଂ ସିଂହଦ୍ୱାର ଦେଇ ଯାଇଥିଲେ। ସେହିପରି କେତେଜଣ ପୋଲିସ ସମ୍ପର୍କୀୟଙ୍କୁ ଆଣିଥିଲେ। ଜାଗର ଯାତ୍ରାରେ ଆଡ଼କାଠ ନିକଟରେ ଶ୍ରଦ୍ଧାଳୁଙ୍କୁ ଶୃଙ୍ଖଳିତ ଦର୍ଶନ କରାଇ କର୍ମଚାରୀଙ୍କୁ ଛାଡ଼ିବାର ଦାୟିତ୍ୱ ଥିଲା। ତେବେ ସେଠାରେ ଥିବା ଜଣେ କର୍ମଚାରୀ ଦାୟିତ୍ୱ ତୁଲାଇପାରି ନ ଥିଲେ ବୋଲି ପଣ୍ଡା କହିଛନ୍ତି। ସୂର୍ଯ୍ୟ ପୂଜାଠାରୁ ପ୍ରଶାସନ ପକ୍ଷରୁ ଦେଢଘଣ୍ଟା ନୀତି ବିଳମ୍ବ ହୋଇଥିଲା। ବୀରକିଶୋରୀ ବଲ୍ଲଭଠାରୁ ନୀତି ୧ଘଣ୍ଟା ଡେରି ହୋଇଥିଲ। ଅବଶିଷ୍ଟ ୨୩ ମିନିଟ୍ ଭୋଗ ନେବା ଆଣିବା, ପୂଜାର୍ଚ୍ଚନାରେ ବିଳମ୍ବ ହୋଇଥିବା ନେଇ ମଣ୍ଟୁ ପୂଜାପଣ୍ଡା ସଫେଇ ଦେଇଛନ୍ତି। ସେହିପରି ଅନୁରୂପଭାବେ ଘଟଣାବଳୀକୁ ବିରଞ୍ଚି ନାରାୟଣ ପତି ଦର୍ଶାଇଛନ୍ତି।

## ସଚେତନ କଲା ‘ନିଧି ଆପ୍‌କେ ନିକଟ-୨.୦’

**ଦ୍ୱିତୀୟ ସଂସ୍କରଣ**

ଭୁବନେଶ୍ୱର, ୨୭।୨ (ବ୍ୟୁରୋ)

କର୍ମଚାରୀ ଭବିଷ୍ୟନିଧି ସଂଗଠନର ଜନ ସଚେତନତା କାର୍ଯ୍ୟକ୍ରମ ‘ନିଧି ଆପ୍‌କେ ନିକଟ-୨.୦’ର ଦ୍ୱିତୀୟ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ସୋମବାର ଦେଶର ସମସ୍ତ ଜିଲା/ ତାଲୁକ ମୁଖ୍ୟାଳୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଭବିଷ୍ୟନିଧି ସଂଗଠନ ଦ୍ୱାରା ପ୍ରଦାନ କରାଯାଉଥିବା ସେବାଗୁଡ଼ିକୁ ଅଧିକ କ୍ରିୟାଶୀଳ ଓ ଲୋକାଭିମୁଖୀ କରିବା ତଥା ଉପଭୋକ୍ତାଙ୍କ ଅଭିଯୋଗର ତତ୍କାଳ ସମାଧାନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ପ୍ରତି ମାସ ୨୭ ତାରିଖରେ ଦେଶବ୍ୟାପୀ ‘ନିଧି ଆପ୍‌କେ ନିକଟ-୨.୦’ କାର୍ଯ୍ୟକ୍ରମ କରାଯାଉଛି। ଏହି କ୍ରମରେ ଖୋର୍ଦ୍ଧା ଜିଲା ପାଇଁ ନିଯୁକ୍ତ ନୋଡାଲ ଅଫିସର ଅଲେଖ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ନାଲ୍‌କୋ ଭବନ ଅଡିଟୋରିୟମ୍‌ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୧୦୦ଜଣ ହିତାଧିକାରୀ ଯୋଗଦେଇ ସେମାନଙ୍କ ଦାବି ତଥା ଅଭିଯୋଗର ସମାଧାନ କରାଇଥିଲେ। ନାଲ୍‌କୋ ମାନବ ସମ୍ବଳ ନିର୍ଦ୍ଦେଶକ ରାଧାଶ୍ୟାମ ମହାପାତ୍ରଙ୍କ ସମେତ ସମସ୍ତ ନିର୍ଦ୍ଦେଶକ ମଣ୍ଡଳୀ, ଡେପୁଟି ଜେନେରାଲ ମ୍ୟାନେଜର ଏଚ୍‌.ଏସ୍ ପ୍ରଧାନ, ଜେନେରାଲ ମ୍ୟାନେଜର ବି.କେ. ଦାସ ଓ ସିନିୟର ଏକ୍ଜିକ୍ୟୁଟିଭ୍ ଅଫିସର ସତ୍ୟବ୍ରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭବିଷ୍ୟନିଧି ସଂଗଠନ ଭୁବନେଶ୍ୱର କାର୍ଯ୍ୟାଳୟ ପକ୍ଷରୁ ଲେଖା ଅଧିକାରୀ ପ୍ରଶାନ୍ତ କୁମାର, ଡିଇଓ ଦେବେନ୍ଦ୍ର ସେନାପତି, ଏସ୍‌ଏସ୍‌ଏସ୍‌ଏ ବିଜୟ କୁମାର ଷଡ଼ଙ୍ଗୀ ଏବଂ କନକ ମଞ୍ଜରୀ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କର୍ମଚାରୀ ବୀମା ନିଗମର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏସ୍‌ଏସ୍‌ଓ ଡି.କେ. ରାଉତ ଯୋଗଦେଇ ହିତାଧିକାରୀଙ୍କ ଅଭିଯୋଗର ସମାଧାନ କରିଥିଲେ।

## ନୂଆ ବିଏମ୍‌ସି ଅଫିସ୍‌ରେ ପ୍ରଥମ ଅଭିଯୋଗ ଶୁଣାଣି

**୧୮ଜଣଙ୍କ ଅଭିଯୋଗ ଶୁଣିଲେ କମିଶନର**

ଭୁବନେଶ୍ୱର, ୨୭।୨ (ବ୍ୟୁରୋ)



ସତ୍ୟନଗରସ୍ଥିତ ବିଏମ୍‌ସି ଆଇସିଓଏମ୍‌ସି ଟାୱାରକୁ ବିଏମ୍‌ସି କାର୍ଯ୍ୟାଳୟ ସ୍ଥାନାନ୍ତର ହେବା ପରେ ସୋମବାର ପ୍ରଥମଥର ଏଠାରେ ଅଭିଯୋଗ ଶୁଣାଣି ହୋଇଥିଲା। ନୂତନ କାର୍ଯ୍ୟାଳୟରେ ମୋଟ ୧୮ଟି ଅଭିଯୋଗ ଶୁଣାଣି ହୋଇଥିବାବେଳେ ଏଥିମଧ୍ୟରେ ହାଉସିଂ, ଡ୍ରେନ୍, ଷ୍ଟ୍ରିଟ୍ ଲାଇଟ୍ ଏବଂ ଭେଣ୍ଡିଂଜୋନ୍ ଭଳି ବିଭିନ୍ନ ଅଭିଯୋଗ ରହିଥିଲା। କମିଶନର ବିଜୟ ଅମୃତା କୁଲାଙ୍ଗେ ନିଜେ ସମସ୍ତ ଅଭିଯୋଗ ଶୁଣିବା ସହିତ ତାହାର ତ୍ୱରିତ ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। କଳ୍ପନାସ୍ଥିତ ପୁରୁଣା କାର୍ଯ୍ୟାଳୟରେ କମିଶନରଙ୍କ ଚାମ୍ବରରେ ପ୍ରତି ସୋମବାର ଅଭିଯୋଗ ଶୁଣାଣି ହେଉଥିଲା। ସେହିପରି ନୂତନ କାର୍ଯ୍ୟାଳୟରେ ମଧ୍ୟ ସେହିଠାରେ ଅଭିଯୋଗ ଶୁଣାଣି ହେବ ବୋଲି ଆଶା କରାଯାଉଥିଲା। ମାତ୍ର ନୂଆ ବିଲ୍ଡିଂର ୪ର୍ଥ ମହଲାରେ କମିଶନରଙ୍କ କାର୍ଯ୍ୟାଳୟ ରହିଥିବାରୁ ସେଠାକୁ ସାଧାରଣ ଲୋକ ତଥା ବୃଦ୍ଧ ଓ ଦିବ୍ୟାଙ୍ଗ ବ୍ୟକ୍ତି ଯିବା ଆସିବା କରିବାରେ ଅସୁବିଧା ହେବାର ଯଥେଷ୍ଟ ଆଶଙ୍କା ଥିଲା। ତେଣୁ ବିଲ୍ଡିଂର ଅପର ଗ୍ରାଉଣ୍ଡରେ ଅଭିଯୋଗ ଶୁଣାଣିର ବ୍ୟବସ୍ଥା କରାଯାଇଥିଲା। ଏହାଦ୍ୱାରା ଲୋକମାନେ ସହଜରେ ସେଠାକୁ ଯିବା ସହ ନିଜର ସମସ୍ୟା ଜଣାଇ ପାରିଥିଲେ।

## ବସ୍ତି ବୁଲିଲେ ଟ୍ରେନି ଆଇଏଏସ୍ ଅଫିସର

ଭୁବନେଶ୍ୱର, ୨୭।୨ (ବ୍ୟୁରୋ)




ଜାଗା ମିଶନ କାର୍ଯ୍ୟାଳୟରେ ଟ୍ରେନି ଆଇଏଏସ୍ ଅଧିକାରୀଙ୍କ ସହ ବିଭାଗୀୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ରାଜସ୍ଥାନ, ହରିଆଣା, ପଞ୍ଜାବ, ଗୁଜରାଟ, ମହାରାଷ୍ଟ୍ର ଆଦି ରାଜ୍ୟର ଭାରତୀୟ ପ୍ରଶାସନିକ ସେବାକୁ ଉନ୍ନିତ ହୋଇଥିବା ଅଧିକାରୀମାନେ ଭାରତ ଦର୍ଶନ କାର୍ଯ୍ୟକ୍ରମରେ ଓଡ଼ିଶା ଗସ୍ତରେ ଆସିଛନ୍ତି। ଏହି ୧୬ଜଣ ଟ୍ରେନି ଆଇଏଏସ୍ ସୋମବାର ଜାଗା ମିଶନ୍ କାର୍ଯ୍ୟକ୍ରମ ସମ୍ପର୍କରେ ଜାଣିବା ସହ ବସ୍ତିରେ ହୋଇଥିବା କାର୍ଯ୍ୟ ବୁଲି ଦେଖିଛନ୍ତି। ଭୁବନେଶ୍ୱରସ୍ଥିତ ଗୃହ ଓ ନଗର ଉନ୍ନୟନ ବିଭାଗର ଜାଗା ମିଶନ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ଆଲୋଚନା ମାଧ୍ୟମରେ ସେମାନଙ୍କୁ ମିଶନ ବାବଦରେ ବୁଝାଯାଇଥିଲା। ଉକ୍ତ ଟ୍ରେନିମାନଙ୍କୁ ଡାଇରେକ୍ଟର ମ୍ୟୁନିସିପାଲ ଆଡମିନଷ୍ଟ୍ରେଶନ ତଥା ଜାଗା ମିଶନର ମିଶନ ନିର୍ଦ୍ଦେଶକ ସଂଗ୍ରାମ ଜିତ୍ ନାୟକ ମିଶନ ବାବଦରେ ତଥ୍ୟ ଦେଇଥିଲେ। ଏହାପରେ ସେମାନେ ତପୋବନ ଓ ଇଶାନେଶ୍ୱର ବସ୍ତିକୁ ଯାଇ ବସ୍ତି ବିକାଶ ପରିଷଦର ସଦସ୍ୟଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ। ବସ୍ତିବାସିନ୍ଦାମାନେ କିପରି ନିଜ ଅଞ୍ଚଳର ବିକାଶ, ନିର୍ମାଣ, ଶିଶୁ ବିକାଶ, ପାରିପାର୍ଶ୍ୱିକ ବିକାଶ, ସବୁଜୀକରଣ ଏବଂ ଭିତ୍ତିଭୂମି ଦୃଢ଼ିକରଣ ଯୋଜନା ତଥା କାର୍ଯ୍ୟକାରିତାରେ ସିଧାସଳଖ ଅଂଶଗ୍ରହଣ କରୁଛନ୍ତି ତାହା ସେମାନେ ବୁଝିଥିଲେ। କ୍ଷେତ୍ର ପରିଦର୍ଶନ ପରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଜି. ମାଥିଭାଥନନ୍‌ଙ୍କ ସହିତ ଆଲୋଚନା କରି ଜାଗା ମିଶନ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଜାଗା ମିଶନର ଅତିରିକ୍ତ ନିର୍ଦ୍ଦେଶକ ସୌରିନ୍ଦ୍ରିର କୁମାର ରାଉତରାୟ, ଅତିରିକ୍ତ କମିଶନର, ବିଏମସି ଲକ୍ଷ୍ମୀକାନ୍ତ ସେଠୀ ଏବଂ ମିଶନର ସ୍ୱତନ୍ତ୍ର ଅଧିକାରୀ ସୁଚିସ୍ମିତା ସାହୁ ପରିଦର୍ଶନରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ପାଇକ ଆଖଡ଼ା ପ୍ରଦର୍ଶନ ବେଳେ ଟଳିପଡ଼ିଲେ

**କୃଷ୍ଣପ୍ରସାଦ,୨୭।୨(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦ ପଞ୍ଚୁଦୋଳ ପଡିଆରେ ଅନୁଷ୍ଠିତ ଦକ୍ଷିଣ କବାଟ ପାଇକ ଆଖଡା ସମାରୋହ ରବିବାର ଆରମ୍ଭ ହୋଇଥିଲା। ତେବେ ପ୍ରଥମ ଦିନରେ ପାଇକରାୟପୁର ଗ୍ରାମର ରାଜ କିଶୋର ଦଳେଇ କଳା ପ୍ରଦର୍ଶନ ବେଳେ ମଞ୍ଚରେ ଟଳି ପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ନୀଳାଚଳ ସତ୍‌ସଙ୍ଗର ବାର୍ଷିକୋତ୍ସବ

**ବେଗୁନିଆ,୨୭।୨(ଡି.ଏନ୍.ଏ.):** ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ ଗ୍ରାମସ୍ଥିତ ବାଲୁଙ୍କେଶ୍ୱର ଦେବଙ୍କ ପୀଠ ପରିସରରେ ସୋମବାର ସ୍ୱାମୀ ଭଗବତାନନ୍ଦଙ୍କ ଅଧକ୍ଷତାରେ ନୀଳାଚଳ ସତ୍‌ସଙ୍ଗର ଚତୁର୍ଦ୍ଦଶତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ଇଣ୍ଡିଆନ ବ୍ୟାଙ୍କ ଶାଖା ପରିଚାଳକ ସନ୍ତୋଷ କୁମାର ସେନାପତି ଓ କୋଷାଧକ୍ଷ ସତ୍ୟବାଦୀ ଦୋରା ଅତିଥିଭାବେ ଯୋଗଦେଇଥିଲେ। ବିଶ୍ୱନାଥ ପଣ୍ଡା ଏବଂ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରବଚନ ପାଠ କରିଥିଲେ। ମହାପ୍ରଭୁ ଜଗନ୍ନାଥ ଓ ଲୋକନାଥଙ୍କ କଥାମୃତ ବିଷୟରେ ଆଲୋଚନା କରାଯାଇଥିଲା। ଛବିନା, ସୀମା, ପାପାଲି ଏବଂ ପୂଜା ସାମୁହିକ ସ୍ୱାଗତ ସଙ୍ଗୀତ ପାଠ କରିଥିଲେ। ସେହିପରି କଳ୍ପନା ସୁନ୍ଦରାୟ, ଦିନବନ୍ଧୁ ମହାରଣା, ତ୍ରିଲୋଚନ ପଣ୍ଡା, ରବିନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଭଜନ କୀର୍ତ୍ତନ ପରିବେଷଣ କରିଥିଲେ। ସ୍ଥାନୀୟ ଅଞ୍ଚଳର ୩୦୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଉତ୍ସବରେ ଯୋଗଦେଇଥିଲେ। ଉପଦେଷ୍ଟା ରାଜକିଶୋର ପାଣିଗ୍ରାହୀ ଉତ୍ସବ ପରିଚାଳନା, ଆବାହକ ସୁବାଷ ଚନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ଓ ନରସିଂହ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

### ମୃତକଙ୍କ ପରିବାରକୁ ଭେଟିଲେ ଏମ୍‌ପି

**ନିରାକାରପୁର,୨୭।୨(ଡି.ଏନ୍.ଏ.):** ନିରାକାରପୁର ବଣିକ ସଂଘ ସମ୍ପାଦକ ତଥା ଭାଜପାର ପୂର୍ବତନ ମଣ୍ଡଳ ସଭାପତି ପବିତ୍ର ମୋହନ ସାହୁଙ୍କ ଗତ ୧୭ତାରିଖରେ ପରଲୋକ ହୋଇଥିଲା। ଏକାଦଶାହରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଜିଲ୍ଲା ଭାଜପା ସଭାପତି ରଶ୍ମି ରଞ୍ଜନ ମହାପାତ୍ର, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଚରଣ ଖଣ୍ଡାୟତରାୟ, ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ତାଙ୍କ ପରିବାରକୁ ସମବେଦନା ଜଣାଇଥିଲେ।ମୃତକଙ୍କ ପରିବାରକୁ ପ୍ରଧାନମନ୍ତ୍ରୀ ରିଲିଫ ଫଣ୍ଡରୁ ସହଯୋଗ ନିମନ୍ତେ ଏମ୍‌ପି ଷଡ଼ଙ୍ଗୀ ଷଡ଼ଙ୍ଗୀ ପ୍ରତଶ୍ରୁତି ଦେଇଥିଲେ।

### ଜଳିଗଲା ୨ ବଖରା

**ବାରଙ୍ଗ,୨୭।୨(ଡି.ଏନ୍.ଏ.):** ବାରଙ୍ଗ ବ୍ଲକ ଅର୍ନ୍ତଗତ ମଧୁସୂଦନପୁର ଗ୍ରାମରେ ରବିବାର ରାତିରେ ଅଗ୍ନିକାଣ୍ଡ ଘଟି ୨ବଖରା ଜଳିଯାଇଛି। ଗ୍ରାମର ଜୟରାମ ଦାସଙ୍କ ପରିବାର ଲୋକେ ଘରେ ଶୋଇଥିବା ବେଳେ ବିଳମ୍ବିତ ରାତରେ ନିଆଁ ଲାଗିଯାଇଥିଲା। ଅଗ୍ନିଶମ କର୍ମଚାରୀ ଗ୍ରାମବାସୀଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରିଥିଲେ।

## ଟ୍ରକ୍ ବ୍ରେକ୍ ଫେଲ୍, ଜାତୀୟ ରାଜପଥରେ ଟ୍ରାଫିକ୍ ଜାମ୍

# ପାତ୍ରପଡ଼ାରୁ ଖୋର୍ଦ୍ଧାକୁ ଲମ୍ବିଲା ଗାଡ଼ି ଧାଡ଼ି



**ଭୁବନେଶ୍ୱର(ବ୍ୟୁରୋ)/ଝାଁଳା,୨୭।୨(ଡି.ଏନ୍.ଏ.)**

ଟ୍ରାଫିକ ଜାମ୍ ସହରୀ ଜନଜୀବନକୁ ଦହଗଞ୍ଜ କରୁଛି। ରାଜଧାନୀ ଭୁବନେଶ୍ୱର ସମେତ ଖୋର୍ଦ୍ଧା, ପୁରୀ, କଟକ ଆଦି ବଡ଼ ବଡ଼ ସହରରେ ଏହି ସମସ୍ୟା ଉତ୍କଟ ହେବାରେ ଲାଗିଛି। ପଦାକୁ ବାହାରିଲେ ସହରବାସୀଙ୍କୁ ଟ୍ରାଫିକରେ ଫସିଯିବାର ଭୟ ଘାରୁଛି। ବିଶେଷକରି ୧୬ ନମ୍ବର ଜାତୀୟ ରାଜପଥରେ ଟ୍ରାଫିକ ଯନ୍ତ୍ରଣା ସବୁଠୁ ବଳିଯାଇଛି। ସୋମବାର ବ୍ରେକ୍ ଫେଲ୍ ହୋଇଥିବା ଏକ ଟ୍ରକ୍ ପାଇଁ ଜାତୀୟ ରାଜପଥର ଭୁବନେଶ୍ୱରୁ ଖୋର୍ଦ୍ଧା ମଧ୍ୟରେ ପ୍ରାୟ ୫ ଘଣ୍ଟାରୁ ଅଧିକ ସମୟ ଟ୍ରାଫିକ୍ ଜାମ୍ ହୋଇଥିଲା। ପାତ୍ରପଡ଼ା ନିକଟରୁ ଖୋର୍ଦ୍ଧା ପିତାପଲ୍ଲୀ ପର୍ଯ୍ୟନ୍ତ ଗାଡ଼ି ଲମ୍ବିଥିଲା। ହଜାର ହଜାର ଗାଡିମୋଟର ସହ ଲୋକେ ଫସି ରହି ଟାଣ ଖରାରେ ଏକପ୍ରକାର ଛଟପଟ ହୋଇଥିଲେ। ପୋଲିସ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଟ୍ରାଫିକ୍ ପରିଚାଳନା ସହ ଟ୍ରକ୍‌କୁ ମରାମତି କରି ସାଇଡ୍ କରିବାରେ ରହିଥିବା ଅବ୍ୟବସ୍ଥା ସ୍ଥିତିକୁ ଆହୁରି ବିଗାଡି ଦେଇଥିଲା।

ସୋମବାର ସକାଳେ ତମାଣ୍ଡୋ ଥାନା ଅଧୀନ ଗୋହିରା ଛକ ନିକଟରେ ଏକ ଟ୍ରକ ବ୍ରେକ ଡାଉନ ହୋଇଥିଲା। ରାସ୍ତା ଉପରୁ ଗାଡିକୁ ହଟାଇବା ପୂର୍ବରୁ ଗୋଟିଏ ପରେ ଗୋଟିଏ ଗାଡି ପଛକୁ ପଛ ଲମ୍ବି ଚାଲିଥିଲା। ଫଳରେ ଉକ୍ତ ରାସ୍ତାରେ ଗାଡି ଯିବାଆସିବା ଆଉ ସମ୍ଭବ ହୋଇ ନଥିଲା। ସେଠାରେ ଟ୍ରାଫିକ ପରିଚାଳନା ପାଇଁ ପୋଲିସ ପକ୍ଷରୁ କୌଣସି ତତ୍ପରତା ନ ପାଇବାରୁ ଖୋର୍ଦ୍ଧାରୁ ଗୋଇରିହା ଛକ ପର୍ଯ୍ୟନ୍ତ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ କିମି ପର୍ଯ୍ୟନ୍ତ ଗାଡିର ଲମ୍ବା ଲାଇନ ସକାଳ ୮ ଟାରୁ ୧୨ ଟା ପର୍ଯ୍ୟନ୍ତ ଦୁଇ ଚକିଆ ଓ ଚାରି ଚକିଆ ଗାଡି ରାସ୍ତା ଉପରେ ଅଟକି ରହିଥିଲା। ଭିଡରେ ଲୋକମାନେ ହଇରାଣ ହେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଭିଡ ନିୟନ୍ତ୍ରଣ କରିଥିଲା । ପାଖାପାଖି ୪ ଘଣ୍ଟା ପୋଲିସ ନାକେଦମ ହେବା ପରେ ଭିଡ ନିୟନ୍ତ୍ରଣ କରିପାରିଥିଲା। ଦୁଇ ଘଣ୍ଟା ଭିତରେ ଭୁବନେଶ୍ୱରକୁ ଆସୁଥିବା ଲୋକମାନେ ନାହିଁ ନ ଥିବା ହଇରାଣ ହୋଇଥିଲେ। ଏମିତିକି କିଏ ଅଫିସ ଯିବାକୁ ଓ ଜରୁରୀକାଳୀନ କାମରେ ଯାଉଥିବା ଲୋକମାନେ ଭିଡରେ ଅଣନିଶ୍ୱାସୀ ହୋଇ ପଡିଥିଲେ। ଏହାପରେ ପିତାପଲ୍ଲୀଠାରୁ ଗାଡିକୁ ଡାଇଭର୍ସନ କରାଯାଇ ଚନ୍ଦକା ରାସ୍ତାରେ ଗାଡି ଛଡା ଯାଇଥିଲା। ଅନ୍ୟପଟେ ପୋଲିସ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇଥିଲେ ଏପରି ଜାମକୁ ନିୟନ୍ତ୍ରଣ କରାଯାଇପାରିଥାନ୍ତା ବୋଲି ଭିଡରେ ଫଶିଥିବା ଲୋକମାନେ କହିଛନ୍ତି। ଆହୁରି ମଧ୍ୟ ସବୁବେଳେ ଛୋଟ ଛୋଟ ସମସ୍ୟାକୁ ନେଇ ଜାତୀୟ ରାଜପଥରେ ବଡ ଧରଣର ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ଟ୍ରାଫିକ ବ୍ୟବସ୍ଥାକୁ ସୁଦୃଢ କରିବା ସହ ଆଗାମୀ ଦିନରେ ଜାମକୁ କିଭଳି ରୋକାଯାଇ ପାରିବ ସେ ଦିଗରେ ପଦକ୍ଷେପ ନେବାକୁ ଲୋକମାନେ ଦାବି କରିଛନ୍ତି । ଏନେଇ ଟ୍ରାଫିକ ଏସିପି ସ୍ୱସ୍ତିକ ପଣ୍ଡା କହିଛନ୍ତି ପ୍ରଥମେ ଏକ ଗାଡି ଭୁବନେଶ୍ୱରରୁ ଖୋର୍ଦ୍ଧା ଆଡକୁ ଯାଉଥିବା ଏକ ଗାଡି ଖରାପ ହୋଇଥିଲା । ତେଣୁ ଭିଡ ହେବାରୁ ସବୁ ଗାଡିକୁ ରଙ୍ଗ ରୁଟରେ ଛଡା ଯାଇଥିଲା । ହେଲେ ଗୋହିରା ଛକ ନିକଟରେ ହୋଇଥିବା ବେଳେ ଆଉ ଏକ ଟ୍ରକ ସେଠାରେ ବ୍ରେକ ଫେଲ ହୋଇଯାଇଥିଲା । ତେଣୁ ଖବର ପାଇ ଉକ୍ତ ଗାଡିକୁ ହଟାଇବାକୁ ୩ ଟି କ୍ରେନ ଲଗାଯାଇଥିଲେ ମଧ୍ୟ ସବୁ ଫେଲ ମାରିଥିଲା। ଏହା ପରେ ଏକ ମେକାନିକଙ୍କୁ ଡକାଯିବାରୁ ସେ ପହଞ୍ଚି ଗାଡି ସଜାଡିବାରୁ ରାସ୍ତାରୁ ଗାଡିକୁ ସାଇଡ କରାଯାଇଥିଲା। ଏହାପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଯେହେତୁ ଗାଡିକୁ ଗାଡି ଲମ୍ବା ଲାଇନ ଲାଗିରହିଥିଲା ଟ୍ରାଫିକ ଜାମକୁ ଖାଲି କରିବାକୁ ଟିକେ ଅଧିକ ସମୟ ଲାଗିଥିବା ସେ କହିଛନ୍ତି । ଅନ୍ୟପଟେ ଗୋଇରିହା ଛକ ପାଖରେ ଫ୍ଲାଏ ଓଭର ବ୍ରିଜ କାମ ଚାଲୁଥିବାରୁ ମଧ୍ୟ ଟିକେ ସମସ୍ୟା ଲାଗିରହୁଥିବା ସେ କହିଛନ୍ତି ।

- ଗୋଟିଏ ଟ୍ରକ୍ ପାଇଁ ୫ ଘଣ୍ଟାର ଦହଗଞ୍ଜ
- ନାକେଦମ୍ ପୋଲିସ, ହଟହଟା ଲୋକେ
- ଅଟକିଥିବା ଟ୍ରକ୍ ହଟାଇବାରେ ଫେଲ୍ ମାରିଲା କ୍ରେନ

## ଦକ୍ଷିଣ କବାଟ ପାଇକ ଆଖଡ଼ା ସମାରୋହ ଦ୍ୱିତୀୟ ଦିବସ

# ମନ ମୋହିଲା ରଣପା ନୃତ୍ୟ



**କୃଷ୍ଣପ୍ରସାଦ,୨୭।୨(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦ ପଞ୍ଚୁଦୋଳ ପଡିଆରେ ଅନୁଷ୍ଠିତ ଦକ୍ଷିଣ କବାଟ ପାଇକ ଆଖଡା ସମାରୋହର ସୋମବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ରଣପାରେ ପାଇକ କ୍ରୀଡା ପ୍ରଦର୍ଶନ ଦର୍ଶକଙ୍କ ମନ ମୋହିଥିଲା। ରାଜ୍ୟ ପାଇକ ସଂଯୋଜକ କେଦାରନାଥ ଦାସ, ସମ୍ପାଦକ ପ୍ରତାପ ହରିଚନ୍ଦନଙ୍କ ନେତୃତ୍ୱରେ ୧୪ଟି ପାଇକ ଦଳ ଖେଳ ପ୍ରଦର୍ଶନ କରିଥିଲେ। ବିଡିଓ ମନୋଜ କୁମାର ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦକ୍ଷିଣ କବାଟ ପାଇକ ସର୍ଦ୍ଦାର ରବୀନ୍ଦ୍ରନାଥ ଦାସ, ସରପଞ୍ଚ ବୀଣାପାଣି ପ୍ରଧାନ, ସରପଞ୍ଚ ସଞ୍ଜୁକ୍ତା ବିଶ୍ୱାଳ, ସରପଞ୍ଚ ସବିତା ବିଶ୍ୱାଳ, ଜିଲାପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ରାକ କିଶୋର ବିଶ୍ୱାଳ, ଦାଶରଥି ରଣସିହ, ଅଞ୍ଚଳ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଉତ୍ସାହିତ କରିଥିଲେ।

# ମହାପ୍ରଭୁଙ୍କ ବେଣ୍ଟ ନୀତି ସମ୍ପନ୍ନ

**ପୁରୀ ଅଫିସ, ୨୭।୨**

ଫାଲଗୁନ ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥି ସୋମବାର ଅବସରରେ ଶ୍ରୀଜଗନ୍ନାଥ ବଲ୍ଲଭ ପରିସରସ୍ଥ ବେଣ୍ଟ ପୋଖରୀରେ ଚଳିତ ବର୍ଷର ମହାପ୍ରଭୁଙ୍କ ତୃତୀୟ ବେଣ୍ଟ (ଶିକାର) ନୀତି ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହମାନଙ୍କର ମଙ୍ଗଳ ଆଳତି ସରିବା ପରେ ମହାଜନ ସେବକମାନେ ନୀତି ନିମନ୍ତେ ଦକ୍ଷିଣଘରୁ ଶ୍ରୀରାମଚନ୍ଦ୍ରଙ୍କ ବିଗ୍ରହକୁ ରତ୍ନସିଂହାସନ ନିକଟକୁ ନେଇଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ପ୍ରଦାନ କରିଥିଲେ। ଏହାପରେ ମହାଜନ ସେବକମାନେ ବେଣ୍ଟ ନୀତି ନିମନ୍ତେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ବିମାନରେ ବିଜେ କରାଇଥିଲେ। ପରେ ବିମାନବଡୁ ସେବକମାନେ ବିମାନରେ ଠାକୁରଙ୍କୁ ନେଇ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରାଇଥିଲେ। ସେଠାରେ ମହାଜନ ସେବକ ଠାକୁରଙ୍କୁ ଖଟରେ ବିଜେ କରାଇଥିଲେ। ବନ୍ଦାପନା ପରେ ମହାଜନଙ୍କ ହସ୍ତରେ ବେଣ୍ଟ ନୀତି ନିମନ୍ତେ ବେଣ୍ଟ ପୋଖରୀକୁ ପ୍ରଭୁ ଶ୍ରୀରାମଚନ୍ଦ୍ର ବିଜେ ହୋଇଥିଲେ। ଶରଗୁଡ଼ିକୁ ମହାପ୍ରଭୁଙ୍କ ଶ୍ରୀହସ୍ତରେ ଲଗାଇ ପୂଜାପଣ୍ଡା ସାମନ୍ତ ଅଭିମନ୍ତ୍ରିତ କରି ଲେଙ୍କା ସେବକ ବା ଦଳବେହେରାଙ୍କୁ ଦେଇଥିଲେ। ଲେଙ୍କା ସେବକ ପଇଡ଼ଗୁଡିକୁ ମୃଗ ଭାବେ ବିବେଚନା କରି ଶରବିଦ୍ଧ କରିଥିଲେ। ଏହି ନୀତି ନିମନ୍ତେ ସେଠାରେ ପୂର୍ବରୁ ୬ଟି ପଇଡ଼ ରଖାଯାଇଥିଲା। ତନ୍ମଧ୍ୟରୁ ଲେଙ୍କା ସେବକ ୫ଟିରେ ତୀର ମାରିଥିଲେ। ଗୋଟିଏ ଅକ୍ଷତ ଅବସ୍ଥାରେ ସାଙ୍ଗରେ ନେଇଆସିଥିଲେ। ଏହାପରେ ଅବକାଶ, ମଇଲମ, ସ୍ନାନ, ଶୀତଳ ଭୋଗ, କର୍ପୂର ଆଳତି, ବନ୍ଦାପନା ଆଦି ନୀତି କରାଯାଇଥିଲା। ପରେ ଠାକୁର ବିମାନରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

# ଆଇସିଆର୍‌ପିଙ୍କ ନିଯୁକ୍ତି ଦାବି

**ଭୁବନେଶ୍ୱର,୨୭।୨(ବ୍ୟୁରୋ)**

ଜୀବିକା ମିଶନ ଅଧିନରେ ୨୦୧୫ରୁ କାର୍ଯ୍ୟ କରିଆସୁଥିବା ଆଭ୍ୟନ୍ତରୀଣ ଗୋଷ୍ଠି ସହାୟିକା (ଆଇସିଆରପି) ବର୍ତ୍ତମାନ ରୋଜଗାର ହରାଇଥିବାବେଳେ ସେମାନଙ୍କୁ ନିଯୁକ୍ତି ପାଇଁ ସିଆଇଯିୟୁ ଦାବି କରିଛି। ଏହି ପରିପ୍ରେକ୍ଷୀରେ ସୋମବାର ଠାରୁ ଆଇସିଆରପି ମାନେ ବିଧାନ ସଭା ସମ୍ମୁଖରେ ଗଣଧାରଣା ଦେଇଛନ୍ତି। ଆଭ୍ୟନ୍ତରୀଣ ଗୋଷ୍ଠି ସହାୟିକା ଭାବେ ଦୀର୍ଘ ଦିନ ଧରି ସେବା ପ୍ରଦାନ କରିଆସୁଥିବାବେଳେ ରାଜ୍ୟର ଅଧିକାଂଶ ପଞ୍ଚାୟତରେ ମିଶନ ଶକ୍ତି କାର୍ଯ୍ୟକାରୀ ହେବା ପରେ ଏମାନେ ଜୀବିକା ହରାଇଛନ୍ତି। ତେଣୁ ୬ଦଫା ଦାବି ନେଇ ସଂଘ ପକ୍ଷରୁ ଗାନ୍ଧୀମାର୍ଗରେ ନାରାବାଜି କରାଯାଇଛି। ବକେୟା ପାଉଣା ପ୍ରଦାନ, ୫ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠି ଥିବା ସିଆଇଏଫ୍‌ରେ ଆଇସିଆରପିଙ୍କୁ ନିଯୁକ୍ତି, ତାଲିମପ୍ରାପ୍ତ ଆଇସିଆରପିମାନଙ୍କୁ ବିଭିନ୍ନ ନିଯୁକ୍ତି ପ୍ରକିୟାରେ ଅଗ୍ରାଧିକାର, ପଞ୍ଚାୟତସ୍ତରରେ ଅଡ଼ିଟର୍ ଓ ଟ୍ରେନର୍ ପଦବୀ ସୃଷ୍ଟି କରି ଆଇସିଆରପିମାନଙ୍କୁ ନିଯୁକ୍ତି ସହ ସ୍ୱାବଲମ୍ବୀ ହେବାକୁ ଚାହୁଁଥିବା ଆବଶ୍ୟକୀୟ ପରିମାଣର ଋଣ ଯୋଗାଣ ଆଦି ଦାବି ନେଇ ଗଣଧାରଣା ଦିଆଯାଇଛି। ସଂଗଠନର ରାଜ୍ୟ ସଭାପତି ଜନାର୍ଦ୍ଦନ ପତି, ସମ୍ପାଦିକା ସୁନିତା ଜାଲି ଓ ସିଆଇଟିୟୁର କୋଷାଧ୍ୟକ୍ଷ ଦୁଷ୍ମନ୍ତ ଦାସଙ୍କ ସମେତ ଅନ୍ୟମାନେ ରାଜ୍ୟସରକାରଙ୍କ ଉଦ୍ଦେଶ୍ୟରେ ଦାବି ଉପସ୍ଥାପନ କରିଛନ୍ତି।

# ସେବାର ଜୀବନ୍ତ ପ୍ରତୀକ ଥିଲେ ଆଚାର୍ଯ୍ୟ ହରିହର




ଉତ୍ସବ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ଆଚାର୍ଯ୍ୟ ହରିହର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ଭୁବନେଶ୍ୱର,୨୭।୨(ବ୍ୟୁରୋ)**

ସତ୍ୟବାଦୀର ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ଆଚାର୍ଯ୍ୟ ହରିହର ଦାସ। ସେ ସେବା, ସହାନୁଭୂତି, ଆଚରଣ ଓ ଐକାନ୍ତିକ ନିଷ୍ଠାର ଜୀବନ୍ତ ପ୍ରତୀକ ଥିଲେ। ଗାଁ ଗାଁ ବୁଲି ମହାତ୍ମାଗାନ୍ଧୀଙ୍କ ଅହିଂସାର ପ୍ରଚାର, ଖଦି ଆନ୍ଦୋଳନ, ଅସ୍ପୃଶ୍ୟତା ନିବାରଣ ଓ ନିରକ୍ଷରତା ଦୂରୀକରଣ ଆଦି କାର୍ଯ୍ୟକ୍ରମ ପାଇଁ ସେ ଚିରସ୍ମରଣୀୟ ହୋଇ ରହିଥିବେ ବୋଲି ଅତିଥିମାନେ ମତ ଦେଇଛନ୍ତି। ସୋମବାର ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଆଚାର୍ଯ୍ୟ ବିହାର ପରିଷଦର ମିଳିତ ଆନୁକୂଲ୍ୟରେ ସୂଚନା ଭବନରେ ଆଚାର୍ଯ୍ୟ ହରିହର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇ ଆଚାର୍ଯ୍ୟ ହରିହରଙ୍କ ସରଳ ଜୀବନଯାପନ ଉପରେ ଆଲୋକପାତ କରିଥିଲେ। ଆଚାର୍ଯ୍ୟ ହରିହରଙ୍କଠାରେ ମହାଭାରତୀୟ ଚେତନା ସହ ଅପୂର୍ବ ଦେଶପ୍ରୀତି ଓ ସେବା ମନୋଭାବ ଭରି ରହିଥିଲା ବୋଲି ମନ୍ତ୍ରୀ ଅମାତ କହିଥିଲେ। ସମ୍ମାନିତ ଅତିଥିଭାବେ ସତ୍ୟବାଦୀ ବିଧାୟକ ଉମାଶଙ୍କର ସାମନ୍ତରାୟ ଯୋଗଦେଇ କହିଥିଲେ, ସତ୍ୟବାଦୀର ଯେଉଁ ପଞ୍ଚସଖା ଅର୍ଦ୍ଧଶତାବ୍ଦୀ ଧରି ଓଡ଼ିଶାର ଶିକ୍ଷା, ସମାଜସଂସ୍କାର, ଜନସେବା କ୍ଷେତ୍ରକୁ ପ୍ରଭାବିତ କରିଥିଲେ, ସେମାନଙ୍କ ମଧ୍ୟରେ ଆଚାର୍ଯ୍ୟ ହରିହର ଅନ୍ୟତମ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ତଥା ଭାରତ ସରକାରଙ୍କ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର, ଭୁବନେଶ୍ୱରର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା ଯୋଗଦେଇ ଶିକ୍ଷାଦାନ, ଜନସେବା, ଭୂଦାନ, ସର୍ବୋଦୟ, ଶିକ୍ଷାର ପ୍ରଚାରପ୍ରସାର ପାଇଁ ଆଚାର୍ଯ୍ୟ ହରିହର ନିରବଚ୍ଛିନ୍ନ ଭାବେ ଯେଉଁ କାର୍ଯ୍ୟ କରିଯାଇଛନ୍ତି ସେଥି ପାଇଁ ସେ ଚିରସ୍ମରଣୀୟ ହୋଇ ରହିବେ ବୋଲି କହିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଅତିଥିମାନେ ପୂର୍ବରୁ ଆୟୋଜିତ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସଭା ପରେ ପରିଷଦ ଆନୁକୂଲ୍ୟରେ ଆଚାର୍ଯ୍ୟ ହରିହରଙ୍କ 'ଭଲ ମଣିଷ ହୁଅ' ଉପରେ ଆଧାରିତ ସାମାଜିକ ନାଟକ 'ବୋଉ' ପରିବେଷିତ ହୋଇଥିଲା। ବିଭାଗର ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପରିଷଦର ସଭାପତି ଭାଗବତ ପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ।

# ଆସାମରେ ଓଡ଼ିଆ ନାଟକ 'ବୋତଲ ଭୂତ' ପ୍ରଶଂସା

## ଆନ୍ତର୍ଜାତିକ ନାଟ୍ୟ ମହୋତ୍ସବ

**ଭୁବନେଶ୍ୱର,୨୭।୨(ବ୍ୟୁରୋ)**

ଆସାମର ଗୁଆହାଟୀରେ କଳାକ୍ଷେତ୍ରରେ ଥିବା ଶଙ୍କର ଦେବ ଆନ୍ତର୍ଜାତିକ ପ୍ରେକ୍ଷାଳୟରେ ଆନ୍ତର୍ଜାତିକ ନାଟ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ ଏବଂ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ ଆୟୋଜିତ ମହୋତ୍ସବରେ ଭୁବନେଶ୍ୱରର ଅଗ୍ରଣୀ ନାଟ୍ୟାନୁଷ୍ଠାନ 'ଏକ୍ସପ୍ରେସନ' ଓଡ଼ିଶାରୁ ପ୍ରତିନିଧି କରିଥିଲେ। ଲେଖକ ତଥା ନିର୍ଦ୍ଦେଶକ ଦେବାନନ୍ଦ ନାୟକ ସୋନୀଙ୍କ ନାଟକ 'ବୋତଲ ଭୂତ' ମଞ୍ଚସ୍ଥ ହୋଇଥିଲା। ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ସାମାଜିକ ସମସ୍ୟା ଏବଂ ତା'ର ମୂଳ କାରଣକୁ ନେଇ ନାଟକର କାହାଣୀ ଗତିଶୀଳ ହୋଇଥିଲା। ପରିବେଷିତ ନାଟକ ଆସାମ ତଥା ଭାରତର ଅନ୍ୟ ରାଜ୍ୟ ଏବଂ ବିଦେଶୀ ନାଟକ



ନାଟକ ବୋତଲ ଭୂତର ଏକ ଦୃଶ୍ୟ।

ଦର୍ଶକମାନଙ୍କର ପ୍ରଶଂସା ସାଉଁଟିଥିଲା। ବିଶେଷ ଭାବେ ଭାରତର ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱ ଦୁଲାଲ ରାୟ, ଅରୂପ ହଜାରିକା, ସୀମା ବିଶ୍ୱାସ, ଗୁଣାକାର ଗୋସ୍ୱାମୀ ପ୍ରମୁଖ ନାଟକଟିର ଶୈଳୀ ଏବଂ ପ୍ରଦର୍ଶନ ଢଙ୍ଗର ବେଶ୍ ପ୍ରଶଂସା କରିଥିଲେ।

# 'ପ୍ରତ୍ୟେକ କୃଷକଙ୍କୁ ଉଦ୍ୟୋଗୀ କରିବା ଉଚିତ'

**ଭୁବନେଶ୍ୱର, ୨୭।୨(ବ୍ୟୁରୋ)**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପରିସରରେ ଦୁଇଦିନିଆ କୃଷକ ମେଳା ଏବଂ ପ୍ରଦର୍ଶନୀ ସୋମବାର ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିନରେ ୧୬ ଜିଲାରୁ ୨ହଜାରରୁ ଅଧିକ କୃଷକ, କୃଷିଜୀବୀ ମହିଳା ଏବଂ କୃଷି ଉଦ୍ୟୋଗୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ଯୋଗଦେଇ କହିଲେ, ଆମ ରାଜ୍ୟର ପ୍ରତ୍ୟେକ କୃଷକଙ୍କୁ କୃଷି ଉଦ୍ୟୋଗୀ ଭାବେ ଗଢ଼ି ତୋଳିବା ପାଇଁ ସମସ୍ତେ ଚେଷ୍ଟିତ ହେବା ଉଚିତ୍। ରାଜ୍ୟ ସରକାରଙ୍କ ତରଫରୁ ବିଭିନ୍ନ ପ୍ରକାରର ଯୋଜନା ଓ ପ୍ରକଳ୍ପକୁ ସଫଳ ରୂପାୟନ କରିବା ପାଇଁ ଓୟୁଏଟି ଏବଂ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର୍)ର ବିଭିନ୍ନ ସଂସ୍ଥା ଯୋଗସୂତ୍ର ସ୍ଥାପନ କରି କାର୍ଯ୍ୟକୁ ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ରାଜ୍ୟରେ କୃଷି ଶିକ୍ଷା, ଗବେଷଣା ଓ ସମ୍ପ୍ରସାରଣ କ୍ଷେତ୍ରରେ ଅଗ୍ରଗତି ଆଣିବା ପାଇଁ ଓୟୁଏଟି ଏବଂ ଆଇସିଏଆର୍‌ର ବିଭିନ୍ନ ସଂସ୍ଥା ମଧ୍ୟରେ ୧୧ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ମତ୍ସ୍ୟ ଓ ପ୍ରାଣୀପାଳନ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପସ୍ଥିତ କୃଷକ ଓ କୃଷିଜୀବୀ ମହିଳାଙ୍କୁ କୃଷି ବିଜ୍ଞାନ କେନ୍ଦ୍ରକୁ ଯାଇ ନୂତନ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରି ନିଜର କୃଷି କାର୍ଯ୍ୟକୁ ବିକଶିତ କରିବାକୁ ପରାମର୍ଶ ଦେଇଥିଲେ।

ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ସଭାପତିତ୍ୱ କରି ବର୍ତ୍ତମାନ ସମୟରେ କୃଷକଙ୍କ ଜ୍ଞାନ, ଦକ୍ଷତା ଏବଂ କାର୍ଯ୍ୟଶୈଳୀରେ ନୂତନତା ଆଣିବାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି କହିଥିଲେ। କୃଷି ଜାଗରଣର ମୁଖ୍ୟ ସମ୍ପାଦକ ଏମ୍.ସି. ଡୋମ୍‌ନିକ୍ କୃଷକଙ୍କ ସଫଳ କାହାଣୀ ଏବଂ ସମସ୍ୟାଗୁଡ଼ିକର ବହୁଳ ପ୍ରଚାର ପ୍ରସାର ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଓୟୁଏଟି ପକ୍ଷରୁ ପ୍ରକାଶିତ 'ଚାଷୀର ସଂସାର' ସହିତ ଅନ୍ୟାନ୍ୟ ସମ୍ପ୍ରସାରଣ ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ୨୫ଜଣ ସଫଳ କୃଷି ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପ୍ରସାରଣ ଅଧକ୍ଷ ପ୍ରଫେସର ପ୍ରସନ୍ନଜିତ୍ ମିଶ୍ର ସ୍ୱାଗତ ଭାଷଣ ଓ ଗବେଷଣା ଅଧକ୍ଷ ପ୍ରଫେସର ସଂଗ୍ରାମ କେଶରୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିସହିତ ତିନୋଟି ପର୍ଯ୍ୟାୟରେ ବୈଷୟିକ ଆଲୋଚନାଚକ୍ର ଓ ଗୋଟିଏ କୃଷକ-ବୈଜ୍ଞାନିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।



କୃଷକ ମେଳା-କୃଷି ପ୍ରଦର୍ଶନୀ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥି।

## ଓୟୁଏଟିରେ କୃଷକ ମେଳା-କୃଷି ପ୍ରଦର୍ଶନୀ ଉଦ୍‌ଘାଟିତ

- ଓୟୁଏଟି ଓ ଆଇସିଏଆର୍ ସହ ବିଭିନ୍ନ ସଂସ୍ଥାର ୧୧ ଚୁକ୍ତି
- କୃଷିକ୍ଷେତ୍ରରେ ୨୫ ସଫଳ ଉଦ୍ୟୋଗୀ ସମ୍ବର୍ଦ୍ଧିତ

**ସଂକ୍ଷେପରେ**

## ମୁକ୍ତାକାଶ କାରାଶ୍ରମରେ ଦନ୍ତାର ଦୌରାତ୍ମ୍ୟ

ବାରଙ୍ଗ,୨୭।୨(ଡି.ଏନ୍.ଏ.)- ରବିବାର ବିଳମ୍ବିତ ରାତିରେ ଏକ ଦନ୍ତାହାତୀ ଜାମୁଝରିସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଶ୍ରମରେ ପଶି ପନିପରିବା ଖାଇବା ସହ ଦଳିଚକଟି ନଷ୍ଟ କରିଦେଇଛି । ଗତବର୍ଷ ଏହି ମାସରେ ପଶ୍ଚିମପଟ ପାଚେରି ଭାଙ୍ଗି ଏକ ଦନ୍ତାହାତୀ ଭିତରେ ପଶି ପରିବା ଫସଲ ଖାଇ ନଷ୍ଟ କରିଥିଲା। କଏଦୀମାନେ ଘଉଡ଼ାଇବାରୁ ହାତୀଟି ପାଚେରି ଡେଇଁ ପଳାଇଯାଇଥିଲା। ସେହିଦିନଠାରୁ ପାଚେରି ଦୁଇପଟେ ଚୋରା ରାସ୍ତା ରହିଛି। ସେହିରାସ୍ତାରେ ପୁଣି ଦନ୍ତାଟି ପଶି ରବିବାର ବିଳମ୍ବିତ ରାତିରେ ଭିତରକୁ ଆସି ପ୍ରଥମେ କଦଳୀ ବଗିଚା ଓ ପରେ ବିଲାତି ବାଡିରେ ପଶି ଖାଇବା, ପ୍ରଶାସନିକ କୋଠା ନିକଟରେ ଥିବା ସାଗବାରୀ, ପିଆଜବାରୀକୁ ଦଳିଚକଟି ଏକ ପଣସଗଛରୁ କଠାଖାଇ ଭୋର ସମୟରେ ପରିବାବାରିରେ ଛିଡା ହୋଇଥିଲା। ସୋମବାର ସକାଳେ କଏଦୀମାନେ ପରିବାବାରିକୁ ଆସିବାବେଳେ ଦନ୍ତାଟି ଛିଡାହୋଇଥିବାର ଦେଖି ପାଟିକରି ଘଉଡାଇବାକୁ ଉଦ୍ୟମ କରିଥିଲେ। ଦନ୍ତାଟି ପରିସରରୁ ବାହାରି ପଶ୍ଚିମପଟ ଜଙ୍ଗଲକୁ ପଳାଇଯାଇଥିଲା। ଖବରପାଇ ବନ ବିଭାଗ ଆସି ଦନ୍ତାଟି ଚନ୍ଦକା ଜଙ୍ଗଲକୁ ଚାଲିଯାଇଥିବାର କହିଥିବାବେଳେ ହାତୀଟି ନିକଟସ୍ଥ ଜଙ୍ଗଲରେ ଥିବାର କଏଦୀମାନେ ଆଶଙ୍କା ପ୍ରକାଶ କରିଛନ୍ତି।

## ଅଗ୍ନିକାଣ୍ଡରେ ଜଳିଗଲା ୨ ବଖରା

ବାରଙ୍ଗ,୨୭।୨(ଡି.ଏନ୍.ଏ.)- ବାରଙ୍ଗ ବ୍ଲକ ଅର୍ନ୍ତଗତ ଦାଢ଼ାପାଟଣା ପଞ୍ଚାୟତର ମଧୁସୂଦନପୁର ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୨ବଖରା ଚାଳଘର ସମ୍ପୂର୍ଣ୍ଣ ଜଳିଯାଇଛି। ଏହି ଗ୍ରାମର ଜୟରାମ ଦାସଙ୍କ ସୂଚନା ମୁତାବକ ରବିବାର ରାତିରେ ଜୟରାମ ତାଙ୍କ ପରିବାର ଲୋକଙ୍କ ସହ ଘରେ ଶୋଇଥିବା ସମୟରେ ରାତି ପ୍ରାୟ ୧.୩୦ ସମୟରେ ଚାଳଘରେ ନିଆଁ ଲାଗିଯାଇଥିବା ଜାଣିବାକୁ ପାଇଥିଲେ। ହଠାତ୍ ପରିବାର ସମସ୍ତ ସଦସ୍ୟ ଘରୁ ବାହାରକୁ ଚାଲିଆସିଥିଲେ। ତାଙ୍କ ଚିତ୍କାର ଶୁଣି ପଡୋଶୀ ଆସି ନିଆଁ ଲିଭାଇବାକୁ ଉଦ୍ୟମ କରିବା ସହ ଦମକଳ ବାହିନୀକୁ ଜଣାଇଥିଲେ। ଖବରପାଇ ବାରଙ୍ଗରୁ ଦମକଳ ଆସିବାବେଳକୁ ଗ୍ରାମବାସୀଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରିଦେଇଥିଲେ। ଏଥିରେ ତାଙ୍କର ବହୁ ଆସବାବପତ୍ର ଜଳି ନଷ୍ଟ ହୋଇଯାଇଛି। ନିଆଁ ଲାଗିବା ଯୋଗୁ ଜୟରାମ ଆହତ ହୋଇଛନ୍ତି। ଜୟରାମ ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## ୧୧୫ଜଣଙ୍କ ଚକ୍ଷୁ ପରୀକ୍ଷା ହେଲା

କଟକ ଅଫିସ,୨୭।୨: ୟୁଥ୍ ଚାରିଟେବୁଲ ଟ୍ରଷ୍ଟ ଓ ସେଣ୍ଟର୍ ଫର୍ ସାଇଟ୍ ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କଟକସ୍ଥିତ ସୂତହାଟ, ତନ୍ତିସାହି ସମେତ ଆଖପାଖ ଅଞ୍ଚଳର ଲୋକମାନେ ଚକ୍ଷୁ ପରୀକ୍ଷା କରିଥିଲେ। ଶିବିରରେ ୧୧୫ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ସେଥିରୁ ୧୭ଜଣ ରୋଗୀଙ୍କୁ ଡାକ୍ତର ଅପରେଶନ ନିମନ୍ତେ ପରାମର୍ଶ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩ଜଣଙ୍କ ଅପରେଶନ ସଫଳ ହୋଇଥିଲା। ଶିବିରରେ ଟ୍ରଷ୍ଟର ସଦସ୍ୟା ଓ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

## ଯୋଗାଚାର୍ଯ୍ୟ ସିଦ୍ଧେଶ୍ୱର ସାହୁଙ୍କ ସ୍ମୃତିସଭା

କଟକ ଅଫିସ,୨୭।୨: ରାଉରକେଲାସ୍ଥିତ ଏନ୍ଆଇଟିର ଅବସରପ୍ରାପ୍ତ ଇଲେକ୍ଟ୍ରିକାଲ ଇଞ୍ଜିନୟରିଂ ବିଭାଗର ବରିଷ୍ଠ ପ୍ରାଧାପକ ଡ.ସିଦ୍ଧେଶ୍ୱର ସାହୁ (୮୬)ଙ୍କର ଗତ ୧୭ ତାରିଖରେ ପରଲୋକ ହୋଇଥିଲା। ସାହୁଙ୍କର ଏକାଦଶାହ କର୍ମ କଟକ ବକ୍ସିବଜାରସ୍ଥିତ ୱାଇଏମ୍ସିଏ ପରିସରରେ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ଅନ୍ୟ ଗଣ୍ୟମାଣ୍ୟ ବ୍ୟକ୍ତି ଯୋଗ ଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ। ସୂଚନାଯୋଗ୍ୟ, ଡ.ସାହୁଙ୍କର କ୍ରିୟାଯୋଗ ଓ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ସମ୍ବନ୍ଧୀୟ ଅନେକ ସନ୍ଦର୍ଭ ଜାତୀୟ ଓ ଅନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶ ହୋଇଛି।

# ଛେଳି ଚୋରିକୁ କେନ୍ଦ୍ରକରି କ୍ଲବ ଘରେ ରଖି ମାଡ଼

**ଜଣେ ମୃତ, ଅନ୍ୟ ଜଣେ ଆହତ**

ଖୁଣ୍ଟୁଣୀ,୨୭।୨(ଡି.ଏନ.ଏ)




କଟକ ଜିଲା ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ସଡ଼କ ସାହିରେ ଏକ ଛେଳି ଚୋରିକୁ କେନ୍ଦ୍ର କରି କ୍ଲବ ଘରେ ରଖି ମାଡ଼ ମାରିବା ଯୋଗୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ଉକ୍ତ ଥାନା ଅନ୍ତର୍ଗତ ରାଧାକୃଷ୍ଣପୁର ଗ୍ରାମର ପୁନିଆ ନାଏକ। ତେବେ ପୁନିଆଙ୍କ ମୃତ୍ୟୁକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପରିସ୍ଥିତି ଲାଗି ରହିଛି। ଫଳରେ ଖୁଣ୍ଟୁଣୀ ପୋଲିସ ଘଟଣାସ୍ଥଳକୁ ଯାଇ ସଡ଼କସାହି ଆଦିବାସୀ ପଡ଼ାରେ ତଦନ୍ତ କରିବା ସହ ଗଣ୍ଡଗୋଳ ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ ଫୋର୍ସ ମୁତୟନ ରହିଛି। ଏ ନେଇ ମୃତ ପୁନିଆଙ୍କ ମା ବାଉରୀ ନାଏକ ସୋମବାର ସନ୍ଧ୍ୟାରେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ରବିବାର ଦିନ ୧୦ଟାରେ ତାଙ୍କ ପୁଅ ପୁନିଆ ଓ ତାଙ୍କ ସାହିର ବିଘ୍ନ ଦୁହେଁ ଗାଧୋଇବାକୁ ଯାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଫେରି ନ ଥିଲେ। ଖୋଜାଖୋଜି କରିବାରୁ ଅପରାହ୍ଣରେ ଖବର ପାଇଲେ ଯେ ପୁନିଆ ଓ ବିଘ୍ନଙ୍କୁ ନିକଟସ୍ଥ ସଡ଼କସାହିର କେତେଜଣ ଯୁବକ ମାଡ଼ମାରି କ୍ଲବ ଘରେ ବାନ୍ଧି ରଖିଛନ୍ତି। ପୁନିଆ ଘର ଲୋକ ସରପଞ୍ଚ କାହ୍ନୁଚରଣ ମହାନ୍ତିଙ୍କୁ ନେଇ ସଡ଼କ ସାହିକୁ ଯାଇ ସେଠାରୁ ତାଙ୍କ ପୁଅ ଓ ବିଘ୍ନଙ୍କୁ ଛାଡ଼ିବା ପାଇଁ କହିଥିଲେ। ହେଲେ ସଡ଼କସାହିର ବାସିନ୍ଦା କହିଥିଲେ ଯେ, ତାଙ୍କର ଏକ ଛେଳିକୁ ଦୁହେଁ ଚୋରାଇ ନେଉଥିଲେ। ଏହା ସାହି ଯୁବକମାନେ ଦେଖିବା ପରେ ତାଙ୍କୁ ମାଡ଼ ମାରି କ୍ଲବ ଘରେ ବାନ୍ଧି ରଖିଥିବା ସରପଞ୍ଚଙ୍କ ଆଗରେ କହିଥିଲେ। ତେବେ ସରପଞ୍ଚ ଓ ପରିବାର ଲୋକଙ୍କ ସହ ଆଲୋଚନା ପରେ ସମସ୍ତଙ୍କ ଉପସ୍ଥିତିରେ ୧୫ ଶହ ଟଙ୍କା ଦେଇ ପୁନିଆ ଓ ବିଘ୍ନଙ୍କୁ ଘରକୁ ନେଇ ଆସିଥିଲେ। ହେଲେ ସୋମବାର ପୁନିଆଙ୍କ ଦେହ ଅସୁସ୍ଥ ହେବାରୁ ଆଠଗଡ଼ ଡାକ୍ତରଖାନାକୁ ନେଇଥିଲେ। ଅନ୍ୟପଟେ ବିଘ୍ନ ମଧ ଚିକିତ୍ସା ପାଇଁ ମିଶି ଡାକ୍ତରଖାନା ଯାଇଥିଲେ। କିନ୍ତୁ ଡାକ୍ତର ପୁନିଆଙ୍କ ଅବସ୍ଥା ସଙ୍କଟାପନ୍ନ ଦର୍ଶାଇ କଟକ ବଡ଼ ମେଡିକାଲକୁ ପଠାଇ ଦେଇଥିଲେ। ବିଘ୍ନ ଚିକିତ୍ସା ପରେ ଆଠଗଡ଼ରୁ ଫେରିଆସିଥିବା ବେଳେ ପୁନିଆଙ୍କ କଟକ ମେଡିକାଲରେ ମୃତ୍ୟୁ ହୋଇଯାଇଥିଲା। ଫଳରେ ପରିବାର ଲୋକ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକୁ ନେଇ ଖୁଣ୍ଟୁଣୀ ଥାନା ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି, ଘଟଣାର ତଦନ୍ତ ଚାଲିଥିବା ବେଳେ ମେଡିକାଲରେ ଥିବା ପୁନିଆଙ୍କ ପୁଅ ରାଜା ନାଏକ ସହିତ ଯୋଗାଯୋଗ କରିବାରୁ ବାପା ମରିଯାଇଥିବା ଓ ମୃତଦେହକୁ ମେଡିକାଲ କର୍ମଚାରୀ ବ୍ୟବଚ୍ଛେଦ ଗୃହକୁ ନେଉଥିବା କହିଥିଲେ। ବ୍ୟଚ୍ଛେଦ ରିପୋର୍ଟ ଆସିବା ପରେ କିଛି ପଦକ୍ଷେପ ନିଆଯିବ ବୋଲି ଆଇଆଇସି କହିଛନ୍ତି। ଅନ୍ୟପଟେ ରିପୋର୍ଟ ଲେଖା ହେବା ସୁଦ୍ଧା ଏ ନେଇ କୌଣସି ମାମଲା ରୁଜୁ ହୋଇ ନାହିଁ।



ସିଡିଏଠାରୁ କଟକ ମାରୱାଡି ସମାଜ ଶାଖା ପକ୍ଷରୁ ସୋମବାର ବାହାରି ଥିବା ନିସାନ ଶୋଭାଯାତ୍ରା ।

## ଜନସେବା କେନ୍ଦ୍ରରେ ଅଗ୍ନିକାଣ୍ଡ

ବଡ଼ମ୍ବା,୨୭।୨(ଡି.ଏନ୍.ଏ.)

ବଡମ୍ବା ବ୍ଲକ ଝାଳିଆ ଗ୍ରାମର ପ୍ରାଥମିକ ବିଦ୍ୟାଳୟ ନିକଟରେ ଥିବା ଜନସେବା କେନ୍ଦ୍ରରେ ରବିବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ କମ୍ପ୍ୟୁଟର, ଲାପଟପ୍, ଜେରକ୍ସ ମେଶିନ, ପ୍ରିଣ୍ଟର, ଏଲିଡି ଟିଭି ଏବଂ ଜରୁରୀ କାଗଜପତ୍ର ସହ କିଛି ଟଙ୍କା ଜଳିଯାଇଛି। ଖବର ପାଇ ବଡ଼ମ୍ବା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବାବେଳେ କେହି ଦୁର୍ବୃତ୍ତ ନିଆଁ ଲଗେଇ ଦେଇଥିବା ଅନୁମାନ କରାଯାଉଛି। ଜନସେବା କେନ୍ଦ୍ରର ମାଲିକ ଜିତେନ୍ଦ୍ର କୁମାର ସ୍ୱାଇଁ ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ତଦନ୍ତ ଚଳାଇଛି।

## ମହିମା ଅଲେଖ ସାଧୁ ସମାବେଶ ଉଦ୍ୟାପିତ

ବଡ଼ମ୍ବା,୨୭।୨(ଡି.ଏନ୍.ଏ.)

ବଡ଼ମ୍ବା ବ୍ଲକ ଶଙ୍ଖାମେରୀ ଗାଁ ପାଟଣାସାହି ଶନି ମନ୍ଦିରରେ ରବିବାର ଆରମ୍ଭ ହୋଇଥିବା ମହିମା ଅଲେଖ ସାଧୁ ସମାବେଶ ଓ ଅଖଣ୍ଡ ବ୍ରହ୍ମଯଜ୍ଞ ସୋମବାର ଉଦ୍ୟାପିତ ହୋଇଯାଇଛି। ଦିନ ସମୟରେ ମହିମା ଅଲେଖଙ୍କ ଭଜନ କାର୍ଯ୍ୟକ୍ରମ ହୋଇଥିବାବେଳେ ସନ୍ଧ୍ୟାରୁ ଭୋର ପର୍ଯ୍ୟନ୍ତ ଅଖଣ୍ଡ ବ୍ରହ୍ମଯଜ୍ଞ, ଅଖଣ୍ଡ ବ୍ରହ୍ମ ନାମ, ଅଖଣ୍ଡ ବ୍ରହ୍ମଧ୍ୱନି, ଅଖଣ୍ଡ ଘୃତବତି ପ୍ରଜ୍ୱଳନ ସମେତ ମହିମା ଅଲେଖ ଧର୍ମ ଉପରେ ପ୍ରବଚନ ହୋଇଥିଲା। ଶେଷରେ ବାଲ୍ୟଲୀଳା ଅର୍ପଣ କରାଯାଇ ଭୋର ସମୟରେ ଉଦ୍ୟାପିତ ହୋଇଥିଲା। କାର୍ଯ୍ୟକ୍ରମରେ ମହିମା ଧର୍ମ ସିଦ୍ଧସାଧୁ ବଳ୍କଧାରୀ ଗୁରୁବର ବାବା ଓ ବିଶ୍ୱମ୍ବର ବାବା ଯୋଗଦେଇଥିଲେ। ମହିମା ଧର୍ମାବଲମ୍ବୀ କୁମରମଣି ବାବା, ତ୍ରିଲୋଚନ ଉତ୍ତରାୟ, ଜୟାନନ୍ଦ ନାୟକ, ସୂର୍ଯ୍ୟମଣୀ ନାୟକ ପ୍ରବଚନ ଦେଇଥିଲେ।



ସାଧୁମାନେ ଅଖଣ୍ଡ ଯଜ୍ଞ କରୁଛନ୍ତି ।

## ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ

ମାହାଙ୍ଗା,୨୭।୨(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ବାସୁଦେବପୁର ପଞ୍ଚାୟତସ୍ଥିତ ମା'ନାକେଇଶୁଣୀ ପୀଠରେ ନୂତନ ଭାବେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ନୂତନ ମନ୍ଦିରରେ ପ୍ରଭୁ ଶ୍ରୀରାମ, ମା' ଜାନକୀ,ଲକ୍ଷ୍ମଣ ଓ ହନୁମାନଙ୍କ ସହ ପାର୍ଶ୍ୱ ଦେବଦେବୀଙ୍କ ପ୍ରତିମୂର୍ତ୍ତି ରହିଛି। ଏହି ଅବସରରେ ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ଗୋପୂଜା, କଳସଯାତ୍ରା, ଅଗ୍ନିସ୍ଥାପନ, ଯଜ୍ଞ ଆରମ୍ଭ ଓ ନୂତନ ବିଗ୍ରହଙ୍କ ଗର୍ଭାଧାନ ଆଦି କାର୍ଯ୍ୟକ୍ରମ ରୀତିନୀତି ଅନୁଯାୟୀ ଆୟୋଜନ କରାଯାଇଛି। ପ୍ରମୋଦ ମହାନ୍ତି, ବଟକୃଷ୍ଣ ଖୁଣ୍ଟିଆ, ଗଣେଶ ମହାନ୍ତି, କେଶବ ସାହୁ, ମୃତ୍ୟୁଞ୍ଜୟ ମହାନ୍ତି ପ୍ରମୁଖ ପୂଜାକାର୍ଯ୍ୟରେ ବସିଥିବାବେଳେ ପୂଜକ ଭାବେ ପଣ୍ଡିତ ପ୍ରମୋଦ ପଣ୍ଡା, ଅନନ୍ତ ଗୋପାଳ ଦାସ, ଜଗବନ୍ଧୁ ଦୀକ୍ଷିତ, ବାବୁଲାଲ ଆଚାର୍ଯ୍ୟ, ବଟକୃଷ୍ଣ ଶତପଥୀ, ନିରଞ୍ଜନ ମିଶ୍ର ଏବଂ ଓମପ୍ରକାଶ ଶାସ୍ତ୍ରୀ ପ୍ରମୁଖ ପୂଜା ସମ୍ପାଦନ କରୁଛନ୍ତି । ୩ ଦିନ ଧରି ହେବାକୁ ଥିବା ଏହି ପ୍ରତିଷ୍ଠା ଉତ୍ସବରେ ଭଜନ, କୀର୍ତ୍ତନ ଓ ପ୍ରବଚନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସୂଚନା ମିଳିଛି। ପରମ୍ପରା ଅନୁଯାୟୀ ଅୟେସକାନ୍ତ ସାମଲ ଭଗବାନ ରାମଚନ୍ଦ୍ରଙ୍କ ମାମୁ ଭାବେ ଏହି ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ କାର୍ଯ୍ୟ କରୁଛନ୍ତି । ଏଥିରେ ବାସୁଦେବପୁର, କୋଳିଅଠା, ମଧୁପୁର ଓ ବାଜପୁରା ଆଦି ପଞ୍ଚାୟତର ଲୋକେ ସହଯୋଗ କରିଥିଲେ ।

## ରଘୁନାଥ ଜୀଉଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ନିଶ୍ଚିନ୍ତକୋଇଲି,୨୭।୨(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଡାଳ ମଲ୍ଲିପୁରସ୍ଥିତ ରଘୁନାଥ ଜୀଉଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଲାରେଶ୍ୱରରୁ ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ଆସିଥିଲେ। ଏହି ଅବସରରେ ସୂର୍ଯ୍ୟପୂଜା, ଗୋପୂଜା, ଶିଳାପ୍ରଦକ୍ଷିଣ, ମଣ୍ଡଳାଧିପୂଜା, ଅଗ୍ନିସ୍ଥାପନ ଆଦି କରାଯାଇଥିଲା। ମଙ୍ଗଳବାର ପୂର୍ଣ୍ଣାହୁତି ହେବ। ନୂତନ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଉଛି।

## ଦ୍ୱିତୀୟ ପର୍ଯ୍ୟାୟ ମୋ ୱାର୍ଡ କାର୍ଯ୍ୟକ୍ରମ ଆରମ୍ଭ



ବିଡ଼ାନାସୀର ୱାର୍ଡ ନଂ.୨ର ସ୍ୱୟଂ ସହାୟକ ଗୋଷ୍ଠୀର ଜଣେ ମା'ଙ୍କ ଘରେ ମେୟର ଖାଉଛନ୍ତି ।

**ୱାର୍ଡ ନଂ.୨ରେ ସମସ୍ୟା ବୁଝିଲେ ମେୟର**

କଟକ ଅଫିସ,୨୭।୨

କଟକ ମହାନଗର ନିଗମର ମେୟର ସୁବାସ ସିଂଙ୍କ ନେତୃତ୍ୱରେ 'ମୋ ୱାର୍ଡ' ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ସୋମବାର ବିଡ଼ାନାସୀର ୱାର୍ଡ ନଂ.୨ର ଗୋଦାବରୀଶ ସଂସ୍କୃତ ବିଦ୍ୟାଳୟ ପରିସରରୁ ଆରମ୍ଭ ହୋଇଛି। ଏହି ୱାର୍ଡରୁ ପ୍ରାୟ ୨୦୦ଜଣ ବରିଷ୍ଠ ନାଗରିକ ସଭାରେ ଯୋଗଦେଇ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଯଥା ଡ୍ରେନ ସମସ୍ୟା, ରାସ୍ତା, ସ୍ୱଚ୍ଛତା, ଡାକ୍ତରଖାନା, ନୂତନ କଲେଜ ପ୍ରତିଷ୍ଠା, ସ୍କୁଲ, ମଶାଣିର ଉନ୍ନତି, ଖେଳପଡିଆର ଉନ୍ନତି ଇତ୍ୟାଦି ବିଷୟରେ ନିଜ ମତ ଉପସ୍ଥାନ କରିଥିଲେ। ମେୟର ସବୁ ସମସ୍ୟା ଶୁଣି ଯଥାଶୀଘ୍ର ତାହା କାର୍ଯ୍ୟରେ ପରିଣତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମେୟରଙ୍କ ସହ ମହାନଗର ନିଗମର ଡେପୁଟି କମିଶନର ଅଜୟ ମହାନ୍ତି, କର୍ପୋରେଟର ପୁଷ୍ପିତ ମହାନ୍ତି, ବରିଷ୍ଠ ଖବରଦାତା ଅରୁଣ କୁମାର୍ ପଣ୍ଡା, ସତ୍ୟବ୍ରତ ବେହେରା, ରାଜୀବ ଲୋଚନ ମହାନ୍ତି, ବୀରେନ ବେହେରା, ଦୀପ୍ତିରଞ୍ଜନ ରାୟ, ହରିବନ୍ଧୁ ନାୟକ, ବନମାଳୀ ତ୍ରିପାଠୀ, ପ୍ରଦୀପ୍ତ ମହାପାତ୍ର, ଦେବେନ୍ଦ୍ର ପାଣିଗ୍ରାହୀ, ରାଜୀବ ମହାନ୍ତି, ମିହିର ଦାସ, ପ୍ରଦୀପ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

ଏହାପରେ ମେୟର ବିଡାନାସୀ ମୁଣ୍ଡା ସାହି ବସ୍ତିରେ ସ୍ଥାନୀୟବାସିନ୍ଦାଙ୍କୁ ନେଇ ଏକ ସଭାର ଆୟୋଜନ ହୋଇଥିଲା। ସଭାରେ ବସ୍ତିବାସିନ୍ଦାମାନେ ଉପସ୍ଥିତ ରହି ମେୟରଙ୍କୁ ତାଙ୍କର ସମସ୍ତ ପ୍ରସ୍ତାବ ଯଥା ବସ୍ତି ରାସ୍ତା ଉନ୍ନତି, ଡ୍ରେନର ସୁବିଧା, ବସ୍ତିଦାଣ୍ଡରେ ପେଭର୍ ବ୍ଲକ କାର୍ଯ୍ୟ, ଅଙ୍ଗନୱାଡ଼ି ଘର, ଜାଗା ମିଶନ ଦ୍ୱାରା ସ୍ଥାୟୀ ପଟ୍ଟା ପ୍ରଭୃତି ସମସ୍ୟା ବିଷୟରେ କହିଥିଲେ। ସିଏମ୍ସି ଡେପୁଟି କମିଶନର ଶ୍ୱେତପଦ୍ମା ଡି ଶତପଥୀ ସଭାରେ ଉପସ୍ଥିତ ରହି ବସ୍ତିବାସିନ୍ଦାଙ୍କ ପ୍ରସ୍ତାବକୁ ଗ୍ରହଣ କରି ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଶ୍ରେ। ସଭାରେ କର୍ପୋରେଟର, ଦୀପ୍ତିରଞ୍ଜନ ରାୟ , ବିଶ୍ୱନାଥ ଧୀର, ମାଗୁଣି ବେହେରା, ବଙ୍କିମ ଚନ୍ଦ୍ର ପଟ୍ଟନାୟକ, ହରିବନ୍ଧୁ ନାୟକ, ବନମାଳୀ ତ୍ରିପାଠୀ, ଗୀତାଞ୍ଜଳି ବେହେରା, ରେଣୁବାଳା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମେୟର ଉକ୍ତ ୱାର୍ଡର ସ୍ୱୟଂ ସହାୟକ ଗୋଷ୍ଠୀର ଜଣେ ମା'ଙ୍କ ଘରେ ରାତ୍ରିଯାପନ କରିଛନ୍ତି।

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ରାଣୀ ରାସମଞ୍ଜରୀଙ୍କ ଶେଷକୃତ୍ୟ ସମ୍ପନ୍ନ



ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତିଗିରିଆ ଗଡ଼ଜାତର ରାଣୀ ରାସମଞ୍ଜରୀ ଦେବୀଙ୍କ ଶେଷକୃତ୍ୟ ହେଉଛି ।

ତିଗିରିଆ, ୨୭।୨(ଡି. ଏନ. ଏ.)

ତିଗିରିଆ ଗଡ଼ଜାତର ରାଣୀ ତଥା ପୂର୍ବତନ ବିଧାୟିକା ରାଣୀ ରାସମଞ୍ଜରୀ ଦେବୀଙ୍କ ଶେଷକୃତ୍ୟ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସୋମବାର ସମ୍ପନ୍ନ ହୋଇଛି। ରବିବାର ରାତିରେ ତାଙ୍କ ପରଲୋକ ଘଟିଥିଲା। ସୋମବାର ପୂର୍ବାହ୍ନରେ ତାଙ୍କ ପାର୍ଥିବ ଶରୀରକୁ ନିଜଗଡ଼ସ୍ଥିତ ପ୍ରସନ୍ନମଣିଙ୍କ ମନ୍ଦିରଠାରୁ ଫୁଲରେ ସଜ୍ଜିତ କରି ଏକ ଗାଡ଼ିରେ ନୂଆପାଟଣାର ମା'କଳାପାଟଙ୍କ ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରାରେ ନିଆଯାଇଥିଲା। ପରେ ଏହି ଶୋଭାଯାତ୍ରା ପୁରୁଣା ତିଗିରିଆ ଓ ପାଞ୍ଚଗାଁ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବହୁ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ଶେଷରେ ତିଗିରିଆ ଥାନା ନିକଟସ୍ଥ ଗୁଣ୍ଡିଚା ପୋଖରୀ ପାଖରେ ଥିବା ରାଣୀଙ୍କ ଜମିରେ ଶବସତ୍କାର ହୋଇଥିଲା। ସେଠାରେ ପୋଲିସ ପକ୍ଷରୁ ତୋପ ସଲାମୀ ସହ ଗାର୍ଡ ଅଫ୍ ଅନର ଦିଆଯାଇଥିଲା ଏହି ସମୟରେ ରାଜ୍ୟ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଆଠଗଡ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ଆଠଗଡ ଡିଏସ୍‌ପି ବିଜୟ କୁମାର ବିଶି, ତିଗିରିଆ ତହସିଲଦାର ପ୍ରମୋଦ କୁମାର ବାସ୍କେ, ବିଡିଓ ପ୍ରଣବ କୁମାର ବେହେରା, ତିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧକ୍ଷ ମାନସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାଣୀଙ୍କ ପରଲୋକ ଯୋଗୁ ତିଗିରିଆ ବ୍ଲକର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ସୂଚନା ଯୋଗ୍ୟ, ରାଣୀ ରାସମଞ୍ଜରୀ ୧୯୭୦ରେ ତିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା,୧୯୭୭ରେ ଆଠଗଡ ନିର୍ବାଚନ ମଣ୍ଡଳୀରୁ ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ।

## ଆଇନଜୀବୀ ବିଧୁଭୂଷଣଙ୍କୁ ଶ୍ରଦ୍ଧାଞ୍ଜଳି

କଟକ ଅଫିସ, ୨୭।୨:

କଟକ କ୍ରିମିନାଲ ବାର୍‌ର ପୂର୍ବତନ ଉପସଭାପତି ଆଇନଜୀବୀ ବିଧୁଭୂଷଣ ଶତପଥୀଙ୍କ ବିୟୋଗରେ ଶ୍ରୀଦୁର୍ଗା କଣ୍ଡେଭ୍ ମୁଖ୍ୟ କାର୍ଯ୍ୟାଳୟରେ ସୋମବାର ଶୋକସଭା ହୋଇଥିଲା। ସଭାରେ 'ଡ୍ରିମ୍‌ସ' ତଥା ଶ୍ରୀଦୁର୍ଗା ଗ୍ରୁପର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ପୌରୋହିତ୍ୟ କରି କହିଥିଲେ 'ବିପଦର ବନ୍ଧୁ' ଭାବରେ ତାଙ୍କର ଉପସ୍ଥିତି ଓ ଅକୁଣ୍ଠ ସହଯୋଗ ଚିର ସ୍ମରଣୀୟ ହୋଇରହିବ। ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ରମେଶ ପ୍ରତାପ, ମନୋଜ ଦାସ, ଅଶୋକ ଦାଶ, ଜଗମୋହନ ରଥ, ଅଶୋକ ତ୍ରିପାଠୀ, ପ୍ରମୋଦ ନାୟକ, ତାରାକାନ୍ତ ପଣ୍ଡା, ଶିବ ପ୍ରସାଦ ରାଉତ, ପ୍ରଦୀପ୍ତ ପଣ୍ଡା ପ୍ରମୁଖ ବିଧୁଭୂଷଣଙ୍କ ବହୁମୁଖୀ ଅମଳିନ ବ୍ୟକ୍ତିତ୍ୱର ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।



ଆଇନଜୀବୀ ବିଧୁଭୂଷଣ ଶତପଥୀଙ୍କ ପରଲୋକରେ ଶ୍ରୀଦୁର୍ଗା କଣ୍ଡେଭ୍ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଶୋକ ସଭାରେ ଉପସ୍ଥିତ ସଦସ୍ୟ ।

## ସତୀଚଉରାରେ ହେବ ମିଶନ ଶକ୍ତି ବଜାର

**ମାର୍ଚ୍ଚ ଦ୍ୱିତୀୟ ସପ୍ତାହ ସୁଦ୍ଧା କାର୍ଯ୍ୟକ୍ଷମ**

- ମହିଳାଙ୍କ ହାତତିଆରି ଜିନିଷ ମିଳିବ
- ଚାନ୍ଦି ତାରକସି ସାମଗ୍ରୀ ସ୍ଥାନ ପାଇବ

କଟକ ଅଫିସ,୨୭।୨:

ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି) ଗୁଡ଼ିକୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ (ଏସ୍ଏମ୍ଇ) ରେ ପରିଣତ କରିବା ନିମନ୍ତେ ମିଶନ ଶକ୍ତି ଏକ ରୂପାନ୍ତରଣକାରୀ ଯାତ୍ରା ଆରମ୍ଭ କରିବାକୁ ଯାଉଛି। ପ୍ରଥମ ଥର ପାଇଁ କଟକ ସହରରେ ଖୋଲିବାକୁ ଯାଉଛି ମିଶନ ଶକ୍ତି ବଜାର। ଏଠାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀ ବର୍ଷ ତମାମ ବିକ୍ରି ହେବ। ଏଥିପାଇଁ ଖୋଲା ବଜାର ଆରମ୍ଭ କରାଯିବ। ସତୀଚଉରାଠାରେ ଏହି ବଜାର ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। କଟକ ମହାନଗର ନିଗମ (ସିଏମ୍ସି) ପକ୍ଷରୁ ସ୍ଥାନ ନିରୂପଣ କରାଯାଇ ଟେଣ୍ଡର ଡକାଯାଇଥିଲା। ଟେଣ୍ଡର ଶେଷ ହୋଇଥିବାବେଳେ ଖୁବ୍‌ଶୀଘ୍ର ଏହାର ଉଦ୍‌ଘାଟନ ହେବ। ଯେକୌଣସି ସମୟରେ ଗ୍ରାହକମାନେ 'ମିଶନ ଶକ୍ତି ବଜାର'କୁ ଯାଇ ମହିଳାମାନଙ୍କ ହାତ ତିଆରି ସାମଗ୍ରୀ ଦେଖିବା ସହ କିଣିପାରିବେ। ମହିଳାଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀର ବିକ୍ରିବଟା ଫଳରେ ସ୍ୱତନ୍ତ୍ର ବ୍ରାଣ୍ଡିଂ ହୋଇପାରିବ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କୁ ସଶକ୍ତ କରିବା ସହ ସେମାନଙ୍କୁ ସ୍ୱାବଲମ୍ବୀ ଓ ରୋଜଗାରକ୍ଷମ ହେବା ପାଇଁ ସିଏମ୍ସି ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ମହିଳାମାନେ ଏବେ ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ପାରଦର୍ଶିତା ପ୍ରଦର୍ଶନ କରିପାରିଛନ୍ତି। ମହିଳା ଏସ୍ଏଚ୍‌ଜିଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାରର ପିଠା, ହଳଦୀ, ବଡ଼ି, ପାମ୍ପଡ଼, ହସ୍ତଶିଳ୍ପ, ଝୋଟ ସାମଗ୍ରୀ, ଶାଢ଼ି, ବିଭିନ୍ନ ପ୍ରକାର ମସଲା ସମେତ ହସ୍ତଶିଳ୍ପ ସାମଗ୍ରୀ ଆଦିର ବିକ୍ରି ପାଇଁ ବର୍ଷତମାମ ସୁବିଧା ସୁଯୋଗ ମିଳିବ। ଏଠାରେ କଟକ ପ୍ରସିଦ୍ଧ ଚାନ୍ଦି ତାରକସି କାମ ମଧ୍ୟ ସ୍ଥାନ ପାଇବ। ଏଥିସହ ଏସ୍ଏଚ୍‌ଜି ସାମଗ୍ରୀକୁ ସହଜ ଉପାୟରେ ବ୍ରାଣ୍ଡିଂ ଓ ପ୍ୟାକେଜିଂ କରାଯାଇ ବିକ୍ରି କରାଯିବ। ଏଥିପାଇଁ ସିଏମ୍ସି ପକ୍ଷରୁ ପଦକ୍ଷେପ ନିଆଯାଉଥିବାବେଳେ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିକ୍ରିବଟା ଓ ମାର୍କେଟ ପାଇଁ ଆଉ ଏକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଖୁବ୍‌ଶୀଘ୍ର ଏହି ବଜାର କାମ ଶେଷ ହେବାପରେ ବିକ୍ରିବଟା ବ୍ୟବସ୍ଥା କରାଯିବ। ମାର୍ଚ୍ଚ ମାସ ଦ୍ୱିତୀୟ ସପ୍ତାହ ସୁଦ୍ଧା ବଜାର ଆରମ୍ଭ ହେବା ନେଇ ଆକଳନ କରାଯାଉଛି।



ମିଶନଶକ୍ତି ବଜାର କାର୍ଯ୍ୟାଳୟ ପାଇଁ କାମ ଚାଲିଛି ।

## ସଂକ୍ଷେପରେ

### ମହାପ୍ରଭୁଙ୍କ ବେଣ୍ଟ ନୀତି ସମ୍ପନ୍ନ

ପୁରୀ ଅଫିସ, ୨୭।୨: ଫାଲଗୁନ ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥି ସୋମବାର ଅବସରରେ ଶ୍ରୀଜଗନ୍ନାଥ ବଲ୍ଲଭ ପରିସରସ୍ଥ ବେଣ୍ଟ ପୋଖରୀରେ ଚଳିତ ବର୍ଷର ମହାପ୍ରଭୁଙ୍କ ତୃତୀୟ ବେଣ୍ଟ (ଶିକାର) ନୀତି ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହମାନଙ୍କର ମଙ୍ଗଳ ଆଳତି ସରିବା ପରେ ମହାଜନ ସେବକମାନେ ନୀତି ନିମନ୍ତେ ଦକ୍ଷିଣଘରୁ ଶ୍ରୀରାମଚନ୍ଦ୍ରଙ୍କ ବିଗ୍ରହକୁ ରତ୍ନସିଂହାସନ ନିକଟକୁ ନେଇଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ପ୍ରଦାନ କରିଥିଲେ। ଏହାପରେ ମହାଜନ ସେବକମାନେ ବେଣ୍ଟ ନୀତି ନିମନ୍ତେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ବିମାନରେ ବିଜେ କରାଇଥିଲେ। ପରେ ବିମାନବଡୁ ସେବକମାନେ ବିମାନରେ ଠାକୁରଙ୍କୁ ନେଇ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରାଇଥିଲେ। ସେଠାରେ ମହାଜନ ସେବକ ଠାକୁରଙ୍କୁ ଖଟରେ ବିଜେ କରାଇଥିଲେ। ବନ୍ଦାପନା ପରେ ମହାଜନଙ୍କ ହସ୍ତରେ ବେଣ୍ଟ ନୀତି ନିମନ୍ତେ ବେଣ୍ଟ ପୋଖରୀକୁ ପ୍ରଭୁ ଶ୍ରୀରାମଚନ୍ଦ୍ର ବିଜେ ହୋଇଥିଲେ। ଶରଗୁଡ଼ିକୁ ମହାପ୍ରଭୁଙ୍କ ଶ୍ରୀହସ୍ତରେ ଲଗାଇ ପୂଜାପଣ୍ଡା ସାମନ୍ତ ଅଭିମନ୍ତ୍ରିତ କରି ଲେଙ୍କା ସେବକ ବା ଦଳବେହେରାଙ୍କୁ ଦେଇଥିଲେ। ଲେଙ୍କା ସେବକ ପଇଡ଼ଗୁଡିକୁ ମୃଗ ଭାବେ ବିବେଚନା କରି ଶରବିଦ୍ଧ କରିଥିଲେ। ଏହି ନୀତି ନିମନ୍ତେ ସେଠାରେ ପୂର୍ବରୁ ୬ଟି ପଇଡ଼ ରଖାଯାଇଥିଲା। ତନ୍ମଧ୍ୟରୁ ଲେଙ୍କା ସେବକ ୫ଟିରେ ତୀର ମାରିଥିଲେ। ଗୋଟିଏ ଅକ୍ଷତ ଅବସ୍ଥାରେ ସାଙ୍ଗରେ ନେଇଆସିଥିଲେ। ଏହାପରେ ଅବକାଶ, ମଇଲମ, ସ୍ନାନ, ଶୀତଳ ଭୋଗ, କର୍ପୂର ଆଳତି, ବନ୍ଦାପନା ଆଦି ନୀତି କରାଯାଇଥିଲା। ପରେ ଠାକୁର ବିମାନରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

### ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଦାବିପତ୍ର

କୋଣାର୍କ,୨୭।୨(ଡି.ଏନ୍.ଏ.): କୋଣାର୍କ ବନ ବିଭାଗ ଦ୍ୱାରା ପରିଚାଳିତ ୧୯ଟି ଇକୋ ଡେଭେଲପମେଣ୍ଟ କମିଟିର ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଇକୋ ଡେଭେଲପମେଣ୍ଟ କମିଟି ସମୂହ ପକ୍ଷରୁ ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଖବରରୁ ପ୍ରକାଶ ଯେ, କୋଣାର୍କ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ୧୯ଟି ଇକୋ ଡେଭେଲପମେଣ୍ଟ କମିଟିର ମାଇକ୍ରୋ ପ୍ଲାନର କାର୍ଯ୍ୟକାରୀ କରିବା, ପ୍ରତ୍ୟେକ ସମିତି ନିମନ୍ତେ ସ୍ଥାୟୀ ଗୃହ ନିର୍ମାଣ, ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ସାଇନ ବୋର୍ଡ ଲଗାଇବା, ଇକୋ ରିଟ୍ରିଟ ଯୋଗୁ କଇଁଛମାନଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ବାଧାପ୍ରାପ୍ତର ସୁବିଚାର କରିବା, ଜଙ୍ଗଲ ସୀମା ସୁରକ୍ଷିତ ରଖିବା ପାଇଁ ପ୍ରାଚୀର ନିର୍ମାଣ ଆଦି ୫ଦଫା ଦାବି ସମ୍ବଳିତ ଦାବିପତ୍ର କାର୍ଯ୍ୟକାରୀ କରିବା ପାଇଁ ସୂର୍ଯ୍ୟ ନାରାୟଣ ଇକୋ ଡେଭେଲପମେଣ୍ଟ କମିଟି ମହାସଂଘ ପକ୍ଷରୁ ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କୁ ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ମହାସଂଘର ସଭାପତି ଭାଗୀରଥି ସ୍ୱାଇଁ, ସମ୍ପାଦକ ବିଶ୍ୱଜିତ ନାୟକ, ରାଉଳପାଟଣା ଇଡିସି ସଭାପତି ପହଲି କାଣ୍ଡି, କୁଞ୍ଜମଠ ଇଡିସି ସଭାପତି ଆଲୋକ ଦାସ, ମାଙ୍କରଗୋରଡି ଇଡିସି ସଭାପତି ବିନାୟକ ସ୍ୱାଇଁ ଓ ନାଗାମଠ ଇଡିସି ସଭାପତି ରବୀନ୍ଦ୍ର ନାଥ ଗଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ।

### ଗାଡ଼ି ଧକ୍କାରେ ଯୁବକ ମୃତ

କୃଷ୍ଣପ୍ରସାଦ,୨୭।୨(ଡି.ଏନ୍.ଏ.): କୃଷ୍ଣପ୍ରସାଦ ବ୍ଲକ ସିଆଳ-ମାଲୁଦ ରାସ୍ତା ନଳିତାକୁଦି ଛକରେ ଏକ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପାରିକୁଦଗଡ଼ ଅଞ୍ଚଳର ତାରିଣୀ ପଣ୍ଡା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ମା'ଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୦/୨୩) ରୁଜୁ କରିଛି।

# ସୁରକ୍ଷିତ ପୃଥିବୀ ପାଇଁ ସୁସ୍ଥ ପରିବେଶ ଜରୁରୀ

**ମୁଭ୍ ଫର୍ ଆର୍ଥ କାର୍ଯ୍ୟକ୍ରମ ଉଦ୍‌ଘାଟିତ**

- ଶୋଭାଯାତ୍ରା, ବାଲୁକା କଳା ମାଧ୍ୟମରେ ସଚେତନତା
- ପ୍ରଦୂଷଣ ରୋକିବା, ଚାରାରୋପଣ ଉପରେ ଗୁରୁତ୍ୱ




ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଶୋଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି।




ପୁରୀ ବେଳାଭୂମି ଅଭିମୁଖେ ବାହାରିଥିବା ସଚେତନତା ଶୋଭାଯାତ୍ରା।

ପୁରୀଅଫିସ/କୋଣାର୍କ, ୨୭।୨(ଡି.ଏନ୍.ଏ.)

ସ୍ୱେଚ୍ଛାସେବୀ ସଙ୍ଗଠନ ପ୍ରେରଣା ଓ କୋଲକାତାର 'ସୁଇଚ୍ ଅନ୍ ଫାଉଣ୍ଡେଶନ'ର ମିଳିତ ସହଯୋଗରେ ପୁରୀଠାରୁ ବଲାଙ୍ଗୀର ଜିଲା ପର୍ଯ୍ୟନ୍ତ ୭ଦିନ ବ୍ୟାପୀ ଆୟୋଜନ ହେଉଥିବା 'ମୁଭ୍ ଫର୍ ଆର୍ଥ' ଅଭିଯାନ ରବିବାର ପୁରୀ ଜିଲା ସଂସ୍କୃତି ଭବନରେ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ସାଇକେଲ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ସୁସ୍ଥ ପରିବେଶ ବିନା ଜୀବଜଗତ ତିଷ୍ଠିବା ସମ୍ଭବ ନୁହେଁ ବୋଲି ସେ କହିଥିଲେ।

ଶୋଭାଯାତ୍ରାକାରୀମାନେ ପରିବେଶ ସୁରକ୍ଷା, ପୃଥିବୀ ସୁରକ୍ଷା, ବୃକ୍ଷରୋପଣ ଆଦି ସମ୍ପର୍କରେ ସ୍ଲୋଗାନ ଦେଇ ପ୍ଲାକାର୍ଡ ଓ ବ୍ୟାନର ମାଧ୍ୟମରେ ସଚେତନତା ସୃଷ୍ଟି କରି ସମୁଦ୍ରକୂଳ ପର୍ଯ୍ୟନ୍ତ ଯାଇଥିଲେ। ଏଥିରେ ୮୦୦ ଯୁବକ, ଛାତ୍ର, କୃଷକ ଏବଂ ସାମାଜିକ କାର୍ଯ୍ୟକର୍ତ୍ତା ସାମିଲ ଥିଲେ। ବେଳାଭୂମିରେ ଶିଳ୍ପୀ ସୁଦାମ ପ୍ରଧାନଙ୍କ ଦ୍ୱାରା ପ୍ରସ୍ତୁତ ପରିବେଶ ସୁରକ୍ଷା ସମ୍ପର୍କିତ ବାଲୁକା କଳାକୁ ଅତିଥି ଓ ଶୋଭାଯାତ୍ରାକାରୀମାନେ ଦେଖି ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରେରଣାର ସଭାପତି ତଥା ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ ଏହି ଅଭିଯାନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶ୍ରୀଚନ୍ଦନ କହିଥିଲେ, ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ, ଉତ୍ତାପ ବୃଦ୍ଧି ଓ ପରିବେଶ ପ୍ରଦୂଷଣ ଜନିତ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ଏଥିପାଇଁ ବ୍ୟାପକ ଚାରାରୋପଣ, ଶିଳ୍ପାୟନ ପାଇଁ ବୃକ୍ଷଛେଦନ ବନ୍ଦ, ଅତ୍ୟଧିକ ଗାଡ଼ିମୋଟର ଚାଳନା ଓ ପଲିଥିନ ଆଦି ବ୍ୟବହାର ପ୍ରତି ଦୃଷ୍ଟି ନ ଦେଲେ ପୃଥିବୀ କ୍ରମଶଃ ଧ୍ୱଂସ ଆଡ଼କୁ ଗତି କରିବ। ତେଣୁ ବ୍ୟାପକ ବୃକ୍ଷରୋପଣ ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ। କାର୍ଯ୍ୟକ୍ରମରେ ସୁଇଚ୍ ଅନ୍ ଫାଉଣ୍ଡେଶନର ସହପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ବିନୟ ଜାଜୁ ଯୋଗଦେଇ କହିଥିଲେ, ଉତ୍ତପ୍ତ ପୃଥିବୀରେ ଜୀବଜଗତ ତିଷ୍ଠି ରହିବା ଅସମ୍ଭବ। ତେଣୁ ପୃଥିବୀ ମା'କୁ ସୁରକ୍ଷିତ ରଖିବା ପାଇଁ ପରିବେଶକୁ ସ୍ୱଚ୍ଛ ରଖିବା ସହିତ ଉତ୍ତାପ ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ଆଦି ଯେପରି ନ ଘଟେ ସେଥିପାଇଁ ସମ୍ମିଳିତ ଭାବରେ କାର୍ଯ୍ୟ କରିବା ଆବଶ୍ୟକ। ନେହେରୁ ଯୁବ କେନ୍ଦ୍ରର ଜିଲା ଯୁବ ଅଧିକାରୀ ଜୟଶଙ୍କର ଯୋଶୀ ଯୋଗଦେଇ ଥିଲେ। ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ମନୋଜ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ସେହିପରି କୋଣାର୍କରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପେସାଦାର ସାମ୍ବାଦିକ ସଂଘର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ଓ କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ ଯୋଗଦେଇଥିଲେ।

### ୧୩ କିଲୋ ଗଞ୍ଜେଇ ଜବତ

ପୁରୀ ଅଫିସ,୨୭।୨

ପୁରୀ ରେଳଷ୍ଟେଶନରୁ ଆର୍‌ପିଏଫ୍ ଓ ଜିଆର୍‌ପି ମିଳିତ ଭାବେ ସୋମବାର ୧୩ କିଲୋ ୨୦୦ଗ୍ରାମ ଗଞ୍ଜେଇ ଜବତ କରିଛନ୍ତି। ଏହି ଘଟଣାରେ ବିହାର ଜିଲା ନସିରଗଞ୍ଜ ଅଞ୍ଚଳରର ଜଣେ ନାବାଳକଙ୍କୁ କାବୁ କରାଯାଇଛି। ପରେ ତାକୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯିବା ପରେ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ସୋମବାର ପୂର୍ବାହ୍ନ ୧୦ଟା ୪୦ମିନିଟ ସମୟରେ ଆର୍‌ପିଏଫ ଟିମ ରେଳଷ୍ଟେଶନରେ ଯାଞ୍ଚ କରୁଥିଲେ। ଏହି ସମୟରେ ଉକ୍ତ ନାବାଳକ ଜଣକ ୭ନମ୍ବର ପ୍ଲାଟଫର୍ମରେ ଏକ ନୀଳରଙ୍ଗର ବ୍ୟାଗ ଧରି ଛିଡ଼ା ହୋଇଥିଲା। ଏହାଦେଖି ଆରପିଏଫ୍ କର୍ମଚାରୀଙ୍କ ସନ୍ଦେହ ହୋଇଥିଲା। ତେଣୁ ଉକ୍ତ ବ୍ୟାଗକୁ ଯାଞ୍ଚ କରିବାରେ ସେଥିରୁ ୯ପ୍ୟାକେଟ ଗଞ୍ଜେଇ ମିଳିଥିଲା। ପରେ ସେସବୁ ସତ ମାନିଥିଲା। ଉକ୍ତ ଗଞ୍ଜେଇକୁ ସେ ବିହାର ରୋହତାସ ଜିଲାର ଦେହରି ଅଞ୍ଚଳକୁ ନେଉଥିବା କହିଥିଲା। ତେବେ ନାବାଳକ ଜଣକ ପୁରୀରୁ ଉକ୍ତ ଜିନିଷ କାହାଠାରୁ ଆଣିଲା, ସେନେଇ ଜିଆରପି ଖୋଳତାଡ଼ କରୁଛି। ଉକ୍ତ ଗଞ୍ଜେଇ ଜବତ ହେବା ସମୟରେ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ରାମଚନ୍ଦ୍ର ପଟ୍ଟନାୟକ ଉପସ୍ଥିତ ଥିଲେ।




ନିମାପଡ଼ା ମହାବିଦ୍ୟାଳୟରେ ନୟାସବେରା ୟୁଥ୍ ଟ୍ରଷ୍ଟ ପକ୍ଷରୁ ପରିବେଷିତ ନାଟକ 'ବିଷ ବଳୟରେ ଆଜି ଏ ପୃଥିବୀ'ର କଳାକାରଙ୍କ ସହ ଅନ୍ୟମାନେ।

### ବାୟୁ ପ୍ରଦୂଷଣ ସମ୍ପର୍କିତ କର୍ମଶାଳା

ନିମାପଡ଼ା,୨୭।୨(ଡି.ଏନ୍.ଏ.)

କୋଲକାତାର ସୁଇଚ୍ ଅନ୍ ଫାଉଣ୍ଡେଶନ ଆନୁକୂଲ୍ୟରେ ନିମାପଡ଼ା ନୟାସବେରା ଟ୍ରଷ୍ଟ ପକ୍ଷରୁ ବିଶ୍ୱକୁ ବଞ୍ଚାଇ ରଖିବା (ମୁଭ ଫର ଆର୍ଥ) ଲକ୍ଷ୍ୟ ନେଇ ଓ ବାୟୁ ପ୍ରଦୂଷଣ ସମ୍ପର୍କୀତ ଏକ କର୍ମଶାଳା ସୋମବାର ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ନୟାସବେରା ୟୁଥ୍ ଟ୍ରଷ୍ଟ ପକ୍ଷରୁ ନିର୍ମଳ ପରିଜାଙ୍କ ରଚିତ ଏକ ସଚେତନତା ଧର୍ମୀ ନାଟକ 'ବିଷ ବଳୟରେ ଆଜି ଏ ପୃଥିବୀ' ମଞ୍ଚସ୍ଥ ହୋଇଥିଲା। ଟ୍ରଷ୍ଟର କଳାକାର ଏହି ନାଟକକୁ ପରିବେଷଣ କରିଥିଲେ। ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ଜଗତପ୍ରସାଦ ସାବୁତ୍, ଅଧ୍ୟକ୍ଷ ରମାକାନ୍ତ ଦାଶ, ପ୍ରଶାସନିକ ଅଧିକାରୀ ପୁଷ୍ପିତା ରାଜଗୁରୁ, ଅଧ୍ୟାପକ ମାନସ ରଞ୍ଜନ ସ୍ୱାଇଁ, ସୁଇଚ୍ ଅନ୍ ଫାଉଣ୍ଡେଶନର ପରିଚାଳନା ନିର୍ଦ୍ଦେଶତ ଏମ୍‌ଡି ବିନୟ ଜାଜୁ, ଶହୀଦ ସ୍ମୃତି ସଂସଦ(ନିମାପଡ଼ା) ସମ୍ପାଦକ ଡ. ବେଣୁଧର ସେନାପତି, ଟ୍ରଷ୍ଟ ସଭାପତି ବିଶ୍ୱରଞ୍ଜନ ତ୍ରିପାଠୀ, ସମ୍ପାଦକ ନିର୍ମଳ ପରିଜା ପ୍ରମୁଖ ଯୋଗଦେଇଥିଲେ। ସମାରୋହରେ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ଛାତ୍ରୀଛାତ୍ର, କଳାପ୍ରେମୀ ଯୋଗଦେଇଥିଲେ।

# ସାମ୍ବାଦିକ ଗଜେନ୍ଦ୍ର ମହାରଣାଙ୍କ ସ୍ମୃତିଚାରଣ



ସ୍ମୃତି ସଭାରେ ଏସ୍‌ପି କନୱର ବିଶାଳ ସିଂ ଏବଂ ଅନ୍ୟମାନେ।

ପୁରୀ ଅଫିସ, ୨୭।୨:

ବର୍ଷୀୟାନ ସାମ୍ବାଦିକ ଗଜେନ୍ଦ୍ର ମହାରଣାଙ୍କ ଶେଷକୃତ୍ୟ ସୋମବାର ପୁରୀ ସ୍ୱର୍ଗଦ୍ୱାରରେ ସମ୍ପନ୍ନ ହୋଇଛି। ପୁତ୍ର ଅଭିଳାଷ ମହାରଣା ମୁଖାଗ୍ନି ଦେଇଥିଲେ। ଏହି ସମୟରେ ତାଙ୍କ ପରିବାରବର୍ଗ ଓ ସମ୍ପର୍କୀଙ୍କ ସମେତ ବହୁ ଖବରଦାତା ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଅପରାହ୍ନରେ ନାୟକ ପ୍ଲାଜାରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବଦ୍ରି ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏସ୍‌ପି କନୱର ବିଶାଳ ସିଂ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ତାଙ୍କ ସ୍ମୃତିଚାରଣ କରି କହିଥିଲେ, ପୁରୀର ବିକାଶ, ଶ୍ରୀମନ୍ଦିର ସୁରକ୍ଷା, ଐତିହ୍ୟ କରିଡ଼ର ଓ ସ୍ଥାନୀୟ ଅଧିବାସୀଙ୍କ ଭୂସମ୍ପତ୍ତି ସୁରକ୍ଷା ପାଇଁ ସ୍ୱର୍ଗତ ମହାରଣାଙ୍କ ଅବଦାନକୁ ପୁରୀବାସୀ ମନେରଖିବେ। ଜିତେନ୍ଦ୍ର ମିଶ୍ରଙ୍କ ଆବାହକତ୍ୱରେ ଏହି କାର୍ଯ୍ୟକ୍ରମରେ ଗୌରହରି ପ୍ରଧାନ, ଚକ୍ରଧର ମହାପାତ୍ର, ରଜତ ପ୍ରତିହାରୀ, ହେକ୍ଟର ମିଶ୍ର, ରାଜେଶ ମହାନ୍ତି, ରାଜା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶ୍ୟାମାକାହ୍ନା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଜିଲାରେ ଜଳସେଚନ ସମସ୍ୟା ଦୂର ହେବ

**କୃଷକ ମହାସଂଘକୁ ପ୍ରତିଶ୍ରୁତି ଦେଲେ ଅଧୀକ୍ଷଣ ଯନ୍ତ୍ରୀ**

ପୁରୀ ଅଫିସ, ୨୭।୨:

ପୁରୀ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ସୋମବାର ଜଳସେଚନ ବିଭାଜନ କାର୍ଯ୍ୟାଳୟରେ ଅଧୀକ୍ଷଣ ଯନ୍ତ୍ରୀ ଓ ନୀଳାଚଳ କୃଷକ ମହାସଂଘର ପ୍ରତିନିଧି ଦଳଙ୍କ ମଧ୍ୟରେ ଜଳସେଚନ ସମସ୍ୟା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାସଂଘର ରାଜ୍ୟ ସଭାପତି ଗୋପୀନାଥ ମିଶ୍ର, ଉପଦେଷ୍ଟା ମଣ୍ଡଳୀ ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ର, ଉପସଭାପତି ପ୍ରକାଶ କୁମାର ନାୟକ, କଣାସ ବ୍ଲକ ସଭାପତି କେଦାରେଶ୍ୱର ପରିଡ଼ା, ସତ୍ୟବାଦୀ ବ୍ଲକ ସଭାପତି ସୁଶାନ୍ତ କୁମାର ଶତପଥି, ପୁରୀ ସଦର ବ୍ଲକ ସଭାପତି ଅରକ୍ଷିତ ଦାସ ଏବଂ ଦଳିତ ସେଲ୍ ଅଧ୍ୟକ୍ଷ ମହେଶ୍ୱର ବେହେରାଙ୍କ ସମେତ ବରିଷ୍ଠ ଚାଷୀ ଉପସ୍ଥିତ ଥିଲେ। ପୁରୀ ଜିଲାର ସମସ୍ତ ଚାଷଜମିକୁ ଜଳସେଚନ ବ୍ୟବସ୍ଥା କରିବା, କେନାଲଗୁଡିକର ପୁନରୁଦ୍ଧାର ଓ ବନ୍ୟା ନିୟନ୍ତ୍ରଣ ପାଇଁ ନଦୀବନ୍ଧ ସୃଦୃଢ଼ୀକରଣ ଉପରେ ମୁଖ୍ୟତଃ ଆଲୋଚନା ହୋଇଥିଲା। ଜିଲାର କେନାଲଗୁଡ଼ିକ ଜବରଦଖଲ ହୋଇସାରିଲାଣି ଓ ପାଣି ପଞ୍ଚାୟତଗୁଡ଼ିକ ଠିକ ଭାବେ କାର୍ଯ୍ୟ କରୁନାହିଁ ବୋଲି ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଥିଲା। ୨୦୧୯ ମାର୍ଚ୍ଚ ୧୬ରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ନିଷ୍ପତ୍ତି ହୋଇଥିବା କାର୍ଯ୍ୟଗୁଡ଼ିକ ଠିକ ଭାବେ ହେଉନାହିଁ ବୋଲି ରାଜ୍ୟ ସଭାପତି ମିଶ୍ର ଅଭିଯୋଗ କରିଥିଲେ। ମହାସଂଘ ଦ୍ୱାରା ଉପସ୍ଥାପିତ ଦାବିଗୁଡ଼ିକୁ ପର୍ଯ୍ୟାୟ କ୍ରମେ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକାରୀ କରାଯିବା ସହ ଜିଲାପାଳଙ୍କୁ ଅବଗତ କରାଯିବ ବୋଲି ଅଧୀକ୍ଷଣ ଯନ୍ତ୍ରୀ ଇଂ. ରତ୍ନାକର ଦଳାଇ ପ୍ରତିଶ୍ରୁତି ଦେଇଥିବା ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ଆବାସ ଯୋଜନା ଦାବିରେ ବିକ୍ଷୋଭ

ସାକ୍ଷୀଗୋପାଳ,୨୭।୨ (ଡି.ଏନ.ଏ./ସ୍ୱ.ପ୍ର.)




ସମସ୍ତ ଗରିବ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା ସହ ଫନୀ ସହାୟତାରୁ ବଞ୍ଚିତ କ୍ଷତିଗ୍ରସ୍ତ ଲୋକଙ୍କୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଦାବିକରି ପ୍ରୟାସ ନାମକ ଏକ ସଂଗଠନ ପକ୍ଷରୁ ସତ୍ୟବାଦୀରେ ଗଣ ବିକ୍ଷୋଭ କରାଯାଇଥିଲା। ସୋମବାର ଶତାଧିକ ମହିଳା, ପୁରୁଷ ହାତରେ ପ୍ଲାକାର୍ଡ ଓ ବ୍ୟାନର ଧରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଭାଜପାର ବରିଷ୍ଠ ନେତା କୃଷ୍ଣ ଜଗଦେବଙ୍କ ନେତୃତ୍ୱରେ ସଂଗଠନର ଛାମୁଆ କର୍ମକର୍ତ୍ତାମାନେ ନିଜର ହକ ହାସଲ ନ କରିବା ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିବାକୁ ଉପସ୍ଥିତ ବିକ୍ଷୋଭକାରୀଙ୍କୁ ଆହ୍ୱାନ ଦେଇଥିଲେ। ସଭାରେ ଶାସକ ଦଳ ଓ ପ୍ରଶାସନିକ କଳକୁ ଦୃଢ଼ ନିନ୍ଦା କରାଯାଇଥିଲା। ପ୍ରାରମ୍ଭରେ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏପରିକି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସହାୟତା ଆଶାୟୀମାନେ ଏହି ଅବସରରେ ନିଜର ଦରଖାସ୍ତ ବ୍ଲକ କାର୍ଯ୍ୟାଳୟରେ ଦାଖଲ କରିଥିଲେ। ତେବେ ଏହି ଜନ ସମାବେଶ ଭାଜପା ବିଗୃପର ଶକ୍ତି ପ୍ରଦର୍ଶନ ବୋଲି ସାଧାରଣରେ ଚର୍ଚ୍ଚା ହୋଇଛି।

### ଟ୍ରାକ୍ଟର ଧକ୍କାରେ ଖବରଦାତା ଗୁରୁତର

ବାଲୁଗାଁ,୨୭।୨(ଡି.ଏନ୍.ଏ.): ବାଲୁଗାଁ ବାଇପାସ୍ ୧୬ନଂ. ଜାତୀୟ ରାଜପଥର ଧୂଆଁଳ ଓଭରବ୍ରିଜ୍ ଛକଠାରେ ଟ୍ରାକ୍ଟର ଧକ୍କାରେ ଖବରଦାତା ପ୍ରତାପ କୁମାର ମହାରଣା ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ଏମ୍‌ସ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ସୋମବାର ଅପରାହ୍ନ ୩ଟାରେ ପ୍ରତାପ କୌଣସି ଏକ ଖବର ସଂଗ୍ରହ କରି ଫେରୁଥିଲେ। ଧୂଆଁଳ ଓଭରବ୍ରିଜ୍‌ଠାରେ ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା କମ୍ପାନୀର ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ପ୍ରତାପଙ୍କ ସ୍କୁଟି ପଛକୁ ଧକ୍କା ଦେଇଥିଲା। ଫଳରେ ସେ ଗାଡ଼ିରୁ ଛିଟିକି ପଡ଼ିବାରୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା।

# ବକୁଳବନ ମହୋତ୍ସବ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ସାକ୍ଷୀଗୋପାଳ,୨୭।୨(ଡି.ଏନ୍.ଏ./ସ୍ୱ.ପ୍ର.)

୧୮ତମ ବକୁଳବନ ମହୋତ୍ସବ ସୋମବାର ପଞ୍ଚସଖା ପାଠାଗାରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସାଧୁଚରଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ପ୍ରତିଭା ମହାରଥୀ, ମୁଖ୍ୟ ବକ୍ତା ରୂପେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ସମ୍ମାନିତ ଅତିଥି ରୂପେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ରାଜେଶ କୁମାର ମିଶ୍ର, ରାଜକିଶୋର ସ୍ୱାଇଁ, ଶରତ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଯଯାତି କେଶରୀ ରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରତିଭାମାନଙ୍କୁ ଅତିଥିମାନେ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ଉପ ସଭାପତି ଲକ୍ଷ୍ମୀପ୍ରସାଦ ପାଣି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉପେନ୍ଦ୍ର ବିଶ୍ୱାଳ, ଲିଲିମା ରଥ, ମାନସ ରାଉତ, ବିହାରୀ ବିଶ୍ୱାଳ, ସୁଜାତା ଦେବୀ ଓ ବିଶାଖା ଦେବୀ ପ୍ରମୁଖ ସହଯୋଗ କରିଥିଲେ। କମିଟିର ଉପଦେଷ୍ଟା ସଚ୍ଚିକାନ୍ତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଓଗାଳପଡ଼ାକୁ ହରାଇ ଝାରପଡ଼ା ଚାମ୍ପିୟନ

**ମା' ମଙ୍ଗଳା କ୍ରିକେଟ କପ୍ ଉଦ୍‌ଯାପିତ**

ଡେଲାଙ୍ଗ,୨୭।୨(ଡି.ଏନ୍.ଏ.)



ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

ମା' ମଙ୍ଗଳା କ୍ରିକେଟ କ୍ଲବ ପକ୍ଷରୁ ୨ୟ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟ ଡେଲାଙ୍ଗ ବ୍ଲକର ଝାରପଡା ମିନି ଷ୍ଟାଡିୟମଠାରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ଫାଇନାଲ ମ୍ୟାଚରେ ଓଗାଳପଡାକୁ ହରାଇ ଝାରପଡା ଚାମ୍ପିୟନ ହୋଇଛି। ଓଗାଳପଡା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରୁ ୧୬ ଓଭର ୩ଟି ବଲରେ ସମସ୍ତ ୱିକେଟ ହରାଇ ୧୦୫ ରନ ସଂଗ୍ରହ କରିଥିଲା। ଜବାବରେ ଝାରପଡା ୩ ୱିକେଟ ହରାଇ ୧୦୬ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଚାମ୍ପିୟନ ଦଳର ସିଦ୍ଧାନ୍ତ ଭଞ୍ଜ ମ୍ୟାନ ଅଫ୍ ଦି ମ୍ୟାଚ୍ ଏବଂ ଶ୍ରୀନିବାସ ବେହେରାଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ଘୋଷଣା କରାଯାଇଥିଲା। ଲକ୍ଷ୍ମଣ ବେହେରା ଓ ଶୁଶାନ୍ତ ଚମ୍ପତି ମ୍ୟାଚ ପରିଚାଳନା କରିଥିଲେ। କ୍ରିକେଟ କ୍ଲବ ସଭାପତି ବିଜୟ ନାୟକ ଗତ ୨୫ ତାରିଖରେ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିବାବେଳେ ମୋଟ ୧୬ଟି ଟିମ୍ ଏଥିରେ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ଭାଜପା ଜିଲା ସଭାପତି ଆଶ୍ରୀତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ଚାମ୍ପିୟନ୍ ଟ୍ରଫି ଏବଂ ରନର୍ସ ଅଫ୍ ଦଳକୁ ରନର୍ସ ଅଫ୍ ଟ୍ରଫି ପ୍ରଦାନ କରିଥିଲେ। ଲକ୍ଷ୍ମଣ ବେହେରା ଓ ଶୁଶାନ୍ତ ଚମ୍ପତି ମ୍ୟାଚ ପରିଚାଳନା କରିଥିଲେ। ଶୁଭଶ୍ରୀ ଭୂଇଁଆ, ପ୍ରିୟଦର୍ଶନ ଜେନା ଓ ବିଜୟ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବେଆଇନ ଗୋଚାଲାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ

**ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

ପୁରୀ ଅଫିସ, ୨୭।୨:

ବେଆଇନ୍ ଗୋଚାଲାଣ, ଗୋ ହତ୍ୟା ଓ ଗୋ ମାଂସ ରପ୍ତାନୀକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରି ସଂସ୍କୃତି ଓ ଗୋ ସୁରକ୍ଷା ମଞ୍ଚ ପକ୍ଷରୁ ସୋମବାର ଆରକ୍ଷୀ ଅଧିକ୍ଷକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମଞ୍ଚ ଅଭିଯୋଗ ପତ୍ରରେ ଦର୍ଶାଇଛି ଯେ, ପୋଲିସ୍ ପ୍ରଶାସନ ଆଢୁଆଳରେ ଦୈନନ୍ଦିନ ରାଜରାସ୍ତାରେ ଯେଭଳି ଭାବେ ଅମାନୁଷିକ ଭାବେ ସମସ୍ତ ଆଇନ୍‌କୁ ଉଲ୍ଲଙ୍ଘନ କରି ରାଜ୍ୟ ବାହାରକୁ ଗୋ ସମ୍ପଦ ଚାଲଣ ହେଉଛି ଏହା ବିଡ଼ମ୍ବନାର ବିଷୟ। ଗୋ ଚାଲାଣ କାରୀମାନେ ଜିଲାର ବିଭିନ୍ନ ସ୍ଥାନରୁ ଛୋଟ ଛୋଟ ଯାନରେ ଗୋଚାଲାଣ ଉଦ୍ଦେଶ୍ୟରେ ଗୋରୁ ଗାଈ ମାନଙ୍କୁ ନିର୍ଯ୍ୟାତନା ଦେଇ ବୋହିଆଣି ନିର୍ଦ୍ଦିଷ୍ଟ କେତୋଟି ସ୍ଥାନ ଯଥା ସତ୍ୟବାଦୀର ଅହମଦ୍‌ପୁର, ପିପିଲି ବଜାର ନିକଟ ମୁସିଲମ ବସ୍ତି, ପିପିଲି ଦାନୋଗହିର ସହିତ ବଳଙ୍ଗା, ନିମାପଡ଼ା ଅଞ୍ଚଳର କେତୋଟି ସ୍ଥାନରେ ଅତି ଦୟନୀୟ ଅବସ୍ଥାରେ ଖରାବର୍ଷାରେ ଖାଇବାକୁ ନ ଦେଇ ବାନ୍ଧି ଦୈନନ୍ଦିନ ୪ ଚକିଆ ଯାନ ଠାରୁ ଆରମ୍ଭ କରି ୧୦ ଚକିଆ ଯାନରେ ପନିପରିବା ବୋଝେଇ କଲାଭଳି ଓଭର ଲୋଡ଼ିଙ୍ଗ କରି ବାହାର ରାଜ୍ୟକୁ ଚାଲାଣ କରୁଛନ୍ତି। ଏହି ଚାଲାଣ ଗାଡ଼ିକୁ ଜାତୀୟରାଜ ପଥରେ ପାସିଂ କରିବା ପାଇଁ ଗୋଚାଲାଣ କାରୀମାନେ ମାରଣାସ୍ତ୍ର ଧରି ଯେଉଁଭଳି ଆତଙ୍କ ସୃଷ୍ଟି କରୁଛନ୍ତି ତାହା ପୋଲିସ ଓ ପ୍ରଶାସନ ପ୍ରତି ଖୋଲା ଚାଲେଞ୍ଜ ନା କୌଣସି ବୁଝାମଣା ଅଛି ତାହା ସାଧାରଣରେ ଚର୍ଚ୍ଚା ହେଉଛି। ତେଣୁ ଏଭଳି ବେଆଇନ୍ ଗୋଚାଲାଣ, ଗୋ ହତ୍ୟା, ଗୋ ମାଂସ ରପ୍ତାନୀରେ ପୋଲିସ୍ ପ୍ରଶାସନ ରୋକ୍ ନ ଲଗାଇଲେ ଏହା ଆଗାମୀ ଦିନରେ ଭୟାବହ ପରିସ୍ଥିତି ଆଡ଼କୁ ଗତି କରିବ। ଦୈନିକ ରାଜରାସ୍ତା ଯେଉଁଭଳି ଭାବରେ ଗୋ ଚାଲାଣ କରାଯାଉଛି ସେ ଦିଗରେ ପୋଲିସ ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ ବୋଲି ମଞ୍ଚ କହିଛି। ପୁରୀ ଭୁବନେଶ୍ୱର ଜାତୀୟ ରାଜପଥ ସହ ଗ୍ରାମାଞ୍ଚଳ ରାସ୍ତାରେ ଏଭଳି ନିର୍ଯ୍ୟାତିତ ଅବସ୍ଥାରେ ଗୋରୁଗାଈ ନିଆଯାଉଥିବା ବେଳେ ପୋଲିସ ପ୍ରଶାସନ ଖବର ପାଇଲେ ମଧ୍ୟ ତାଙ୍କ ଜ୍ଞାତ ସାରରେ ହେଉଛି। ତେବେ ଏଇ ଘଟଣାକୁ ନେଇ ଗତ ବର୍ଷ ୨୦୨୨ ମସିହା ୨୮ ତାରିଖରେ ଉପଖଣ୍ଡ ପୋଲିସ ଅଧିକାରୀଙ୍କୁ ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ତେଣୁ ବେଆଇନ ଭାବରେ ଗୋ ଚାଲାଣ, ଗୋ ହତ୍ୟା ଏବଂ ଗୋ ମାଂସ ରପ୍ତାନୀରେ କରୁଥିବା ବ୍ୟକ୍ତି ବିଶେଷ ମାନଙ୍କ ବିରୋଧରେ ପୋଲିସ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପୋଲିସ ପ୍ରଶାସନ ଏଭଳି ବେଆଇନ କାର୍ଯ୍ୟ ରୋକିବା ପାଇଁ ପଦକ୍ଷପ ନେବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ମଞ୍ଚର ସମ୍ପାଦକ ପ୍ରକାଶ କୁମାର ପ୍ରଧାନ, ସଭାପତି ବାବାଜୀ ଚରଣ ଦାସ, ସଭ୍ୟ ଅଭିଜିତ୍ ବେହେରା ଏବଂ ଟ୍ରଷ୍ଟ ସଭାପତି ମହେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତି ରହି ଆରକ୍ଷୀ ଅଧିକ୍ଷକଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମିହିର ପଣ୍ଡାଙ୍କୁ ଦାବିପତ୍ର ଦେଇଥିଲେ।



ଘର ପଟ୍ଟା, ପେନ୍‌ସନ ସମେତ ବିଭିନ୍ନ ଦାବି ନେଇ ଓଡ଼ିଶା ସବୁଜ ପତ୍ରିକା ମହିଳା ମହାସଂଘ ପକ୍ଷରୁ ସୋମବାର ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ବିକ୍ଷୋଭ।(ଫଟୋ: ମନୋରଞ୍ଜନ)

# ୫ ବର୍ଷରେ ବଢ଼ିଛି ୬୫.୪୨% ମାମଲା

**ରାଜ୍ୟରେ ବଢୁଛି ଅପରାଧ ମାମଲା**

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ରାଜ୍ୟରେ ଗତ ୫ ବର୍ଷ ମଧ୍ୟରେ ଚୋରି ଓ ଡକାୟତି ମାମଲା ବୃଦ୍ଧିପାଇଛି। ଏହି ସମୟରେ ୬୫.୪୨% ଅପରାଧ ବୃଦ୍ଧି ପାଇଥିବା ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ସୋମବାର ବିଧାନସଭାରେ ସୂଚନା ଦେଇଛନ୍ତି। ୨୦୧୮ରେ ରାଜ୍ୟର ବିଭିନ୍ନ ଥାନାରେ ମୋଟ୍ ୧ଲକ୍ଷ ୭ ହଜାର ୪୦୮ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୧୯ରେ ୧ଲକ୍ଷ ୨୧ହଜାର ୫୨୫, ୨୦୨୦ରେ ୧ଲକ୍ଷ ୩୪ ହଜାର ୨୩୦ଟି, ୨୦୨୧ରେ ୧ଲକ୍ଷ ୫୫ ହଜାର ୪୨୦ଟି ଓ ୨୦୨୨ରେ ୧ଲକ୍ଷ ୭୮ହଜାର ୧୯୦ଟି ମାମଲା ପଞ୍ଜୀକୃତ ହୋଇଛି। ୨୦୨୨ରେ ୩୧୮୪ଟି ବଳାତ୍କାର ମାମଲା ରୁଜୁ ହୋଇଥିବାବେଳେ ୨୦୨୧ରେ ଏହି ସଂଖ୍ୟା ୩୩୨୭ ଥିଲା ବୋଲି ଭାଜପା ସଦସ୍ୟ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ବେହେରା କହିଛନ୍ତି।

# ବିରୋଧୀ ବର୍ଷିଲେ, ଶାସକ ସଦସ୍ୟ ପ୍ରଶଂସା କଲେ

**ବଜେଟ ଆଲୋଚନା**

- ଚିରାଚରିତ ବଜେଟ: ଜୟନାରାୟଣ
- ଓଡ଼ିଶା ଆତ୍ମନିର୍ଭରଶୀଳ ରାଜ୍ୟ ହୋଇସାରିଛି: ଅମର
- ବିଜେଡି-ଭାଜପା ମିଛରେ ଏଠି ଅଭିନୟ କରୁଛନ୍ତି: ସୁର
- ଖଣି, ପାଣି ସବୁ ବିକି ଭାଙ୍ଗି ଖାଇସାରିଲେଣି: ତାରା

ଭୁବନେଶ୍ୱର, ୨୭।୨(ବ୍ୟୁରୋ)

୨୦୨୩-୨୪ ଆର୍ଥିକ ବର୍ଷ ବଜେଟକୁ ନେଇ ସୋମବାର ଅପରାହ୍ନ ୪ଟାରେ ଗୃହରେ ଆଲୋଚନା ହୋଇଛି। ଏହି ଆଲୋଚନାରେ ଭାଗ ନେଇ ବିରୋଧୀ ସଦସ୍ୟମାନେ ବିଭିନ୍ନ ଦିଗ ଉପରେ ଆଲୋକପାତ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିବା ବେଳେ ଶାସକ ଦଳ ସଦସ୍ୟମାନେ କିନ୍ତୁ ବଜେଟର ପ୍ରଶଂସା କରିଛନ୍ତି।

ପ୍ରଥମେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଆଲୋଚନାରେ ଭାଗ ନେଇ କହିଛନ୍ତି, ଏହା ଏକ ଚିରାଚରିତ ବଜେଟ। ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ବିକାଶ ହେଲା ଭଳି ମନେ ହେଉନି। ଲୋକଙ୍କ ଆୟ ବୃଦ୍ଧି ନେଇ ସରକାରଙ୍କ ଲକ୍ଷ୍ୟ ଥିଲାଭଳି ଲାଗୁନି। ସରକାର ୧ଲକ୍ଷ ୧୩ ହଜାର କୋଟି ଟଙ୍କାର ଋଣରେ ବୁଡିକି ଅଛନ୍ତି। ବଜେଟରେ ଋଣ ଶୁଝିବାକୁ କିଛି ବ୍ୟବସ୍ଥା ନାହିଁ। ବିଭାଗଗୁଡିକ ବ୍ୟୟବରାଦ ଅର୍ଥ ଖର୍ଚ୍ଚ କରିପାରୁ ନାହାନ୍ତି। ପୋଲିସ ସଂଖ୍ୟା ରାଜ୍ୟରେ ବହୁତ କମ୍। ପୋଲିସ ବ୍ୟବସ୍ଥାର ଆଧୁନିକୀକରଣ ଲାଗି ବ୍ୟୟବରାଦ ରଖାଯାଇନି। ଚାଷୀଙ୍କ ଆୟ ରାଜ୍ୟରେ ବୃଦ୍ଧି ପାଉନାହିଁ। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ହିତାଧିକାରୀ ତାଲିକା ରାଜ୍ୟ ସରକାର ପ୍ରଦାନ କରୁନାହାନ୍ତି। ପ୍ରାଥମିକ ଶିକ୍ଷାରେ ଏ ସରକାର ଫେଲ। ରାଜ୍ୟରେ ୫ରୁ ୬ ପ୍ରକାର ଶିକ୍ଷକ ହୋଇଗଲେଣି। ସେମାନେ ଏକାଧିକ ସମୟ ଆନ୍ଦୋଳନରେ ହିଁ ଦେଉଛନ୍ତି। ରାଜ୍ୟରେ ଡ୍ରପ୍‌ଆଉଟ ହାର ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। କେନ୍ଦ୍ରୀୟ ଯୋଜନାକୁ ନିଜ ନାଁ ଦେଇ ରାଜ୍ୟ ସରକାର ହଡପ କରୁଥିବା ସେ ଅଭିଯୋଗ କରିଛନ୍ତି।

ସେହିପରି ଶାସକ ଦଳ ସଦସ୍ୟ ଅମର ପ୍ରସାଦ ଶତପଥୀ କହିଛନ୍ତି, ପ୍ରୋଗ୍ରାମ ଏକ୍ସପେଣ୍ଡିଚର ତୁଳନାରେ ପ୍ରଶାସନିକ ଖର୍ଚ୍ଚ କମ୍ ଅଛି। ଗତଥର ଅପେକ୍ଷା ପ୍ରୋଗ୍ରାମ ଏକ୍ସପେଣ୍ଡିଚର ଖର୍ଚ୍ଚ ୬୭ ପ୍ରତିଶତ ଅଧିକ ରଖାଯାଇଛି। ଓଡିଶା ଆତ୍ମନିର୍ଭରଶୀଳ ରାଜ୍ୟରେ ପରିଣତ ହୋଇସାରିଛି। ତାକୁ ଦେଖି ଭାରତକୁ ଆତ୍ମନିର୍ଭରଶୀଳ କରିବାକୁ କେନ୍ଦ୍ର ସରକାର ଚିନ୍ତା କରିଛନ୍ତି। କୋଭିଡ୍ ମହାମାରୀ ସତ୍ତ୍ୱେ ଓଡ଼ିଶାର ଅଭିବୃଦ୍ଧି ଉଲ୍ଲେଖନୀୟ ହୋଇଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ସରକାର ଉଚ୍ଚପ୍ରଶଂସିତ କାର୍ଯ୍ୟ କରିଛନ୍ତି। ଜିରୋ କାଜୁଆଲଟି ରାଜ୍ୟ ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି ଶତପଥୀ କହିଛନ୍ତି। ଏହାପରେ ସତ୍ୟନାରାୟଣ ପ୍ରଧାନ ନିଜର ବକ୍ତବ୍ୟ ରଖିଥିଲେ। ତତ୍‌ପରେ କଂଗ୍ରେସ ସଦସ୍ୟ ସୁରେଶ କୁମାର ରାଉତରାୟ କହିଛନ୍ତି ଯେ, ବିଜେଡି-ଭାଜପା ମିଛରେ ଏଠି ଅଭିନୟ କରୁଛନ୍ତି। କେନ୍ଦ୍ର ଉପରେ ଯେଉଁ ଟଙ୍କା ବାକି ଅଛି ରାଜ୍ୟ ସରକାର ତାକୁ ଆଦାୟ କରୁନାହାନ୍ତି। ଗରିବ ଲୋକମାନେ ଟଙ୍କା ବାକି ରଖିଲେ ସେମାନଙ୍କ ଲାଇନ, ପାଣି କାଟି ଦିଆଯାଉଛି। ହେଲେ ଶିଳ୍ପପତିମାନେ ହଜାର ହଜାର କୋଟି ଟଙ୍କା ବାକି ରଖିବା ସତ୍ତ୍ୱେ ସେମାନଙ୍କର କିଛି କଟୁନି। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଅତ୍ୟନ୍ତ କଦର୍ଯ୍ୟ। ରାଜଧାନୀରେ ପୋଲିସ୍ କ'ଣ କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାସହ କ୍ୟାପିଟାଲ ହସ୍ପିଟାଲ ଉପରେ ବହୁ ଲୋକ ନିର୍ଭରଶୀଳ ହେଉଛନ୍ତି। ତେଣୁ ରାଜଧାନୀରେ ଆଉ ଏକ ସରକାରୀ ହସ୍ପିଟାଲ ଖୋଲିବା ପାଇଁ ସେ ଦାବି କରିଛନ୍ତି। ଏହାପରେ ପ୍ରଫୁଲ୍ଲ ସାମଲ, ଗଣେଶ ରାମସିଂ ଖୁଣ୍ଟିଆଲ, ଲତିକା ପ୍ରଧାନ ତାଙ୍କ ବକ୍ତବ୍ୟ ରଖିଥିଲେ। କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି କହିଥିଲେ, ବିଜେଡିର ବହୁ ନେତା ଏଠି ଅନେକ କଥା କହୁଛନ୍ତି। ସେମାନେ କଂଗ୍ରେସ ସରକାର ସମୟରେ ଦରମା ଦେବାକୁ ପଇସା ନ ଥିଲା ବୋଲି କହୁଥିଲେ। ହେଲେ ଯୋଗ୍ୟ ପୁଅ କେବେ ହେଲେ ବାପ ସମ୍ପତ୍ତି ବିକ୍ରି କରି ଖର୍ଚ୍ଚ କରେନି। ଓଡ଼ିଶା ସରକାର ରାଜ୍ୟର ଖଣି, ପାଣି ସବୁ ବିକି ଭାଙ୍ଗି ଖାଇସାରିଲେଣି। ଯୁଆଡେ ଦେଖିଲେ ମଦ ଦୋକାନ। ଆଦାନୀକୁ ଖଣି ବିକିସାରିଲେଣି। ଜୟପୁର ପାହାଡ ଖୋଳି ପରୀକ୍ଷା କରିବା ଆରମ୍ଭ କରିଦେଲେଣି। ତେଣୁ ୨ ଲକ୍ଷ ୩୦ ହଜାର କୋଟି ଟଙ୍କାର ବଜେଟ ସାମାନ୍ୟ କଥା। ଇଏ ହେଉଛି ଖଣି, ମଦ ବେପାରର ସରକାର। ରାଜ୍ୟରେ ୧ଲକ୍ଷ ୩୮ ହଜାର ସରକାରୀ ପଦବୀ ଖାଲି ପଡିଛି। ଓଡ଼ିଶାରେ କଂଗ୍ରେସ ସରକାର ଥିବାବେଳେ କେତେଜଣ ଦାଦନ ବାହାରକୁ ଯାଉଥିଲେ। ସରକାର ସେକଥା ଏଠି କୁହନ୍ତୁ। କୋରାପୁଟରେ ଦାଦନ ଯାଇଥିବା ଲୋକଙ୍କ ମଧ୍ୟରୁ ମାସକୁ ୨ରୁ ୩ ଜଣ ମରୁଛନ୍ତି। କୋରାପୁଟର ଖଣି, ପାଣି ସବୁ ନେବାପରେ ସ୍ଥାନୀୟ ଯୁବତୀ, ଯୁବକଙ୍କ ପାଇଁ ନିଯୁକ୍ତି ନାହିଁ। ବିଜେଡି-ଭାଜପା ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ। ଟେଲିଫୋନ ଆସିବା କ୍ଷଣି ରାଜ୍ୟ ସଭା ଟିକେଟ ଦେଇଦେଉଛ ବୋଲି ତାରା କହିଛନ୍ତି। ଏହାପରେ ସଦସ୍ୟ ମୁକେଶ କୁମାର ପାଲ ଏବଂ ସନାତନ ବିଜୁଳି କହିଥିଲେ। ସନାତନ ରାଜ୍ୟ ସରକାରଙ୍କ ବଜେଟ୍‌କୁ କଡା ଭାଷାରେ ସମାଲୋଚନା କରିବା ସହ ଏଠି ବସ୍ତାନି ବଡ ପାଠ କମ୍ ବୋଲି କହିଥିଲେ। ଏହାପରେ ଭବାନୀ ଶଙ୍କର ଭୋଇ ବକ୍ତବ୍ୟ ରଖିଥିଲେ। ବଜେଟ ଆଲୋଚନା ଅସମ୍ପୂର୍ଣ୍ଣ ଥିବାବେଳେ ବାଚସ୍ପତି ଗୃହକୁ ମଙ୍ଗଳବାର ୧୦ଟା ୩୦ ପର୍ଯ୍ୟନ୍ତ ମୁଲତବି ରଖିଥିଲେ।

# ସରକାରୀ ହସ୍ପିଟାଲରେ ହେବ ୨୧ ହଜାର ନୂଆ ବେଡ୍

**୫ ହଜାର ଡାକ୍ତର ପଦବୀ ପୂରଣ ହେବ**

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ରାଜ୍ୟର ହସ୍ପିଟାଲଗୁଡ଼ିକରେ ଆଉ ୨୧ ହଜାର ୩୪୨ଟି ନୂଆ ବେଡ୍ ସୃଷ୍ଟି କରାଯିବ। ୨୦୧୭-୧୮ରୁ ୨୦୨୨-୨୩ ମଧ୍ୟରେ ବିଭିନ୍ନ ସରକାରୀ ହସ୍ପିଟାଲ୍‌ରେ ବେଡ୍‌ସଂଖ୍ୟା ୧୮,୧୩୦ରୁ ୨୫,୬୩୬କୁ ବୃଦ୍ଧି କରାଯାଇଛି। ସୋମବାର ପ୍ରଶ୍ନକାଳରେ ମୂଳ ପ୍ରଶ୍ନକର୍ତ୍ତା ଭାଜପା ସଭ୍ୟ ମୋହନ ଚରଣ ମାଝୀଙ୍କ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହା କହିଛନ୍ତି।

ମନ୍ତ୍ରୀ କହିଛନ୍ତି, ଉପଲବ୍ଧ ଥିବା ବେଡ୍‌ଠାରୁ ରୋଗୀସଂଖ୍ୟା ଅଧିକ ହେଲେ ଅସ୍ଥାୟୀ ବେଡ୍ କରାଯାଇ ସେବା ଯୋଗାଇ ଦିଆଯାଉଛି। ମୂଳ ପ୍ରଶ୍ନକର୍ତ୍ତା ପଚାରିଥିଲେ, ଗତ ୧୦ ବର୍ଷରେ କେତେ ବେଡ୍ ଡାକ୍ତରଖାନାରେ କରାଯାଇଛି। ୨୦୨୪ରେ କେତେ ବଢ଼ିବ। ବେଡ୍ ନ ଥିବାରୁ ରୋଗୀ ତଳେ ଶୋଉଛନ୍ତି। ରୋଗୀଙ୍କ ଦୁର୍ଦ୍ଦଶା ବଢୁଥିବା ସରକାର ଜାଣନ୍ତି କି?

ବିଜେଡି ସଭ୍ୟ ଭାଗୀରଥି ସେଠୀ, ଅନନ୍ତ ଦାସ, ପ୍ରମୋଦ ମଲ୍ଲିକ, ଦେବୀ ମିଶ୍ର, ଭାଜପା ସଭ୍ୟ ଗଣେଶରାମ ଖୁଣ୍ଟିଆ, ନବଚରଣ ମାଝି, ଶଙ୍କର ଓରାମ ପ୍ରମୁଖ ଅତିରିକ୍ତ ପ୍ରଶ୍ନରେ ନିଜ ନିର୍ବାଚନମଣ୍ଡଳୀରେ ଥିବା ସରକାରୀ ହସ୍ପିଟାଲଗୁଡ଼ିକରେ ଡାକ୍ତର ଅଭାବ ସାଙ୍ଗକୁ ବେଡ୍ ନ ଥିବା ପ୍ରସଙ୍ଗ ଉଠାଇଥିଲେ। ମନ୍ତ୍ରୀ କହିଥିଲେ, ବେଡ୍ ସଂଖ୍ୟା ବଢ଼ାଇବାକୁ ସରକାର ନିଷ୍ପତ୍ତି ନେଇଥିବା ବେଳେ ଡାକ୍ତର ଅଭାବ ଦୂର କରିବାକୁ ଆଉ ୫ ହଜାର ଡାକ୍ତର ପଦବୀ ପୂରଣ କରିବାକୁ ନିଷ୍ପତ୍ତି ହୋଇଛି। ଏହା ଦୁଇଟି ପର୍ଯ୍ୟାୟରେ ପୂରଣ କରାଯିବ। ସ୍ୱାସ୍ଥ୍ୟ ବିଭାଗର ନୂଆ ଦାୟିତ୍ୱ ନେଇଥିବାରୁ ସଭ୍ୟମାନଙ୍କ ପ୍ରଶ୍ନର ଉତ୍ତର ପରେ ଯୋଗାଇଦେବେ ବୋଲି ମନ୍ତ୍ରୀ କହିଥିଲେ।

# ତିଗିରିଆ ରାଣୀଙ୍କ ବିୟୋଗରେ ଶୋକ

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ତିଗିରିଆର ରାଣୀ ତଥା ବିଧାନସଭାର ପୂର୍ବତନ ସଦସ୍ୟା ରାସମଞ୍ଜରୀ ଦେବୀଙ୍କ ବିୟୋଗରେ ବିଧାନସଭାରେ ଶୋକ କରାଯାଇଛି। ସୋମବାର ପୂର୍ବାହ୍ନ ୧୦ଟା ୩୯ ମିନିଟ୍‌ରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଶୋକ ପ୍ରସ୍ତାବ ଆଗତ କରିବାକୁ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କହିଥିଲେ। ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ସଦସ୍ୟାଙ୍କ ଜୀବନୀ ବିଷୟରେ ସଂକ୍ଷିପ୍ତ ବିବରଣୀ ଦେବା ସହ ପରଲୋକଗତ ସଦସ୍ୟାଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବକୁ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା ସମର୍ଥନ କରିବା ସହ ସ୍ୱର୍ଗତ ସଦସ୍ୟାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ବାଚସ୍ପତିଙ୍କ ଜରିଆରେ ନିଜ ଦଳର ସମବେଦନା ଜଣାଇଥିଲେ। ଶେଷରେ ବାଚସ୍ପତି ପରଲୋକଗତ ସଦସ୍ୟାଙ୍କ ବିୟୋଗରେ ଶୋକ ପ୍ରକାଶ କରିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅମର ଆତ୍ମାର ସଦ୍‌ଗତି ପାଇଁ ଗୃହରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶୋକ ପ୍ରସ୍ତାବ ଉପରେ ୭ ମିନିଟ୍ ଆଲୋଚନା ହୋଇଥିଲା। ଏହାପରେ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା।

# ଭଟଲି ବିଧାୟକଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ: ସାଲୁଜା

**ନବ ଦାସ ହତ୍ୟା ଘଟଣା**

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ବିଜେଡି ନେତା ତଥା ଭଟଲି ବିଧାୟକ ସୁଶାନ୍ତ ସିଂଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ଦାବି କରିଛନ୍ତି। ସୋମବାର ବିଧାନସଭାର ଶୂନ୍ୟକାଳରେ ସାଲୁଜା କହିଥିଲେ, ନବ ଦାସ ହତ୍ୟାକାଣ୍ଡକୁ ୩୦ ଦିନ ବିତିଗଲାଣି। ଆଜି ପର୍ଯ୍ୟନ୍ତ କ୍ରାଇମ୍‌ବ୍ରାଞ୍ଚ କିଛି ଟେର୍ ପାଉନି। କାହିଁକି ନବ ଦାସଙ୍କୁ ହତ୍ୟା କରାଗଲା ତାହା ମଧ୍ୟ ଜଣାପଡୁନି। ଏହାପଛରେ ରାଜନୈତିକ ନା ବ୍ୟବସାୟିକ ନା ବ୍ୟକ୍ତିଗତ ଉଦ୍ଦେଶ୍ୟ ରହିଛି, ତାହା ଜଣାପଡୁନି। ଆଉ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଉପରେ ଭରସା ନାହିଁ। ଖାକିର ତଦନ୍ତ ଖାକି କିପରି କରିବ ବୋଲି ପ୍ରଶ୍ନ କରିଛନ୍ତି। ଏହି ଘଟଣାର ତଦନ୍ତ ହାଇକୋର୍ଟ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ଦ୍ୱାରା କରାଯାଉ ବୋଲି କହିଥିଲେ। ନବଙ୍କ ସାମ୍ରାଜ୍ୟ ଦଖଲ ପାଇଁ ବର୍ତ୍ତମାନ ସେଠି (ଝାରସୁଗୁଡ଼ାରେ) ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଚାଲିଛି। ତେଣୁ ଭଟଲି ବିଧାୟକଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ସାଲୁଜା କହିଛନ୍ତି।

# ରାଜ୍ୟରେ ଅଛି ୧୭ ବ୍ରିଟିଶ୍ ଅମଳର ପୋଲ

**ମରାମତି ନେଇ ବିଧାନସଭାରେ ଉଦ୍‌ବେଗ**

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ରାଜ୍ୟର ୮ ଜିଲାରେ ରହିଛି ୧୭ଟି ବ୍ରିଟିଶ୍ ଅମଳର ପୋଲ। ବାଲେଶ୍ୱର ଜିଲାରେ ୨ଟି ଥିବା ବେଳେ କଳାହାଣ୍ଡିରେ ୫, ବଲାଙ୍ଗୀରରେ ୨, ଯାଜପୁରରେ ୧, ସମ୍ବଲପୁରରେ ୧, ନୟାଗଡ଼ରେ ୧ ଏବଂ ରାୟଗଡ଼ାରେ ୫ଟି ବ୍ରିଟିଶ ଅମଳର ପୋଲ ରହିଛି। ଅତି ପୁରାତନ ଓ ଦୁର୍ବଳ ପୋଲଗୁଡ଼ିକର ସ୍ଥିତିନିରୂପଣ ତଥା ମରାମତି ଦିଗକୁ ଅନୁଧ୍ୟାନ କରିବା ପାଇଁ ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ଗବେଷଣା ପ୍ରତିଷ୍ଠାନର ସହଯୋଗ ନିଆଯାଉଛି। ବିଜେଡି ସଭ୍ୟ ଭୂପିନ୍ଦର ସିଂଙ୍କ ପ୍ରଶ୍ନର ଉତ୍ତରରେ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ସୋମବାର ପ୍ରଶ୍ନକାଳରେ ଏହି ସୂଚନା ଦେଇଛନ୍ତି। ଭାଜପା ସଭ୍ୟ ଭାସ୍କର ମଢ଼େଇ, ସନାତନ ବିଜୁଳି, ସୁକାନ୍ତ ନାୟକ, ବିଜେଡି ସଭ୍ୟ ସତ୍ୟନାରାୟଣ ପ୍ରଧାନ, ଅଶୋକ ବଳ, କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା, ସୁରେଶ ରାଉତରାୟ ପ୍ରମୁଖ ପୁରୁଣା ପୋଲ ମରାମତି ହେଉ ନ ଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ପରେ ତୁରନ୍ତ ପୋଲଗୁଡ଼ିକର ମରାମତି କରିବାକୁ ଦାବି କରିଥିଲେ।

# ସ୍ଥାୟୀ ନିଯୁକ୍ତି ଦାବିରେ କଳା, କ୍ରୀଡ଼ା ଶିକ୍ଷକଙ୍କ ଧାରଣା

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ସର୍ବଶିକ୍ଷା ଅଭିଯାନ ଯୋଜନାରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ନିଯୁକ୍ତି ପାଇଥିବା ସମସ୍ତ ଚୁକ୍ତିଭିତ୍ତିକ କଳା ଓ କ୍ରୀଡ଼ା ଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି ଦାବି ନେଇ ଓଡ଼ିଶା କଳା ଓ କ୍ରୀଡ଼ା ଶିକ୍ଷକ ମହାସଂଘ ପୁଣିଥରେ ରାଜରାସ୍ତାକୁ ଓହ୍ଲାଇଛି। ଡିସେମ୍ବର ୧୫ରୁ ଲୋୟର ପିଏମଜିରେ ମହାସଂଘ ପକ୍ଷରୁ ୩୭ଦିନ ଧରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ତେବେ 'ହକି ଇଣ୍ଡିଆ'କୁ ସମ୍ମାନ ଜଣାଇ ଶିକ୍ଷକମାନେ ଆନ୍ଦୋଳନରୁ ଓହରିଯାଇଥିଲେ। ତେବେ ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କ ପକ୍ଷରୁ ଦାବି ପୂରଣ କରାଯାଇ ନ ଥିବାରୁ ପୁଣିଥରେ ଶିକ୍ଷକମାନେ ଗଣଧାରଣାକୁ ଓହ୍ଲାଇଥିବା ମହାସଂଘର ଆବାହକ ଦେବୁ ପଟ୍ଟନାୟକ କହିଛନ୍ତି। ମାତ୍ର ୫୪୫୨ ଟଙ୍କା ମାସିକ ବେତନରେ ପ୍ରାୟ ୫ ହଜାର ପ୍ରଶିକ୍ଷକ କାର୍ଯ୍ୟ କରୁଛନ୍ତି। ଚାକିରି ନିୟମିତ କରାଯିବା ସହ ବର୍ଦ୍ଧିତ ହାରରେ ଦରମା ପ୍ରଦାନ ଦାବି ରହିଥିବା ସଂଘର ଜୀବନଜଗନ ନାୟକ କ୍ଷୋଭର ସହ ପ୍ରକାଶ କରିଛନ୍ତି। ସର୍ବଶିକ୍ଷା ଅଭିଯାନରେ ଅନୁମୋଦନପ୍ରାପ୍ତ ୮୮୬୭ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କଳା ଓ କ୍ରୀଡ଼ା ପ୍ରଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରା ନ ଗଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସଂଘର ଚନ୍ଦ୍ରଶେଖର ପାଢ଼ୀ ଚେତାବନୀ ଦେଇଛନ୍ତି।

# ମଣ୍ଡିରେ ଧାନ ପଡ଼ିବାକୁ ନେଇ ବିରୋଧୀଙ୍କ ଉଦ୍‌ବେଗ

**ମୁଲତବୀ ଆଲୋଚନା**

- ଚାଷୀ ଆତ୍ମହତ୍ୟାକୁ ସରକାର ମାନୁନାହାନ୍ତି: ବିରୋଧୀ
- ଧାନ ସଂଗ୍ରହ ସବ୍‌ସିଡି ଦେଉନି କେନ୍ଦ୍ର: ଶାସକ

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ରାଜ୍ୟରେ ଚାଷୀ ଧାନ ବିକ୍ରି କରି ନ ପାରି ଆତ୍ମହତ୍ୟା କରିଛନ୍ତି। ବୌଦ୍ଧ ଜିଲା ବାଉଁଶୁଣୀ ଗ୍ରାମର ଚାଷୀ ଧରଣୀଧର ମେହେର ମଣ୍ଡିରେ ଧାନ ବିକ୍ରି କରି ନ ପାରି ଆତ୍ମହତ୍ୟା କଲେ। ତାଙ୍କ ଭଳି ଅନେକ ଚାଷୀ ଆତ୍ମହତ୍ୟା କରୁଛନ୍ତି। ସରକାର ଏହାକୁ ମାନିବାକୁ ରାଜି ନୁହନ୍ତି। ଚାଷୀ ପ୍ରସଙ୍ଗକୁ ନେଇ ବିଧାନସଭାରେ ବିରୋଧୀ ସରକାରଙ୍କୁ ଶଣ୍ଢୁଆସି ଆକ୍ରମଣ କରିଛନ୍ତି।

ଭାଜପା ପକ୍ଷରୁ ଦିଆଯାଉଥିବା ମୁଲତବୀ ପ୍ରସ୍ତାବ 'ଧାନ ପଡ଼ିଛି ମଣ୍ଡିରେ.. ଚାଷୀ ଆଖିରେ ଲୁହ' ଶୀର୍ଷକ ଆଲୋଚନା ଆରମ୍ଭ କରି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ସେ କହିଲେ, ରାଜ୍ୟରେ ଚାଷୀ ଆତ୍ମହତ୍ୟା ବଢ଼ିଚାଲିଛି। ବୌଦ୍ଧ ଜିଲାର ଚାଷୀ ଧରଣୀଧର ଟୋକନ ଧରି ମଣ୍ଡିରେ ୨୩ ଦିନ ଅପେକ୍ଷା ପରେ ଧାନ ବିକ୍ରି କରି ନ ପାରି ସେହିଠାରେ ଟଳିପଡ଼ିଲେ। ଡାକ୍ତରଖାନାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ସେ ହୃଦ୍‌ଘାତରେ ମଲେ ବୋଲି ଡାକ୍ତର କହିଲେ। କେବଳ ଧରଣୀ ନୁହନ୍ତି, ଆହୁରି ଅନେକ ଚାଷୀ ଧାନ ବିକି ନ ପାରି ମଣ୍ଡିରେ ମାସାଧିକ କାଳ ପଡ଼ି ରହୁଛନ୍ତି। ରାଜ୍ୟରେ କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀଙ୍କ ସଂଖ୍ୟା ବଢ଼ିଚାଲିଛି। ରାଜ୍ୟରେ ୪୪୪ ମହିଳା ଚାଷୀଙ୍କୁ ମିଶାଇ ୩୬୦୦ ଚାଷୀ ଆତ୍ମହତ୍ୟା କଲେଣି। ତଥାପି ସରକାରଙ୍କ ନିଦ ଭାଙ୍ଗୁନି। ୨୦୧୫ରୁ ୨୦୦ ଚାଷୀ ଆତ୍ମହତ୍ୟା କରିସାରିଲେଣି। ଜାତୀୟ ଅପରାଧ ରେକର୍ଡ କହୁଛି, ୨୦୧୬ରେ ମାତ୍ର ୪୮ ଚାଷୀ ଆତ୍ମହତ୍ୟା କରିଛନ୍ତି। ୨୦୧୭ରୁ କୌଣସି ଚାଷୀ ଆତ୍ମହତ୍ୟା କରିନାହାନ୍ତି। ଧାନ ବିକି ନ ପାରି ବାଧହୋଇ ଚାଷୀ ଆତ୍ମହତ୍ୟା କରୁଛନ୍ତି। ଭାଜପା ସଭ୍ୟ ମୁକେଶ ମହାଲିଙ୍ଗ ଓ ସୁବାସ ପାଣିଗ୍ରାହୀ ଧାନ ବିକ୍ରିରେ ହେଉଥିବା ଅବ୍ୟବସ୍ଥା ଓ ଚାଷୀ ଆତ୍ମହତ୍ୟାକୁ ନେଇ ସରକାରଙ୍କୁ ସମାଲୋଚନା କରିଥିଲେ। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା କହିଥିଲେ, ମଣ୍ଡିରେ ଧାନ କାହିଁକି ରହୁଛି। ସରକାର ଯଦି ସବୁ ଧାନ କିଣନ୍ତେ ତେବେ ଚାଷୀ ଆତ୍ମହତ୍ୟା କରନ୍ତା ନାହିଁ। ଛତିଶଗଡ଼ ସରକାର ଚାଷୀଙ୍କୁ କୁଇଣ୍ଟାଲ ପିଛା ୨୫ ଟଙ୍କା ସହ ୧୦୦ ଟଙ୍କା ବୋନସ୍ ଦେଉଛି। ରାଜ୍ୟ ସରକାର ବୋନସ୍ ଘୋଷଣା କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଦେଲେନାହିଁ। ଟୋକନରେ ବଡ଼ ଅବ୍ୟବସ୍ଥା ହେଉଛି। ଜିଲାସ୍ତରରେ ଟୋକନ ଦେବା ବ୍ୟବସ୍ଥା କଲେ ଏ ଅସୁବିଧା ହୁଅନ୍ତାନି ବୋଲି କହିଥିଲେ। ସେହିପରି କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନିପତି ମଧ୍ୟ ଚାଷୀ ଆତ୍ମହତ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ସେ କହିଥିଲେ, ଚାଷୀ ଧାନ ବିକି ନ ପାରିଲେ ଆତ୍ମହତ୍ୟା କରିବ। ଯେଉଁ ଚାଷୀ ଆତ୍ମହତ୍ୟା କରିଥିଲେ ସେ ଚାଷୀଙ୍କର ଟୋକନ ଅବଧି ସରିଥିଲା କି? ସେ ବିଷୟରେ ମନ୍ତ୍ରୀ କହିବେ କି ବୋଲି ତାରା କହିଥିଲେ। ମୁଲତବୀ ପ୍ରସ୍ତାବକୁ ବିରୋଧ କରି ବିଜେଡି ସଭ୍ୟ ପଦ୍ମନାଭ ବେହେରା କହିଥିଲେ, ରାଜ୍ୟରେ ଚାଷୀ ଯେପରି ହଇରାଣ ହେବେନାହିଁ ସେ ନେଇ ସରକାର ସମସ୍ତ ବ୍ୟବସ୍ଥା କରିଛନ୍ତି। ଗତବର୍ଷ ରାଜ୍ୟରେ ୧୫ ଲକ୍ଷ ୮୩ ହଜାର ଚାଷୀ ଧାନ ବିକିବାକୁ ଯୋଗ୍ୟ ହୋଇଥିବା ବେଳେ ଚଳିତ ବର୍ଷ ୧୬ ଲକ୍ଷ ୬୯ ହଜାର ଚାଷୀ ଯୋଗ୍ୟ ବିବେଚିତ ହୋଇଛନ୍ତି। କେନ୍ଦ୍ର ସରକାର ଧାନକିଣାର ସବ୍‌ସିଡି ଠିକ୍ ସମୟରେ ଦେଉନାହାନ୍ତି। ଏବେ ସୁଦ୍ଧା କେନ୍ଦ୍ର ସରକାରଙ୍କ ଉପରେ ୧୧,୮୩୫ କୋଟି ଟଙ୍କାର ସବ୍‌ସିଡି ବାକି ପଡ଼ିଛି। ରାଜ୍ୟ ସରକାର ଋଣ ଆଣି ଚାଷୀଙ୍କୁ ପ୍ରାପ୍ୟ ଠିକ୍ ସମୟରେ ଦେଉଛନ୍ତି। ଟୋକନର ଅବଧି ସରୁନାହିଁ ବୋଲି କହିଥିଲେ। ବିଜେଡି ସଭ୍ୟ ଅମର ଶତପଥୀ ଓ ରମେଶ ବେହେରା ରାଜ୍ୟ ସରକାର କୃଷି, କୃଷକଙ୍କ ପାଇଁ କି କି ବ୍ୟବସ୍ଥା କରିଛନ୍ତି ସେ ସମ୍ପର୍କରେ ଉଲ୍ଲେଖ କରି ବିରୋଧୀ ଦଳଙ୍କ ଅଭିଯୋଗକୁ ଖଣ୍ଡନ କରିଥିଲେ।

# ଚାଷୀ ପଞ୍ଜୀକରଣ ୮% ବଢ଼ିଛି

- କେନ୍ଦ୍ର ଉପରେ ୧୧,୮୩୫ କୋଟି ଟଙ୍କା ସବସିଡି ବାକି
- ୧୪ ଲକ୍ଷ ଚାଷୀଙ୍କଠାରୁ ୬୨ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଛି: ମନ୍ତ୍ରୀ

ଭୁବନେଶ୍ୱର,୨୭।୨(ବ୍ୟୁରୋ)

୨୦୨୩ ଫେବୃୟାରୀ ସୁଦ୍ଧା ୧୩ ଲକ୍ଷ ଚାଷୀଙ୍କଠାରୁ ୬୨ ଲକ୍ଷ ମେଟ୍ରିକ୍ ଟନ୍ ଧାନ କ୍ରୟ କରାଯାଇଛି। ଚଳିତ ଖରିଫ ଋତୁରେ ଚାଉଳ ସଂଗ୍ରହ ପାଇଁ ଓଡ଼ିଶା ଯୋଗାଣ ନିଗମ ୨୪,୪୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଋଣଭାର ବହନ କରିଛି। କେନ୍ଦ୍ର ସରକାରଙ୍କ ଉପରେ ୨୦୨୩ ଫେବୃୟାରୀ ୨୪ ସୁଦ୍ଧା ୧୧,୮୩୫ କୋଟି ଟଙ୍କାର ଅଗ୍ରିମ ଓ ପ୍ରୋଭିଜନାଲ ସବ୍‌ସିଡି ବାବଦ ଅର୍ଥ ପଡ଼ିରହିଛି। ଭାଜପା ଦ୍ୱାରା ଆଗତ ମୁଲତବୀ ଆଲୋଚନାର ଜବାବରେ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ୨୦୦୩-୦୪ରୁ ଧାନ ବିକେନ୍ଦ୍ରୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ପୂର୍ବରୁ ଧାନ ସଂଗ୍ରହର ଭାର ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ) ଉପରେ ରହୁଥିଲା। ଏଫ୍‌ସିଆଇ ମିଲରମାନଙ୍କ ଜରିଆରେ କିଣୁଥିଲା। କିନ୍ତୁ ମିଲ୍ ମାଲିକମାନେ ମନଇଚ୍ଛା ଧାନ ସଂଗ୍ରହ କରୁଥିଲେ। ରାଜ୍ୟ ସରକାର ଧାନକିଣାକୁ ସୁବ୍ୟବସ୍ଥିତ କରିବା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ଏଥିଯୋଗୁ ଚାଷୀମାନଙ୍କୁ ଅଭାବୀ ବିକ୍ରିରୁ ରକ୍ଷା କରାଯିବା ସହ ଓଡ଼ିଶା ଏକ ଚାଉଳ ବଳକା ରାଜ୍ୟରେ ପରିଣତ ହୋଇଛି। ୨୦୨୧-୨୨ରେ ରାଜ୍ୟରେ ଖରିଫ ଧାନ ବିକ୍ରି ପାଇଁ ମୋଟ୍ ୧୫.୭୪ ଲକ୍ଷ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ୨୦୨୨-୨୩ରେ ୧୬.୯୯ ଲକ୍ଷ ପଞ୍ଜୀକୃତ ହୋଇଛନ୍ତି। ଗତବର୍ଷ ତୁଳନାରେ ଚଳିତ ଆର୍ଥିକ ବର୍ଷରେ ଚାଷୀ ପଞ୍ଜୀକରଣ ୮% ବୃଦ୍ଧି ପାଇଛି। ଧାନ ବିକ୍ରି ପାଇଁ ଆଧାର ଏକମାତ୍ର ପରିଚୟପତ୍ର। ଖରିଫ୍ ଋତୁ ପାଇଁ ଏକର ପିଛା ଜଳସେଚିତ ଜମିରୁ ୧୯ ଓ ଅଣଜଳସେଚିତ ଜମିରୁ ୧୩ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଉଛି। ୨୦୨୩ ଫେବୃୟାରୀ ୨୬ ସୁଦ୍ଧା ୧୩ ଲକ୍ଷ ୯୪ ହଜାର ୫୯୧ ଚାଷୀଙ୍କଠାରୁ ୩୧୦୭ ସମବାୟ ସମିତି ଜରିଆରେ ୬୨ ଲକ୍ଷ ୧୧ ହଜାର ୪୧୯ ମେଟ୍ରିକ୍ ଟନ୍ ଧାନ କିଣାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୋଇ ଭାଜପା ସଦସ୍ୟମାନେ ବିଧାନସଭା କକ୍ଷ ଛାଡ଼ି ବାହାରକୁ ଚାଲିଯାଇଥିଲେ।

# ୧୩୮ ଡାକ୍ତର ଦୀର୍ଘଦିନ ଛୁଟିରେ ଅଛନ୍ତି

ଭୁବନେଶ୍ୱର,୨୭।୨(ବ୍ୟୁରୋ): ରାଜ୍ୟରେ ମୋଟ୍ ୧୦ ହଜାର ୭୭୪ ମଞ୍ଜୁରିପ୍ରାପ୍ତ ଡାକ୍ତର ପଦବୀ ରହିଛି। ସେଥିରୁ ବର୍ତ୍ତମାନ ସୁଦ୍ଧା ୮୨୧୩ ଜଣ ବିଭିନ୍ନ ବର୍ଗର ଡାକ୍ତର କାର୍ଯ୍ୟରତ ଅଛନ୍ତି। ସେହି ଡାକ୍ତରମାନଙ୍କ ମଧ୍ୟରୁ ୧୩୮ ଜଣ ଦୀର୍ଘକାଳୀନ ଛୁଟିରେ ରହିଛନ୍ତି। ୬୮ ଜଣ ବଦଳି ପରେ ନିଜ କାର୍ଯ୍ୟରେ ଯୋଗଦେଉନାହାନ୍ତି। ଏହି ଅନୁପସ୍ଥିତ ଡାକ୍ତରଙ୍କ ବିରୋଧରେ ସରକାର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଭାଜପା ସଭ୍ୟା କୁସୁମ ଟେଟେଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ସୋମବାର ବିଧାନସଭାରେ ଏହା କହିଛନ୍ତି।




ଜୀବିକା ମିଶନ ଅଧୀନରେ କାର୍ଯ୍ୟ କରି ଜୀବିକା ହରାଇଥିବା ଆଭ୍ୟନ୍ତରୀଣ ଗୋଷ୍ଠୀ ସହାୟିକା (ଆଇସିଆର୍‌ପି)ଙ୍କୁ ଥଇଥାନ, ବକେୟା ପାଉଣା ପ୍ରଦାନ ଆଦି ବିଭିନ୍ନ ଦାବିରେ ଆଇସିଆର୍‌ପି କର୍ମଚାରୀ ସଂଘ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।

**୭ ହଜାର ଟଙ୍କାର ଜାଲ୍ ନୋଟ୍ ଜବତ, ଜଣେ ଗିରଫ** ବଲାଙ୍ଗୀର ଜିଲା ଖପ୍ରାଖୋଲ ପୋଲିସ ଜାଲ୍ ନୋଟ କାରବାର ନେଇ ଜଣଙ୍କୁ ସୋମବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଲାଠୋର ଥାନା ପିପଲବାହାଲ ଗାଁର ବ୍ରହ୍ମା ମେହେର(୩୨)। ରବିବାର ଅପରାହ୍ନରେ କପସିପାଲି ଓ ଖପ୍ରାଖୋଲ ବଜାରରେ ବ୍ରହ୍ମା ଜାଲ୍ ନୋଟ୍ ଦେଇ ସଉଦା କିଣିବାକୁ ଉଦ୍ୟମ କରୁଥିଲେ। ସୂଚନା ପାଇ ଖପ୍ରାଖୋଲ ପୋଲିସ ଅଭିଯୁକ୍ତଙ୍କୁ ଧରିଥିଲା। ତାଙ୍କଠାରୁ ୮ ଖଣ୍ଡ ପାଞ୍ଚଶହ ଟଙ୍କିଆ, ୭ ଖଣ୍ଡ ଦୁଇଶହ ଟଙ୍କିଆ, ୧୧ଖଣ୍ଡ ଶହେଟଙ୍କିଆ ଜାଲ୍ ନୋଟ୍ ଜବତ କରାଯାଇଥିଲା। ପରେ ଅଭିଯୁକ୍ତଙ୍କ ଘରୁ ଏକ ୫ଶହ ଟଙ୍କିଆ ଜାଲ୍ ନୋଟ୍ ସହ ଅସଲି ୩୧ହଜାର ୩୦୦ ଟଙ୍କା ଜବତ କରାଯାଇଛି। ଏନେଇ ଖପ୍ରାଖୋଲ ଥାନାରେ ଦଫା ୪୨୦, ୪୮୯(ବି ଓ ସି), ୧୨୦(ବି)ରେ ଏକ ମାମଲା(୩୩/୨୩)ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିଲା।



# ଟ୍ରେନ୍‌ରେ ଗଞ୍ଜେଇ ଟାଣିଲେ ମହିଳା ଯାତ୍ରୀ

**ନୂଆଦିଲ୍ଲୀ, ୨୭।୨**



## ଭିଡିଓ ଭାଇରାଲ
## ଅଧିକ ତଥ୍ୟ ମାଗିଲା ରେଳ ସେବା

ବିମାନ ଯାତ୍ରା ହେଉ ଅବା ରେଳ ଯାତ୍ରା, ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଭାଗୀୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅନେକ ନିୟମ ଲାଗୁ କରାଯାଇଛି। ଯେଉଁ ଯାତ୍ରୀ ଉକ୍ତ ନିୟମକୁ ଉଲ୍ଲଂଘନ କରନ୍ତି, ସେମାନଙ୍କଠାରୁ ଜରିମାନା ଆଦାୟର ଆଇନ ବ୍ୟବସ୍ଥା ରହିଛି। କଡ଼ା ନିୟମ ଲାଗୁ ସତ୍ତ୍ୱେ ଅନେକ ସମୟରେ ଯାତ୍ରା ସମୟରେ ଯାତ୍ରୀ ଧୂମପାନ କାର୍ଯ୍ୟରେ ଲିପ୍ତ ରୁହନ୍ତି। ତେବେ ସୋସିଆଲ ମିଡିଆରେ ଏପରି ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଜଣେ ମହିଳା ଯାତ୍ରୀ ବିନା ଡରରେ ଟ୍ରେନ୍ ଭିତରେ ଛିଡ଼ାହୋଇ ଗଞ୍ଜେଇ ଟାଣୁଥିବାର ଭିଡିଓରେ ଦେଖିବାକୁ ମିଳିଛି। ଉକ୍ତ ଯୁବତୀଙ୍କ ପାଖରେ ଅନ୍ୟ ଯାତ୍ରୀମାନେ ମଧ ଛିଡ଼ା ହୋଇଛନ୍ତି। ଯୁବତୀ ଧୂମପାନ କରିବା ସହ ପାଖ ଯାତ୍ରୀଙ୍କ ସହ କଥା ହେଉଥିବାର ଭାଇରାଲ ଭିଡିଓରେ ଦେଖାଯାଇଛି।

ଏହି ଭିଡିଓକୁ ଟାଟାନଗରରୁ କଟିହାର ଏକ୍ସପ୍ରେସ୍‌ରେ ଯାତ୍ରା କରୁଥିବା ଅନ୍ୟଜଣେ ଯାତ୍ରୀ ଟୁଇଟରରେ ପୋଷ୍ଟ କରିଛନ୍ତି। ଯୁବତୀଜଣକ ଆସାନସୋଲରୁ ଟ୍ରେନ୍‌ରେ ଚଢ଼ିଥିଲେ। ରାତିତମାମ ସେ ଗଞ୍ଜେଇ ଓ ସିଗାରେଟ ଟାଣିଥିବା କଥା ଭିଡିଓଟିକୁ ସୋସିଆଲ ମିଡିଆରେ ଶେୟାର କରିଥିବା ଯାତ୍ରୀ କହିଛନ୍ତି। ଭିଡିଓ ଉପରେ ରେଳ ସେବା କର୍ତ୍ତୃପକ୍ଷଙ୍କ ନଜର ପଡ଼ିବା ପରେ ଏ ନେଇ ଅଧିକ ତଥ୍ୟ ଦେବା ପାଇଁ ସେ ଅନୁରୋଧ କରିଛନ୍ତି। ଟ୍ରେନ୍ ନମ୍ବର, ଭିଡିଓ ଶେୟାର କରିଥିବା ପାସେଞ୍ଜରଙ୍କ ମୋବାଇଲ୍ ନମ୍ବର ମାଗିବା ସହ ୧୩୯କୁ ଫୋନ୍ କରି ତଥ୍ୟ ଦେବାକୁ ରେଳ ସେବା ପକ୍ଷରୁ କୁହାଯାଇଛି।

ଟ୍ରେନ୍ ଯାତ୍ରା ବେଳେ ଧୂମପାନ ବେଆଇନ। ଟ୍ରେନ୍‌ରେ ସିଗାରେଟ୍ ଟାଣିବାବେଳେ ଧରାପଡ଼ିଲେ ଉକ୍ତ ଯାତ୍ରୀଙ୍କଠାରୁ ଜରିମାନା ଆଦାୟ କରାଯିବାର ନିୟମ ରହିଛି। ୧୬୭ ରେଲ୍‌ୱେ ଆକ୍ଟ ଅନ୍ତର୍ଗତ ଟ୍ରେନ୍ କମ୍ପାର୍ଟମେଣ୍ଟରେ ଯଦି କୌଣସି ଯାତ୍ରୀ ଧୂମପାନ କରନ୍ତି, ତେବେ ସେହି ଯାତ୍ରୀଙ୍କଠାରୁ ଜରିମାନା ବାବଦକୁ ୧୦୦ ଟଙ୍କା ଆଦାୟ କରାଯିବାର ନିୟମ ରହିଛି।

# ଓଡ଼ିଶାର ନବୀକରଣଯୋଗ୍ୟ ଶକ୍ତି ଅଭିବୃଦ୍ଧିରେ ସହାୟକ ହେବ ଗ୍ରୀନ୍ ହାଇଡ୍ରୋଜେନ୍

**ନୂଆଦିଲ୍ଲୀ, ୨୭।୨**

ଜୀବାଶ୍ମ ଇନ୍ଧନ ଆମଦାନୀ ନିର୍ଭରଶୀଳତା ହ୍ରାସ କରିବା ଏବଂ ଅର୍ଥନୀତିକୁ କାର୍ବନମୁକ୍ତ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ନିକଟରେ ଗ୍ରୀନ୍ ହାଇଡ୍ରୋଜେନ୍ ମିଶନ ଶୁଭାରମ୍ଭ କରିଥିଲେ। ଓଡ଼ିଶାର ନବୀକରଣଯୋଗ୍ୟ ଇନ୍ଧନ କ୍ଷେତ୍ରର ଅଭିବୃଦ୍ଧିରେ ଏହା ସହାୟକ ହେବ ବୋଲି କୁହାଯାଇଛି। ଗ୍ରୀନ୍ ହାଇଡ୍ରୋଜେନ୍ ହେଉଛି ଭାରତରେ ନବୀକରଣଯୋଗ୍ୟ ଶକ୍ତିର ନୂଆ ଉତ୍ସ। ଭାରତକୁ ଏହି ଶକ୍ତି ଉତ୍ପାଦନର ବିଶ୍ୱ ହବ୍‌ରେ ପରିଣତ କରିବା ଲାଗି ମିଶନ ଆରମ୍ଭ ହୋଇଛି। ୨୦୩୦ ସୁଦ୍ଧା ଦେଶରେ ବର୍ଷକୁ ୫ ନିୟୁତ ଟନ୍ ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନ କରିବା ଲାଗି ସରକାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ରପ୍ତାନି ବୃଦ୍ଧି ସହ ୧୦ ନିୟୁତ ଟନ୍ ଗ୍ରୀନ୍ ହାଇଡ୍ରୋଜେନ୍ ଉତ୍ପାଦନ କରାଯାଇପାରିବ। ଓଡ଼ିଶାରେ ଦେଶର ସର୍ବବୃହତ୍ ବନ୍ଦର ପାରାଦୀପ୍ ପୋର୍ଟ ସାଙ୍ଗକୁ ଅନ୍ୟ କେତେକ ବନ୍ଦର ରହିଛି, ଏଥିସହିତ ବିଶୋଧନାଗାର, ସାର ଓ ଇସ୍ପାତ କାରଖାନା ରହିଥିବାରୁ ଏହା ରାଜ୍ୟର ଅଭିବୃଦ୍ଧି ତ୍ୱରାନ୍ୱିତ କରିବ। ଏହି ଶିଳ୍ପସଂସ୍ଥାଗୁଡ଼ିକ ବିଭିନ୍ନ କାର୍ଯ୍ୟ ପାଇଁ ହାଇଡ୍ରୋଜେନ୍ ବ୍ୟବହାର କରିଥାନ୍ତି। ପ୍ରାକୃତିକ ବାଷ୍ପ, ନାପ୍‌ଥା ଆଦି ଷ୍ଟିମ୍ ରିଫର୍ମେଶନ ପ୍ରକ୍ରିୟା ଜରିଆରେ ଜୀବାଶ୍ମ ଇନ୍ଧନରୁ ଅଧିକାଂଶ ହାଇଡ୍ରୋଜେନ୍ ସଂଗ୍ରହ କରାଯାଉଛି। ଏହା ଗ୍ରେ ହାଇଡ୍ରୋଜେନ୍ ହୋଇଥିବାବେଳେ ଉପରୋକ୍ତ ସେକ୍ଟରଗୁଡ଼ିକର ଚାହିଦା ତଥା କାର୍ବନ ମୁକ୍ତ ପାଇଁ ଉକ୍ତ ହାଇଡ୍ରୋଜେନ୍‌କୁ ଗ୍ରୀନ ହାଇଡ୍ରୋଜେନ୍‌ରେ ପରିଣତ କରିବା ଲାଗି ସରକାର ଯୋଜନା କରିଛନ୍ତି।

# ବିବାହ ପୂର୍ବରୁ ମଙ୍ଗୁଳାକନ୍ୟା ନିଖୋଜ

**ବଲାଙ୍ଗୀର ଅଫିସ, ୨୭।୨**

ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ ବୁଢ଼ୀସିଣ୍ଡୋଲ ଗାଁରେ ବିବାହ ପୂର୍ବରୁ ମଙ୍ଗୁଳାକନ୍ୟା ନିଖୋଜ ହୋଇଯାଇଛନ୍ତି। ସୋମବାର ରାତିରେ ବିବାହ ଓ ପାଣିଗ୍ରହଣ ସ୍ଥିର ହୋଇଥିବାବେଳେ ରବିବାର ବିଳମ୍ବିତ ରାତିରୁ କନ୍ୟା ନିଖୋଜ ହୋଇଯିବା ଜଣାପଡିଥିଲା। ପରିବାର ଲୋକେ ଅନେକ ଖୋଜାଖୋଜି ପରେ କୌଣସି ସନ୍ଧାନ ପାଇ ନ ଥିଲେ। ଏହାପରେ ସୋମବାର କନ୍ୟାପକ୍ଷ ପରିବାର ପକ୍ଷରୁ ପୁଇଁତଲା ଥାନାରେ ନିଖୋଜ ସମ୍ପର୍କରେ ଅଭିଯୋଗ କରାଯାଇଛି।

ମିଳିଥିବା ସୂଚନା ମୁତାବକ ବୁଢ଼ୀସିଣ୍ଡୋଲ ଗ୍ରାମର ଯୁବତୀଙ୍କ ଲୋଇସିଂହା ଥାନା ପଟୁଆପାଲି ଗ୍ରାମରେ ବିବାହ ସ୍ଥିର ହୋଇଥିଲା। ରବିବାର ମଙ୍ଗଳକୃତ୍ୟ ଯଥାରୀତି ସମ୍ପନ୍ନ ହୋଇଥିଲା। ସୋମବାର କନ୍ୟାପକ୍ଷରୁ ବିବାହ ପାଇଁ ସମସ୍ତ ପ୍ରସ୍ତୁତି ସରିଥିଲା। ବରପକ୍ଷଙ୍କୁ ସ୍ୱାଗତ କରିବା ସହ ଭୋଜି, ଯାନି ଯୌତୁକ ପାଇଁ ମଧ ସମସ୍ତ ଜିନିଷପତ୍ର କିଣା ସରିଥିଲା। ସୋମବାର ସନ୍ଧ୍ୟାରେ ପଟୁଆପାଲିରୁ ବରପକ୍ଷ ବରଯାତ୍ରୀରେ ବୁଢ଼ୀସିଣ୍ଡୋଲକୁ ଆସିବା କଥା। ମାତ୍ର ରବିବାର ବିଳମ୍ବିତ ରାତିରେ ମଙ୍ଗୁଳାକନ୍ୟାଙ୍କୁ ପରିବାର ଲୋକେ ଘରେ ନ ପାଇ ହରଡଘଣାରେ ପଡିଥିଲେ। ବହୁ ଖୋଜାଖୋଜି ପରେ କନ୍ୟାଙ୍କ ସନ୍ଧାନ ମିଳି ନ ଥିଲା। ଉଲ୍ଲେଖଯୋଗ୍ୟ ଯେ, ଗତ ଫେବୃୟାରୀ ୧୭ତାରିଖରେ ବଲାଙ୍ଗୀର ସହର ବ୍ରାହ୍ମଣପଡାରେ ବିବାହ ପାଣିଗ୍ରହଣ ପରେ କନ୍ୟା ନିଜ ପ୍ରେମିକ ସହ ଚମ୍ପଟ ମାରିଥିଲେ। ବିବାହ ପୂର୍ବରୁ ପୁଣି ଜଣେ ମଙ୍ଗୁଳାକନ୍ୟା ନିଖୋଜ ହେବା ଜିଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

# ଆଇଆର୍‌ସିଟିସି ଦୁର୍ନୀତିରେ ଲାଲୁ ଦମ୍ପତିଙ୍କୁ ସମନ

**ନୂଆଦିଲ୍ଲୀ, ୨୭।୨:** ଭାରତୀୟ ରେଲୱେ କାଟରିଂ ଓ ପର୍ଯ୍ୟଟନ ନିଗମ (ଆଇଆର୍‌ସିଟିସି) ଦୁର୍ନୀତି ମାମଲାରେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରୀ ଦେବୀ ଓ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଅଧକ୍ଷ ଲାଲୁ ପ୍ରସାଦ ଯାଦବ ଦିଲ୍ଲୀର ରାଉସ୍ ଆଭିନ୍ୟୁ କୋର୍ଟ ସୋମବାର ସମନ ଜାରି କରିଛି। ଜମି ବଦଳରେ ରେଲୱେରେ ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦେଇ ବହୁ କୋଟି ଟଙ୍କା ଆଦାୟ କରାଯାଇଥିଲା। ଏହି ମାମଲାରେ ମାର୍ଚ୍ଚ ୧୫ରେ ହାଜର ହେବା ଲାଗି ଲାଲୁ ଦମ୍ପତି, ସେମାନଙ୍କ ଝିଅ ମିସା ଭାରତୀଙ୍କ ସମେତ ୧୪ ଅଭିଯୁକ୍ତଙ୍କୁ ଦିଲ୍ଲୀ ଅଦାଲତ ସମନ କରିଛନ୍ତି। ସିଙ୍ଗାପୁରରେ କିଡ୍‌ନୀ ଅସ୍ତ୍ରୋପଚାର ପରେ ଲାଲୁ ନିକଟରେ ଘରକୁ ଫେରିଥିଲେ। ଏହି ମାମଲାରେ ସିବିଆଇ ୨ଟି ମାମଲା ରୁଜୁ କରିଛି।

# ଇଂଲଣ୍ଡରେ ସର୍ବନିମ୍ନ ବିବାହ ବୟସ ୧୮ ହେଲା

**ଲଣ୍ଡନ, ୨୭।୨:** ଇଂଲଣ୍ଡ ଏବଂ ୱେଲ୍‌ସରେ ଏକ ନୂଆ ଆଇନ ବଳରେ ସର୍ବନିମ୍ନ ବିବାହ ବୟସକୁ ୧୮ ବର୍ଷକୁ ବୃଦ୍ଧି କରାଯାଇଛି। ଏହି ଆଇନ ସୋମବାରଠାରୁ ଲାଗୁ ହୋଇଛି। ଇଚ୍ଛା ବିରୋଧରେ ପିଲାମାନଙ୍କ ବିବାହ ରୋକିବା ପାଇଁ ଏଭଳି ଆଇନ ଅଣାଯାଇଛି। ଇଂଲଣ୍ଡ ଏବଂ ୱେଲ୍ସରେ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ କିମ୍ବା ୧୭ ବର୍ଷରେ ପିଲାମାନଙ୍କୁ ସେମାନଙ୍କ ମାଆବାପାଙ୍କ ସହମତିରେ ବିବାହ କରିଦିଆଯାଉଥିଲା। ଛୋଟ ପିଲାମାନଙ୍କ ବିବାହ ଉତ୍ସବ ରୋକିବା ଲାଗି କୌଣସି ଆଇନ ନ ଥିଲା। ବଳପୂର୍ବକ ବିବାହ ବିରୋଧରେ ସଚେତନତା ସୃଷ୍ଟି କରିଆସୁଥିବା ଦାତବ୍ୟ ଅନୁଷ୍ଠାନଗୁଡ଼ିକ ନୂଆ ଆଇନକୁ ସ୍ୱାଗତ କରିଛନ୍ତି।

# ଆପତ୍ତିଜନକ ଫଟୋ ଲିକ୍ ପରେ ଛାତ୍ରୀଙ୍କ ଆତ୍ମହତ୍ୟା

**ହାଇଦ୍ରାବାଦ୍, ୨୭।୨:** ତେଲଙ୍ଗାନା ୱାରାଙ୍ଗଲର ଜଣେ ଇଞ୍ଜିନିୟରିଂ ଛାତ୍ରୀ ରବିବାର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପୁରୁଷ ବନ୍ଧୁ ମୃତା ଛାତ୍ରୀଙ୍କ ଆପତ୍ତିଜନକ ଫଟୋ ଆଉ କେତେଜଣ ବନ୍ଧୁଙ୍କ ସହ ଶେୟାର କରିବାକୁ ନେଇ ସେ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ଛାତ୍ରୀଙ୍କୁ ସେ ଭଲପାଉଥିଲେ। କିନ୍ତୁ ଛାତ୍ରୀଜଣକ ଅନ୍ୟଜଣେ ଇଞ୍ଜିନିୟରିଂ ଛାତ୍ରଙ୍କ ସହ ପ୍ରେମ ସମ୍ପର୍କରେ ଆସିଥିଲେ। ଏହାକୁ ନେଇ ଛାତ୍ରୀ ଓ ତାଙ୍କୁ ପ୍ରେମ କରୁଥିବା ବନ୍ଧୁଙ୍କ ମଧ୍ୟରେ ଦୂରତା ବଢ଼ିଥିଲା। ପରେ ଛାତ୍ରୀଙ୍କ ବନ୍ଧୁ ସେମାନଙ୍କର କିଛି ଆପତ୍ତିଜନକ ଫଟୋ ଅନ୍ୟ ବନ୍ଧୁଙ୍କୁ ଶେୟାର କରିଥିଲେ। ଏ କଥା ଜାଣିବା ପରେ ଛାତ୍ରୀ ସମ୍ପର୍କୀୟଙ୍କ ଘରକୁ ଯାଇ ଆତ୍ମହତ୍ୟା କରିଥିଲେ। ଛାତ୍ରୀଙ୍କ ଘରଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଦୁଇଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସେହିପରି ରାଗିଂ ଯୋଗୁ ଗତ ୨୨ ତାରିଖରେ ହାଇଦ୍ରାବାଦର କମେଡିକାଲ ପିଜି ଛାତ୍ରୀ ପ୍ରିଥୀ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ରବିବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ପ୍ରିଥୀଙ୍କ ମୃତ୍ୟୁରେ ସମ୍ପୃକ୍ତ ଥିବା ସିନିୟରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ତାଙ୍କ ଘରଲୋକେ ଦାବି କରିଛନ୍ତି।

# ଧର୍ମେନ୍ଦ୍ରଙ୍କୁ ଭେଟିଲେ ଓଷ୍ଟାର କାର୍ଯ୍ୟକାରୀ ସଦସ୍ୟ

**ଭୁବନେଶ୍ୱର,୨୭।୨ (ବ୍ୟୁରୋ)**

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର କାର୍ଯ୍ୟକାରୀ ସଦସ୍ୟମାନେ ସୋମବାର ନୂଆଦିଲ୍ଲୀଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ରାଜ୍ୟରେ ଜାତୀୟ ଶିକ୍ଷା ନୀତିର ପ୍ରଣୟନ ନେଇ ବିଚାରବିମର୍ଷ ହୋଇଥିବା କେନ୍ଦ୍ର ମନ୍ତ୍ରୀ ଟୁଇଟ୍ କରି ଜଣାଇଛନ୍ତି। ଜାତୀୟ ଶିକ୍ଷା ନୀତି ଆଧାରରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ସହ ସେମାନଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ, ମାତୃଭାଷାକୁ ପ୍ରାଥମିକତା ଏବଂ ଶିକ୍ଷକଙ୍କ କ୍ଷମତା ବୃଦ୍ଧି ପାଇଁ କରାଯାଇଥିବା ଯୋଜନାଗୁଡ଼ିକ ଉପରେ ଆଲୋଚନା ହୋଇଛି ବୋଲି ଧର୍ମେନ୍ଦ୍ର ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି।



ଧର୍ମେନ୍ଦ୍ର ପ୍ରଧାନଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ଓଷ୍ଟାର ସଦସ୍ୟମାନେ ଭେଟୁଛନ୍ତି।


## NOTIFIED AREA COUNCIL / ବିଜ୍ଞାପିତ ଅଞ୍ଚଳ ପରିଷଦ

Bellaguntha-761119 (Ganjam)
Phone No.06821-258244
Sri.S.Rakesh Kumar Patra (ORS)
Executive Officer
E-mail ID: eonacbellaguntha@gmail.com

ବେଲଗୁଣ୍ଠା-୭୬୧୧୧୯ (ଗଞ୍ଜାମ)
ଦୂରଭାଷ:୦୬୮୨୧-୨୫୮୨୪୪
ଶ୍ରୀ.ଏସ.ରାକେଶ କୁମାର ପାତ୍ର (ଓ.ରା.ସେ.)
କାର୍ଯ୍ୟନିର୍ବାହୀ ଅଧିକାରୀ

L.No.287// Date:27.02.2023

### QUOTATION CALL NOTICE

**No.C-2550:** Sealed quotation is invited from the intending registered distributors/agencies/companies etc. having GST/PAN certificate for:

**1. Repair / Renovation of 02 Nos. of TATA ACE Vehicle full body including doors & Back Side dala with full body painting work.**

The bidder shall receive the quotation paper from the NAC office from 01.03.2023 at 11.00 AM to 10.03.2023 up to 11.00 AM. The sealed quotations with rate chart, catalogue and necessary documents should reach the office of the Executive Officer, NAC, Bellaguntha on or before 10.03.2023 by 01.00 PM and the same will be opened at 03.30 PM on the same day in presence of the quotationers or their authorized representatives. The detailed quotation paper will be available at help desk by payment of Rs.500/- Rupees (Five Hundred) only as paper cost from 01.03.2023 to 10.03.2023 (from 11.00 AM to 11.00 AM except holidays).

The authority reserves the rights to accept or reject any or all the quotations without assigning any reason thereof.

OIPR-13113/11/0046/2223 **Sd./- Executive Officer, NAC, Bellaguntha**



## PUBLIC NOTICE

No.XXV-05:

### Announcement of Award for acquisition of land for construction of Kandarpur - Balikuda N.H.-55 U/S 3G of N.H. Act. 1956 for land owners or persons interested therein.

**XXV-01 :** Kind attention of all land owners/interested persons are invited to the Notification No.535 (E)/ dt.04.02.2021 issued under Section 3A of the NH Act. 1956 for acquisition of land for construction of Jagatsinghpur By-pass on the stretch from km.296.130 to km.311.070 of National Highways No. 55 in the District Jagatsinghpur in the State of Odisha and the Notification No.l86(E) Dated.13.01.2022 Issued under Section 3D of the NH Act. 1956 and published in the following newspapers :

| Sl. No. | Notification | Names of Newspapers in which published | Date of Newspapers | Language |
|---|---|---|---|---|
| 1 | Section 3A | The Sambad | 04.02.2021 | Odia |
| | | The Dharitri | 04.02.2021 | Odia |
| 2 | Section 3D | The Prameya | 13.01.2022 | Odia |
| | | The Dharitri | 13.01.2022 | Odia |

It is informed that, the undersigned has announced the Award in respect of the said land under Section 3[G] of the NH Act 1956 vide order dated 05.01.2023 and 13.02.2023.

The land acquiring agency (MORTH) approved the estimate. Notices have also been issued to the concerned land owners/interested persons as required under Section 3[E) of the NH Act.1956.

Accordingly, all the concerned land owners/interested persons are hereby informed/notified through this additional Public Notice that the claimants entitled to receive the compensation amount may deposit the relevant documents in the office of the undersigned on any working day between 11.00A.M. to 5 P.M. within a period of 60 days for transfer of compensation amount through PFMS/Bhumirashi Portal. Any failure to collect the compensation amount by depositing the relevant documents to the undersigned , the amount shall be deemed to have been paid on expiry of this period of sixty days from the date of publication of this notice.

The land owners/ interested persons interested therein are further called upon to surrender or deliver the possession of the subject land to the undersigned, failing which the possession of subject land will be taken with police assistance expiry of the period of 60 days.

**Sd./- Competent Authority for Land Acquisition -cum-Tahasildar, Jagatsinghpur**
OIPR-24028/14/0002/2223



## GOVERNMENT OF ODISHA
## OFFICE OF THE SUPERINTENDENT ODISHA STATE ARCHAEOLOGY

No.RR-60

1st FLOOR, SANSKRUTI BHAWAN, BHUBANESWAR-14
Office Phone No.0674-2432147, Mob.- 9437074316/
Email- Id- suptosabbsr@gmail.com

**NOTICE INVITATION FOR BIDS THROUGH E-PROCUREMENT**

No.969/Arch., Dated 27.02.2023

| | | |
|---|---|---|
| Tender Call Notice No. | : | No. 219 to 225 : Date:27.02.2023 |
| Bid Identification No. | : | No. 219 to 225 : Date:27.02.2023 |
| Nature of Work | : | Conservation of Monuments. |
| Number of work | : | 07 (Seven) |
| Estimated Cost | : | 8 Lakhs - 10 Lakhs. |
| Period of Completion | : | 15 Days. |
| Category of Contractor | : | D&C |
| Available period | : | Dt.28.02.2023 from 10.00 A.M. hours to Dt.06.03.2023 by 17.00 P.M. hours |
| Tender Opening Date | : | Dt.09.03.2023 at 11.30 A.M. hours |

Bid documents such as NIT / DTCN / BoQ etc. can be seen / downloaded from www.tendersodisha.gov.in during the period from 10.00 A.M. Hours of **28.02.2023 to 17.00 P.M.** Hours of 06.03.2023.

**Sd./- Superintendent**
**Odisha State Archaeology, Bhubaneswar**
OIPR-03019/11/0009/2223



## OFFICE OF THE MUNICIPALITY, PATTAMUNDAI

No.568/PM Date:23.02.2023

**Notice inviting Expression of Interest (EOI)**

**No.C-2546:** The Executive Officer, Pattamundai Municipality on behalf of Chairperson of Pattamundai Municipality invites sealed Expression of Interest from reputed management agencies/firm for operation and maintenance of Smart Park , Tatana, Ward No. 18 & Children's Park, Near Municipality Office, Ward No. 18 , Pattamundai Municipality.

The proposal sealed in a envelope and the envelope must have written on top "Submission of Proposal for Operation and Maintenance of Smart Park & Childrens Park of Pattamundai Municipality" to be submitted along with requisite documents addressing to Executive Officer, Pattamundai Municipality through speed post/ courier by Dt 04.03.2023 by 5 PM which will be opened on 11AM of 06.03.2023.

Detailed of EOI may be downloaded from https://kendrapara.nic.in/ or may be collected from cash counter of this office of the undersigned in working days from 10am of 23.02.2023 to 5pm of 03.03.2023.

**Sd./-Executive Officer**
**Pattamundai Municipality**
**OIPR-13220/11/0007/2223**



## GOVT. OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER, MAHANADI NORTH DIVISION-I, JAGATPUR, CUTTACK

E-mail ID :- exengr.mnd@gmail.com

### 'e' Procurement Notice No- MND-07/2022-23

**No.A-1199:** The bid documents consisting of work, estimated cost, cost of tender paper, EMD, time of completion, class of contractor, the set of term & conditions of contract and other necessary documents can be seen in e- procurement portal www.tendersorissa.gov.in .The tender submission process will be completely online.

**BIDDERS REGISTERED THEMSELVES UNDER CDMS PORTAL ONLY CAN PARTICIPATE IN THE BIDDING PROCESS AFTER 31.12.2020 AS PER WORKS DEPTT. LETTER NO- 9100 DATED 17.07.2020.**

| | | | |
|---|---|---|---|
| 1. | Nature of Work | : | Canal work |
| 2. | Total No. of Works | : | 1 (one) work |
| 3. | Bid Identification No | : | MND-07/2022-23 |
| 4. | Tender Cost | : | Rs. 99.85 Lakhs |
| 5. | Class of Contractor | : | " B " Class |
| 6. | Period of completion | : | 4 (Four) Months |
| 7. | Other Details | : | As noted below |
| a) | Procurement Officer | : | Superintending Engineer, Mahanadi North Division-I, Jagatpur email: exengr.mnd@gmail.com Ph:- 0671-2491546 |
| b) | Availability of Tender On-line for bidding | : | 10.00 Hours of 01.03.2023 to 17.30 Hours of 13.03.2023 |
| c) | Last date & time of submission of bid document | : | 17.30 Hours of 13.03.2023 |
| d) | Date, time & place of Opening of Technical Bid | : | 14.03.2023 at 11.30 Hours in the O/o the Superintending Engineer, Mahanadi North Division-I, Jagatpur |
| e) | Date, time & place of opening of Financial bid | : | After evaluation of Technical Bid |
| f) | Date of Lottery (if required): | | Intimated Later on. |

Further details can be seen from the Govt. website "https://tendersodlsha.gov.in"

**Sd./- Superintending Engineer**
**Mahanadi North Division-I**
OIPR-32003/11/0010/2223



## THE ODISHA STATE COOPERATIVE BANK LTD.
Pandit Jawaharlal Nehru Marg, Bhubaneswar-751001

*Ref. No. OSCB/HRDD/6889/2022-23* *Date: 27.02.2023*

### EXPRESSION OF INTEREST

No.LL-35:- Expression of Interest (EOI) invited vide Ref. No. OSCB/HRDD/6616/2022-23 dtd. 15.02.2023 stands cancelled due to administrative reasons.

Fresh sealed Expression of Interest (EOI) are invited from registered and reputed insurance companies / brokers for undertaking Group Health Insurance Policy of employees and their dependant family members of Odisha State Cooperative Bank, Pandit Jawaharlal Nehru Marg, Bhubaneswar - 751 001 by quoting premium for a period of one year from **10.03.2023 to 09.03.2024**.

The detailed list of employees with their dependants can be downloaded from the official website www.odishascb.com from **28.02.2023 to 03.03.2023**. For any queries / clarifications. HRD Department of OSCB may be contacted in person or over phone on 0674-2375194/155.

OIPR-39012/11/0039/2223 **Sd./- Managing Director**



idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

No.CAD-4958

## OFFICE OF THE CHIEF GENERAL MANAGER (P&C), IDCO, IDCO TOWERS,JANPATH, BHUBANESWAR-751022

Tender Call Notice No.IDCO:H.O./P&C/EST/E-1359/01/2018/6037, Dt.:24.02.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

1. Name of the Work: Construction of Approach Road and Hume pipe Culvert from Canal embankment road to Neepur Industrial Estate, Jagatsinghpur, Odisha.
2. Value of the Work: Rs.116.86 Lakhs.
3. Period of Completion: 02 (Two) Calendar Months.
4. Other details:

| Procurement Officer | Bid ID/Tender Reference No. | Availability of Tender on-line for bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Janpath, Bhubaneswar-751022 | P&C/ES-T/E-163/ 2022-23 | 04.03.2023 at 17.00 Hrs. | 20.03.2023 upto 17.00 Hrs. |

Further details can be seen from the e-Procurement Portal, www.tendersodisha.gov.in. and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in and www.idco.in.

**Sd./- Chief General Manager (P&C)**
**IDCO, Bhubaneswar**
**OIPR-14003/11/0310/2223**



## ବିଜ୍ଞପ୍ତି



No.g-109:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ନିମ୍ନଲିଖିତ ଶିଶୁ କନ୍ୟାଟିକୁ କଟକ ରେଳ ଷ୍ଟେଶନ ବସ୍ତିର ଜନୈକା ବୃଦ୍ଧା ମହିଳାଙ୍କଠାରୁ ଉଦ୍ଧାର କରାଯାଇ ଚାଇଲ୍ଡ ଲାଇନ୍ କଟକଙ୍କ ଜରିଆରେ ଜିଲ୍ଲା ଶିଶୁ ମଙ୍ଗଳ ସମିତି, କଟକଙ୍କ ନିର୍ଦ୍ଦେଶନାମା ନଂ.- ୦୧/୨୦୨୨ ଅନୁଯାୟୀ ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ସଂସ୍ଥାରେ (ସା) ରଖାଯାଇଅଛି । ଏହି ଶିଶୁକନ୍ୟାଟିର ପିତାମାତା ବା ଘର ଠିକଣା କିଛି ଜଣାନାହିଁ । ତା'ର ନାମ '**ଆୟିଶା**' ବୋଲି ସେ କହୁଛି ଏବଂ ତା'ର ବୟସ ପ୍ରାୟ 3½ ବର୍ଷ ହେବ । ତେଣୁ ଉକ୍ତ ଶିଶୁ କନ୍ୟାଟିର ମାତା, ପିତା କିମ୍ବା ଯଦି କେହି ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହିତ ଆସି ଜିଲ୍ଲା ଶିଶୁ ମଙ୍ଗଳ ସମିତି, ରେଡକ୍ରସ୍ ଭବନ, କଲେକ୍ଟୋରିଏଟ କ୍ୟାମ୍ପସ, କଟକ-୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରି ନଂ.- ୫୪, କଲେକ୍ଟୋରିଏଟ ବିଲ୍ଡିଂ, କଟକ, ଫୋନ ନଂ.- ୦୬୭୧-୨୫୦୯୦୦୯ କିମ୍ବା ସମ୍ପାଦିକା, ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ସଂସ୍ଥା (ସା) ବସୁନ୍ଧରା, ବିଡାନାସୀ, କଟକ-୭୫୩୦୧୪କୁ ଯୋଗାଯୋଗ କରନ୍ତୁ । ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁ କନ୍ୟାଟିକୁ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ (ସଂଶୋଧିତ ୨୦୨୧) ଅନୁଯାୟୀ ଆବଶ୍ୟକ ଥଇଥାନ କରାଯିବ ।

ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ
କଟକ

OIPR-33038/11/0007/2223

## ମେ’ ୩ ପର୍ଯ୍ୟନ୍ତ ଆବେଦନ

**ନୂଆଦିଲ୍ଲୀ:** କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ (ଇପିଏଫଓ)ର ସମସ୍ତ ଯୋଗ୍ୟ ସଦସ୍ୟ ଉଚ୍ଚ ପେନ୍‌ସନ ରାଶି ପାଇଁ ଚଳିତ ବର୍ଷ ମେ ୩ ତାରିଖ ମଧ୍ୟରେ ଆବେଦନ କରିପାରିବେ ବୋଲି ଜଣାପଡିଛି। ବିଶେଷକରି ଅବସରପ୍ରାପ୍ତ ପାଣ୍ଠି ସଂସ୍ଥା ଇପିଏଫଓର ୟୁନିଫାଏଡ୍ ସଦସ୍ୟଙ୍କ ପୋର୍ଟାଲରେ ଉଭୟ ଯୋଗ୍ୟ ହିତାଧିକାରୀ ଓ ଉଚ୍ଚ ପେନସନ୍ ବୃଦ୍ଧି ପାଇଁ ଆଗ୍ରହୀ ହିତାଧିକାରୀମାନେ ସେମାନଙ୍କ ନିଯୁକ୍ତିଦାତାଙ୍କ ସହ ମିଳିତ ଭାବେ ଚୟନ ଏବଂ ଆବେଦନ କରିପାରିବେ।

# ୭ ଦିନରେ ୧୦.୪୩ ଲକ୍ଷ କୋଟି ହରାଇଛନ୍ତି ନିବେଶକ

### ସପ୍ତାହ ମଧ୍ୟରେ ସେନ୍‌ସେକ୍ସ ୨୦୦୦ ପଏଣ୍ଟ ହ୍ରାସ



ନୂଆଦିଲ୍ଲୀ,୨୭।୨

କ୍ରମାଗତ ୭ ଦିନ ଲାଗି ଭାରତୀୟ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଫଳରେ ଶେୟାର ବଜାରର ନିବେଶକମାନେ ପ୍ରାୟ ୧୦.୪୩ ଲକ୍ଷ କୋଟି ଟଙ୍କା ହରାଇଥିବା ଜଣାପଡିଛି। ବିଶେଷ କରି ଫେବୃୟାରୀ ୧୬ରୁ ୨୭ ମଧ୍ୟରେ ସେନସେକ୍ସ ପ୍ରାୟ ୨,୦୩୧ ପଏଣ୍ଟ ହ୍ରାସ ହୋଇଛି। ଏହି ସମୟ ମଧ୍ୟରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ରେ ତାଲିକାଭୁକ୍ତ କମ୍ପାନିଗୁଡିକର ବଜାର ପୁଞ୍ଜି ୧୦,୪୨,୭୯୦.୩୦ କୋଟି ଟଙ୍କା ହ୍ରାସ ହୋଇ ୨,୫୭,୮୮,୧୯୫.୫୭ କୋଟି ଟଙ୍କାରେ ପହଞ୍ଚିଛି। ଅପରପକ୍ଷରେ ବିକଶିତ ଦେଶ ଗୁଡିକର କେନ୍ଦ୍ରୀୟ ବ୍ୟାଙ୍କଙ୍କ ପକ୍ଷରୁ ସୁଧ ହାର ବୃଦ୍ଧି ଏବଂ ଭୌଗୋଳିକ କାରଣରୁ ଚାପରେ ଥିବା ବିଶ୍ୱ ବଜାର ସହ ବିଦେଶୀ ନିବେଶକଙ୍କ ଶେୟାର ବିକ୍ରି ଯୋଗୁ ଘରୋଇ ପୁଞ୍ଜି ବଜାର ମଧ୍ୟ ଚାପରେ ରହିଛି ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଚଳିତ ସପ୍ତାହ ପ୍ରଥମ କାର୍ଯ୍ୟରେ ବିଏସଇର ୩୦ଶେୟାର ବିଶିଷ୍ଟ ସୂଚକାଙ୍କ ସେନସେକ୍ସ ୧୭୫.୫୮ ପଏଣ୍ଟ ହ୍ରାସ ସହ ୫୯,୨୮୮.୩୫ ଅଙ୍କରେ ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟି ୫୦ରେ ମଧ୍ୟ ୭୩. ୧୦ ପଏଣ୍ଟ ହ୍ରାସ ପାଇ ୧୭,୩୯୨.୭୦ ଅଙ୍କରେ ବଜାର ବନ୍ଦ ବନ୍ଦ ହୋଇଥିବା ଜଣାପଡିଛି।

ସୂଚନାଯୋଗ୍ୟ ସୋମବାର ବଜାର କାରବାର ସମୟରେ ସେନସେକ୍ସର ଶେୟାର ମଧ୍ୟରେ ଟାଟା ଷ୍ଟିଲ, ଇନଫୋସିସ୍, ଟାଟା ମୋଟର୍ସ, ଟାଟା କନସଲଟାନ୍ସି ସର୍ଭିସେସ୍, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଏଚସିଏଲ ଟେକ୍ନୋଲଜିସ୍, ଏନ ଆଣ୍ଡ ଟି, ଭାରତୀ ଏୟାରଟେଲ୍, ୱିପ୍ରୋ ଏବଂ ବଜାଜ ଫାଇନାନ୍ସରେ ସବୁଠୁ ଅଧିକ ହ୍ରାସ ଦେଖିବାକୁ ମିଳିଛି। ଅନ୍ୟପଟେ ପାୱର ଗ୍ରୀଡ, ଆଇସିଆଇସିଆଇ ବ୍ୟାଙ୍କ, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଏବଂ ଏସବିଆଇ ବ୍ୟାଙ୍କ ଲାଭ ସହ ବନ୍ଦ ହୋଇଛି। ସେହିପରି ସେକ୍ଟୋରଲ ସୂଚକାଙ୍କରେ ଟେକ୍ ୨%, ଆଇଟିରେ ୧.୯୬%, କମୋଡିଟିରେ ୧.୭୫%, ମେଟାଲରେ ୧.୩୯%, କ୍ୟାପିଟଲ ଗୁଡସରେ ୦.୯୫% ହ୍ରାସ ଘଟିଛି।

## ୪୭୦ ବିମାନକୁ ପ୍ରାୟ ୭୦ ବିଲିୟନ ଦେବ ଏୟାର ଇଣ୍ଡିଆ

ନୂଆଦିଲ୍ଲୀ,୨୭।୨

ଟାଟା ଗ୍ରୁପ ଦ୍ୱାରା ପରିଚାଳିତ ଏୟାର ଇଣ୍ଡିଆ ନିକଟରେ ବିଦେଶୀ କମ୍ପାନୀଠାରୁ ୪୭୦ ବିମାନ କିଣିବ ବୋଲି ଅର୍ଡର ଦେଇଥିବା ଜଣାପଡିଛି। ଘରୋଇ ବିମାନ ନିର୍ମାଣକାରୀ ସଂସ୍ଥା ଏୟାରବସ୍ ଏବଂ ବୋଇଂରୁ ୪୭୦ ବିମାନ ପାଇଁ ଏୟାର ଇଣ୍ଡିଆର ଅର୍ଡର ମୂଲ୍ୟ ପ୍ରାୟ ୭୦ ବିଲିୟନ ଡଲାର ହେବ ବୋଲି କମ୍ପାନୀର ସିଇଓ କ୍ୟାମ୍ପବେଲ ୱିଲସନ ମତପ୍ରକାଶ କରିଛନ୍ତି। ସୋମବାର ଏକ ଭର୍ଚୁଆଲ୍ ସମ୍ମିଳନୀକୁ ସମ୍ବୋଧିତ କରି କ୍ୟାମ୍ପବେଲ କହିଛନ୍ତି, ଏୟାର ଇଣ୍ଡିଆ ସହ ଭିଷ୍ଟାରର ଏକୀକରଣ ପ୍ରକ୍ରିୟା ଚାଲିଛି ଏବଂ ବର୍ତ୍ତମାନ ନିୟାମକ ସଂସ୍ଥାଗୁଡ଼ିକର ଅନୁମୋଦନକୁ ଅପେକ୍ଷା କରାଯାଇଛି। ଫଳରେ କମ୍ପାନୀର ଆଭ୍ୟନ୍ତରୀଣ ନଗଦ ପ୍ରବାହ, ଶେୟାରହୋଲଡର ଇକ୍ୱିଟି ଏବଂ ବିମାନ ବିକ୍ରୟ ଏବଂ ଲିଜବ୍ୟାକ୍ ସମେତ ଅନେକ ଉତ୍ସର ମିଶ୍ରଣ ସହ ଉକ୍ତ ପାଣ୍ଠି ପ୍ରଦାନ କରିବାକୁ ପ୍ରକ୍ରିୟା ଜାରି ସହ ବିଭିନ୍ନ ଯୋଜନା କରାଯାଉଛି।

## ଜେଏସ୍‌ପିକୁ ସିଏସ୍‌ଆର୍ ଜର୍ନାଲ୍ ଆୱାର୍ଡ



ନୂଆଦିଲ୍ଲୀ,୨୭।୨

ଦେଶର ପ୍ରମୁଖ ଶିଳ୍ପ ପ୍ରତିଷ୍ଠାନ ତଥା ଇସ୍ପାତ ନିର୍ମାତା ‘ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର’ (ଜେଏସପି)କୁ ନିକଟରେ ଆଉ ଏକ ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ବିଶେଷ କରି ଶିକ୍ଷା ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଜେଏସପିକୁ ସମ୍ମାନଜନକ ସିଏସ୍‌ଆର୍ ଜର୍ନାଲ୍ ଆୱାର୍ଡ ଦିଆଯାଇଛି। ଏପରିକି ମୁମ୍ବାଇ ସ୍ଥିତ ଜାତୀୟ ଷ୍ଟକ୍ ଏକ୍ସଚେଞ୍ଜଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ ଜେଏସପିର ସଭାପତି ତଥା ଗ୍ରୁପ ମୁଖ୍ୟ (ସିଏସଆର) ପ୍ରଶାନ୍ତ ହୋତା ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ପୂର୍ବତନ ନିର୍ବାଚନ କମିଶନର ଜେଏସ୍ ସାହାରିଆଙ୍କଠାରୁ ସିଏସ୍‌ଆର୍ ଜର୍ନାଲ ଉତ୍କର୍ଷ ପୁରସ୍କାର ୨୦୨୨ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ସହ ସିଏସଆର କାର୍ଯ୍ୟକ୍ରମ ପାଇଁ କମ୍ପାନୀମାନଙ୍କୁ ପ୍ରଶଂସା କରିଥିଲେ।ଅପରପକ୍ଷରେ ଦିବ୍ୟାଙ୍ଗ ପିଲାମାନଙ୍କ ପାଇଁ ଜେଏସପି ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ‘ଆଶା-ଦ ହୋପ’ର ବିଭିନ୍ନ ପଦକ୍ଷେପ ନିମନ୍ତେ ଜେଏସପିକୁ ଉକ୍ତ ପୁରସ୍କାର ପାଇଁ ମନୋନୀତ କରାଯାଇଛି।

## ଟିଏସ୍‌ଏମ୍‌ଏଲ୍‌କୁ ପ୍ରଡକ୍ଟିଭିଟି ଏକ୍ସଲେନ୍ସ ଆୱାର୍ଡ

ଭୁବନେଶ୍ୱର,୨୭।୨

ଟାଟା ଗ୍ରୁପର ପ୍ରମୁଖ କମ୍ପାନୀ ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍ (ଟିଏସ୍‌ଏମ୍‌ଏଲ୍)କୁ ନିକଟରେ ଆଉ ଏକ ସମ୍ମାନ ମିଳିଥିବା ଜଣାପଡିଛି। ବିଶେଷକରି ଓଡ଼ିଶା ରାଜ୍ୟ ଉତ୍ପାଦକତା ପରିଷଦଙ୍କ ପକ୍ଷରୁ ଆୟୋଜନ କରାଯାଇଥିବା ପ୍ରଡକ୍ଟିଭିଟି ଏକ୍ସଲେନ୍ସ ଆୱାର୍ଡ ସମାରୋହରେ ଟିଏସ୍‌ଏମ୍‌ଏଲ୍‌କୁ ୩ଟି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ଏପରିକି ଟାଟା ଷ୍ଟିଲ୍ ମାଇନିଂର ପରିବେଶ ଟିମ୍‌କୁ ୫-ଷ୍ଟାର୍ ରେଟିଂ ପ୍ରଦାନ କରାଯାଇଥିବା ବେଳେ ଫେରୋ ଆଲଏଜ୍ ଟିମ୍-ଗୋପାଳପୁର ଏବଂ ପ୍ରୋକ୍ୟୁରମେଣ୍ଟ ଟିମ୍‌କୁ ୪-ଷ୍ଟାର ରେଟିଂ ପ୍ରଦାନ କରାଯାଇଛି। ଅପରପକ୍ଷରେ ଓଡ଼ିଶା ରାଜ୍ୟ ଉତ୍ପାଦକତା ପରିଷଦଙ୍କ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅବସରରେ ଟାଟା ଷ୍ଟିଲ୍ ମାଇନିଂର ବରିଷ୍ଠ ମହାପ୍ରବନ୍ଧକ ବିଭୁଦତ୍ତ ମହାନ୍ତି ଓ ଅନ୍ୟ ଅଧିକାରୀମାନଙ୍କୁ ଖଣ୍ଡପଡ଼ାର ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଉକ୍ତ ପୁରସ୍କାର ପ୍ରଦାନ କରିଥିଲେ।

ଏ ସମ୍ପର୍କରେ ଟାଟା ଷ୍ଟିଲ ମାଇନିଂ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା କହିଛନ୍ତି, ଆମେ ସର୍ବଦା ନବସୃଜନ ପାଇଁ ଉଦ୍ୟମ କରୁଛୁ, ଏପରିକି ସପ୍‌ଫ୍ଲୋର୍‌ରେ ଆମ ଶ୍ରମ ଶକ୍ତି ତାହାକୁ ଦୈନନ୍ଦିନ କାର୍ଯ୍ୟକଳାପରେ ସାମିଲ କରିବାରେ ସର୍ବଦା ସହାୟକ ହୋଇଛି।

ଉଲ୍ଲେଖଯୋଗ୍ୟ ସଂସ୍ଥାଗତ ପ୍ରଦର୍ଶନରେ ଉନ୍ନତି ଆଣିବା ପାଇଁ ଟିମ୍ ଗଠନ କରିବା ଲାଗି ଉତ୍ସାହିତ କରିବା, ପ୍ରତିକୂଳ ପରିସ୍ଥିତିକୁ ଏଡ଼ାଇବା ଲାଗି ଶ୍ରେଷ୍ଠ ପ୍ରଥାର ଗ୍ରହଣୀୟତା ଶିଖିବା ଏବଂ ଏକ ଉତ୍ପାଦକ ପରିବେଶ ସୃଷ୍ଟି କରିବା ଲାଗି ସଂସ୍ଥାକୁ ସାହାଯ୍ୟ କରିବା ଭଳି ବିଷୟ ଉପରେ ଆଧାରିତ ପ୍ରତିଯୋଗିତା ଅନୁସାରେ ରେଟିଂ ପ୍ରଦାନ କରାଯାଇଥିଲା। ଉକ୍ତ ପୁରସ୍କାର ପ୍ରଦାନ ସମାରୋହ ଅବସରରେ ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍‌ର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ‘ଗ୍ରାମୀଣ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱାରୋପ’

ଭୁବନେଶ୍ୱର,୨୭।୨




ଆର୍ସେଲର ମିତ୍ତଲ-ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍-ଏନ୍‌ଏସ୍ ଇଣ୍ଡିଆ) ପକ୍ଷରୁ ବିଶ୍ୱ କଲ୍ୟାଣ ସେବା ଟ୍ରଷ୍ଟକୁ ଆଡଭାନ୍ସଡ୍ ଲାଇଫ୍ ସପୋର୍ଟ (ଏଏଲ୍‌ଏସ୍) ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ବିଶେଷ କରି ଗ୍ରାମୀଣ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ କରିବା ନିମନ୍ତେ ଟ୍ରଷ୍ଟକୁ ଉକ୍ତ ଆମ୍ବୁଲାନ୍ସ ଦିଆଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏପରିକି ଏଏମ୍-ଏନ୍‌ଏସ୍ ଇଣ୍ଡିଆର କର୍ପୋରେଟ ସାମାଜିକ ଦାୟିତ୍ୱବୋଧତା (ସିଏସଆର) କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶା ଏବଂ ଝାଡଖଣ୍ଡଠାରେ ସମାଜର ଉନ୍ନତି ନିମନ୍ତେ କାର୍ଯ୍ୟ କରୁଥିବା ଉକ୍ତ ଟ୍ରଷ୍ଟ (ଏନ୍‌ଜିଓ)କୁ ଏଭଳି ଏକ ଏଏଲ୍‌ଏସ୍ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ଉକ୍ତ ଆମ୍ବୁଲାନ୍ସଗୁଡିକ ଟ୍ରଷ୍ଟ ଦ୍ୱାରା ପରିଚାଳିତ ହେବ ଏବଂ ଏହା ଦ୍ୱାରା ଓଡ଼ିଶା ଓ ଝାଡଖଣ୍ଡର ପ୍ରାୟ ୫୦ଟି ଗ୍ରାମରେ ବସବାସ କରୁଥିବା ବାସିନ୍ଦାଙ୍କୁ ନିଃଶୁଳ୍କ ସେବା ଯୋଗାଇ ଦିଆଯିବ। ସେହିଭଳି ଡାକ୍ତର ଏବଂ ପାରାମେଡିକାଲ୍ କର୍ମଚାରୀଙ୍କ ଏକ ଟିମ୍ ମଧ୍ୟ ନିୟମିତ ବ୍ୟବଧାନରେ ଉପରୋକ୍ତ ରାଜ୍ୟର ବିଭିନ୍ନ ଗ୍ରାମକୁ ଯାଇ ରୋଗୀମାନଙ୍କର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଅବଗତ ହେବା ସହ ଉନ୍ନତ ଚିକିତ୍ସା ସୁନିଶ୍ଚିତ କରିବେ। ଏହି ଅତ୍ୟାଧୁନିକ ଆଡଭାନ୍ସଡ୍ ଲାଇଫ୍ ସପୋର୍ଟ ଆମ୍ବୁଲାନ୍ସରେ ଆବଶ୍ୟକ ସମସ୍ତ ପ୍ରକାର ଉପକରଣ ଯେପରିକି ଡିଫାଇବ୍ରିଲେଟର, ଭେଣ୍ଟିଲେଟର, ସକ୍ସନ୍ ମେଶିନ୍, ନେବୁଲାଇଜର, ଅଟୋମେଟିକ୍ ବିପି ଆପାରାଟସ୍, ହେଡ୍ ଇମୋବିଲିଜର, ସର୍ଭିକାଲ କୋଲାର, ଅକ୍ସିଜେନ୍ ସିଲିଣ୍ଡର, ପୋର୍ଟେବଲ୍ ଏକ୍ସ-ରେ, ଇସିଜି, ପାଥୋଲୋଜି ସେଟଅପ୍ ଏବଂ ଅନ୍ୟାନ୍ୟ ଉପକରଣ ରହିଛି। ଉଲ୍ଲେଖଯୋଗ୍ୟ ଏଏମ୍-ଏନ୍‌ଏସ୍ ଇଣ୍ଡିଆର ମାଇନିଂ-ଅପରେଶନ୍ ମୁଖ୍ୟ ଶରଣାପ୍ପା କାମ୍ବଲି, ସିଏସ୍‌ଆର ମୁଖ୍ୟ ଡ. ବିକାଶ ୟାଦଭେନ୍ଦୁ ବଡବିଲଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ବିଶ୍ୱ କଲ୍ୟାଣ ସେବା ଟ୍ରଷ୍ଟର ପ୍ରତିଷ୍ଠାତା ରୁପ୍ କୁମାର ସ୍ୱାମୀଙ୍କୁ ଉକ୍ତ ଆମ୍ବୁଲାନ୍ସ ହସ୍ତାନ୍ତର କରିଥିଲେ।

## ‘ସ୍ୱତନ୍ତ୍ର ୫ଜି ୟୁଜର୍ସ ୧୦ ନିୟୁତରୁ ଅଧିକ’

ନୂଆଦିଲ୍ଲୀ,୨୭।୨

ଦେଶର ପ୍ରମୁଖ ଟେଲିକମ କମ୍ପାନୀ ଭାରତୀ ଏୟାରଟେଲ୍ ନିକଟରେ ଆଉ ଏକ ବିଶେଷ ସଫଳତା ହାସଲ କରିଥିବା ଜଣାପଡିଛି। ଏପରିକି ଏୟାରଟେଲ ନେଟ୍‌ୱର୍କରେ ସ୍ୱତନ୍ତ୍ର ୫ଜି ୟୁଜର୍ସଙ୍କ ସଂଖ୍ୟା ୧୦ ନିୟୁତରୁ ଅଧିକ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ଭାରତୀ ଏୟାରଟେଲ୍‌ର ସିଟିଓ ରଣଦୀପ ସେଖନ କହିଛନ୍ତି, ଏହା ପ୍ରାରମ୍ଭିକ ଦିନ ହୋଇଥିଲେ ମଧ୍ୟ ଗ୍ରାହକମାନଙ୍କଠାରୁ ମିଳିଥିବା ପ୍ରତିକ୍ରିୟାକୁ ନେଇ ଆମେ ବେଶ୍ ଉତ୍ସାହିତ ରହିଛୁ। ଏକ ଅଧିକ ଯୋଗାଯୋଗ ଭିତ୍ତିକ, ସମାନତା ଏବଂ ନିରନ୍ତର ନେଟୱର୍କ ଗଠନ କରିବା ପାଇଁ ରହିଥିବା ପ୍ରତିବଦ୍ଧତାକୁ ଏୟାରଟେଲ୍ ଜାରି ରଖିବ। ଏୟାରଟେଲ୍ ୫ଜି ପ୍ଲସ୍‌ର ଗ୍ରାହକମାନଙ୍କ ପାଇଁ ତିନି ପ୍ରକାର ଲାଭ ରହିଛି। ପ୍ରଥମଟି ହେଉଛି ଏହା ଏକ ପ୍ରଯୁକ୍ତି ଦ୍ୱାରା ପରିଚାଳିତ ହେଉଛି, ଯାହା ବେଶ୍ ଉନ୍ନତ ବ୍ୟବସ୍ଥା ସହ ବିଶ୍ୱବ୍ୟାପୀ ଗ୍ରହଣୀୟତା ହାସଲ କରିଛି। ଏହା ନିଶ୍ଚିତ କରୁଛି ଯେ ସମସ୍ତ ୫ଜି ସ୍ମାର୍ଟଫୋନ୍ ନିରବଚ୍ଛିନ୍ନ ଭାବେ ଏୟାରଟେଲ୍ ନେଟ୍‌ୱର୍କରେ କାର୍ଯ୍ୟ କରିବ। ଦ୍ୱିତୀୟଟି ହେଉଛି କମ୍ପାନୀ ଶ୍ରେଷ୍ଠ ଅନୁଭୂତି ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଛି-ସୁପର-ଫାଷ୍ଟ କଲ୍ ସଂଯୋଗ, ଚମତ୍କାର ଭଏସ ଅନୁଭୂତି ସହିତ ଆଜିର ଦିନ ତୁଳନାରେ ୨୦ରୁ ୩୦ ଗୁଣା ଅଧିକ ଡାଟା ସ୍ପିଡ୍। ତୃତୀୟରେ ସ୍ୱତନ୍ତ୍ର ଶକ୍ତି ହ୍ରାସ ସମାଧାନ ସହିତ ପରିବେଶ ପାଇଁ ମଧ୍ୟ ଏୟାରଟେଲ୍ ୫ଜି ପ୍ଲସ୍ ନେଟ୍‌ୱର୍କ ଅନୁକୂଳ ରହିବ। ଦେଶର ସମସ୍ତ ରିଟେଲ ଷ୍ଟୋର୍‌ରେ ଏୟାରଟେଲ୍ ପକ୍ଷରୁ ୫ଜି ଏକ୍ସପେରିଏନ୍ସ ଜୋନ୍ ସୃଷ୍ଟି କରାଯାଇଛି। ଅଲ୍‌ଟ୍ରାଫାଷ୍ଟ ଏୟାରଟେଲ୍ ୫ଜି ପ୍ଲସ୍‌ର ଅନୁଭବ ହାସଲ କରିବା ଲାଗି ଗ୍ରାହକମାନେ ଷ୍ଟୋର ପରିଦର୍ଶନ କରିପାରିବେ।

**ଫୁର୍‌ସତ୍**

# ଦୂରରେ ଥାଇ ପ୍ରେମୀଯୁଗଳ କରିପାରିବେ କିସ୍

ବେଜିଂ



ପ୍ରେମୀଯୁଗଳ ସବୁବେଳେ ଏକାଠି ସମୟ ଅତିବାହିତ କରିବାକୁ ପସନ୍ଦ କରିଥାନ୍ତି। ତେବେ ଯଦି କୌଣସି ପ୍ରେମୀଯୁଗଳ ପରସ୍ପରଠାରୁ ବହୁ ଦୂରରେ ରହୁଥାନ୍ତି, ତେବେ ସେମାନେ ସବୁବେଳେ ପରସ୍ପରକୁ ଦେଖାହେବା ସମ୍ଭବ ହୋଇ ନ ଥାଏ। ଏପରି କ୍ଷେତ୍ରରେ ଚାଇନା ଏପରି ଏକ ଯନ୍ତ୍ର ପ୍ରସ୍ତୁତ କରିଛି, ଯାହାଦ୍ୱାରା କି ପ୍ରେମୀ ଯୁଗଳ ଦୂରରେ ରହୁଥିଲେ ମଧ୍ୟ ସେମାନେ ଉକ୍ତ ଯନ୍ତ୍ର ସାହାଯ୍ୟରେ ପରସ୍ପରକୁ କିସ୍ କରିପାରିବେ। ଏହି ଯନ୍ତ୍ରକୁ କିସିଂ ଡିଭାଇସ୍ ବୋଲି କୁହାଯାଉଛି। ରିପୋର୍ଟ ମୁତାବକ, ଏହି ଡିଭାଇସ୍‌ରେ ଏକ ସିଲିକନ୍ ଓଠ ଲାଗିଛି। ସେଥିରେ କିସ୍ କଲେ ତାହା ପ୍ରକୃତ କିସ୍ ଭଳି ଲାଗିବ। ତାହା ଆମ ଶରୀରର ଚାପ, ତାପ ଅନୁସାରେ କାମ କରିବ। ସେଥିପାଇଁ ସେହି ଡିଭାଇସ୍‌କୁ ଫୋନ ସହ ସଂଯୋଗ କରିବାକୁ ପଡ଼ିବ ଏବଂ ଫୋନ୍‌ରେ ଏକ ଆପ୍ ଡାଉନ୍‌ଲୋଡ୍ କରିବାକୁ ପଡ଼ିବ। ନିଜ ପ୍ରେମିକା କିମ୍ବା ପ୍ରେମିକ ସହ ଭିଡିଓ କଲ୍‌ରେ କଥା ହେବା ସମୟରେ ସେମାନେ କିସ୍ କରିପାରିବେ ବୋଲି ପ୍ରସ୍ତୁତକାରୀ ଜିଆଙ୍ଗ ଝୋଙ୍ଗ୍‌ଲି କହିଛନ୍ତି। ଏହା ପୂର୍ବରୁ ମାଲେସିଆ ୨୦୧୬ରେ ଏଭଳି ଏକ ଡିଭାଇସ୍ ପ୍ରସ୍ତୁତ କରିଥିବା ଜଣାପଡ଼ିଛି।

## ଶ୍ରେଷ୍ଠ ଅଭିନେତ୍ରୀ ଆଲିଆ

ମୁମ୍ବାଇ



ଆଲିଆ ଭଟ୍ଟ

ପ୍ରତିବର୍ଷ ପରି ଚଳିତବର୍ଷ ଜୀ ସିନେ ଆୱାର୍ଡ-୨୦୨୩ ରବିବାର ମୁମ୍ବାଇଠାରେ ଆୟୋଜିତ ହୋଇଯାଇଛି। ଏଥିରେ ରଶ୍ମିକା ମନ୍ଧାନା, କାର୍ତ୍ତିକ ଆର୍ଯ୍ୟନ, କିଆରା ଆଡ୍‌ଭାନୀ, ବରୁଣ ଧାୱନ, ଆଲିଆ ଭଟ୍ଟ, ଅନୁପମ ଖେର୍ ଏବଂ ଅନିଲ କପୁରଙ୍କ ସମେତ ଅନେକ କଳାକାର ଉପସ୍ଥିତ ଥିଲେ। ଏଥିରେ ବର୍ଷର ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଆଲିଆ ପୁରସ୍କୃତ ହୋଇଛନ୍ତି। ଫିଲ୍ମ ‘ଗଙ୍ଗୁବାଇ କାଠିଆୱାଡି’ରେ ତାଙ୍କର ଚମତ୍କାର ଅଭିନୟ ପାଇଁ ସେ ଏହି ପୁରସ୍କାରର ଅଧିକାରିଣୀ ହୋଇପାରିଛନ୍ତି। ସେହିପରି ଶ୍ରେଷ୍ଠ ଅଭିନେତା ଭାବେ କାର୍ତ୍ତିକ ଆର୍ଯ୍ୟନଙ୍କୁ ପୁରସ୍କୃତ କରାଯାଇଛି। ଫିଲ୍ମ ‘ଭୁଲ୍‌ଭୁଲେୟା-୨’ରେ ଦମ୍‌ଦାର ଅଭିନୟ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ତେବେ ଆଲିଆ ମା’ ହେବା ପରେ ପ୍ରଥମଥର ପାଇଁ ରେଡ୍ କାର୍ପେଟ୍‌ରେ ଯୋଗଦେଇଥିଲେ। ଏଥିସହ ଡାର୍ଲିଂ ଫିଲ୍ମରେ ଅଭିନୟ କରି ଆଲିଆ ଦର୍ଶକଙ୍କ ପସନ୍ଦର ଶ୍ରେଷ୍ଠ ଅଭିନେତ୍ରୀ ଭାବେ ମଧ୍ୟ ପୁରସ୍କୃତ ହୋଇଛନ୍ତି। ଏହା ପୂର୍ବରୁ ଆଲିଆ ଦାଦାସାହେବ ଫାଲ୍‌କେ ଅନ୍ତର୍ଜାତୀୟ ଫିଲ୍ମ ମହୋତ୍ସବରେ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ମଧ୍ୟ ପୁରସ୍କୃତ ହୋଇସାରିଛନ୍ତି। ଜୀ ସିନେ ଆୱାର୍ଡ ସହ ଆଲିଆ ରାତି ୨ଟାରେ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଫଟୋ ଶେୟାର କରି ସ୍ୱାମୀ ରଣବୀର କପୁରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ପୁରସ୍କାର ପାଇଁ ସେ ଭଂସାଲି ପ୍ରଡକ୍ସନକୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ତେବେ ଆଲିଆଙ୍କୁ ନିକଟରେ ‘ବ୍ରହ୍ମାସ୍ତ୍ର’, ‘ଡାର୍ଲିଂ’, ‘ଆର୍‌ଆର୍‌ଆର୍’ରେ ଦେଖିବାକୁ ମିଳିଥିଲା।

## ଦେଶର ପ୍ରଥମ ଡିଜିଟାଲ ନାଗରିକ

**ଥିମ୍ପୁ:** ଭୁଟାନର ରାଜକୁମାର ୭ ବର୍ଷୀୟ ଜିଗ୍‌ମେ ନାମ୍‌ଜୟେଲ୍ ୱାଙ୍ଗଚୁକ୍ ଭୁଟାନ ନ୍ୟାଶନାଲ ଡିଜିଟାଲ ପରିଚୟ(ଏନ୍‌ଡିଏ) ମୋବାଇଲ ୱାଲେଟ୍ ଉପରେ ଦେଶର ପ୍ରଥମ ଡିଜିଟାଲ ନାଗରିକତ୍ୱ ହାସଲ କରିଛନ୍ତି। ଏନେଇ ଭୁଟାନ ଲାଇଭ୍ ରିପୋର୍ଟ କରିଛି। ରିପୋର୍ଟ ମୁତାବକ, ଭୁଟାନ ଏନ୍‌ଡିଏ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ନାଗରିକଙ୍କୁ ସୁରକ୍ଷିତ ତଥା ଯାଞ୍ଚଯୋଗ୍ୟ ପରିଚୟ ପ୍ରମାଣପତ୍ର ପ୍ରଦାନ କରିଥାଏ। ସେମାନଙ୍କ ଗୋପନୀୟତାକୁ ମଧ୍ୟ ସୁରକ୍ଷିତ ରଖେ। ଭୁଟାନର କାର୍ଯ୍ୟନିର୍ବାହୀ ସଚିବ ଜିଗ୍‌ମେ ଟେନ୍‌ଜିଂ କହିଛନ୍ତି, ଦେଶର ପ୍ରଥମ ଡିଜିଟାଲ ନାଗରିକ ଭାବେ ସେ ତାଙ୍କ ରାଜକୁମାର ପାଇଥିବାରୁ ସେମାନେ ଗୌରବାନ୍ୱିତ। ଏହି ଫ୍ଲାଗ୍‌ଶିପ୍ ପଦକ୍ଷେପ ନାଗରିକମାନଙ୍କୁ ସୁରକ୍ଷିତ ଓ ଯାଞ୍ଚଯୋଗ୍ୟ ଡିଜିଟାଲ ପ୍ରମାଣପତ୍ର ପ୍ରଦାନ କରିବ ଏବଂ ତାଙ୍କ ଡିଜିଟାଲ ଭବିଷ୍ୟତ ପାଇଁ ଏକ ମୂଳଦୁଆ ପକାଇବ ବୋଲି ସେ କହିଛନ୍ତି। ଟେକ୍ନୋଲୋଜି ବିକାଶ କ୍ଷେତ୍ରରେ ଏହା ତାଙ୍କୁ ସାହାଯ୍ୟ କରିବ। ଜୀବନକୁ ପରିବର୍ତ୍ତନ କରିବାକୁ ଟେକ୍ନୋଲୋଜି ବ୍ୟବହାର ପ୍ରେରଣାଦାୟୀ ହେବ।



## ଯାଆଁଳା ହୋଇ ମଧ୍ୟ ଉଚ୍ଚତା ଭିନ୍ନ



**ଟୋକିଓ:** ମା’ ଗର୍ଭରୁ ଏକାସାଙ୍ଗରେ ଜନ୍ମିତ ଶିଶୁଙ୍କୁ ଯାଆଁଳା ବୋଲି କୁହାଯାଏ। ସେମାନେ ଦେଖିବାକୁ ମଧ୍ୟ ଏକାଭଳି ହୋଇଥାନ୍ତି। ହେଲେ କିଛି କ୍ଷେତ୍ରରେ ଏକାସାଙ୍ଗରେ ଜନ୍ମ ହୋଇଥିଲେ ମଧ୍ୟ ଦେଖିବାକୁ ଏକାଭଳି ହୋଇ ନ ଥାନ୍ତି। କେବଳ ସେମାନଙ୍କୁ ଟୁଇନ୍ସ କୁହାଯାଏ। ଜାପାନରେ ୨ ଭଉଣୀ ଏକ ସମୟରେ ଜନ୍ମ ହୋଇଥିଲେ ମଧ୍ୟ ସେମାନଙ୍କ ଉଚ୍ଚତା ସମ୍ପୂର୍ଣ୍ଣ ଭିନ୍ନ। ଦୁହିଙ୍କର ଏପରି ଉଚ୍ଚତା ଅସମାନତା ଯୋଗୁ ସେମାନେ ଗିନିଜ୍ ୱାର୍ଲ୍ଡ ରେକର୍ଡ ହାସଲ କରିଛନ୍ତି। ନିକଟରେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ତା’ ଟୁଇଟର ପେଜ୍‌ରେ ଏନେଇ ଏକ ଭିଡିଓ ଜାରି କରିଛି। ରିପୋର୍ଟ ମୁତାବକ, ୟୋଶି ଏବଂ ମିଶି ଜାପାନର ଓକାୟାମା ସହରରେ ରୁହନ୍ତି। ଦୁହିଙ୍କ ଜନ୍ମ ୧୯୮୯ରେ ଏକାସାଙ୍ଗରେ ହୋଇଥିଲେ ମଧ୍ୟ ଦୁହେଁ ପରସ୍ପରଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଜଣଙ୍କର ଉଚ୍ଚତା ୫ ଫୁଟ ୪ ଇଞ୍ଚ ହୋଇଥିବାବେଳେ ଅନ୍ୟ ଜଣେ ୨ ଫୁଟ ୧୦.୫ ଇଞ୍ଚ ଉଚ୍ଚତାର। ସେମାନଙ୍କ ଉଚ୍ଚତା ବ୍ୟବଧାନ ୨ ଫୁଟ ୫.୫. ଇଞ୍ଚ ହୋଇଥିବାରୁ ସେମାନଙ୍କ ନାମ ଗିନିଜ୍ ବୁକ୍ ଅଫ୍ ରେକର୍ଡରେ ସାମିଲ କରାଯାଇଛି।

## ୫ ପ୍ରାରମ୍ଭିକ ଭୋଟରଙ୍କୁ ମେଡାଲ



ସିଲଂ

ବର୍ତ୍ତମାନ ସମୟରେ ମେଘାଳୟ ରାଜ୍ୟରେ ଭୋଟ ପ୍ରକ୍ରିୟା ଜାରି ରହିଛି। ସେଠାରେ ଲୋକଙ୍କୁ ଭୋଟ ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ସେଠାକାର ସରକାର ଏକ ଭିନ୍ନ ଉପାୟ ଅବଲମ୍ବନ କରିଛି। ପୋଲିଂ ବୁଥ୍‌ରେ ପ୍ରଥମକରି ଭୋଟ ଦେଇଥିବା ପ୍ରଥମ ୫ ଭୋଟରଙ୍କୁ ମେଘାଳୟ ପକ୍ଷରୁ ସମ୍ମାନପୂର୍ବକ ମେଡାଲ ପ୍ରଦାନ କରାଯାଇଛି। ଭାରତର ଇଲେକ୍ସନ କମିଶନର ମଧ୍ୟ ସେଠାରେ ପ୍ରଥମ କରି ଭୋଟ ଦେଇ ଏହି ମେଡାଲରେ ସମ୍ମାନିତ ହୋଇଛନ୍ତି। ଏଥିଯୋଗୁ ଲୋକଙ୍କ ମନୋବଳ ବୃଦ୍ଧି ପାଇବ ଆଉ ସେମାନେ ନିଜ ସରକାର ନିଜେ ବାଛିପାରିବେ।

# ବିଶ୍ୱ ହିତରେ ବୈଶ୍ୱିକ ବିଜ୍ଞାନ





**ଜାତୀୟ ବିଜ୍ଞାନ ଦିବସ**

**ଜାତୀୟ ବିଜ୍ଞାନ ଦିବସ ଅବସରରେ ଚଳିତ ବର୍ଷ ବାର୍ତ୍ତା ରହିଛି 'ବିଶ୍ୱ ହିତରେ ବୈଶ୍ୱିକ ବିଜ୍ଞାନ (ଗ୍ଲୋବାଲ ସାଇନ୍ସ ଫର୍ ଗ୍ଲୋବାଲ୍ ୱେଲ୍‌ବିଙ୍ଗ୍)। ବିଶ୍ୱର ହିତ ସାଧନ ଉଦ୍ଦେଶ୍ୟରେ ବିଶ୍ୱର ସମଗ୍ର ବିଜ୍ଞାନୀ ସମ୍ପ୍ରଦାୟକୁ ଏହି ବାର୍ତ୍ତାରେ ଆହ୍ୱାନ ପ୍ରଦାନ କରାଯାଇଛି। ବାସ୍ତବରେ ଏହା ଏକ ସାମୂହିକ ବୈଜ୍ଞାନିକ ଦାୟିତ୍ୱ। ସୁତରାଂ ଜନସାଧାରଣଙ୍କ ମଙ୍ଗଳ ପାଇଁ ଆମେ ସମସ୍ତେ ଅଙ୍ଗୀକାର ହେବା ବାଞ୍ଛନୀୟ। ମାତ୍ର ଏହାର ସଫଳ ରୂପାୟନ ଲାଗି ବିଜ୍ଞାନ ହିଁ ହେବ ପ୍ରଧାନ ଅବଲମ୍ବନ।**

ଆମ ଦେଶରେ ଜାତୀୟ ବିଜ୍ଞାନ ଦିବସ ୧୯୮୭ ପରଠାରୁ ପାଳନ ହୋଇଆସୁଅଛି। ଏହା ପାଳିତ ହୋଇଥାଏ ପ୍ରତିବର୍ଷ ଫେବୃୟାରୀ ୨୮ ତାରିଖରେ। କାରଣ ୧୯୨୮ ମସିହା ଏହି ଦିନରେ ଭାରତୀୟ ବିଜ୍ଞାନୀ ସାର୍ ଚନ୍ଦ୍ରଶେଖର ଭେଙ୍କଟ ରମଣ (ସି.ଭି. ରମଣ) ଆବିଷ୍କାର କରିଥିଲେ 'ରମଣ ଇଫେକ୍ଟ' ବା ରମଣ ସିଦ୍ଧାନ୍ତ। ଏହି ଅସାଧାରଣ ସଫଳତା ପାଇଁ ଆବିଷ୍କାରର ମାତ୍ର ୨ ବର୍ଷ ପରେ ଅର୍ଥାତ୍ ୧୯୩୦ ମସିହାରେ ତାଙ୍କୁ ପଦାର୍ଥ ବିଜ୍ଞାନ ପାଇଁ ପ୍ରଦାନ କରାଯାଇଥିଲା ବିଶ୍ୱର ସର୍ବୋଚ୍ଚ ସମ୍ମାନଜନକ ନୋବେଲ ପୁରସ୍କାର।

ଚଳିତ ବର୍ଷର ଜାତୀୟ ବିଜ୍ଞାନ ଦିବସ ଲାଗି ବାର୍ତ୍ତା ରହିଛି 'ବିଶ୍ୱ ହିତରେ ବୈଶ୍ୱିକ ବିଜ୍ଞାନ (ଗ୍ଲୋବାଲ ସାଇନ୍ସ ଫର୍ ଗ୍ଲୋବାଲ୍ ୱେଲ୍‌ବିଙ୍ଗ୍)। ବିଶ୍ୱର ହିତ ସାଧନ ଉଦ୍ଦେଶ୍ୟରେ ବିଶ୍ୱର ସମଗ୍ର ବିଜ୍ଞାନୀ ସମ୍ପ୍ରଦାୟକୁ ଏହି ବାର୍ତ୍ତାରେ ଆହ୍ୱାନ ପ୍ରଦାନ କରାଯାଇଛି। ବାସ୍ତବରେ ଏହା ଏକ ସାମୂହିକ ବୈଜ୍ଞାନିକ ଦାୟିତ୍ୱ। ସୁତରାଂ ଜନସାଧାରଣଙ୍କ ମଙ୍ଗଳ ପାଇଁ ଆମେ ସମସ୍ତେ ଅଙ୍ଗୀକାର ହେବା ବାଞ୍ଛନୀୟ। ମାତ୍ର ଏହାର ସଫଳ ରୂପାୟନ ଲାଗି ବିଜ୍ଞାନ ହିଁ ହେବ ପ୍ରଧାନ ଅବଲମ୍ବନ।

ଉଲ୍ଲେଖଯୋଗ୍ୟ, ଭାରତୀୟ ବୈଜ୍ଞାନିକ ସାଫଲ୍ୟ ଏବେ କେବଳ ଗବେଷଣାଗାରର ପ୍ରକୋଷ୍ଠ ମଧ୍ୟରେ ସୀମିତ ହୋଇ ରହିନାହିଁ। ଏହାର ସୁଫଳ ସମଗ୍ର ଭାରତବାସୀ ଉପଭୋଗ କରିଚାଲିଛନ୍ତି। ଜନସାଧାରଣଙ୍କ ପାଇଁ ଏବେ ଏହା ସୃଷ୍ଟି କରିଛି ଏକ ନୂତନ ସୁଯୋଗ। ଭାରତୀୟ ବୈଜ୍ଞାନିକମାନଙ୍କର ସାମୂହିକ ଗବେଷଣା, ସାମୂହିକ ବୈଜ୍ଞାନିକ ସଫଳତା ଜନସାଧାରଣଙ୍କ ହିତାର୍ଥେ ବିନିଯୋଗ କରିବା ତଥା ସମଗ୍ର ମାନବ ଜାତିକୁ ଏହାର ଉପଭୋକ୍ତା କରିବାର ଆବଶ୍ୟକତା ରହିଛି।

ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ବିଶ୍ୱରେ ଭାରତ ଏକ ଅଗ୍ରଣୀ ରାଷ୍ଟ୍ର। କୋଭିଡ୍-୧୯ ମହାମାରୀ ସମୟରେ ମାତ୍ର ଅଳ୍ପ କେତୋଟି ମାସ ଭିତରେ କୋଭିଡ୍ ପ୍ରତିଷେଧକ ଟିକା ଉଦ୍ଭାବନ କରି ଭାରତ ଏହାର ପ୍ରତ୍ୟକ୍ଷ ପ୍ରମାଣ ଉପସ୍ଥାପିତ କରିପାରିଛି।

ବିଜ୍ଞାନ କାହାର ଏକଚାଟିଆ ଅଧିକାରଭୁକ୍ତ ନୁହେଁ। ସମଗ୍ର ବିଶ୍ୱବାସୀ ବୈଜ୍ଞାନିକ ଆବିଷ୍କାର ଓ ଉଦ୍ଭାବନର ଉପଭୋକ୍ତା। ସେଥିପାଇଁ ଫରାସୀ ଶରୀର ବିଜ୍ଞାନୀ କ୍ଲଡେ ବର୍ଣ୍ଣାଡ୍ ଯଥାର୍ଥରେ କହିଥିଲେ, 'ମୋତେ ନେଇ କଳା, ଆମକୁ ନେଇ ବିଜ୍ଞାନ।' ବାସ୍ତବରେ ବିଜ୍ଞାନ ହେଉଛି 'ସମସ୍ତଙ୍କର, ସମସ୍ତଙ୍କ ଦ୍ୱାରା ଏବଂ ସମସ୍ତଙ୍କ ପାଇଁ'। ସେଥିପାଇଁ ଫରାସୀ ଅଣୁଜୀବ ବିଜ୍ଞାନୀ ଲୁଇ ପାଶ୍ଚର କହିଥିଲେ, 'ବିଜ୍ଞାନ କୌଣସି ଏକ ନିର୍ଦ୍ଦିଷ୍ଟ ରାଷ୍ଟ୍ରର ସମ୍ପତ୍ତି ନୁହେଁ। କାରଣ ବିଜ୍ଞାନ ଜ୍ଞାନର ଅଧିକାରୀ ହେଉଛନ୍ତି ସମଗ୍ର ମାନବ ଜାତି। ବିଜ୍ଞାନ ଜ୍ଞାନ ଆଲୋକିତ କରିଥାଏ ସମଗ୍ର ଜଗତକୁ।

ସୁତରାଂ, ବିଜ୍ଞାନ ସମ୍ପ୍ରତି ଏକ ସାଂସ୍କୃତିକ ଆବଶ୍ୟକତା। ସେଥିପାଇଁ 'କଳକାରଖାନାର ଶ୍ରମିକ, କୃଷିକ୍ଷେତ୍ରର କୃଷକ ଏବଂ ପ୍ରତ୍ୟେକ ସଦସ୍ୟଙ୍କ ନିକଟରେ ବିଜ୍ଞାନର ସୁଫଳକୁ ପହଞ୍ଚେଇବାକୁ ପଡ଼ିବ। ଫଳରେ ସାଧାରଣ ଜନତା ବିଜ୍ଞାନର ଲାଭ ଉଠାଇପାରିବେ ବୋଲି ଭାରତୀୟ ପ୍ରଯୁକ୍ତି ବିଜ୍ଞାନୀ ଡ. ଆତ୍ମାରାମ ଯାହା କହିଛନ୍ତି ତାହା ସମ୍ପୂର୍ଣ୍ଣ ସତ୍ୟ। ଏହା ସ୍ୱୀକାର୍ଯ୍ୟ ଯେ, ବିଜ୍ଞାନ ବିଷୟରେ ସଚେତନତା ସୃଷ୍ଟି ନ ହେଲେ ସମଗ୍ର ବିଶ୍ୱରେ ଅଭାବ ଅନଟନ ଲାଗି ରହିବ। ଦୁଃଖଦୁର୍ଦ୍ଦଶାର ଅବସାନ ଘଟିବନାହିଁ କି ଜୀବନଯାପନର ମାନଦଣ୍ଡରେ ଉନ୍ନତି ସାଧନ ହୋଇପାରିବନାହିଁ।

ଥରେ ଜଣେ ଛାତ୍ର ରଦର ଫୋର୍ଡଙ୍କ ନିକଟରେ ପହଞ୍ଚି ନିଉକ୍ଲିୟର ଫିଜିକ୍ସ ଶାଖାରେ ତାଙ୍କ ତତ୍ତ୍ୱାବଧାନରେ ଗବେଷଣା କରିବା ନିମିତ୍ତ ଅଭିପ୍ରାୟ ବ୍ୟକ୍ତ କଲା। ଏହାର ଉତ୍ତରରେ ରଦର ଫୋର୍ଡ ପରାମର୍ଶ ଦେଲେ, 'ବାବୁ, ଗବେଷଣା କରିବା ନିମନ୍ତେ ବରଂ ବିଜ୍ଞାନର ଅନ୍ୟ ଏକ ଶାଖା ନିର୍ବାଚନ କର। କାରଣ ନିଉକ୍ଲିୟର ଫିଜିକ୍ସ କ୍ଷେତ୍ରରେ ଗବେଷଣା ପ୍ରାୟତଃ ସମାପ୍ତ। ଅନ୍ୟ କୌଣସି ବାଟ ରହିଯାଇଛି ବୋଲି ମୁଁ ଭାବିପାରୁନାହିଁ।' କିନ୍ତୁ ରଦର ଫୋର୍ଡଙ୍କ ଧାରଣା ଭ୍ରାନ୍ତ ପ୍ରମାଣିତ ହୋଇଛି। ସେ ଯେଉଁ ନିଉକ୍ଲିୟସ ବା ନାଭିକକୁ ଆବିଷ୍କାର କରିଥିଲେ ତାହା ଏବେ ବହୁ କଣିକାରେ ବିଭକ୍ତ। କେବଳ ନିଉକ୍ଲିୟର ଫିଜିକ୍ସ କାହିଁକି, ବିଜ୍ଞାନର ଯେକୌଣସି ଶାଖାରେ ବି ବିଜ୍ଞାନ ତାହାର ଶେଷ ସୀମାନ୍ତରେ ପହଞ୍ଚିପାରି ନାହିଁ କି ପହଞ୍ଚିପାରିବ ନାହିଁ ମଧ୍ୟ। ସେଥିପାଇଁ ହୁଏତ ଇଂରେଜ ଆଣବିକ ଅନୁବଂଶ ବିଜ୍ଞାନୀ ସିଡ୍‌ନୀ ବ୍ରେନର କହିଥିଲେ, 'ଆମେ ଯେତେବେଳେ ଗୋଟିଏ ଦରଜା ଉନ୍ମୁକ୍ତ କରିଦେଉ, ସେତେବେଳେ ଆମ ସମ୍ମୁଖରେ ଦୃଷ୍ଟିଗୋଚର ହୁଏ ଏକ ଦୀର୍ଘ ଅଳିନ୍ଦ। ଅଳିନ୍ଦର କିଛି ଦୂରରେ ପଥରୋଧ କରିଥାଏ ଅନ୍ୟ ଏକ ଦ୍ୱାର। ଉକ୍ତ ଦ୍ୱାର ଦେଇ ପ୍ରବେଶ କଲା ପରେ ଆହୁରି ଏକ ଅଳିନ୍ଦ ଓ ଆହୁରି ଏକ ଦ୍ୱାର ଅତିକ୍ରମ କରିବା ପାଇଁ ପଡ଼େ ଏବଂ ସେହି ପ୍ରକ୍ରିୟା ସଂଘଟିତ ହେଉଥାଏ ପୌନଃପୁନିକ ଭାବରେ। ଏହା ହିଁ ହେଉଛି ବିଜ୍ଞାନର ଚାରିତ୍ରିକ ବୈଶିଷ୍ଟ୍ୟ।

ଅଧୁନା ଜୀବନର ପ୍ରାୟତଃ ସମସ୍ତ ବିଭାବ ବିଜ୍ଞାନ ଦ୍ୱାରା ପ୍ରଭାବିତ। ପୁଣି ମଣିଷର ଦୀର୍ଘ ଭବିଷ୍ୟତ ତା' ପାଇଁ ଏକ ଆହ୍ୱାନ। ଏହି ଆହ୍ୱାନର ସଫଳ ମୁକାବିଲା ମଧ୍ୟ ସେହି ବିଜ୍ଞାନ ଉପରେ ନ୍ୟସ୍ତ। ଫଳରେ ବିଜ୍ଞାନର ପରିସର, ଯାହା ଏକଦା ଥିଲା ସୀମିତ ତାହା କ୍ରମେ କ୍ରମେ ଅଧିକରୁ ଅଧିକ ସ୍ଫୀତ ହେବାରେ ଲାଗିଛି। ଶିକ୍ଷାର ପ୍ରସାର ହେଉଛି। ଶିକ୍ଷିତ ବ୍ୟକ୍ତିମାନଙ୍କର ସଂଖ୍ୟା ବୃଦ୍ଧି ପାଉଛି। ଜନସଚେତନତା କ୍ଷେତ୍ରରେ ପ୍ରତିଭାର ଉନ୍ମେଷ ଘଟୁଛି। ତେଣୁ ସତ୍ୟ ସନ୍ଧାନୀ ରୂପେ ସ୍ୱୀକୃତ ବିଜ୍ଞାନୀ ସମ୍ପ୍ରଦାୟ ମଣିଷର ସାର୍ବଜନୀନ ହିତ ପାଇଁ ଅନୁକୂଳ ତଥା ସୁଦୂରପ୍ରସାରୀ ଅବଦାନ ଦେଇପାରିବେ ବୋଲି ଆଶା।

ବିଜ୍ଞାନ ହେଉଛି ପ୍ରଗତିର ସ୍ଥପତି। ପ୍ରଗତିରୂପକ ନନ୍ଦିଘୋଷ ସମ୍ପ୍ରତି ଦ୍ରୁତ ବେଗରେ ଧାବିତ। ବିଜ୍ଞାନ ଆମ ଜୀବନଧାରଣର ମାନକୁ ସମ୍ପୂର୍ଣ୍ଣ ରୂପାନ୍ତରିତ କରିଚାଲିଛି। ବିଗତ ଶହେ ବର୍ଷ ଭିତରେ ଆମ ଜୀବନଧାରା ଯେଉଁ ପ୍ରକାରେ ବିବର୍ତ୍ତିତ ହୋଇପାରିଛି, ବିଗତ ହଜାର ହଜାର ବର୍ଷ ଧରି ତାହା ସେପରି ଭାବରେ ପରିବର୍ତ୍ତିତ ହୋଇପାରି ନ ଥିଲା।

ସେ ଯାହାହେଉ, ବିଦାୟ ନେଇଛି ବିଂଶ ଶତାବ୍ଦୀ। ଏକବିଂଶ ଶତାବ୍ଦୀର ଏକ ଚତୁର୍ଥାଂଶ ସମାପ୍ତ ହେବାକୁ ବସିଲାଣି। ପ୍ରତ୍ୟେକ ବ୍ୟକ୍ତିକୁ ବିଜ୍ଞାନ ସାକ୍ଷର କରାଇବାର ଆହ୍ୱାନକୁ ସାକାର କରିବା ନିମିତ୍ତ ଏକ ସମ୍ମିଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସମୟ ସମ୍ପ୍ରତି ସମାଗତ। ତେବେ ବିଜ୍ଞାନର ଉତ୍ତରୋତ୍ତର ଉନ୍ନତିରେ ନୈତିକତାକୁ ଉପେକ୍ଷା କରିବା ବାଞ୍ଛନୀୟ ନୁହେଁ କି ନିରାପଦ ବି ନୁହେଁ।

**-ଡା. ନିତ୍ୟାନନ୍ଦ ସ୍ୱାଇଁ**
*ମୋ : ୯୪୩୭୭୬୬୧୧୭*

## ଏମାନଙ୍କ ମତରେ

### ବୈଜ୍ଞାନିକ ଚେତନାର ପ୍ରସାର ହେବା ଆବଶ୍ୟକ

**-ପ୍ର. ରମେଶ ଚନ୍ଦ୍ର ପରିଡ଼ା,** ବରିଷ୍ଠ ରସାୟନବିତ୍



ଆମ ଜାତୀୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ ପରିଷଦ ୧୯୮୬ ମସିହାରେ ଭାରତ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ ଫେବୃୟାରୀ ୨୮କୁ 'ଜାତୀୟ ବିଜ୍ଞାନ ଦିବସ' ରୂପେ ପାଳନ କରିବାକୁ। ଏହି ଦିବସ ଏବେ ମଧ୍ୟ ପାଳିତ ହେଉଅଛି। ଏହା ସମଗ୍ର ଦେଶର ସମସ୍ତ ଶିକ୍ଷାନୁଷ୍ଠାନ, ବିଜ୍ଞାନ ଗବେଷଣା ସଂସ୍ଥା, ଛାତ୍ରୀଛାତ୍ର ତଥା ଜନସାଧାରଣଙ୍କ ମଧ୍ୟରେ ବୈଜ୍ଞାନିକ ଚେତନାର ପ୍ରସାର ଘଟାଇ ଚାଲିଛି। ଫଳରେ ଆମ ଦେଶ ଆଜି ବିଜ୍ଞାନୋନ୍ନତ ବୋଲାଉଥିବା ପାଶ୍ଚାତ୍ୟ ଦେଶ ଆମେରିକା ଓ ଚାଇନା ସହ ପାଦ ମିଳାଇ ଚାଲିବାକୁ ସମର୍ଥ ହୋଇଛି। ପ୍ରତିବର୍ଷ ଏହି ଦିବସ ପାଳନ ଅବସରରେ ବିଜ୍ଞାନର ବିଭିନ୍ନ କ୍ଷେତ୍ରରେ ତଥା ତାହାକୁ ଜନପ୍ରିୟ କରିବାରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନଙ୍କୁ ପୁରସ୍କୃତ କରାଯାଉଛି। ତାହା ଆମ ସାମାଜିକ ଜୀବନ ସହିତ ବିଜ୍ଞାନ ଓ ବୈଜ୍ଞାନିକ ଚିନ୍ତାଧାରାକୁ ଜଡ଼ିତ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛି। ପୁନଶ୍ଚ ଏହା ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପିତ କରୁଛି ବିଜ୍ଞାନର ନୂତନ ବାର୍ତ୍ତା। ଆମ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଏବେ ଆଉ କେବଳ ଦେଶ ପାଇଁ ନୁହେଁ, ସମଗ୍ର ବିଶ୍ୱ ଲାଗି ଉଦ୍ଦିଷ୍ଟ ହେଲାଣି।

### ବିଜ୍ଞାନ ଗବେଷଣା ଲାଗି ଦେଶରେ ଭିତ୍ତିଭୂମି ଅଧିକ ଦୃଢ଼ ହେବା ଆବଶ୍ୟକ

**-ଡ.ବିଜୟକେତନ ପଟ୍ଟନାୟକ, ପ୍ରାକ୍ତନ ପିସିସିଏଫ୍**



ବିଜ୍ଞାନ କ୍ଷେତ୍ରରେ ମୌଳିକ ତଥା ସୃଜନାତ୍ମକ ଆବିଷ୍କାର ଏବଂ ଉଦ୍ଭାବନ କ୍ଷେତ୍ରରେ ନୋବେଲ ପୁରସ୍କାର ଯେ ସର୍ବଶ୍ରେଷ୍ଠ ସ୍ୱୀକୃତି ଏବଂ ସମ୍ମାନ, ଏକଥା ଅନସ୍ୱୀକାର୍ଯ୍ୟ। ଏହାର ବିଜେତାଙ୍କ ବିଷୟରେ ବିଚାର କଲେ ବିଜ୍ଞାନରେ ୧୯୦୧ରୁ ୨୦୨୨ ମଧ୍ୟରେ ପଦାର୍ଥ ବିଜ୍ଞାନରେ ୨୨୨ ଜଣ, ରସାୟନ ବିଜ୍ଞାନରେ ୧୮୯ ଏବଂ ଭେଷଜ ବିଜ୍ଞାନରେ ୨୨୫ ଜଣଙ୍କୁ ପ୍ରଦାନ କରାଯାଇଛି। ଏହି ତାଲିକାରେ ଭାରତୀୟଙ୍କ ସଂଖ୍ୟା ହାତଗଣତି। ଏ ପର୍ଯ୍ୟନ୍ତ ଭାରତୀୟ ଏବଂ ଭାରତୀୟ ବଂଶୋଦ୍ଭବଙ୍କୁ ମିଶାଇ ଅଦ୍ୟାବଧି ମାତ୍ର ୪ ଜଣ - ସି.ଭି. ରମଣ (୧୯୩୦), ଭାରତୀୟ ବଂଶୋଦ୍ଭବ ଆମେରିକୀୟ ବୈଜ୍ଞାନିକ ହରଗୋବିନ୍ଦ ଖୁରାନା(୧୯୬୮), ଭାରତରେ ଜନ୍ମିତ ତଥା ଆମେରିକୀୟ ବୈଜ୍ଞାନିକ ସୁବ୍ରମଣ୍ୟମ ଚନ୍ଦ୍ରଶେଖର(୧୯୮୩) ଏବଂ ଭାରତରେ ଜନ୍ମିତ ଏବଂ ବ୍ରିଟିଶ-ଆମେରିକୀୟ ବୈଜ୍ଞାନିକ ଭେଙ୍କଟରମଣ ରାମକ୍ରିଷ୍ଣନ (୨୦୦୯) ଏହି ପୁରସ୍କାର ପାଇଛନ୍ତି। ଏଠି ସ୍ୱାଭାବିକ ଭାବରେ ପ୍ରଶ୍ନ ଉଠେ ଆମ ଦେଶରେ ବିଜ୍ଞାନ ଗବେଷଣା ପାଇଁ ଉପଯୁକ୍ତ ତଥା ଉନ୍ନତମାନର ଭିତ୍ତିଭୂମି ଅଛି ତ ? ଏହାର ଅଭାବ ଯୋଗୁ ଭାରତୀୟ ବୈଜ୍ଞାନିକମାନେ ବିଦେଶର ବିଶ୍ୱବିଦ୍ୟାଳୟରେ ନିଜକୁ ଗବେଷଣାରେ ନିୟୋଜିତ ରଖୁଛନ୍ତି। ବିଜ୍ଞାନ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ କାର୍ଯ୍ୟରତ ବିଶ୍ୱର ପ୍ରମୁଖ ୨୦୦ଟି ବିଶ୍ୱବିଦ୍ୟାଳୟ ସ୍ଥାନ ପାଇଥିଲେ ମଧ୍ୟ ସେଥିରେ ଭାରତର ଗୋଟିଏ ହେଲେ ସ୍ଥାନ ପାଇପାରି ନାହିଁ। ଚଳିତ ବର୍ଷ ଭାରତ ଜି-୨୦ ବିଶ୍ୱ ସମ୍ମିଳନୀରେ ଅଧ୍ୟକ୍ଷତା କରିବାକୁ ଯାଉଛି। ଆମେ ସ୍ୱୀକାର କରୁଛେ, ଉଭୟ ସାମାଜିକ, ଅର୍ଥନୈତିକ ଓ ପାରିପାର୍ଶ୍ୱିକ କ୍ଷେତ୍ରରେ ବିଜ୍ଞାନ ଓ ବୈଷୟିକ ଜ୍ଞାନର ପ୍ରୟୋଗ ବିନା ଦେଶର ପ୍ରଗତି ଆଦୌ ଉଜ୍ଜ୍ୱଳମୟ ବା ସମ୍ଭାବନାମୟ ନୁହେଁ।

---

**ଶରୀରରେ ରୋଗ ପଶିଲେ ଲୋଡ଼ାହୁଏ ଚିକିତ୍ସା। ସାଧାରଣ ବ୍ୟାଧି କ୍ଷେତ୍ରରେ କିଛିଦିନ ଔଷଧ ସେବନ ପରେ ମିଳିଥାଏ ଉପଶମ। ରୋଗୀ ପୁନର୍ବାର ସ୍ୱାଭାବିକ ଜୀବନ ଜିଏ। ହେଲେ ଏମିତି ଅନେକ ବିରଳ ରୋଗ ଅଛି, ଯେଉଁଥିରେ ଥରେ ଆକ୍ରାନ୍ତ ହେଲେ ସମ୍ପୂର୍ଣ୍ଣ ଜୀବନଶୈଳୀ ବଦଳିଯାଏ। ବିନା ପଥ୍ୟ, ଡାକ୍ତରୀ ପରାମର୍ଶରେ କଷ୍ଟକର ହୋଇପଡ଼େ ବଞ୍ଚିବା। ଏଭଳି ଜଟିଳ ରୋଗର ନିଦାନ ଖର୍ଚ୍ଚ ବି କିଛି କମ୍ ନୁହେଁ। ତା' ସହିତ ରୋଗୀ ପାଏ ଅକଥନୀୟ ଯନ୍ତ୍ରଣା। କେବଳ ରୋଗୀ ନୁହନ୍ତି, ଏଥିରେ ପ୍ରଭାବିତ ହୁଅନ୍ତି ପରିବାର ଏବଂ ଆତ୍ମୀୟ। ଦୁର୍ଭାଗ୍ୟକୁ ଡାକିଆଣୁଥିବା ଏପରି ଜଟିଳ ବା ବିରଳ ବ୍ୟାଧି ବିଷୟରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଫେବୃୟାରୀ ମାସ ଶେଷ ଦିନକୁ (ସାଧାରଣ ବର୍ଷରେ ୨୮ ତାରିଖ, ଅଧିବର୍ଷରେ ୨୯ ତାରିଖ) ବିରଳ ରୋଗ ଦିବସ ବା ରେୟାର ଡିଜିଜ୍ ଡେ' ଭାବେ ପାଳନ କରାଯାଉଛି। ଏ ସଂକ୍ରାନ୍ତରେ 'ଧରିତ୍ରୀ'ର ସ୍ୱତନ୍ତ୍ର ଉପସ୍ଥାପନା...**

# ଦୁର୍ଭାଗ୍ୟ ଆଣୁଛି ବିରଳବ୍ୟାଧି



**ବିଶ୍ୱବ୍ୟାପୀ ୩୦ କୋଟି ରୋଗୀ**

ଏକ ସର୍ବେକ୍ଷଣ ଅନୁଯାୟୀ ସାରା ପୃଥିବୀରେ ପ୍ରାୟ ୩୦ କୋଟି ଜନସାଧାରଣ ବିରଳ ତଥା ଜଟିଳ ରୋଗରେ ପୀଡ଼ିତ। ଏଭଳି ଦୁରାରୋଗ୍ୟ ବ୍ୟାଧିର ନିଦାନ ଅଦ୍ୟାବଧି ବାହାରିନାହିଁ। ବିଶେଷଜ୍ଞମାନେ ରୋଗୀଙ୍କ ସ୍ଥିତିକୁ ଦେଖି ଚିକିତ୍ସା କରିଥାଆନ୍ତି କିମ୍ବା ପରାମର୍ଶ ଦେଇଥାଆନ୍ତି। ତେଣୁ ଶେଷନିଃଶ୍ୱାସ ଥିବା ଯାଏ ପୀଡ଼ିତଙ୍କୁ ରୋଗ ସହିତ ଜିଇବାକୁ ପଡ଼େ।

ବିଭିନ୍ନ ନୈଦାନିକ ପରୀକ୍ଷଣରୁ ୭,୦୦୦ରୁ ଉର୍ଦ୍ଧ୍ୱ ବ୍ୟାଧିକୁ ବିରଳ ରୋଗ ଶ୍ରେଣୀଭୁକ୍ତ କରାଯାଇଛି। ଏଭଳି ରୋଗର ପ୍ରାୟ ୭୨% ଆନୁବଂଶିକ ହୋଇଥିବାବେଳେ ତନ୍ମଧ୍ୟରୁ ୭୦% ଶୈଶବରୁ ହିଁ ଆରମ୍ଭ ହୋଇଥାଏ। ଦି ୟୁରୋପିଆନ ଅର୍ଗାନାଇଜେଶନ ଫର୍ ରେୟାର ଡିଜିଜ୍ (ଇୟୁଆର୍‌ଓଆର୍‌ଡିଆଇଏସ୍) ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ବିଶ୍ୱ ଜନସଂଖ୍ୟାର ୩.୫%ରୁ ୫.୯% ଏଭଳି ଜଟିଳ ରୋଗରେ ପୀଡ଼ିତ। ଏଥିରେ ଆକ୍ରାନ୍ତ ହେଲେ ବ୍ୟକ୍ତିର ଶାରୀରିକ, ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହୁଏ। ଅନ୍ୟମାନଙ୍କ ଭଳି ସ୍ୱାଭାବିକ ଜୀବନ ବଞ୍ଚିବା, ଇଚ୍ଛା ଅନୁଯାୟୀ ଖାଦ୍ୟ ଗ୍ରହଣ କରିବା ସମ୍ଭବପର ହୁଏନାହିଁ। ଦୈନନ୍ଦିନ ଜୀବନରେ ଏକାଧିକ କଟକଣା ଜୀବନକୁ ସଙ୍କୁଚିତ କରିପକାଏ।

ଅଧିକାଂଶ ବିରଳ ରୋଗ ଆନୁବଂଶିକ। ଜିନ୍‌ଗତ ତ୍ରୁଟି, ହର୍‌ମୋନ ପ୍ରବାହରେ ବାଧକକୁ ଏହାର ପ୍ରମୁଖ କାରଣ ବୋଲି ବିଚାର କରାଯାଏ। ଅନ୍ୟ କେତେକ କ୍ଷେତ୍ରରେ ବ୍ୟାକ୍ଟେରିଆ, ଭାଇରସ୍, ସଂକ୍ରମଣ, ଆଲର୍ଜି ମଧ୍ୟ ଏଭଳି ବ୍ୟାଧିକୁ ଆମନ୍ତ୍ରଣ କରିଥିବାର ନଜିର ରହିଛି। ପ୍ରାରମ୍ଭିକ ଅବସ୍ଥାରେ ଲକ୍ଷଣ ନ ଥିବାରୁ ଏଭଳି ରୋଗ ଚିହ୍ନଟ ହୋଇପାରି ନ ଥାଏ। ବୟସ ବଢ଼ିବା ସହ ଏହା ଜଣାପଡ଼େ। ସେତେବେଳକୁ ବହୁ ବିଳମ୍ବ ହୋଇସାରିଥାଏ ଏବଂ ଏହାର ଚିକିତ୍ସା କରିବା କଷ୍ଟକର ହୋଇପଡ଼େ। ବିରଳ ରୋଗ ପୀଡ଼ିତଙ୍କ କ୍ଷମତାର ଅନ୍ତ କରିଦିଏ। ବେଳେ ବେଳେ ଏହା ଏତେ ବିପଜ୍ଜନକ ହୋଇପଡ଼େ ଯେ, ରୋଗୀ ନିଶ୍ଚିତ ମୃତ୍ୟୁମୁଖରେ ପଡ଼େ। ଏଭଳି ରୋଗରେ ଆକ୍ରାନ୍ତଙ୍କୁ ବିଶେଷ ଯତ୍ନର ଆବଶ୍ୟକତା ଲୋଡ଼ାପଡ଼େ। ଯଦିଓ ରୋଗ ସମ୍ପୂର୍ଣ୍ଣ ଉପଶମ ହେବା ସମ୍ଭାବନା ନ ଥାଏ, ତଥାପି ପରିବାର ସଦସ୍ୟଙ୍କ ସହଯୋଗ, ସେବା ଦ୍ୱାରା ରୋଗୀଙ୍କ ଯନ୍ତ୍ରଣା କିଛି ମାତ୍ରାରେ ଲାଘବ ହୋଇଥାଏ ଏବଂ ମନରେ ସକାରାତ୍ମକ ଭାବନା ସୃଷ୍ଟି ହେବାରେ ସହାୟକ ହୁଏ।

### ଭାରତର ସ୍ଥିତି ଜଟିଳ

ଭାରତ ଭଳି ବିଶାଳ ଦେଶରେ ବିରଳ ରୋଗରେ ଆକ୍ରାନ୍ତଙ୍କ ନିର୍ଦ୍ଦିଷ୍ଟ ସଂଖ୍ୟା ନିରୂପଣ କରିବା କେବଳ କଷ୍ଟସାଧ୍ୟ ନୁହେଁ, ଏକପ୍ରକାର ଅସମ୍ଭବ ମଧ୍ୟ। ତେବେ ଦେଶରେ ୭ କୋଟିରୁ ଉର୍ଦ୍ଧ୍ୱ ଏଭଳି ଜଟିଳ ରୋଗର ଶିକାର ହୋଇଥିବା ବିଭିନ୍ନ ସୂତ୍ରରୁ ମିଳିଥିବା ତଥ୍ୟ ଆଧାରରେ ଅନୁମାନ କରାଯାଇଛି। ଦେଶର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅନ୍ଧବିଶ୍ୱାସ ଏବଂ ସଚେତନତା ଅଭାବରୁ ଏବେ ବି ଲୋକେ ଔଷଧ ଅପେକ୍ଷା ଝଡ଼ାଫୁଙ୍କା ଉପରେ ବେଶି ବିଶ୍ୱାସ କରୁଛନ୍ତି। ମେଡିକାଲ ଯିବା ବଦଳରେ ଦେଶୀୟ ଚିକିତ୍ସା ଆପଣାଉଛନ୍ତି। ତେଣୁ ବିରଳ ରୋଗରେ ଆକ୍ରାନ୍ତ ହେଲେ ରୋଗୀ ନିଜେ ମଧ୍ୟ ଏ ସମ୍ପର୍କରେ ଜାଣିପାରି ନ ଥାନ୍ତି। ସେମାନେ ଏହାକୁ ସାଧାରଣ ରୋଗ ଭାବି ଶସ୍ତା ଚିକିତ୍ସା ଉପରେ ଭରସା କରୁଛନ୍ତି। ତେଣୁ ଆକ୍ରାନ୍ତଙ୍କ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ଜଣାପଡୁନାହିଁ, ଯାହା ସ୍ଥିତିକୁ ଅଧିକ ଜଟିଳ କରିଛି।

## ରେୟାର ଡିଜିଜ୍ ଡେ'

## 'ଶେୟାର ଇୟୋର କଲର୍ସ'

**ଏବର୍ଷର ଥିମ୍**

ୟୁରୋପିଆନ ଅର୍ଗାନାଇଜେଶନ ଫର୍ ରେୟାର ଡିଜିଜ୍ (ଇୟୁଆର୍‌ଓଆର୍‌ଡିଆଇଏସ୍) ପକ୍ଷରୁ ପ୍ରଥମେ ୨୦୦୮ରେ ରେୟାର ଡିଜିଜ୍ ଡେ'ର ଶୁଭାରମ୍ଭ କରାଯାଇଥିଲା। ସେହିବର୍ଷ ଅଧିବର୍ଷ ହୋଇଥିବାରୁ ଫେବୃୟାରୀ ୨୯ ତାରିଖ ବିଶିଷ୍ଟ ହୋଇଥିଲା। ତେଣୁ ଉକ୍ତ ଦିନକୁ ବିରଳ ରୋଗାକ୍ରାନ୍ତଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଫେବୃୟାରୀ ମାସର ଅନ୍ତିମ ତାରିଖରେ ପ୍ରତିବର୍ଷ ଏହି ଦିବସ ପାଳିତ ହୋଇଆସୁଛି। ଚଳିତବର୍ଷ ରେୟାର ଡିଜିଜ୍ ଡେ'ର ଥିମ୍ ରହିଛି 'ଶେୟାର ଇୟୋର କଲର୍ସ'। ଏହି ଦିବସ ଉପଲକ୍ଷେ ବିଶ୍ୱବ୍ୟାପୀ ୬୦୦ରୁ ଅଧିକ ସଚେତନତାଭିତ୍ତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଏଥିରେ ୧୦୬ଟି ଦେଶ ସାମିଲ ହୋଇଛନ୍ତି।

### ସରକାରୀସ୍ତରରେ ଔଷଧ କ୍ରୟର ବ୍ୟବସ୍ଥା କରାଯାଇ ପାରିଲେ ସୁଫଳ ମିଳିବ



ସାଧାରଣତଃ ରେୟାର ଡିଜିଜ୍‌ଗୁଡ଼ିକ ପାଇଁ ଖୋଲା ବଜାରରେ ନା ଔଷଧ ମିଳେ ନା ସବୁ ଔଷଧ କମ୍ପାନୀମାନେ ଔଷଧ ତିଆରି କରନ୍ତି। ଖୁବ୍ କମ୍ କମ୍ପାନୀ ରେୟାର୍ ଡିଜିଜ୍ ନିମନ୍ତେ ଔଷଧ ଉତ୍ପାଦନ କରୁଥିବାରୁ ଏହାର ଦର ମଧ୍ୟ ଅତ୍ୟଧିକ ହୋଇଥାଏ। ଯାହାକି ସାଧାରଣ ଲୋକଙ୍କ ପାଇଁ ଅପହଞ୍ଚ ହୋଇଯାଏ। ଉଦାହରଣ ସ୍ୱରୂପ ମସ୍କ୍ୟୁଲୋ-ସ୍କେଲିଟାଲ ରୋଗର ଔଷଧ ଯାହା ସାଧାରଣ ରୋଗୀଟିଏ କିଣିପାରିବା ଅସମ୍ଭବ ହୋଇପଡୁଛି। ତେଣୁ ବିରଳ ରୋଗଗୁଡ଼ିକ ପାଇଁ ଔଷଧ ଯଦି ସରକାରୀ ସ୍ତରରେ ବ୍ୟବସ୍ଥା କରାଯାଇପାରିବ, ତେବେ ଅନେକ ଲୋକ ଉପକୃତ ହୁଅନ୍ତେ।

**-ଡା. ସୁଦୀପ୍ତ ରଞ୍ଜନ ସିଂହ**
ଫରେନ୍ସିକ ମେଡିସିନ ବିଭାଗର
ଅତିରିକ୍ତ ପ୍ରଫେସର,
ଏମ୍ସ ଭୁବନେଶ୍ୱର

# ବଦଳିଯାଏ ଜୀବନର ଗତିପଥ

କେବେ ଶୁଣିଛନ୍ତି କି ୱାଟର ଆଲର୍ଜି, ଷ୍ଟୋନ୍ ମ୍ୟାନ୍ ଡିଜିଜ୍। ହୁଏତ ଏହାର ଉତ୍ତର ନା। କାରଣ ଏହା ଡାଇବେଟିସ୍, ହାଇବ୍ଲଡପ୍ରେସର ଭଳି ସାଧାରଣ ଡିଜ୍‌ଅର୍ଡର ନୁହେଁ, ଯାହା ଖାଦ୍ୟପେୟ, ଜୀବନଶୈଳୀକୁ ବଦଳାଇଦେଲେ ନିୟନ୍ତ୍ରଣକୁ ଆସିଯିବ। ଏଭଳି ବିରଳ ଦୁରାରୋଗ୍ୟ ବ୍ୟାଧିରେ ଆକ୍ରାନ୍ତ ହେଲେ ସୃଷ୍ଟି ହୁଏ ଅସାଧାରଣ ସ୍ଥିତି, ଯାହା ମଣିଷ ଜୀବନର ଗତିପଥକୁ ବଦଳାଇ ଦେଇଥାଏ। ଏଭଳି କେତେକ ଜଟିଳ ରୋଗ ମଧ୍ୟରେ ରହିଛି ଏଚ୍‌ଜିପିଏସ୍, ଏଫ୍‌ଏଏସ, ବ୍ଲୁ-ସ୍କିନ୍ ଡିଜ୍‌ଅର୍ଡର, ୱାଟର ଆଲର୍ଜି, ହାର୍ଲେକ୍ୱିନ୍-ଟାଇପ୍ ଇଚ୍‌ଥ୍ୟୋସିସ୍, କୁରୁ ଡିଜିଜ୍, ଷ୍ଟୋନ ମ୍ୟାନ୍‌ସ ଡିଜିଜ୍, ଲେସ୍‌ଚ-ନ୍ୟାହାନ-ସିଣ୍ଡ୍ରୋମ୍ ଭଳି ଅନେକ।



**ଏଚ୍‌ଜିପିଏସ୍:** ବିଶ୍ୱର ଦୁର୍ଲଭ ରୋଗ କାଟାଗୋରିର ଟପ୍ ଟେନ୍‌ରେ ରହିଛି ହଚିନ୍‌ସନ ଗିଲ୍‌ଫର୍ଡ ପ୍ରୋଗୋରିଆ ସିଣ୍ଡ୍ରୋମ୍ (ଏଚ୍‌ଜିପିଏସ୍) ବା ପ୍ରିମାଚ୍ୟୁର ଏଜିଂ। ଏଥିରେ ଛୋଟ ବୟସରୁ ବାର୍ଦ୍ଧକ୍ୟ ମାଡ଼ିବସେ। ଶିଶୁର ଶାରୀରିକ ଗଠନରୁ ବୟସ ହଠାତ୍ ବଢ଼ିଯିବା ଭଳି ପ୍ରତୀୟମାନ ହୁଏ। ପ୍ରତି ୨ କୋଟି ଜନସଂଖ୍ୟାରେ ଜଣେ ଏହି ଜଟିଳ ରୋଗରେ ଆକ୍ରାନ୍ତ। ଏଥିରେ ପୀଡ଼ିତଙ୍କ ଯୁବାବସ୍ଥାରେ ହୃଦ୍‌ଘାତ ଆଶଙ୍କା ବେଶି।

**ଫରେନ୍ ଏସେଣ୍ଟ ସିଣ୍ଡ୍ରୋମ୍ (ଏଫ୍‌ଏଏସ୍):** ଏହି ରୋଗରେ ପୀଡ଼ିତ ବ୍ୟକ୍ତିଙ୍କ ଭାଷାଗତ ସମସ୍ୟା ଦେଖାଦେଇଥାଏ। ଅର୍ଥାତ୍ ବ୍ୟକ୍ତି ଜଣକ ବିଦେଶୀ ଭାଷାରେ କଥା ହେବାକୁ ଉଦ୍ୟମ କରିଥାଆନ୍ତି। ଯଦିଓ ସେ ନିଜ ମୂଳଭାଷାରେ ଭାବ ବିନିମୟ କରିଥାଆନ୍ତି, ହେଲେ ବିଦେଶୀ ଭାଷାରେ ଶବ୍ଦ ଉଚ୍ଚାରଣ କରିଥାଆନ୍ତି। ଏହା ଏକ ଭାଷାଗତ ବିକାର, ଯାହା ମସ୍ତିଷ୍କରେ ଆଘାତ ଲାଗିଲେ ଏବଂ ଅନ୍ୟ ମସ୍ତିଷ୍କ ସଂକ୍ରାନ୍ତ ରୋଗ କାରଣରୁ ହୋଇଥାଏ। ଅଦ୍ୟାବଧି ସମଗ୍ର ବିଶ୍ୱରେ ମାତ୍ର ୧୦୦ ଜଣ ଏଫ୍‌ଏଏସ୍‌ର ଶିକାର ହୋଇଥିବା ମାମଲା ପଞ୍ଜୀକୃତ ହୋଇଛି।

**ବ୍ଲୁ-ସ୍କିନ୍ ଡିଜ୍‌ଅର୍ଡର (ମେଥେମୋଗ୍ଲୋବିନେମିଆ):** ନୀଳଚର୍ମଯୁକ୍ତ ମଣିଷଙ୍କ ବିଷୟରେ ଅନେକ ସମୟରେ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥାଏ। ଏହା ଏକ ରକ୍ତଜନିତ ରୋଗ। ଏହି ରୋଗର ଶିକାର ଆକ୍ରାନ୍ତଙ୍କ ରକ୍ତ, ଓଠ, ନଖ ସବୁ ନୀଳ ପଡ଼ିଯାଏ। ଏହା ମୁଖ୍ୟତଃ ଆନୁବଂଶିକ। ହେଲେ ମାରାତ୍ମକ ରାସାୟନିକ ସଂସ୍ପର୍ଶରେ ଆସିବା କିମ୍ବା ଔଷଧର ପାର୍ଶ୍ୱ ପ୍ରତିକ୍ରିୟା କାରଣରୁ ମଧ୍ୟ ମେଥେମୋଗ୍ଲୋବିନେମିଆ ହେବାର ଆଶଙ୍କା ଥାଏ।

**ୱାଟର ଆଲର୍ଜି (ଆକ୍ୱାଜେନିକ୍ ୟୁର୍ଟିକାରିଆ):** କଥାରେ ଅଛି ଜଳ ହିଁ ଜୀବନ। ହେଲେ ଯଦି କେହି ୱାଟର ଆଲର୍ଜି ବା ଆକ୍ୱାଜେନିକ୍ ୟୁର୍ଟିକାରିଆରେ ଆକ୍ରାନ୍ତ ତା' ହେଲେ ପାଣି ତାଙ୍କ ଜୀବନ ନେଇଯାଇପାରେ। ଏହି ରୋଗରେ ସଂକ୍ରମିତ ବ୍ୟକ୍ତି ପାଣି ସଂସ୍ପର୍ଶରେ ଆସିବା କ୍ଷଣି ଆଲର୍ଜିର ଶିକାର ହୋଇଥାଆନ୍ତି। କେବଳ ପାଣି ନୁହେଁ, ବରଫ, ଝାଳ ଏପରି କି ଲୁହ ମଧ୍ୟ ଆକ୍ରାନ୍ତଙ୍କ ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇଥାଏ। ଏବେ ସୁଦ୍ଧା ବିଶ୍ୱରେ ମାତ୍ର ୫୦ ଜଣ ଏଭଳି ରୋଗୀ ନଜରକୁ ଆସିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ବସନ୍ତ
ପରିବାରବର୍ଗ


ସୁର୍ବି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭୁବନେଶ୍ୱର ଟିମ୍ ଚାମ୍ପିୟନ

### ଡିଫାକପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଧର୍ମଶାଳା,୨୭।୨(ଡି.ଏନ୍.ଏ.)

ଯାଜପୁର ଜିଲା ଧର୍ମଶାଳା ଫୁଟବାଲ ଆସୋସିଏଶନ (ଡିଫା) ଅନୁକୂଲରେ ବାଣୀପୀଠ ଖେଳ ପଡ଼ିଆରେ ୨୫ତମ ଡିଫା କପ୍ ଓ ୫ମ ରଞ୍ଜିତ ସ୍ୱାଇଁ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ପ୍ରତାପ କ୍ଲବ ଭୁବନେଶ୍ୱର ଟାଇବ୍ରେକର ଜରିଆରେ ୪-୧ ଗୋଲରେ କଟକ ଗାଲାଣ୍ଟ କ୍ଲବକୁ ପରାସ୍ତ କରି ଚଳିତ ବର୍ଷ ଚାମ୍ପିୟନ ହୋଇଛି। ମ୍ୟାର ପ୍ରଥମାର୍ଦ୍ଧରେ କେହି କାହାକୁ ଗୋଲ ଦେଇ ପାରି ନ ଥିଲେ। ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ପ୍ରତାପ କ୍ଲବର ବବୁଲ ରାଉତ ଗୋଟିଏ ଗୋଲ ଦେଇଥିଲେ। ମାତ୍ର ଖେଳ ସରିବାର ୨ ମିନିଟ ପୂର୍ବରୁ ଗାଲାଣ୍ଟ କ୍ଲବର ଶିବୁ ନାୟକ ଗୋଟିଏ ଗୋଲ ଦେଇ ମ୍ୟାଚ୍‌କୁ ଡ୍ର କରିଥିଲେ। ପରେ ଟ୍ରାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ଭୁବନେଶ୍ୱର ପ୍ରତାପ କ୍ଲବ ୪-୧ ଗୋଲରେ ଗାଲାଣ୍ଟ କ୍ଲବକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଭୁବନେଶ୍ୱରର ଟିମର ବବୁଲ ରାଉତ ଓ କଟକ ଟିମର ପ୍ରକାଶ ନାୟକଙ୍କୁ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ଘୋଷଣା କରାଯାଇଥିଲା। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳୀ ଭାବେ ଭୁବନେଶ୍ୱର କ୍ଲବର ଗୋଲ କିପର ସ୍ମୃତି ରଞ୍ଜନ ରାଉତଙ୍କ ନାମ ଘୋଷଣା କରାଯାଇଥିଲା। ଫାଇନାଲ୍‌କୁ ଚିତ୍ତରଞ୍ଜନ ଓଝା ଓ ଶୈଳେଶ ପାଣି ପରିଚାଳନା କରିଥିବା ବେଳେ ପ୍ରଶାନ୍ତ ସେଠୀ ଓ ସତ୍ୟପ୍ରକାଶ ବିଶ୍ୱାଳ ଲାଇନରେ ସହାୟତା କରିଥିଲେ। ଡିଫା ସଭାପତି ପ୍ରମୋଦ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଜିଲାପରିଷଦ ସଭ୍ୟ ଜଳଧର ମହାନ୍ତି, ବୌଦ୍ଧ ଜିଲା ସିଭିଲ ଜର୍ଜ ଦୁର୍ଗାପ୍ରସାଦ ପଣ୍ଡା,ଚହଟା ସରପଞ୍ଚ ସୁମିତ୍ରା ସ୍ୱାଇଁ, ସମିତି ସଭ୍ୟା ସସ୍ମିତା ନାୟକ ପ୍ରମୁଖ ଯୋଗଦେଇ ପ୍ରତାପ କ୍ଲବକୁ ଚାମ୍ପିୟନ ଟ୍ରଫି ଓ ଗାଲାଣ୍ଟ କ୍ଲବକୁ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ। କ୍ଲବର ସମ୍ପାଦକ ପ୍ରବୋଧ କୁମାର ପାତ୍ର ସୂଚନା ପ୍ରଦାନ କରିଥିବା ବେଳେ କାଶୀନାଥ ଜେନା ଅତିଥି ପରିଚୟ ଓ ନବ କିଶୋର ନାୟକ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ।


ଚାମ୍ପିୟନ ଭୁବନେଶ୍ୱରର ପ୍ରତାପ କ୍ଲବ ଦଳ ଅତିଥିଙ୍କ ସହ।


## ପ୍ରଥମ ଜନ୍ମଦିନ ଶୁଭେଚ୍ଛା



**ଶୁଭସ୍ମିତା (ସୁର୍ବି)**
ସ୍ଥାନ: ସମେଇଗାଡ଼ିଆ, ମଞ୍ଚନାଥ ଉଚ୍ଚ ବିଦ୍ୟାଳୟ ଛକ, ଭୁବନେଶ୍ୱର
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ବର୍ଷା, ଗୁଡ଼ି, ସନିଆ, ବନ୍ଧୁ ଓ ପରିବାରବର୍ଗ।
ଧ-୨୮୮୮


# ରାହୁଲ୍ ବନାମ ଗିଲ୍

### ତୃତୀୟ ଟେଷ୍ଟ: ଓପନିଂ ସ୍ଲଟ ଚୟନ ଦ୍ୱନ୍ଦ୍ୱ

ଇନ୍ଦୋର,୨୭।୨(ପି.ଟି.)

ବର୍ଡର-ଗାଭାସ୍କର ଟ୍ରଫିରେ ଭାରତ ୨-୦ରେ ଆଗୁଆ ରହିଥିବା ବେଳେ ମାର୍ଚ୍ଚ ୧ରୁ ଆରମ୍ଭ ହେବାକୁ ଯାଉଛି ତୃତୀୟ ଟେଷ୍ଟ। ପୂର୍ବରୁ ଧର୍ମଶାଳାରେ ଏହି ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଅନ୍ତିମ ମୁହୂର୍ତ୍ତରେ ଏହାକୁ ଇନ୍ଦୋର ସ୍ଥାନାନ୍ତର କରାଯାଇଥିଲା। ଇନ୍ଦୋର ଟେଷ୍ଟ ମ୍ୟାଚ୍ ପୂର୍ବରୁ ଓପନିଂ ସ୍ଲଟ୍‌କୁ ନେଇ ଚିନ୍ତାରେ ଭାରତୀୟ ମ୍ୟାନେଜ୍‌ମେଣ୍ଟ। ଲୋକେଶ ରାହୁଲ ଖରାପ ଫର୍ମ ଦେଇ ଗତି କରୁଥିବା ବେଳେ ଶୁବମନ୍ ଗିଲ୍‌ଙ୍କୁ ସାମିଲ କରିବାକୁ ନେଇ ଅନେକ ପୂର୍ବତନ ଖେଳାଳି ଯୁକ୍ତି ବାଢ଼ିଛନ୍ତି। ଏପରି କି ଦ୍ୱିତୀୟ ଟେଷ୍ଟ ପରେ ରାହୁଲଙ୍କୁ ଉପଅଧିନାୟକ ପଦରୁ ମଧ୍ୟ କାଢ଼ିଦେଇଥିଲା ବିସିସିଆଇ। ୪୭ ଟେଷ୍ଟ ଖେଳିବା ପରେ ମଧ୍ୟ ରାହୁଲଙ୍କ ଆଭରେଜ୍ ୩୩.୪୪ ରହିଛି। ଅନ୍ୟପକ୍ଷରେ ଗିଲ୍‌ଙ୍କୁ ଭାରତୀୟ କ୍ରିକେଟ୍‌ର ଭବିଷ୍ୟତ ରୂପେ ବିବେଚନା କରାଯାଉଛି। ସୋମବାର ଭାରତୀୟ ଦଳର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଭୟ ଖେଳାଳିଙ୍କୁ କଡ଼ା ଅଭ୍ୟାସ କରୁଥିବାର ଦେଖିବାକୁ ମିଳିଥିଲା। ପାଖାପାଖି ୨ଟି ନେଟ୍ସରେ ଉଭୟ ପ୍ରାୟ ୩୦ ମିନିଟ୍ ଧରି ବ୍ୟାଟିଂ ଅଭ୍ୟାସ କରିଥିଲେ। ଉଭୟ ଖେଳାଳି ଦୀର୍ଘସମୟ ଧରି ନେଟ୍‌ରେ ଝାଳ ବୁହାଇବା ସହିତ ମୁଖ୍ୟ କୋଚ୍‌ଙ୍କ ନିକଟରୁ ପରାମର୍ଶ ନେଇଥିଲେ। ରାହୁଲ ପ୍ରଥମ ୧୮ ବଲ୍ ପେସ୍ ବୋଲରଙ୍କୁ ଏବଂ ପରବର୍ତ୍ତୀ ସମୟରେ ସ୍ପିନ୍ ବୋଲରଙ୍କ ବିପକ୍ଷରେ ଖେଳିଥିଲେ। ରାହୁଲ ସ୍ପିନରଙ୍କ ବିପକ୍ଷରେ ବଡ ଶଟ୍ ଅଭ୍ୟାସ କରୁଥିବା ବେଳେ ଗିଲ୍ ଅଶ୍ୱିନଙ୍କ ବିପକ୍ଷରେ ଡିଫେଣ୍ଡ କରୁଥିବାର ନଜର ଆସିଥିଲେ। ଏହାପରେ ଉଭୟ ଖେଳାଳି ଥ୍ରୋ ଡାଉନ ଏବଂ ଫିଲ୍ଡିଂ ଅଭ୍ୟାସ କରିଥିଲେ। ରାହୁଲଙ୍କ ବ୍ୟାଟ୍‌ରୁ ଦୀର୍ଘଦିନ ହେବ ବଡ଼ ଇନିଂସ୍ ଆସି ନ ଥିବା ବେଳେ ସେ ଅନେକ ପୂର୍ବତନ ଖେଳାଳିଙ୍କ ସମାଲୋଚନାର ଶରବ୍ୟ ହୋଇଛନ୍ତି। ରାହୁଲ ଓ ଗିଲ୍‌ଙ୍କ ବ୍ୟତୀତ ଅଧିନାୟକ ରୋହିତ୍ ଶର୍ମା ଓ ବିରାଟ କୋହଲି ମଧ୍ୟ ବ୍ୟାଟିଂ ଅଭ୍ୟାସ କରିଥିଲେ।

# ମାତୃତ୍ୱ ପରେ ଦୀପ୍ତିଙ୍କୁ ଦ୍ୱିତୀୟ ସୁଯୋଗ

### ଓମେନ୍ସ ପ୍ରିମିୟର ଲିଗ୍

ମୁମ୍ବାଇ,୨୭।୨(ପି.ଟି.)

ସ୍ମୃତି ମନ୍ଧାନାଙ୍କ ସହିତ ନିଜର ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଭାରତୀୟ ଦଳରୁ ବାଦ ପଡିଥିଲେ। ବିବାହ କରି ଗୋଟିଏ ସନ୍ତାନର ମା' ହୋଇ ସାରିଥିବା ବେଳେ ସ୍ନେହା ଦୀପ୍ତିଙ୍କୁ ମିଳିଛି କ୍ୟାରିୟରରେ ଦ୍ୱିତୀୟ ସୁଯୋଗ। ଓମେନ୍ସ ପ୍ରିମିୟର ଲିଗ୍‌ରେ ଦୀପ୍ତିଙ୍କୁ ୩୦ ଲକ୍ଷ ଟଙ୍କାରେ କିଣିଛି ଦିଲ୍ଲୀ କ୍ୟାପିଟାଲ୍ସ। କ୍ୟାରିୟର ସଜାଡିବାକୁ ମଉକା ମିଳିଥିବା ବେଳେ ଭାରତୀୟ ଦଳରେ ସ୍ଥାନ ପାଇବା ପାଇଁ ଦୀପ୍ତିଙ୍କ ପାଖରେ ରହିଛି ସୁବର୍ଣ୍ଣ ସୁଯୋଗ। ଆନ୍ଧ୍ରପ୍ରଦେଶର ଦୀପ୍ତି ୨୦୧୩ରେ ଭାରତ ପାଇଁ ପଦାର୍ପଣ କରିଥିଲେ। ଭାରତୀୟ ଦଳରେ ନିଜ ସ୍ଥାନ ପକ୍କା କରିବା ପୂର୍ବରୁ ମାତ୍ର ଦୁଇଟି ଟି୨୦ ଓ ଗୋଟିଏ ଦିନିକିଆରେ ତାଙ୍କୁ ସୁଯୋଗ ମିଳିଥିଲା। ଟିମ୍ ଇଣ୍ଡିଆରୁ ବାଦ ପଡିବା ପରେ ସେ ନିୟମିତ ଭାବେ ଆନ୍ଧ୍ର ପକ୍ଷରୁ ଖେଳୁଥିଲେ। ଓମେନ୍ସ ପ୍ରିମିୟର ଲିଗ୍‌ରେ ୨୬ ବର୍ଷୀୟା ଦୀପ୍ତିଙ୍କ ପାଇଁ ଆଣି ଦେଇଛି ବଡ ସୁଯୋଗ। ନଭେମ୍ବର ୨୦୨୧ରେ ଶେଷ ଥର ପାଇଁ କ୍ରିକେଟ ଖେଳିଥିବା ବେଳେ ମାତୃତ୍ୱ କାରଣରୁ କ୍ରିକେଟରୁ ଦୂରେଇ ରହିଛନ୍ତି। ତେବେ ମହିଳା ଆଇପିଏଲରେ ଏକ ପ୍ରୟାସ କରିବାକୁ ଦୀପ୍ତି ଇଚ୍ଛା ଜାହିର କରିଥିଲେ।

ଦୁଇ ବର୍ଷର ଝିଅ କ୍ରିଭାକୁ ଛାଡି ଆସିବା ମୋ ପାଇଁ ଅତ୍ୟନ୍ତ କଷ୍ଟସାଧ୍ୟ ରହିଥିଲା। ଟିମ୍ ହୋଟେଲକୁ ଆସିବା ପୂର୍ବରୁ ଝିଅ କାନ୍ଦୁଥିଲା ଏବଂ ଆସିବା ପାଇଁ ମୋର ଇଚ୍ଛା ମଧ୍ୟ ନଥିଲା। ଉଭୟ କ୍ରିକେଟ ଏବଂ ପରିବାର ମୋ ପାଇଁ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଜାରି କରାଯାଇଥିବା ଏକ ଭିଡିଓରେ ଏଭଳି କହିଛନ୍ତି ଦୀପ୍ତି। ତେବେ ଝିଅର ଯତ୍ନ ନେବା ପାଇଁ ସ୍ୱାମୀଙ୍କ ଆଶ୍ୱାସନା ମତେ ପ୍ରେରଣା ଦେଇଥିଲା। ଯଦି ମୁଁ ଓମେନ୍ସ ପ୍ରିମିୟର ଲିଗ୍‌ରେ ଭଲ ପ୍ରଦର୍ଶନ କରୁଛି ତାହେଲେ ଲକ୍ଷ ଲକ୍ଷ ମହିଳାଙ୍କ ପାଇଁ ପ୍ରେରଣା ହୋଇ ପାରିବି ବୋଲି ସେ କହିଛନ୍ତି। ପୂର୍ବତନ ସାଥୀ ଖେଳାଳି ସ୍ମୃତି ମନ୍ଧାନାଙ୍କ ପରି କୋଟି କୋଟି ଟଙ୍କାରେ ପ୍ୟାକେଜ ମିଳିନଥିଲେ ମଧ୍ୟ କ୍ରିକେଟ ପଡିଆକୁ ଫେରିବା ନେଇ ମୁଁ ଖୁସି ବୋଲି କହିଛନ୍ତି ସ୍ନେହା ଦୀପ୍ତି।


ସ୍ନେହା ଦୀପ୍ତି

# ୧୦ ରନ୍‌ରେ ଅଲ୍‌ଆଉଟ୍ ହେଲା ଆୟଲ୍ ଅଫ୍ ମ୍ୟାନ୍

କାର୍ଟାଜେନା,୨୭।୨

ସ୍ପେନ୍‌ର କାର୍ଟାଜେନାରେ ଖେଳାଯାଇଥିବା ଏକ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ସର୍ବନିମ୍ନ ସ୍କୋର ରେକର୍ଡ କରାଯାଇଛି। ଆୟଲ୍ ଅଫ୍ ମ୍ୟାନ୍ କ୍ରିକେଟ ଦଳ ମାତ୍ର ୧୦ ରନ୍‌ରେ ଅଲଆଉଟ ହେବା ସହ ଟି୨୦ରେ ନିଜର ସର୍ବନିମ୍ନ ସ୍କୋର ରେକର୍ଡ କରିଛି। ରବିବାର ସ୍ପେନ୍ ବିପକ୍ଷ ମ୍ୟାଚ୍‌ରେ ଦଳର ୭ ଜଣ ବ୍ୟାଟର ଖାତା ଖୋଲିବାରେ ସମର୍ଥ ହୋଇ ନ ଥିବା ବେଳେ ଦଳ ୧୦ ରନ୍‌ରେ ଅଲଆଉଟ ହୋଇଥିଲା। ସ୍ପେନ୍ ଦଳର ଦୁଇ ବାମହାତୀ ବୋଲର ଆତିଫ୍ ମେହମୁଦ୍ ଓ ମହମ୍ମଦ କମ୍ରାନ ୪ଟି ଲେଖାଏ ଉଇକେଟ ନେଇଥିଲେ। ମ୍ୟାଚ୍‌ର ତୃତୀୟ ଓଭରରେ ଲଗାତାର ବଲ୍‌ରେ ଲୁକ୍ ୱାର୍ଡ, କାର୍ଲ ହାର୍ଟମ୍ୟାନ୍ ଓ ଏଡ୍‌ୱାର୍ଡ ବେର୍ଡଙ୍କୁ ଆଉଟ କରି କମ୍ରାନ୍ ନିଜର ହାଟ୍ରିକ୍ ପୂରଣ କରିଥିଲେ। ଆୟଲ୍ ଅଫ୍ ମ୍ୟାନ୍ ପକ୍ଷରୁ ଯୋଶେଫ୍ ବୁରୋସ ସର୍ବାଧିକ ୪ ରନ୍ କରିଥିଲେ। ଜବାବରେ ମାତ୍ର ଦୁଇଟି ବଲରେ ଏହି ବିଜୟ ଲକ୍ଷ୍ୟ ହାସଲ କରିବା ସହିତ ବିଶ୍ୱ ରେକର୍ଡ ନିଜ ନାମରେ କରିଥିଲା ସ୍ପେନ୍। ଓପନର ଆୱେସ୍ ଅହମଦ୍ ଦୁଇଟି ଛକାରେ ଏହି ରନ୍ ସଂଗ୍ରହ କରିବା ସହିତ ୧୧୮ ବଲ୍ ବାକି ଥାଇ ମ୍ୟାଚ୍ ଜିତି ନେଇଥିଲା। ପୂର୍ବରୁ ଏହି ରେକର୍ଡ କେନିଆ ନାମରେ ରହିଥିଲା। ୧୦୫ ବଲ୍ ବାକିଥାଇ ଦଳ ମାଲି ବିପକ୍ଷରେ ମ୍ୟାଚ୍ ଜିତିଥିଲା। ଟି୨୦ରେ ବିଗ୍‌ବାସ୍ ଲିଗ୍‌ରେ ସିଡ୍‌ନୀ ଥଣ୍ଡର୍ସ ୧୫ ରନ୍‌ରେ ଅଲ୍‌ଆଉଟ ହୋଇଥିଲ। ତେବେ ଅନ୍ତର୍ଜାତୀୟ ଟି୨୦ରେ ସର୍ବନିମ୍ନ ସ୍କୋରରେ ଅଲ୍‌ଆଉଟ ହେବାର ରେକର୍ଡ ନିଜ ନାମରେ କରିଛି ଆୟଲ୍ ଅଫ୍ ମ୍ୟାନ୍। ଗ୍ରେଟ୍ ବ୍ରିଟେନ୍ ଓ ଆୟର୍ଲାଣ୍ଡ ମଝିରେ ରହିଥିବା ଏହି କ୍ଷୁଦ୍ର ଦେଶକୁ ୨୦୧୭ରେ ଆଇସିସିର ସହଯୋଗୀ ରାଷ୍ଟ୍ର ଭାବେ ସାମିଲ କରାଯାଇଥିଲା। ଏହା ୨୦୧୬ ଏବଂ ୨୦୧୮ରେ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ମଧ୍ୟ ସାମିଲ ହୋଇଥିଲା।


# Classified Everyday
0674-2580101, 2549949

ମନେ ପଡ଼ନ୍ତି


REAL ESTATE

**SALE**

Bhubaneswar Gita/ Gandhi College/ Cultural University ପାଖରେ ଥିବା BDA Housing project କୁ ଲାଗି sqft.-650/- plot କିଣନ୍ତୁ। 9348767829, 9040317195. D-74814

Morning Sun Villa Balianta 4k.m. from Hanspal Duplex, price- 55,00,000/- only. 9938137503. D-74818

ORERA Approved 2BHK Luxurious simplex at Balianta, Bhubaneswar @ 30 lakhs. Construction in full-swing. 9437005434. D-74824

କଟକ-ଭୁବନେଶ୍ୱର Twincityର ମଧ୍ୟଭାଗରେ ନିର୍ମିତ Grandbazar NH-16 ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି, ବାସୋପଯୋଗୀ plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। 8249422604. D-74822

ଭୁବନେଶ୍ୱର ଜଟଣୀ ଗେଟ୍ 1200 sqft.- 3,60,000/-, ଛତାବର 1200 sqft. - 5,40,000/-, ନଖରା 300/-. 6371569855. D-74821

Residential gharabari plot at Brahmanjharilo Cuttack with boundary wall, Electripole inside Temple on Bank Loan facilities near English Medium High School. 6 k.m. from Phulnakhara, 11 k.m. from Bhubaneswar. 7809525452. D-74649

Plot Sale at Nearby Sum Hospital Mendhasala, Bhubaneswar. 30ft Road, Plantation, Electricity, NH-16 Side Price Rs-1050/-, Rs-1250/- 7749892855, 8144855184, 9556392667. D-2628




Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74647

Full Body massage by experience therapist @999 only- 9078484455 (Bhubaneswar). D-2791

Newly opened Capital Ayurvedic SPA, professional trading therapy. Contact me: 9556924059, 7077933109. D-2851

Newly open full body massage, ladies and gents. 9040171280. D-74645

Newly open health benefits SPA special Offer @ 999 Nayapalli. 7846814019. D-73687

Newly open full body massage ladies and gents. 9861883292. D-74650

Newly open SPA positively health benefit with expert. Contact: 8984068198. D-74517


BUSINESS

Contact for Development, Renovation, Maintenance of Ornamental Garden and also for Outdoor, Indoor, Fruit, Flower plants. 7978668914. D-2848

କାରଖାନାରୁ ସିମେଣ୍ଟ ପରିବହନ ନିମନ୍ତେ ୧୦, ୧୨, ୧୪+ ଚକିଆ ଗାଡ଼ି/ ଟ୍ରକ୍ ଆବଶ୍ୟକ। ଯଥାଶୀଘ୍ର ଯୋଗାଯୋଗ କରନ୍ତୁ। 9338375318, 9692679472, 8763436231. D-60975

**LOST**

I, Abhipsa Sahu, D/o: Late Ramakanta Sahu, Bonth, Bhadrak, that during my scooty journey from Bhadrak to Bonth, I have lost the original Sale Deed Vide No.881, Dtd.28.07.1999 for Plot No. 1799, executed in favour of my father, Late Ramakanta Sahu, somewhere on 22.02.2023. If found by anyone please contact 8093107252. D-2893

I Rakesh Chandra Sahoo, S/o- Kailash Chandra Sahoo, Jayabada, Jagatsinghpur had lost one sale deed & ROR of Prabhasini Nayak sale deed No.- 551/1995 & Khata No.-48/59 while traveling from Jagatsinghpur to Cuttack on 24.02.2023 FIR has been lodged in Jagatsinghpur Police Station vide S.L No.-012. Please inform about the said document within 7 days in the below mentioned Mobile Number- Dipak Kumar Sahoo, 9937058785. D-2892

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**AFFIDAVIT**

I, Srikanta Kumar Sahoo, S/o- Gangadhar Sahoo, At/PO.- Rajsunakhala (Gopinathpur Sahi), P.S.- Ranapur, Dist.- Nayagarh declare by this affidavit No.-50 dated 25.02.2023 that now onwards I am the one and same person on our locality possesses double alphabetical name that is Shrikant Sahoo and Srikanta Kumar Sahoo, S/o- Gangadhar Sahoo for all future purposes. D-73689

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**LEGAL NOTICE**

Before the Judge, Family Court, Berhampur, Ganjam
Cr.P. No.318/2021
Smt. Jhumuri Pujari and another, ....Petitioners
-Versus-
Sri Papu Palo, ......Opposite Party
COURT NOTICE
To
Sri Papu Palo, S/o. Late Harihar Palo, Business by Occupation, resident of Panigrahi Street, P.O./P.S.- Gosaninuagaon, Berhampur, Dist.- Ganjam.
WHEREAS,
It is to inform you that the Petitioner Smt. Jhumuri Pujari being your wife have filed the above proceeding against you with a prayer for enforcement of maintenance U/S. 125(3) of Cr.P.C. You are directed to appear before this Hon'ble Court in person or through your duly authorized Advocate on 16th day of March 2023 and to answer the material questions to the above proceeding. In default of your appearance on the date fixed, the Proceeding will be heard and determined in your absence.
Given under my hand and seal of the Court this day of 16. 02. 2023.
Sd./- Judge, Family Court At./P.O. Berhampur, Dist.- Ganjam.
D-2887

**୨୩ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



✓କବି ବଂଶୀଧର ମିଶ୍ର
ସନ୍ତରା, କୁଜଙ୍ଗ, ଜଗତ୍‌ସିଂହପୁର
ଆବିର୍ଭାବ: ୨୦।୦୬।୧୯୩୧
ତିରୋଧାନ: ୧୪।୦୩।୨୦୦୦ (ଦୋଳ ନବମୀ)
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପତ୍ନୀ: ପ୍ରମିଳା ମିଶ୍ର, ପୁତ୍ର ଓ ପୁତ୍ରବଧୂ: ବାବୁନି, ଗୀତା, ଟିଙ୍କୁ, ମୁନା, ସଂଜୁ, କୁନା, ମିନି, ନାତି ଓ ନାତୁଣୀବୋହୂ: ବାପି, କୁନି, ଏନ୍ଦୁ, ମାମି, ନାତୁଣୀ ଓ ନାତୁଣୀଜ୍ୱାଇଁ: ଗୁଗ୍ଗୁ, ଚଗୁଲ୍ଲୁ, ଲିପି, ବବୁଲ୍ଲୁ, ସେଲି, ଡଲ୍ଲୁ, ସୁମି, ଅଣନାତି, ଅଣନାତୁଣୀ: ଧନ, ଗୌରବ, ଆଡ୍‌ଲିନ୍।
ଧ-୨୮୯୧

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



✓ଗୋପୀନାଥ ନନ୍ଦ
ଆବିର୍ଭାବ: ୨୯।୧୧।୧୯୨୮ (ଖଣ୍ଡସାହି)
ତିରୋଧାନ: ୨୪।୦୨।୨୦୧୮ (ଭୁବନେଶ୍ୱର)
ପୂର୍ବତନ ଯୁଗ୍ମ ଶାସନ ସଚିବ, ଅର୍ଥ ବିଭାଗ
ସଭାପତି ସଚିବାଳୟ ସେବା ସଂଘ,
ସଂପାଦକ ବୁଦ୍ଧେଶ୍ୱରୀ କଲୋନୀ ଉନ୍ନୟନ କମିଟି
ଆପଣଙ୍କ କର୍ତ୍ତବ୍ୟନିଷ୍ଠା, ଆଦର୍ଶ ଓ ପରୋପକାର ଆମ୍ଭମାନଙ୍କ ପ୍ରେରଣାର ଉତ୍ସ। ଏହି ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କୁ ପ୍ରାର୍ଥନା।
ବିନମ୍ର ଶ୍ରଦ୍ଧାଞ୍ଜଳି ସହ: ଦାମୋଦର, କମଳଲକ୍ଷ୍ମୀ, ପଙ୍କଜିନୀ, ଡ. ଦେବାଶିଷ, ଡା. ଦେବବ୍ରତ, ଦେବସ୍ମିତା, ମଧୁସ୍ମିତା, ସୁସ୍ମିତା, ଅଭିଳାଷ, ପ୍ରିୟମ୍ବଦା, ଜ୍ଞାନଦେବ, ବନ୍ଧୁ ଓ ପରିବାରବର୍ଗ।
ଧ-୨୮୯୪

**୩୫ତମ ଶ୍ରାଦ୍ଧବାର୍ଷିକୀ**
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ସୁହାସିନୀ ତ୍ରିପାଠୀ
ଆବିର୍ଭାବ- ୧୯୫୧ (ରାମ ନବମୀ)
ତିରୋଧାନ- ୧୯୮୮ (ଫଗୁ ନବମୀ)
ମା, ତମର ସ୍ନେହ, ଶ୍ରଦ୍ଧା ଓ ଅନାବିଳ ବ୍ୟକ୍ତିତ୍ୱ ଆମପାଇଁ ପ୍ରେରଣାର ଏକ ମହାନ ଉତ୍ସ। ତମର ଆଦର୍ଶରେ ଆମେମାନେ ସବୁବେଳେ ଅନୁପ୍ରାଣୀତ। ଆଜିର ଏହି ୩୫ ତମ ପୁଣ୍ୟ ତିଥିରେ ତମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ତମକୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଶୋକସନ୍ତପ୍ତ : ଝିଅ, ଜ୍ୱାଇଁ-କୁକୁ ଓ ଟୁଟୁ, ନିତୁ ଓ ରାମ, ପୁଅ, ବୋହୂ-ବାବୁନା ଓ ମାମୁନି, ନାତି-କୁଟୁ, ଡୁକି ଓ ଫୁକି, ନାତୁଣୀ-ପ୍ରାଚୀ, ଶୈବି ଓ ନୈଶା ଏବଂ ବନ୍ଧୁ ଓ ପରିବାରବର୍ଗ।
ଧ-୭୪୫୧୯

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଗ୍ରୀଷ୍ମ ଓ ଗର୍ଭବତୀ

**ବର୍ତ୍ତମାନ ଖରା ବଢ଼ିଗଲାଣି। ତେଣୁ ଏ ସମୟରେ ସୁରକ୍ଷା ଦୃଷ୍ଟିରୁ ଗର୍ଭବତୀଙ୍କ ବିଶେଷ ଯତ୍ନ ନେବା ଆବଶ୍ୟକ...**



➤ଖରା ସମୟରେ ଆଦୌ ବାହାରକୁ ବାହାରନ୍ତୁ ନାହିଁ। ନିହାତି କାମ ଥିଲେ ସକାଳେ କିମ୍ବା ସନ୍ଧ୍ୟାବେଳେ ବାହାରକୁ ଯାଆନ୍ତୁ।

➤ଖରାରେ ଶୀଘ୍ର ହଜମ ହେଉ ନ ଥିବାରୁ ତରଭୁଜ, କାକୁଡ଼ି, ସାଲାଡ୍ ଫଳ ଖାଆନ୍ତୁ। ଚା, କଫି ଆଦି ବଦଳରେ ଦହିଲସି, ଲେମ୍ବୁ, ଲୁଣ, ଚିନି ସରବତ, ଫ୍ରୁଟ୍ ଜୁସ୍ ପିଇଲେ ଶରୀର ପାଇଁ ଭଲ। ହେଲେ ମନେରଖନ୍ତୁ ଜୁସ୍, ଲସି ଆଦିରେ ବରଫ କିମ୍ବା ଫ୍ରିଜ୍ ପାଣି ମିଶାନ୍ତୁ ନାହିଁ।

➤ଗର୍ଭାବସ୍ଥାରେ ଅନେକଙ୍କର ଗୋଡ଼ ଫୁଲିଥାଏ। ତେଣୁ ଗରମ ଗୁଳୁଗୁଳିରେ ସିନ୍ଥେଟିକ୍ ଏବଂ ଟାଇଟ୍ ପୋଷାକ ପିନ୍ଧିବା ଦ୍ୱାରା ଅସୁବିଧା ହୋଇଥାଏ। ଯଥାସମ୍ଭବ ଆରାମଦାୟକ ଢିଲା କଟନ ପୋଷାକ ପିନ୍ଧନ୍ତୁ।

➤ଏମିତିରେ ଗର୍ଭାବସ୍ଥାରେ ଚର୍ମରେ ଡାର୍କ ପ୍ୟାଚ୍, ପିଗ୍‌ମେଣ୍ଟେସନ, ଚର୍ମରେ ଫଳିବା (ର୍‍ୟାସେସ୍) ଆଦି ଭଳି ଅନେକ ପରିବର୍ତ୍ତନ ଦେଖାଦିଏ, ଯାହାକି ଗରମରେ ବଢ଼ିଯିବାର ଆଶଙ୍କା ଥାଏ। ତେଣୁ ଗାଧେଇ ସାରି ଚର୍ମରେ ଭଲଭାବେ ମଏଶ୍ଚରାଇଜିଂ ଲୋସନ ବା କ୍ରିମ୍ ଲଗାଇବା ଭଲ।

➤ଅଧିକ ଗରମ, ଗୁଳୁଗୁଳି ଲାଗିଲେ ଥଣ୍ଡା ଘରେ ୮-୧୦ ଘଣ୍ଟା ବିଶ୍ରାମ ନିଅନ୍ତୁ। ପ୍ରଚୁର ଝାଳ ବୋହିଲେ ଶରୀରର ଇଲେକ୍ଟ୍ରୋଲାଇଟସ୍ ଯଥା ସୋଡିୟମ ଓ ପଟାସିୟମ ଅସନ୍ତୁଳନ ହୁଏ ଏବଂ ଗୋଡ଼ହାତ ବିନ୍ଧିବା ସହ କ୍ଳାନ୍ତି ଲାଗେ। ଏହାକୁ ହିଟ୍ କ୍ରାମ୍ପସ୍ କୁହାଯାଏ। ଏପରି ଲାଗିଲେ କଦଳୀ ଖାଇବା ସହ ଲେମ୍ବୁ ଲୁଣ ପାଣି ପିଇବା ନିହାତି ଆବଶ୍ୟକ।

# ଘରେ ପିମ୍ପୁଡ଼ି ହେଉଥିଲେ

**ଆରମ୍ଭ ହୋଇଯାଇଛି ଖରାଦିନ। ଏହିଦିନେ ଖାଦ୍ୟ ସାମଗ୍ରୀରୁ ଆରମ୍ଭକରି ଲୁଗାପଟା ଏବଂ ଘରର ଅନ୍ୟାନ୍ୟ ସାମଗ୍ରୀରେ ପିମ୍ପୁଡ଼ି ପଶି ତାକୁ ନଷ୍ଟ କରିଦିଅନ୍ତି। ଯଦି ଆପଣ କିପରି ପିମ୍ପୁଡ଼ି ସମସ୍ୟାରୁ ମୁକ୍ତିପାଇବେ ଚିନ୍ତାରେ ଅଛନ୍ତି ତେବେ ଆପଣାନ୍ତୁ ଏହିସବୁ ଉପାୟ...**



➤ପିମ୍ପୁଡ଼ି ହେଉଥିବା ସ୍ଥାନରେ ଡାଲଚିନି ଖଣ୍ଡ ରଖନ୍ତୁ। ଏହାର ଗନ୍ଧ ପିମ୍ପୁଡ଼ିଙ୍କୁ ଆଦୌ ପସନ୍ଦ ନୁହେଁ। ପାଣିରେ ଡାଲଚିନି ତେଲ ମିଶାଇ ସ୍ପ୍ରେ କଲେ ମଧ୍ୟ ଉପକୃତ ହେବେ।

➤ଚକ୍‌ରେ କ୍ୟାଲ୍ସିଅମ୍ କାର୍ବୋନେଟ୍ ରହିଛି ଯାହାକି ପିମ୍ପୁଡ଼ି ଦୂର କରିବାରେ ବେଶ୍ ସାହାଯ୍ୟ କରିଥାଏ। ଖଣ୍ଡେ ଚକ୍‌କୁ ଗୁଣ୍ଡକରି ଏହାକୁ ସ୍ପ୍ରେ ବୋତଲରେ ପୂରାଇ ପିମ୍ପୁଡ଼ି ହେଉଥିବା ସ୍ଥାନରେ ସ୍ପ୍ରେ କରନ୍ତୁ। ମାର୍କେଟ୍‌ରେ ମିଳୁଥିବା ପିମ୍ପୁଡ଼ି ମରା ଚକ୍(ଲକ୍ଷ୍ମଣରେଖା) ଲଗାଇଲେ ବି ଏହି ସମସ୍ୟା ଦୂର ହୋଇପାରିବ।

➤ଲେମ୍ବୁଚୋପା ମଧ୍ୟ ପିମ୍ପୁଡ଼ି ଦୂରକରିବାରେ ସାହାଯ୍ୟ କରିଥାଏ। ପିମ୍ପୁଡ଼ି ଆସୁଥିବା ସ୍ଥାନରେ ଲେମ୍ବୁଚୋପା ରଖନ୍ତୁ କିମ୍ବା ପାଣିରେ ଲେମ୍ବୁରସ ମିଶାଇ ଘରକୁ ଭଲଭାବେ ପୋଛିଦିଅନ୍ତୁ।

➤ସେହିପରି ଅଳ୍ପ ଗରମପାଣିରେ କମଳା ଚୋପା ପକାଇ ବାଟିଦିଅନ୍ତୁ। ଏହି ପେଷ୍ଟକୁ କିଚେନ ସ୍ଲାବ୍ ଏବଂ ଘରକୁ ପିମ୍ପୁଡ଼ି ଆସୁଥିବା ସ୍ଥାନରେ ଲଗାଇ କିଛି ସମୟ ରଖିବା ପରେ ପୋଛି ଦିଅନ୍ତୁ ପିମ୍ପୁଡ଼ି ଆସିବେ ନାହିଁ।

➤ଗୋଲମରିଚ ଗୁଣ୍ଡ ପକାଇଲେ ମଧ୍ୟ ପିମ୍ପୁଡ଼ି ଆସିବା ବନ୍ଦ କରିଦେବେ। ଏହାକୁ ପାଣି ସହ ମିଶାଇ ପିମ୍ପୁଡ଼ି ଆସୁଥିବା କଣା ନିକଟରେ ସ୍ପ୍ରେ କଲେ ଉପକୃତ ହେବେ।

➤ଭିନେଗାରର ଗନ୍ଧ ପିମ୍ପୁଡ଼ିଙ୍କୁ ପସନ୍ଦ ନୁହେଁ। ତେଣୁ ପିମ୍ପୁଡ଼ି ହେଉଥିବା ସ୍ଥାନରେ ଭିନେଗାର ପକାଇଲେ ପିମ୍ପୁଡ଼ି ଆସିବେ ନାହିଁ।



# କୁନି ମନରେ ବଡ଼ ସ୍ୱପ୍ନ

**କିଏ କହେ ବଡ଼ ହେଲେ ଡାକ୍ତର ହେବି ତ କିଏ ଇଞ୍ଜିନିୟର ଆଉ ପୁଣି କାହାର ଇଚ୍ଛା ଥାଏ ସିଙ୍ଗର କିମ୍ବା ଆକ୍ଟର ହେବାକୁ । କୁନି କୁନି ମନରେ ଥାଏ ଅନେକ ବଡ଼ ସ୍ୱପ୍ନ। ହେଲେ କେବେ କେବେ ଅଭିଭାବକମାନଙ୍କର ପିଲାକୁ ଅନ୍ୟ କ୍ଷେତ୍ରରେ ଭର୍ତ୍ତି କରାଇବାର ନିଶା ପିଲାର କ୍ୟାରିୟର ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ତେଣୁ ପିଲାକୁ ସଫଳତାର ଶୀର୍ଷରେ ପହଞ୍ଚାଇବାକୁ ହେଲେ ତା'ରୁଚିକୁ ନେଇ କ୍ୟାରିୟର ଗଢ଼ିବା ପାଇଁ ଠିକ୍ ମାର୍ଗଦର୍ଶନ ଓ ପ୍ରୋତ୍ସାହନ ଯୋଗାଇଦେବା ଅଭିଭାବକଙ୍କ କର୍ତ୍ତବ୍ୟ ....**

ପ୍ରତ୍ୟେକ ଅଭିଭାବକ ନିଜ ପିଲାର ଉଜ୍ଜ୍ୱଳ ଭବିଷ୍ୟତ ଚାହାନ୍ତି। ହେଲେ କେବେ କେବେ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଭର୍ତ୍ତି କରାଇବାକୁ ନେଇ ସେମାନେ ଜିଦ୍ ଧରନ୍ତି ଏବଂ ଏହାଦ୍ୱାରା ଯେ ପିଲାଙ୍କ ଆଗ୍ରହ ଦବିଯାଉଛି ତାହା ସେମାନେ ଦେଖିପାରନ୍ତି ନାହିଁ। ଏମିତିରେ ଅନେକ ପିଲା ମାତାପିତାଙ୍କୁ ସମ୍ମାନ ଦେବା ଲାଗି ହେଉ ଅବା ବାଧ୍ୟତାମୂଳକ ଭାବେ ନିଜ ସ୍ୱପ୍ନ ବଦଳରେ ମାତାପିତାଙ୍କ ସ୍ୱପ୍ନ ସାକାର କରିବାକୁ ଆଗେଇ ଆସନ୍ତି। ଫଳରେ ପିଲାର କ୍ୟାରିୟର ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ତେଣୁ ପିଲାର ଆଗ୍ରହ ଥିବା ଦିଗକୁ ସମ୍ମାନ ଜଣାଇବା ସହ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇଦେଲେ ତା'ର କ୍ୟାରିୟର ଗଢ଼ିବାର ସ୍ୱପ୍ନ ସାକାର ହୋଇପାରିବ ସେଥିରେ ସନ୍ଦେହ ନାହିଁ....





**ଲଦି ଦିଅନ୍ତୁ ନାହିଁ ନିଜ ଇଚ୍ଛା:** କେତେକ କ୍ଷେତ୍ରରେ ପାରିବାରିକ ଆଭିଜାତ୍ୟ, ସମାଜରେ ଷ୍ଟାଟସ୍ ଆଦିକୁ ଗୁରୁତ୍ୱ ଦେଇ ହେଉ କିମ୍ବା ଅପୂରଣୀୟ ରହିଯାଇଥିବା ନିଜ ଲକ୍ଷ୍ୟକୁ ପିଲା ଦ୍ୱାରା ପୂରଣ କରିବା ଲାଗି ଅଭିଭାବକମାନେ ପିଲାଙ୍କୁ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ କ୍ୟାରିୟର ଗଢ଼ିବାକୁ ନେଇ ବାଧ କରନ୍ତି। ହେଲେ ଏହାଦ୍ୱାରା ଯେ, ସବୁବେଳେ ପିଲାର ଉନ୍ନତି ହେବ ତା' ଭାବିବା ସମ୍ପୂର୍ଣ୍ଣ ଠିକ୍ ନୁହେଁ। ତେଣୁ ପିଲା ଉପରେ ନିଜ ଇଚ୍ଛା ଲଦିଦିଅନ୍ତୁ ନାହିଁ କିମ୍ବା ବାଧ କରନ୍ତୁ ନାହିଁ। ତାଙ୍କ ଇଚ୍ଛାକୁ ସମ୍ମାନ ଦେବାର ଅର୍ଥ ନୁହେଁ, ଭୁଲ୍ ଦିଗରେ ବି ସହଯୋଗ କରିବା। ଯଦି ପିଲା କ୍ୟାରିୟରକୁ ନେଇ ନିହାତି ଭୁଲ୍ ପଦକ୍ଷେପ ନେଉଛି ତେବେ ସେହି କ୍ଷେତ୍ରରେ ହିଁ ତାକୁ ବାରଣ କରିବା ଏବଂ ଉଚିତ ପରାମର୍ଶ ଦେବା ଆପଣଙ୍କ କର୍ତ୍ତବ୍ୟ।

**ରୁଚିକୁ ସମ୍ମାନ ଦିଅନ୍ତୁ:** କେବଳ ଭଲ ପାଠ ପଢ଼ି ଅଧିକ ଦରମାଯୁକ୍ତ ସରକାରୀ ଚାକିରିଟିଏ ହିଁ ପିଲାର ଉତ୍ତମ ଭବିଷ୍ୟତର ମାପକାଠି ନ ଭାବି ତା'ର କେଉଁ ଦିଗରେ ଦକ୍ଷତା ରହିଛି ଦେଖନ୍ତୁ। ବର୍ତ୍ତମାନ ପାଠ ସହିତ ଖେଳକୁଦ, ନାଚ, ଗୀତ, ଅଭିନୟଠୁ ଆରମ୍ଭକରି ବିଭିନ୍ନ କ୍ଷେତ୍ରରେ କ୍ୟାରିୟର ଗଢ଼ିବାର ସୁଯୋଗ ରହିଛି। ତେଣୁ ଆପଣଙ୍କ ପିଲା କେଉଁ ଦିଗରେ କ୍ୟାରିୟର ଗଢ଼ିବାକୁ ଚାହୁଁଛି ଜାଣିବାକୁ ଚେଷ୍ଟା କରନ୍ତୁ। ତା'ର ସ୍ୱପ୍ନକୁ ସମ୍ମାନ ଦେଇ ଆଗକୁ ବଢ଼ିବାର ସୁଯୋଗ ଦିଅନ୍ତୁ।

**ଅନ୍ୟ ସହ ତୁଳନା ଭାଙ୍ଗିପାରେ ମନୋବଳ:** ଅନେକ ଅଭିଭାବକ ନିଜ ପିଲାଙ୍କୁ ବାରମ୍ବାର ଅନ୍ୟର ଉଦାହରଣ ଦେବା ସହ ଅନ୍ୟ ସହ ତୁଳନା କରିଥାନ୍ତି। ଅନ୍ୟ କାହାର ପିଲା କେଉଁ କ୍ଷେତ୍ରରେ ଉଚ୍ଚକୁ ବଢୁଥିବାର ଦେଖିଲେ ନିଜ ପିଲାଙ୍କୁ ମଧ୍ୟ ସେହି କ୍ଷେତ୍ରରେ ଦେଖିବାକୁ ଚାହାନ୍ତି। ଏମିତିରେ ସେମାନେ ପିଲାର ରୁଚି ଏବଂ ସ୍ୱପ୍ନକୁ ଗୁରୁତ୍ୱ ନ ଦେଇ ବାରମ୍ବାର ଅନ୍ୟ ସହ ତୁଳନା କରିବା ଦ୍ୱାରା ପିଲା ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଫଳରେ ପିଲାର ମନୋବଳ ଭାଙ୍ଗିଯାଏ ଏବଂ ସେ କୌଣସି କ୍ଷେତ୍ରରେ ଭଲ ପ୍ରଦର୍ଶନ କରିବାରୁ ବଞ୍ଚିତ ହୋଇଥାଏ। ତେଣୁ ଏପରି ନ କରି ପିଲାର ଇଚ୍ଛା ଜାଣି ଆଗକୁ ବଢ଼ିବାରେ ସହଯୋଗ କରିବା ହିଁ ବୁଦ୍ଧିମତ୍ତାର କାର୍ଯ୍ୟ।

**ପ୍ରୋତ୍ସାହିତ କରନ୍ତୁ:** ବର୍ତ୍ତମାନ ରୋଜଗାର ଲାଗି ଅନେକ ମାର୍ଗ ରହିଛି। ତେଣୁ ଆପଣଙ୍କ ପିଲା କେଉଁ କ୍ଷେତ୍ରରେ ଦକ୍ଷ ଏବଂ ପାରଙ୍ଗମ ଏବଂ ଯଦି ସେ ତାକୁ ନେଇ କ୍ୟାରିୟର ଗଢ଼ିବାର ସ୍ୱପ୍ନ ଦେଖୁଛି , ତେବେ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇ ଦିଅନ୍ତୁ। ଦେଖିବେ ସେ ନିଶ୍ଚୟ ସଫଳତାର ଶୀର୍ଷକୁ ଯାଇ ଆପଣଙ୍କ ପାଇଁ ଗୌରବ ଆଣିଦେବ।

## ଏମାନେ କ'ଣ କରନ୍ତି



**ଶୀଲାରାଣୀ ପାଣି (ଶିକ୍ଷୟିତ୍ରୀ, ଫୁଲନଖରା, କଟକ)-** ପ୍ରତ୍ୟେକ ପିଲା ଯେ ଭଲ ପାଠ ପଢ଼ି ସରକାରୀ ଚାକିରି କରିବେ ତାହା ତ ସମ୍ଭବ ନୁହେଁ। ତେଣୁ ପିଲା ବାସ୍ତବରେ କେଉଁ କ୍ଷେତ୍ରରେ ରୁଚି ରଖୁଛି ଏବଂ କେଉଁଥିରେ କ୍ୟାରିୟର ଗଢ଼ିବାକୁ ଚାହୁଁଛି ଜାଣିବା ଏବଂ ଠିକ୍ ମାର୍ଗଦର୍ଶନ କରିବା ଅଭିଭାବକଙ୍କ କର୍ତ୍ତବ୍ୟ ବୋଲି ମୁଁ ଭାବିଥାଏ। ମୋ ଝିଅ ଦଶମରେ ପଢୁଛି। ଭଲ ପାଠ ପଢ଼ିବା ସହ ନୃତ୍ୟରେ ତା'ର ବିଶେଷ ରୁଚି ରହିଛି। ଭବିଷ୍ୟତରେ ପୋଲିସ ବିଭାଗରେ ଚାକିରି କରିବା ସହ ଜଣେ ପରିଚିତ ନୃତ୍ୟଶିଳ୍ପୀ ହେବାକୁ ଇଚ୍ଛା ରଖିଛି। ତେଣୁ ଆମେ ଯଥା ସମ୍ଭବ ତା'ର ଇଚ୍ଛାକୁ ସମ୍ମାନ ଦେଇ ପ୍ରୋତ୍ସାହନ ଯୋଗାଇଦେଉଛୁ।



**ତାପସୀ ଜେନା(ଗୃହିଣୀ, କୋଲକାତା)**
ପିଲାଙ୍କ ଭବିଷ୍ୟତ ବିଷୟରେ ଅଭିଭାବକ ଚିନ୍ତା କରିବା ଭୁଲ୍ ନୁହେଁ। କିନ୍ତୁ ସେମାନେ ତାଙ୍କ କ୍ୟାରିୟରକୁ ନେଇ କିଛି କରିବାକୁ ଚାହୁଁଥିଲେ ତାଙ୍କୁ ସୁଯୋଗ ଦିଅନ୍ତୁ। ମୋର ଇଚ୍ଛା ଥିଲା ପୁଅ ଓକିଲ ପେସାକୁ ବାଛୁ, ହେଲେ ତା'ର ଇଚ୍ଛା ଥିଲା ଅଲଗା। ତେଣୁ ନିଜ ବିଚାରାଧାରା ତା' ଉପରେ ଲଦିଲି ନାହିଁ। ସେ କ'ଣ ପଢୁଛି ଏବଂ ସେଥିପାଇଁ କ'ଣ କରିବାକୁ ଚାହୁଁଛି ସେ ବିଷୟରେ ଆଲୋଚନା କଲି। ପୁଅ ଉପରେ ମୋର ଭରସା ଅଛି। ତା'ର କଠିନ ପରିଶ୍ରମ ଯୋଗୁ ଭବିଷ୍ୟତରେ ସେ ନିଶ୍ଚିତ ସଫଳତା ହାସଲ କରିବ।

## ସୌନ୍ଦର୍ଯ୍ୟ

# ଖରାରେ ବି ରହିବ ମେକ୍‌ଅପ୍

**ବସନ୍ତଋତୁରେ ଗ୍ରୀଷ୍ମ ଭଳି ଖରା ହେଲାଣି। ଏମିତିରେ ଝାଳରେ ମେକ୍‌ଅପ୍ ଖରାପ ହୋଇଯିବାକୁ ନେଇ ଅନେକ ମହିଳାଙ୍କର ଚିନ୍ତା ବଢ଼ିଲାଣି। ତେଣୁ ଏଭଳି ଗରମରେ ବି ମେକ୍‌ଅପ୍‌କୁ କିପରି ଦୀର୍ଘ ସମୟ ରଖିପାରିବେ ଜାଣିରଖନ୍ତୁ ଟିପ୍ସ...**



❖ମେକଅପ୍ ନେବା ପୂର୍ବରୁ ମାଇଲ୍ଡ କ୍ଲିଞ୍ଜରରେ ମୁହଁକୁ ସଫାକରି ଟୋନିଂ କରନ୍ତୁ। ଅଏଲି ସ୍କିନ୍ ହୋଇଥିଲେ ଅଏଲ ଆବ୍‌ଜର୍ବିଂ ଟୋନର ବ୍ୟବହାର କରନ୍ତୁ। ନଚେତ୍ ଅମୃତଭଣ୍ଡା, କାକୁଡ଼ି, ଟମାଟୋ ରସକୁ ପ୍ରାକୃତିକ ଟୋନର ଭାବେ ବ୍ୟବହାର କରିପାରିବେ।

❖ ସ୍କିନ୍ ଡ୍ରାଏ ହୋଇଥିଲେ ଏସ୍‌ପିଏଫ୍ ୧୫ ଯୁକ୍ତ ମଶ୍ଚରାଇଜର ବ୍ୟବହାର କରନ୍ତୁ।

❖ ଖରାରେ ମେକ୍‌ଅପ୍ ଅଧିକ ସମୟ ରହିବା ଲାଗି ହାଇଲି ପିଗ୍‌ମେଣ୍ଟେଡ୍ ନଚେତ୍ ୱାଟରପ୍ରୁଫ୍ ଫାଉଣ୍ଡେଶନ ସବୁଠୁ ଭଲ ଅପ୍ସନ। କ୍ରିମ୍ ଫାଉଣ୍ଡେଶନ ନ ଲଗାଇ ଜେଲ୍ ବେସ୍ ଫାଉଣ୍ଡେଶନ ଲଗାନ୍ତୁ। ମନେରଖନ୍ତୁ ଏହିଦିନେ ଫାଉଣ୍ଡେଶନ ମୋଟା ଲେୟାରରେ ଆଦୌ ନ ଲଗାଇ ପତଳା କରି ଲଗାନ୍ତୁ ଏବଂ ୩ ମିନିଟ୍ ଶୁଖିବାକୁ ଛାଡ଼ି ଦିଅନ୍ତୁ।

❖ ୱାଟରପ୍ରୁଫ୍ କାଜଲ୍, ଲାଇନର ଏବଂ ମସ୍କରା ବ୍ୟବହାର କରି ଲାଇଟ୍ ଆଇ ମେକ୍‌ଅପ୍ ନିଅନ୍ତୁ। ଲାଭେଣ୍ଡର, କୋରାଲ ପିଙ୍କ୍ ଭଳି ଆଇସ୍ୟାଡୋ ବ୍ୟବହାର କରନ୍ତୁ। ଏହା ଝାଳ ଲାଗି ବୋଳି ହେଲେ ବି ମେକ୍‌ଅପ୍ ଖରାପ ଲାଗି ନ ଥାଏ।

❖ସେହିପରି ଲଙ୍ଗ୍ ଲାଷ୍ଟିଂ ମେଲ୍ଟ ପ୍ରୁଫ୍ ଲିପ୍‌ଷ୍ଟିକ୍ ଲଗାନ୍ତୁ।



## ଖାଦ୍ୟରୁଚି

# ବିଟ୍ ମଙ୍ଗୋଫଲି



**ଆବଶ୍ୟକ ସାମଗ୍ରୀ :** ଓଟ୍‌ସ ଓ ବାଦାମ - ୧ପ୍ୟାକେଟ୍, ବିଟ୍ - ୬ଟି, ଆଳୁ -୨ଟି, ପିଆଜ - ୩ଟି, ଚଣାଡାଲି - ୭୫ ଗ୍ରାମ, କର୍ନଫ୍ଲୋର୍ - ୩ ଚାମଚ, ଧନିଆ ଚଟଣି - ୨ ଚାମଚ, କଟା କଞ୍ଚାଲଙ୍କା - ୧ ଚାମଚ, ହଳଦିଆ ଲଙ୍କାଗୁଣ୍ଡ - ୧ ଚାମଚ, ଗରମ ମସଲା - ୧ଚାମଚ, ଅଦା ପେଷ୍ଟ - ୧ ଚାମଚ, ଘିଅ - ୧ କପ୍, ପୋଦିନା ଚଟଣି - ୬୦ ମି.ଲି., ଲୁଣ - ସ୍ୱାଦ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚଣାଡାଲିକୁ ୧ଘଣ୍ଟା ପାଇଁ ପାଣିରେ ଭିଜାଇ ରଖନ୍ତୁ। ପରେ ଏହାକୁ ଭଲ ଭାବେ ସିଝାଇ, ଗ୍ରାଇଣ୍ଡିଂ କରନ୍ତୁ। ଚୁଲାରେ ଏକ ପ୍ୟାନ୍ ବସାଇ ଏହି ପେଷ୍ଟକୁ ବାସ୍ନା ଆସିବା ପର୍ଯ୍ୟନ୍ତ ଭାଜନ୍ତୁ। ସେହିପରି ଆଳୁକୁ ମଧ୍ୟ କାଟି ଭାଜି ରଖନ୍ତୁ। ବିଟ୍‌ଗୁଡ଼ିକରୁ ଭଲ ଭାବେ ଚୋପା ଛଡ଼ାଇ ଛୋଟ ଛୋଟ କାଟି ସିଝାଇ ଦିଅନ୍ତୁ। ପରେ ସେଥିରେ ଅଦା, କଞ୍ଚାଲଙ୍କା ଓ ଧନିଆପତ୍ର ପକାଇ ଗ୍ରାଇଣ୍ଡିଂ କରନ୍ତୁ। ସେଗୁଡ଼ିକୁ ନେଇ ଭଜାହୋଇ ପୂର୍ବରୁ ରଖାଯାଇଥିବା ଆଳୁରେ ମିଶାଇ ପୁଣି ଗ୍ରାଇଣ୍ଡିଂ କରନ୍ତୁ। ଏବେ ଏକ ପ୍ୟାନ୍‌ରେ କିଛି ଘିଅ ନିଅନ୍ତୁ। ଘିଅ ଗରମ ହେବା ପରେ ପୂର୍ବ ପ୍ରସ୍ତୁତ ବିଟ୍‌ରୁଟ୍‌ର ମିଶ୍ରଣକୁ ପକାଇ ପାଣି କମିବା ପର୍ଯ୍ୟନ୍ତ ଘାଣ୍ଟନ୍ତୁ। ମିଶ୍ରଣ ଭଲ ଭାବେ ବହଳିଆ ହୋଇଯିବା ପରେ ଚୁଲା ବନ୍ଦ କରି ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ। ଏବେ ସେଥିରେ ଓଟ୍‌ସ, ବାଦାମ, ପୂର୍ବରୁ ପ୍ରସ୍ତୁତ ହୋଇଥିବା ଚଣାପେଷ୍ଟ, ଗରମ ମସଲା, ହଳଦିଆ ଲଙ୍କାଗୁଣ୍ଡ, କର୍ନଫ୍ଲୋର୍ ଓ ଆବଶ୍ୟକ ଅନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାନ୍ତୁ। ଏବେ ଏହାକୁ ଗୋଲ ଗୋଲ ଆକାର କରି ଏଥିରେ ପପ୍‌ସିକଲ୍ କାଠି ଲଗାନ୍ତୁ। ପରେ ଏହାକୁ ଅଳ୍ପ ଘିଅରେ ସାମାନ୍ୟ ଗରମ କରନ୍ତୁ। ଶେଷରେ ପିଆଜ ଓ ପୋଦିନା ଚଟଣି ଦେଇ ଖାଇବାକୁ ପରଷି ଦିଅନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଫେବୃୟାରୀ ୨୮/୨୦୨୩ Bhubaneswar, Tuesday, February 28/ 2023

# ହରମନପ୍ରୀତ ଅଧିନାୟକ, ନିଲମ ସାମିଲ

ଭୁବନେଶ୍ୱର, ୨୭।୨ (କ୍ରୀଡ଼ା ପ୍ରତିନିଧି)

ମାର୍ଚ୍ଚ ୧୦ରୁ ୧୫ ପର୍ଯ୍ୟନ୍ତ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ହେବାକୁଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ ଗୁଡ଼ିକ ପାଇଁ ସୋମବାର ୨୦ ଜଣିଆ ଭାରତୀୟ ଦଳ ଘୋଷିତ ହୋଇଛି। ଗତ ହକି ବିଶ୍ୱକପରେ ଭାରତୀୟ ଦଳର ନେତୃତ୍ୱ ନେଇଥିବା ହରମନପ୍ରୀତ ସିଂ ଅଧିନାୟକଭାବେ ଅପରିବର୍ତ୍ତିତ ରହିଥିବାବେଳେ ହାର୍ଦ୍ଦିକ ସିଂଙ୍କୁ ଉପ-ଅଧିନାୟକ ମନୋନୀତ କରାଯାଇଛି। ଏଥିରେ ଓଡ଼ିଶାରୁ ଏକମାତ୍ର ନିଲମ ସଞ୍ଜିପ ଖେସ ସାମିଲ ହୋଇଛନ୍ତି। ବିର୍ସାମୁଣ୍ଡା ଷ୍ଟାଡିୟମରେ ଘରୋଇ ଭାରତ ସମେତ ବିଶ୍ୱ ଚାମ୍ପିୟନ ଜର୍ମାନୀ ଓ ବିଶ୍ୱର ୪ ନମ୍ବର ଦଳ ଅଷ୍ଟ୍ରେଲିଆ ମଧ୍ୟରେ ମୁକାବିଲା ହେବ।



ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ପାଇଁ ମନୋନୀତ ଭାରତୀୟ ହକି ଦଳ।

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ପାଇଁ ଭାରତୀୟ ଦଳ ଘୋଷିତ

- ହାର୍ଦ୍ଦିକ ସିଂ ଉପ-ଅଧିନାୟକ
- ଡେଭିଡ ଜନ୍, ବି.ଜେ. କାରିଆପ୍ପା, ଶିବେନ୍ଦ୍ର ସିଂ ଅନ୍ତରୀଣ କୋଚ୍

ଗତବର୍ଷ ଅକ୍ଟୋବର ଓ ନଭେମ୍ବରରେ ଅନୁଷ୍ଠିତ ସ୍ପେନ୍ ଓ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ହରମନପ୍ରୀତ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ଏଥିରେ ଭାରତ ଭଲ ପ୍ରଦର୍ଶନ କରିଥିଲା। ଘୋଷିତ ୨୦ ଜଣିଆ ଦଳରେ ଅଭିଜ୍ଞ ଗୋଲକିପର ପି.ଆର. ଶ୍ରୀଜେଶ ନିଜ ସ୍ଥାନ ବଜାୟ ରଖିଥିବାବେଳେ କ୍ରିଷ୍ଣନ ବାହାଦୂର ପାଠକଙ୍କ ସ୍ଥାନରେ ଯୁବ ପ୍ରତିଭା ସମ୍ପନ୍ନ ପଓ୍ୱନଙ୍କୁ ସାମିଲ କରାଯାଇଛି। ନିଜ ବାହାଘର ପାଇଁ ପାଠକ ଏବେ ଛୁଟିରେ ଅଛନ୍ତି। ହରମନପ୍ରୀତ ଙ୍କ ବ୍ୟତୀତ ଯୁଗରାଜ ସିଂ, ନିଲମ ସଞ୍ଜିପ୍ ଖେସ, ଜରମନପ୍ରୀତ ସିଂ, ସୁମିତ, ମନଜିତ ଓ ମନପ୍ରୀତ ସିଂ ଭାରତୀୟ ଦଳର ରକ୍ଷଣଭାଗ ଚ୍ୟାଲେଞ୍ଜ ସମ୍ଭାଳିବେ। ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ମୋଇରାଙ୍ଗଥେମ୍ ରବିଚନ୍ଦ୍ର ସିଂ, ବିଷ୍ଣୁକାନ୍ତ ସିଂ, ଦିଲପ୍ରୀତ ସିଂ, ଶମଶେର ସିଂ ଓ ରାଜକୁମାର ପାଲ୍ ମିଡ୍‌ଫିଲ୍ଡରେ ଖେଳିବେ। ଏସ. କାର୍ଥୀ, ସୁଖଜିତ ସିଂ, ଅଭିଷେକ ଓ ଗୁରଜାନ୍ତ ଫରଓ୍ୱାର୍ଡ ଲାଇନ୍‌ରେ ରହିବେ। ଡେଭିଡ ଜନ୍, ବି.ଜେ. କାରିଆପ୍ପାଙ୍କ ସହ ଶିବେନ୍ଦ୍ର ସିଂଙ୍କୁ ଭାରତୀୟ ଦଳର ଅନ୍ତରିଣ କୋଚ୍ ନିଯୁକ୍ତ କରାଯାଇଛି। ଯେଉଁ ଖେଳାଳିମାନେ ଦଳରେ ସାମିଲ ହୋଇ ନାହାନ୍ତି ସେମାନଙ୍କୁ ସିନିୟର ଆନ୍ତଃ ବିଭାଗୀୟ ଜାତୀୟ ଚାମ୍ପିୟନଶିପ୍ ଖେଳିବା ପାଇଁ ନିର୍ଦ୍ଦେଶ ଦିଆ ଯାଇଛି। ଏହି ପ୍ରତିଯୋଗିତା ବେଙ୍ଗାଲୁରୁଠାରେ ଚଳିତ ମାସ ୨୬ରୁ ଆରମ୍ଭ ହୋଇସାରିଛି। ତେବେ ମନୋନୀତ ୨୦ ଖେଳାଳି ବେଙ୍ଗାଲୁରୁସ୍ଥିତ ସାଇ କ୍ୟାମ୍ପରେ ମାର୍ଚ୍ଚ ୬ ପର୍ଯ୍ୟନ୍ତ ଟ୍ରେନିଂ ନେଇ ରାଉରକେଲା ଯିବେ।

''ଅନ୍ତର୍ଜାତୀୟ ସ୍ତରରେ କ୍ରମେ ଭଲ ପ୍ରଦର୍ଶନ କରି ଆସୁଥିବା ଯୁବ ଖେଳାଳିମାନଙ୍କୁ ଜାତୀୟ ଚୟନକର୍ତ୍ତାମାନେ ପ୍ରୋ-ଲିଗ୍ ପାଇଁ ଦଳରେ ସାମିଲ କରିଛନ୍ତି। ସିନିୟର ଖେଳାଳିଙ୍କ ଉପସ୍ଥିତିରେ ସେମାନେ ଉପଯୁକ୍ତ ମାର୍ଗଦର୍ଶନ ପାଇ ପାରିବେ। ନୂଆ ମୁଖ୍ୟ କୋଚ୍ ନିଯୁକ୍ତ ନ ହେବା ପର୍ଯ୍ୟନ୍ତ ଭାରତୀୟ ଦଳ ଅନ୍ତରିଣ କୋଚ୍ଙ୍କ ଅଧିନରେ ଖେଳିବ'' ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ମାର୍ଚ୍ଚ ୧୦ରେ ଭାରତ ଏହାର ପ୍ରଥମ ମ୍ୟାଚରେ ଜର୍ମାନୀକୁ ଭେଟିବ।

**ଭାରତୀୟ ଦଳ**

ଗୋଲକିପର୍ସ: ପି.ଆର. ଶ୍ରୀଜେଶ, ପଓ୍ୱନ। ଡିଫେଣ୍ଡର୍ସ: ହରମନପ୍ରୀତ ସିଂ (ଅଧିନାୟକ), ଯୁଗରାଜ ସିଂ, ନିଲମ ସଞ୍ଜିପ ଖେସ୍, ଜରମନପ୍ରୀତ ସିଂ, ସୁମିତ, ମନଜିତ ସିଂ, ମନପ୍ରୀତ ସିଂ। ମିଡ୍‌ଫିଲ୍ଡର୍ସ: ହାର୍ଦ୍ଦିକ ସିଂ (ଉପ-ଅଧିନାୟକ), ବିବେକ ସାଗର ପ୍ରସାଦ, ମୋଇରାଙ୍ଗଥେମ୍ ରବିଚନ୍ଦ୍ର ସିଂ, ବିଷ୍ଣୁକାନ୍ତ ସିଂ, ଦିଲପ୍ରୀତ ସିଂ, ଶମଶେର ସିଂ, ରାଜ କୁମାର ପାଲ। ଫରଓ୍ୱାର୍ଡ୍ସ: ଏସ. କାର୍ଥୀ, ସୁଖଜିତ ସିଂ, ଅଭିଷେକ, ଗୁରଜାନ୍ତ ସିଂ।

# ଅନ୍‌ଲାଇନ୍ ଚେସ୍: କର୍ତ୍ତବ୍ୟ ଚାମ୍ପିୟନ

ଭୁବନେଶ୍ୱର, ୨୭।୨(କ୍ରୀଡ଼ା ପ୍ରତିନିଧି)



କର୍ତ୍ତବ୍ୟ ଅନାଡକଟ୍

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଦ୍ୱିତୀୟ ନଳିନୀ ରାଜଗୁରୁ ସ୍ମାରକୀ ଅନ୍‌ଲାଇନ୍ ଓପନ ଚେସ୍‌ରେ ଗୁଜରାଟର କର୍ତ୍ତବ୍ୟ ଅନାଡକଟ୍ ଚାମ୍ପିୟନ ହୋଇଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ କର୍ତ୍ତବ୍ୟ ୩୧ଟି ମ୍ୟାଚ୍ ଖେଳି ୧୯ଟି ଜିତିଥିବାବେଳେ ୭ଟି ଡ୍ର ରଖିଥିଲେ ଏବଂ ୫ଟିରେ ପରାଜିତ ହୋଇଥିଲେ। ରାଜସ୍ଥାନର ଭ୍ରଶାଙ୍କ ଚୌହାନ ଓ କଟକର ହର୍ଷିତ ରଞ୍ଜନ ସାହୁ ପରବର୍ତ୍ତୀ ୨ ସ୍ଥାନ ଅଧିକାର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର କୁମାର ଓଝା, ଆଦିତ୍ୟ ଜେନା, ଅମିତାଂଶୁ ପ୍ରିୟଦର୍ଶନ, ଗତିକୃଷ୍ଣ ଭୂୟାଁ, ପି. ନନ୍ଦିନୀ, ସତ୍ୟେନ୍ଦୁ ଶେଖର ଖୁଣ୍ଟିଆ ଓ ଅରିଜିତ ସାହୁ ଟପ୍-୧୦ ଫିନିଶ୍ କରିଥିଲେ। ଏଜ୍ ଗ୍ରୁପ୍‌ରେ ୭, ୯, ୧୧ ଓ ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ଭୁବନେଶ୍ୱରର ଭୀମସେନ ପ୍ରଧାନ (୬୭ବର୍ଷ) ଶ୍ରେଷ୍ଠ ଭେଟେରାନ ଖେଳାଳି ବିବେଚିତ ହୋଇଥିଲେ। ପ୍ରତିଯୋଗିତା ଗୁଗୁଲ ମିଟ୍ ମାଧ୍ୟମରେ ଆରମ୍ଭ ହୋଇଥିଲା। ଟାଟା କଫିର ନିର୍ଦ୍ଦେଶକ ସୁଧାଂଶୁ ଶେଖର ମିଶ୍ର ମୁଖ୍ୟ ଅତିଥି ଏବଂ ଗୋଦ୍‌ରେଜ୍‌ର ଜେନେରାଲ ମ୍ୟାନେଜର ଦିବ୍ୟେନ୍ଦୁ ରାଜଗୁରୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ନଳିନୀ ରାଜଗୁରୁଙ୍କ ପୁତ୍ର ସୀତେନ୍ଦୁ ରାଜଗୁରୁ ଓ ଝିଅ ପ୍ରିୟମ୍ବଦା ରାଜଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।



ଇନ୍ଦୋରରେ ସୋମବାର ନେଟ୍ସ ସେସନରେ କ୍ୟାଚ ଅଭ୍ୟାସ କରୁଛନ୍ତି ଭାରତର ବିରାଟ କୋହଲି।

# 'ଡିଫେନ୍ସ ଉପରେ ଅଧିକ ଭରସା ଆବଶ୍ୟକ'

**ଇନ୍ଦୋର,୨୭।୨(ପି.ଟି.):** ବର୍ଡର-ଗାଭାସ୍କର ଟ୍ରଫିରେ ପିଚ୍‌କୁ ନେଇ ଆଲୋଚନା ହେଉଥିବା ବେଳେ ଏହାକୁ ଖଣ୍ଡନ କରିଛନ୍ତି ଭାରତୀୟ ଉଇକେଟ୍‌କିପର ବ୍ୟାଟ୍ସମ୍ୟାନ ଶ୍ରୀକର ଭରତ। ଦୀର୍ଘ ବର୍ଷେ ଧରି ଭାରତୀୟ ଟେଷ୍ଟ ଦଳର ସଦସ୍ୟ ରହିଥିବା ଭରତ ପନ୍ତଙ୍କ ଅନୁପସ୍ଥିତି କାରଣରୁ ଭାରତୀୟ ଦଳରେ ପଦାର୍ପଣର ସୁଯୋଗ ପାଇଥିଲେ। ଦୁଇଟି ଟେଷ୍ଟରେ ଷ୍ଟମ୍ପ ପଛରେ ତାଙ୍କର ପ୍ରଦର୍ଶନ ଚମତ୍କାର ରହିଥିବା ବେଳେ ବ୍ୟାଟିଂ ସାମାନ୍ୟ ଦୁର୍ବଳ ରହିଛି। ତେବେ ଦିଲ୍ଲୀରେ ଭାରତ ୧୧୫ ରନ୍‌ର ପିଛା କରୁଥିବା ବେଳେ ଭରତ ଅପରାଜିତ ୨୩ ରନ୍‌ର ଇନିଂସ ଖେଳିଥିଲେ। ଏହାସହିତ ଦୁଇଟିଯାକ ମ୍ୟାଚ୍‌ରେ ପିଚ୍ ଖରାପ ନ ଥିଲା। ତେବେ ଡିଫେନ୍ସ ଉପରେ ଭରସା ରଖିଲେ ଏପରି ପିଚ୍‌ରେ ରନ୍ ସ୍କୋର କରିବା ସମ୍ଭବ ବୋଲି ସେ କହିଥିଲେ। ଦିଲ୍ଲୀ ଟେଷ୍ଟରେ ଭରତଙ୍କୁ ଜାଡେଜାଙ୍କ ପୂର୍ବରୁ ବ୍ୟାଟିଂ ଅର୍ଡରରେ ପଠାଯାଇଥିଲା। ତେବେ କେବଳ ଡିଫେନ୍ସରେ ସଫଳତା ମିଳିବା ଅସମ୍ଭବ, ଡିଫେନ୍ସ ସହିତ ସ୍କୋର କରିବା ନିହାତି ଆବଶ୍ୟକ ବୋଲି ଭରତ ଯୁକ୍ତି କରିଥିଲେ। ଭାରତ ଏ' ପାଇଁ ଦୀର୍ଘଦିନ ଧରି ଖେଳିବା ପରେ ଜାତୀୟ ଦଳରେ ଖେଳିବାକୁ ସୁଯୋଗ ମିଳିବା ମୋ ଲାଗି ଅତ୍ୟନ୍ତ ଗର୍ବର ବିଷୟ ବୋଲି ଭରତ କହିଛନ୍ତି।

# ମୁନୀ ଜାଏଣ୍ଟ୍ସ ଅଧିନାୟିକା

ମୁମ୍ବାଇ, ୨୭।୨

ମାର୍ଚ୍ଚ ୪ରୁ ଆରମ୍ଭ ହେବାକୁ ଯାଉଥିବା ଓମେନ୍ସ ପ୍ରିମିୟର ଲିଗ୍ ପାଇଁ ଗୁଜରାଟ ଜାଏଣ୍ଟ୍ସ ଦଳର ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ନିକଟ ଅତୀତରେ ସ୍ଥିର ପ୍ରଦର୍ଶନ ଦେଇ ଆସିଥିବା ଅଷ୍ଟ୍ରେଲିଆର ବେଥ୍ ମୁନୀଙ୍କୁ ଦଳର ଅଧିନାୟିକା ଘୋଷଣା କରାଯାଇଛି। ଭାରତୀୟ ଅଫ୍ ସ୍ପିନର ତଥା ଅଲ୍‌ରାଉଣ୍ଡର ସ୍ନେହ ରାଣା ଉପ-ଅଧିନାୟିକା ମନୋନୀତ ହୋଇଛନ୍ତି। ମହିଳା କ୍ରିକେଟରେ କ୍ରିକେଟ ବିଶ୍ୱକପ୍ ଫାଇନାଲରେ ସେ ୭୪ ରନ୍‌ରେ ଅପରାଜିତ ରହିଥିଲେ ଏବଂ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ। ''ଐତିହାସିକ ମହିଳା ପ୍ରିମିୟର ଲିଗ୍‌ରେ ମୋତେ ଗୁଜରାଟ ଜାଏଣ୍ଟ୍ସ ଦଳର ଅଧିନାୟିକା କରାଯାଇଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ। ପ୍ରଥମ ସିଜନରେ ପ୍ରଭାବୀ ପ୍ରଦର୍ଶନ କରି ଟ୍ରଫି ଜିତିବା ଆମର ମୁଖ୍ୟ ଲକ୍ଷ୍ୟ ହେବ'' ବୋଲି ମୁନୀ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।



ବେଥ୍ ମୁନୀ





ସ୍ନେହ ରାଣା

## ଓମେନ୍ସ ପ୍ରିମିୟର ଲିଗ୍

ମୁନୀ ଜଣେ ପ୍ରଭାବୀ ଉଇକେଟ ବ୍ୟାଟରଭାବେ ବେଶ୍ ପରିଚିତ। ତାଙ୍କ ଉପସ୍ଥିତିରେ ଅଷ୍ଟ୍ରେଲିଆ ୨୦୧୮, ୨୦୨୦ ଓ ୨୦୨୩ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ଏବଂ ୨୦୨୨ ମହିଳା ଦିନିକିଆ ବିଶ୍ୱକପ୍ ବିଜୟୀ ହୋଇଛି। ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜୟୀ ଅଷ୍ଟ୍ରେଲିଆ ଦଳର ମଧ୍ୟ ସେ ସଦସ୍ୟା ଥିଲେ। ଏହା ବ୍ୟତୀତ ସେ ୩ ଥର ମହିଳା ବିଗ୍ ବାଶ୍ ଲିଗ୍ ଟାଇଟଲ ମଧ୍ୟ ଜିତିଛନ୍ତି। ଟି୨୦ରେ ଏକାଧିକ (୨ଟି) ଶତକ ସହ ୧୭ ଅର୍ଦ୍ଧଶତକ ହାସଲ କରିଥିବା ଅଳ୍ପ କେତେଜଣ ମହିଳା ବ୍ୟାଟରଙ୍କ ମଧ୍ୟରୁ ସେ ଅନ୍ୟତମ। ଅଷ୍ଟ୍ରେଲିଆ ଦଳର ନିର୍ଭରଯୋଗ୍ୟ ଖେଳାଳି ଭାବେ ସେ ୮୩ରୁ ଉର୍ଦ୍ଧ୍ୱ ଗେମ୍ ଖେଳି ୨,୩୫୦ ରନ୍ ସ୍କୋର କରିଛନ୍ତି। ୨୦୨୩ ମହିଳା ଟି୨୦

ଉପ-ଅଧିନାୟିକା ସ୍ନେହ ରାଣା ବର୍ତ୍ତମାନ ଭାରତୀୟ ଦଳର ଅନ୍ୟତମ ପ୍ରମୁଖ ଖେଳାଳି। ଦୃଢ଼ ମନୋବଳ ପାଇଁ ବିଶେଷ ଜଣାଶୁଣା ଏହି ଅଫ୍ ସ୍ପିନର ଆବଶ୍ୟକ ସମୟରେ ଦଳକୁ ଉଇକେଟ ଦେବାର ଦକ୍ଷତା ରଖିଛନ୍ତି। ଟାଇଟ୍ ବୋଲିଂ କରି ପ୍ରତିପକ୍ଷ ବ୍ୟାଟରଙ୍କୁ ମଧ୍ୟ ସେ ନିରାଶ କରିଥାନ୍ତି। ଡେରାଡୁନ୍‌ରେ ଜନ୍ମିତ ସ୍ନେହ ପୂର୍ବରୁ ମହିଳା ଟି୨୦ ଚ୍ୟାଲେଞ୍ଜରେ ଭେଲୋସିଟି ପକ୍ଷରୁ ଖେଳିଛନ୍ତି। ଟି୨୦ରେ ସେ ୨୫ଟି ମ୍ୟାଚ୍ ଖେଳି ୬.୨୧ ଇକୋନୋମିରେ ୨୪ଟି ଉଇକେଟ ହାସଲ କରିଛନ୍ତି। ଆଗାମୀ ଲିଗ୍‌ରେ ଗୁଜରାଟ ଜାଏଣ୍ଟ୍ସ ଏହାର ପ୍ରଥମ ମ୍ୟାଚ୍ ମାର୍ଚ୍ଚ ୪ରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଖେଳିବ।

# ତୃତୀୟ ଟେଷ୍ଟରେ ଫେରିବେ ଷ୍ଟାର୍କ

**ଇନ୍ଦୋର,୨୭।୨(ପି.ଟି.):** ପ୍ରଥମ ଦୁଇ ଟେଷ୍ଟରୁ ବାଦ୍ ପଡ଼ିବା ପରେ ତୃତୀୟ ଟେଷ୍ଟକୁ ଫେରିପାରନ୍ତି ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ। ଶତପ୍ରତିଶତ ଫିଟ୍ ନ ଥିଲେ ମଧ୍ୟ ସେ ତୃତୀୟ ଟେଷ୍ଟ ଖେଳିବାକୁ ପ୍ରସ୍ତୁତ ବୋଲି କହିଛନ୍ତି ଷ୍ଟାର୍କ। ମା'ଙ୍କ ସ୍ୱାସ୍ଥ୍ୟାବସ୍ଥା କାରଣରୁ ପ୍ୟାଟ୍ କମିନ୍ସ ଘରକୁ ପ୍ରତ୍ୟାବର୍ତ୍ତନ କରିଥିବାରୁ ଷ୍ଟାର୍କ ଏହି ଟେଷ୍ଟରେ ପେସ୍ ବୋଲିଂର ନେତୃତ୍ୱ ନେବେ। ଭାରତୀୟ ସ୍ପିନର ଚଳିତ ସିରିଜରେ ଚମତ୍କାର ବୋଲିଂ କରିଥିବା ବେଳେ ପେସ୍ ବୋଲର ମଧ୍ୟ ବ୍ରେକ୍ ଥ୍ରୁ ଦେବାରେ ସଫଳ ହେଉଛନ୍ତି। ମହମ୍ମଦ ଶାମି ଓ ମହମ୍ମଦ ସିରାଜ ଚମତ୍କାର ବୋଲିଂ କରିଥିବା ବେଳେ ଦିଲ୍ଲୀ ମ୍ୟାଚ୍‌ର ପ୍ରଥମ ଇନିଂସରେ ଶାମି ଘାତକ ସାବ୍ୟସ୍ତ ହୋଇଥିଲେ। ତେବେ ଅଷ୍ଟ୍ରେଲିଆର ପେସ୍ ବୋଲରମାନେ ଏଯାଏ ଆଖିଦୃଶିଆ ପ୍ରଦର୍ଶନ ଦେବାରେ ସଫଳ ହୋଇନାହାନ୍ତି। ତେବେ ଶତପ୍ରତିଶତ ଫିଟ୍ ନ ଥିଲେ ମଧ୍ୟ ଏହି ମ୍ୟାଚ୍ ଖେଳିବା ନେଇ ଷ୍ଟାର୍କ ଘୋଷଣା କରିଛନ୍ତି। ଆହତ ସମସ୍ୟା ମାତ୍ର ୮-୧୦ ଦିନର ଥିଲା। ଏହା ପରଠାରୁ ମୁଁ ବୋଲିଂ କରୁଥିଲେ ମଧ୍ୟ ମ୍ୟାଚ୍ ଲାଗି ଫିଟ୍ ନ ଥିଲା। ତେବେ ବର୍ତ୍ତମାନ ମୁଁ ଫିଟ୍ ଅନୁଭବ କରୁଥିବାରୁ ତୃତୀୟ ଟେଷ୍ଟ ଖେଳିବା ନେଇ ଷ୍ଟାର୍କ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଏହା ପୂର୍ବରୁ ଆକିଲିସ୍ ଇଞ୍ଜୁରି କାରଣରୁ ଜୋଶ୍ ହାଜେଲଉଡ୍ ନିଜ ଦେଶକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।

# ବିଜୟ ପାଇଁ ଇଂଲଣ୍ଡକୁ ୨୧୦ ରନ୍

ୱେଲିଂଟନ୍,୨୭।୨(ପି.ଟି.)

ୱେଲିଂଟନ୍‌ରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ବିଜୟୀ ହେବାକୁ ଇଂଲଣ୍ଡକୁ ୨୧୦ ରନ୍ ଆବଶ୍ୟକ। ପ୍ରଥମ ଇନିଂସରେ ଫଲୋଅନ୍ ପରେ ନ୍ୟୁଜିଲାଣ୍ଡ ୪୮୩ ରନ୍‌ର ବିଶାଳ ସ୍କୋର କରିଥିଲା। ପୂର୍ବତନ ଅଧିନାୟକ କେନ୍ ୱିଲିୟମସନ୍ ୧୩୨ ରନ୍‌ର ଇନିଂସ ଖେଳିଥିଲେ। ବିଜୟ ପାଇଁ ୨୫୮ ରନ୍ ଆବଶ୍ୟକ ରହିଥିବା ବେଳେ ଚତୁର୍ଥ ଦିନର ଖେଳ ଶେଷ ସୁଦ୍ଧା ଇଂଲଣ୍ଡ ଗୋଟିଏ ଉଇକେଟ ହରାଇ ୪୮ ରନ୍ ସଂଗ୍ରହ କରିଛି। ତୃତୀୟ ଦିନର ଅସମାପ୍ତ ସ୍କୋର ୨୦୨/୩ରୁ ଖେଳ ଆରମ୍ଭ କରି ଆଉ ୨୮୧ ରନ୍ ଯୋଗକରି ୭ ଉଇକେଟ ହରାଇଥିଲା। ୱିଲିୟମସନ୍ ୧୩୨ ରନ୍ କରି ଫର୍ମକୁ ଫେରିଥିଲେ। ପୂର୍ବଦିନ ୨୩ ରନ୍ କରି ବ୍ୟାଟିଂ କରୁଥିବା ହେନ୍‌ରୀ ନିକୋଲ୍ସ ଆଉ ୬ ରନ୍ ଯୋଡ଼ି ପାଭିଲିୟନ୍ ଫେରିଥିଲେ।

## ଦ୍ୱିତୀୟ ଟେଷ୍ଟ

ତେବେ ଡାରିଲ ମିଚେଲ୍(୫୪) ଓ ଟମ୍ ବ୍ଲଣ୍ଡେଲ (୯୦)ଙ୍କୁ ସାଥିକରି ୱିଲିୟମସନ୍ ସ୍କୋର ଆଗକୁ ବଢ଼ାଇଥିଲେ। ମିଚେଲ୍ ୫୪ ବଲ୍ ଖେଳି ୫ ଚୌକା ଓ ଗୋଟିଏ ଛକା ମାରିଥିଲେ। ସେହିପରି ବ୍ଲଣ୍ଡେଲ ୧୬୬ ବଲ୍ ଖେଳି ୯ ଚୌକା ମାରି ଶେଷ ବ୍ୟାଟ୍ସମ୍ୟାନ୍ ଭାବେ ପାଭିଲିୟନ୍ ଫେରିଥିଲେ। ଟପ୍ ସ୍କୋରର ରହିଥିବା ୱିଲିୟମସନ୍ ୨୮୨ ବଲ୍ ଖେଳି ୧୨ ଚୌକା ମାରିଥିଲେ। ଏହାସହିତ ଟେଷ୍ଟ କ୍ୟାରିୟରରେ ଏହା ଥିଲା ୱିଲିୟମ୍‌ସନଙ୍କ ୨୬ତମ ଶତକ। ଇଂଲଣ୍ଡ ପକ୍ଷରୁ ସ୍ପିନର ଜ୍ୟାକ୍ ଲିଚ୍ ୫ ଉଇକେଟ ଅକ୍ତିଆର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୋ ରୁଟ୍, ଓଲି ରବିନ୍‌ସନ୍, ଷ୍ଟୁଆର୍ଟ ବ୍ରଡ୍ ଓ ହ୍ୟାରୀ ବ୍ରୁକ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୨୫୮ ରନ୍ ବିଜୟ ଲକ୍ଷ୍ୟ ନେଇ ଖେଳ ଆରମ୍ଭ କରି ଇଂଲଣ୍ଡ ୧୧ ଓଭର ବ୍ୟାଟିଂ କରିଥିଲା। ଦୁଇ ଓପ୍‌ନର ଜ୍ୟାକ୍ କ୍ରଲି ଓ ବେନ୍ ଡକେଟ୍ ଦଳକୁ ଆଉ ଏକ ଭଲ ଆରମ୍ଭ ଦେଇଥିଲେ। ପ୍ରଥମ ଉଇକେଟରେ ୩୯ ରନ୍ ଯୋଡ଼ିବା ପରେ ଜ୍ୟାକ୍ କ୍ରଲି ୨୪ ରନ୍ କରି ଟିମ୍ ସଉଦିଙ୍କ ବଲରେ ବୋଲ୍ଡ ହୋଇଥିଲେ। ଚତୁର୍ଥ ଦିନର ଷ୍ଟମ୍ପ ଅପସାରଣ ବେଳକୁ ବେନ୍ ଡକେଟ୍ ୨୩ ଓ ନାଇଟ୍ ୱାଚମ୍ୟାନ୍ ଓଲି ରବିନ୍‌ସନ୍ ୧ ରନରେ ବ୍ୟାଟିଂ କରୁଛନ୍ତି। ନ୍ୟୁଜିଲାଣ୍ଡ ପକ୍ଷରୁ ଟିମ୍ ସଉଦି ଏକମାତ୍ର ଉଇକେଟ ନେଇଛନ୍ତି।

ସଂକ୍ଷିପ୍ତ ସ୍କୋର: ଇଂଲଣ୍ଡ ପ୍ରଥମ ଇନିଂସ- ୪୩୫/୮(ଘୋଷଣା)। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ- ୨୦୯/୧୦। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ- ୧୬୨.୩ ଓଭରରେ ୪୮୩/୧୦ (କେନ୍ ୱିଲିୟମସନ୍-୧୩୨, ଟମ୍ ଲଥାମ-୮୩, ଡେଭନ୍ କନ୍‌ୱେ-୬୧, ଜ୍ୟାକ୍ ଲିଚ୍-୫/୧୫୭, ଜୋ ରୁଟ୍-୧/୩୯, ହ୍ୟାରୀ ବ୍ରୁକ୍-୧/୨୫)। ଇଂଲଣ୍ଡ ଦ୍ୱିତୀୟ ଇନିଂସ-୧୧ ଓଭରରେ ୪୮/୧ (ଜ୍ୟାକ୍ କ୍ରଲି-୨୪, ବେନ୍ ଡକେଟ୍-୨୩*, ଟିମ୍ ସଉଦି-୧/୧୯)।



ଶଟ୍ ଖେଳିବା ଅବସରରେ ଶତକ ହାସଲକାରୀ କେନ୍ ୱିଲିୟମସନ୍।

## ୱିଲିୟମସନ୍‌ଙ୍କ ରେକର୍ଡ

**ୱେଲିଂଟନ୍, ୨୭।୨:** ନ୍ୟୁଜିଲାଣ୍ଡର ପୂର୍ବତନ ଅଧିନାୟକ କେନ୍ ୱିଲିୟମସନ୍ ଟେଷ୍ଟ କ୍ରିକେଟରେ କିୱି ଦଳର ସର୍ବାଧିକ ରନ୍ ହାସଲକାରୀ ବ୍ୟାଟର ପାଲଟିଛନ୍ତି। ଦ୍ୱିତୀୟ ଟେଷ୍ଟରେ ଶତକ ହାସଲ କରିବା ସହିତ ୱିଲିୟମସନ୍ ଟେଷ୍ଟ କ୍ରିକେଟରେ ୧୬୧ ଇନିଂସ୍‌ରୁ ୭୭୮୭ ରନ୍ ସଂଗ୍ରହ କରିଛନ୍ତି। ଫଳରେ ୧୯୬ ଇନିଂସ୍‌ରୁ ୭୬୮୩ ରନ୍ କରିଥିବା ରସ୍ ଟେଲରଙ୍କୁ ସେ ପଛରେ ପକାଇଛନ୍ତି। ଷ୍ଟିଫେନ୍ ଫ୍ଲେମିଂ(୭୧୭୨ ରନ୍), ବ୍ରେଣ୍ଡନ ମ୍ୟାକ୍‌କୁଲମ(୬୪୫୩ ରନ୍) ଓ ମାର୍ଟିନ୍ କ୍ରୋ(୫୪୪୪ ରନ୍) ଏହି ତାଲିକାରେ ଯଥାକ୍ରମେ ତୃତୀୟରୁ ପଞ୍ଚମ ସ୍ଥାନ ମଧ୍ୟରେ ରହିଛନ୍ତି।

**ଘୋଷଣା**

୧୯୫୬ ମସିହା ରେଜିଷ୍ଟ୍ରେଶନ ଅଫ ନ୍ୟୁଜ ପେପର୍ସ (ସେଣ୍ଟ୍ରାଲ) ନିୟମ ଅନୁସାରେ ଦୈନିକ ଧରିତ୍ରୀର ବିବରଣୀ

(ଚତୁର୍ଥ ଫର୍ମ ଅଷ୍ଟମ ଧାରା)

| | | | |
|---|---|---|---|
| ୧. | ପ୍ରକାଶ ସ୍ଥାନ | - | ଭୁବନେଶ୍ୱର |
| ୨. | ପ୍ରକାଶ ସମୟ | - | ପ୍ରତ୍ୟହ ପ୍ରଭାତ |
| ୩. | ମୁଦ୍ରାକରଙ୍କ ନାମ | - | ତଥାଗତ ସତପଥୀ |
| | ଜାତୀୟତା | - | ଭାରତୀୟ |
| | ଠିକଣା | - | ବି-୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର-୭୫୧୦୧୦ |
| ୪. | ପ୍ରକାଶକଙ୍କ ନାମ | - | ତଥାଗତ ସତପଥୀ |
| | ଜାତୀୟତା | - | ଭାରତୀୟ |
| | ଠିକଣା | - | ବି-୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର-୭୫୧୦୧୦ |
| ୫. | ସମ୍ପାଦକଙ୍କ ନାମ | - | ତଥାଗତ ସତପଥୀ |
| | ଜାତୀୟତା | - | ଭାରତୀୟ |
| | ଠିକଣା | - | ବି-୧୫, ଶିଳ୍ପାଞ୍ଚଳ ଭୁବନେଶ୍ୱର-୭୫୧୦୧୦ |
| ୬. | ସ୍ୱତ୍ୱାଧିକାରୀଙ୍କ ନାମ | - | ନବଜାତ ପ୍ରିଣ୍ଟର୍ସ ଆଣ୍ଡ ମିଡିଆ ପ୍ରାଇଭେଟ ଲିମିଟେଡ |
| | ଠିକଣା | - | ୧୦୭, ସୂର୍ଯ୍ୟ ନଗର ଭୁବନେଶ୍ୱର-୭୫୧୦୦୩ |

ଆମ୍ଭେ ତଥାଗତ ସତପଥୀ ଏତଦ୍ୱାରା ଘୋଷଣା କରୁଅଛୁ କି ଉପରୋକ୍ତ ବିବରଣୀମାନ ସତ୍ୟ ବୋଲି ଆମ୍ଭର ବିଶ୍ୱାସ ଓ ହୃଦ୍‌ବୋଧ ହୋଇଅଛି।

ତଥାଗତ ସତପଥୀ
ପ୍ରକାଶକ, ଧରିତ୍ରୀ
୨୮।୨।୨୦୨୩

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ